ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୩/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Sambalpur, Sunday, October 23/2022 | Page 20 | ₹ 7.00 | ★★

୧୮ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 305 | ମୂଲ୍ୟ₹୭/-



ଧରିତ୍ରୀ
DHARITRI
ରବିବାର, ୨୩ ଅକ୍ଟୋବର, ୨୦୨୨

## ଓୟୋ ରୁମ୍‌ରେ ଗୁପ୍ତ କ୍ୟାମେରା: ୪ ଗିରଫ

ଉତ୍ତରପ୍ରଦେଶର ନୋଏଡ଼ାରେ ଥିବା ଓୟୋ ହୋଟେଲ ରୁମ୍‌ରେ ଗୁପ୍ତ କ୍ୟାମେରା ଖଞ୍ଜାଯାଇ ଦମ୍ପତିମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ରେକର୍ଡ କରାଯିବା ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ନେଇ ଦମ୍ପତିମାନଙ୍କୁ ବ୍ଲାକ୍‌ମେଲ୍ କରିବା ସହ ସେମାନଙ୍କ ଦାବି ଅର୍ଥ ପୈଠ ନ କଲେ ସେଗୁଡ଼ିକୁ ପ୍ରଘଟ କରିଦେବାର ଧମକ ଦେଉଥିଲେ। ର୍‍ୟାକେଟର ସଦସ୍ୟମାନେ ପ୍ରଥମେ ଓୟୋ ହୋଟେଲ୍ ରୁମ୍ ବୁକ୍ କରି ସେଠାରେ ଗୁପ୍ତ କ୍ୟାମେରା ଖଞ୍ଜି ଚାଲିଯାଉଥିଲେ। କିଛିଦିନ ପରେ ସେମାନେ ଉକ୍ତ ରୁମ୍‌ରେ ରହିବା ସହ କ୍ୟାମେରାକୁ ନେଇଯାଉଥିଲେ। ପରେ ଟାର୍ଗେଟରେ ଥିବା ଦମ୍ପତିଙ୍କ ସହ ମୂଲଚାଲ କରାଯାଉଥିଲା।



# ଅଣୁଅସ୍ତ୍ର ବଢ଼ାଇବ ଚାଇନା

## ସେଣ୍ଟ୍ରାଲ କମିଟିକୁ ଜିନ୍‌ପିଙ୍ଗ୍ ନିର୍ବାଚିତ



ସିପିସି ଅଧିବେଶନ ଚାଲିଥିବାବେଳେ ଚାଇନାର ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓଙ୍କୁ ସୁରକ୍ଷାକର୍ମୀମାନେ ଉଠାଇ ନେଉଛନ୍ତି।

ବେଜିଂ, ୨୨।୧୦

ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି)ର ସପ୍ତାହେ ଧରି ଚାଲିଥିବା ୨୦ ତମ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ଶକ୍ତିଶାଳୀ ସେଣ୍ଟ୍ରାଲ କମିଟିକୁ ନିର୍ବାଚିତ ହୋଇଛନ୍ତି। ଫଳରେ ୬୯ ବର୍ଷୀୟ ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହେବା ସୁନିଶ୍ଚିତ ହୋଇଛି। ରବିବାର ସେଣ୍ଟ୍ରାଲ କମିଟିର ବୈଠକ ବସିବା ସହ ଏଥିରେ ୨୫ ଜଣ ସଦସ୍ୟ ବିଶିଷ୍ଟ ପଲିଟିକାଲ ବ୍ୟୁରୋ ଗଠନ ହେବ। ଏଥିରେ ଷ୍ଟାଣ୍ଡିଂ କମିଟିକୁ ୭ କିମ୍ବା ତଦୂର୍ଦ୍ଧ୍ୱ ମେମ୍ବରଙ୍କୁ ଚୟନ କରାଯିବ। ପରେ ଷ୍ଟାଣ୍ଡିଂ କମିଟି ଏହାର ମହାସଚିବଙ୍କୁ ବାଛିବ ଯେ କି ଉଭୟ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ରହିବା ସହ ଦେଶ ମଧ୍ୟ ଚଳାଇବେ। ସେଣ୍ଟ୍ରାଲ କମିଟିକୁ ଜିନ୍‌ପିଙ୍ଗ୍ ନିର୍ବାଚିତ ହୋଇସାରିଥିବାବେଳେ ତାଙ୍କୁ ହିଁ ମହାସଚିବ ଚୟନ କରାଯିବ ବୋଲି ପ୍ରାୟ ନିଶ୍ଚିତ। ବୈଠକ ଶେଷରେ ଜିନ୍‌ପିଙ୍ଗ୍ କହିଥିଲେ, 'ଡେୟାର ଟୁ ଷ୍ଟ୍ରଗଲ୍, ଡେୟାର ଟୁ ୱିନ' (ସଂଘର୍ଷ କରି ଜିତିବାକୁ ସାହସ କର)।

ସିପିସି କଂଗ୍ରେସରେ ଜିନ୍‌ପିଙ୍ଗ୍ ଏକ ଶକ୍ତିଶାଳୀ ରଣନୈତିକ ପ୍ରତିରକ୍ଷା ବ୍ୟବସ୍ଥା ତଥା ସାମରିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେବା ପରେ ଚାଇନା ଏହାର ଆଣବିକ ଅସ୍ତ୍ର ସଂଖ୍ୟା ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି)ର ମଧ୍ୟ ମୁଖ୍ୟ ଥିବା ଜିନ୍‌ପିଙ୍ଗ୍ ୨୦୧୭ରେ ଜାରି କରିଥିବା ରିପୋର୍ଟରେ ଏପରି ସାମରିକ ଶକ୍ତି ବଢ଼ାଇବାକୁ ଗୁରୁତ୍ୱ ଦେଇ ନ ଥିଲେ। ଏବେ ଆଣବିକ ମହାଶକ୍ତି ଆମେରିକା ସହ ତିକ୍ତତା ବୃଦ୍ଧିକୁ ଦୃଷ୍ଟିରେ ରଖି ଚାଇନା ଏପରି ଯୋଜନା କରିପାରେ। ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ନିଜ ଷ୍ଟ୍ରାଟେଜିକ୍ ନ୍ୟୁକ୍ଲିୟର ଫୋର୍ସକୁ ଅଧିକ ବିକଶିତ ଓ ଅତ୍ୟାଧୁନିକ କରିବ ବୋଲି ଚାଇନାର ଜଣେ ପୂର୍ବତନ ଆର୍ମି ଇନ୍‌ଷ୍ଟ୍ରକ୍ଟର ସୋଙ୍ଗ୍ ଜୋଙ୍ଗପିଙ୍ଗ୍ କହିଛନ୍ତି। ଆଣବିକ ଶକ୍ତି ବୃଦ୍ଧିକୁ ନେଇ ପୂର୍ବରୁ ଆମେରିକା ଚାଇନାକୁ ଚେତାବନୀ ଦେଇଆସିଛି। ନିକଟରେ ପେଣ୍ଟାଗନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୧୭ ସୁଦ୍ଧା ଚାଇନା ନିକଟରେ ୭୦୦ ପରିବହନ ଯୋଗ୍ୟ ନ୍ୟୁକ୍ଲିୟର ୱାରହେଡ୍ ଥିବ। ୨୦୩୦ ସୁଦ୍ଧା ଏହି ସଂଖ୍ୟା ୧୦୦୦କୁ ବୃଦ୍ଧି ପାଇପାରେ। ତାଇୱାନ ଓ ୟୁକ୍ରେନ୍ ପ୍ରସଙ୍ଗରେ ଆମେରିକା ଉଭୟ ଚାଇନା ଏବଂ ରୁଷିଆକୁ ଚ୍ୟାଲେଞ୍ଜ କରିଛି। ଆଣବିକ ଶକ୍ତି ବୃଦ୍ଧି ଦ୍ୱାରା ହିଁ ଚାଇନା ଏହାର ଜାତୀୟ ନିରାପତ୍ତା ଏବଂ ସାର୍ବଭୌମତ୍ୱ ବଜାୟ ରଖିପାରିବ ବୋଲି ସୋଙ୍ଗ୍ କହିଛନ୍ତି।

## ପୂର୍ବତନ ରାଷ୍ଟ୍ରପତିଙ୍କୁ ହଲ୍‌ରୁ ବାହାର କରିଦେଲେ

ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଅଧିବେଶନର ଶେଷଦିନରେ ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ଶନିବାର ହାଇଡ୍ରାମା ଦେଖିବାକୁ ମିଳିଥିଲା। ଶି ଜିନ୍‌ପିଙ୍ଗଙ୍କ ପାଖ ସିଟ୍‌ରେ ବସିଥିବା ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓ(୭୯)ଙ୍କୁ ଅପମାନିତ କରାଯିବା ଢଙ୍ଗରେ ସେଠାରୁ ଉଠାଯାଇ ଜବରଦସ୍ତି ପୋଡିୟମ ବାହାରକୁ ସିକ୍ୟୁରିଟି କର୍ମଚାରୀମାନେ ନେଇଯାଇଥିଲେ। ପ୍ରାୟ ୨,୩୦୦ ପ୍ରତିନିଧି, ଅନ୍ୟ ଅଧିକାରୀ ଓ ଗଣମାଧ୍ୟମ କର୍ମଚାରୀଙ୍କ ସମ୍ମୁଖରେ ଏପରି ହେଉଥିଲେ ହେଁ ଜିନ୍‌ପିଙ୍ଗ୍ ଚୁପ୍‌ଚାପ ସେଠାରେ ବସିରହିଥିଲେ। ଏପରିକି ଜିଣ୍ଟାଓଙ୍କ ବାମ ପାଖ ସିଟ୍‌ରେ ବସିଥିବା ଆଉ ଜଣେ ସଦସ୍ୟ ଉଠି ତାଙ୍କୁ ପଚାରିବାକୁ ଯାଉଥିବାବେଳେ ଉକ୍ତ ସଦସ୍ୟଙ୍କ ନିକଟରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଅଟକାଇଦେଇଥିଲେ। ଜିଣ୍ଟାଓ ଏହି ସମୟରେ ଜିନ୍‌ପିଙ୍ଗଙ୍କୁ କିଛି କହୁଥିବାର ଦେଖିବାକୁ ମିଳିଥିଲା। ହେଲେ ପରେ ସୁରକ୍ଷାକର୍ମୀମାନେ ଜିଣ୍ଟାଓଙ୍କ ହାତ ଧରି ପୋଡିୟମ ବାହାରକୁ ଟାଣିଟାଣି ନେଇଯାଇଥିଲେ। ତେବେ ତାଙ୍କୁ କାହିଁକି ଏପରି ଢଙ୍ଗରେ ହଲ୍‌ରୁ ବିଦା କରାଯାଇଥିଲା ସେ ନେଇ ବେଜିଂ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ୧୦ ବର୍ଷ ରାଷ୍ଟ୍ରପତି ରହିବା ପରେ ଜିଣ୍ଟାଓ ୨୦୧୨ରେ ଜିନ୍‌ପିଙ୍ଗଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ।

### ସେଣ୍ଟ୍ରାଲ କମିଟିରୁ ପ୍ରଧାନମନ୍ତ୍ରୀ ଲି ବିଦା

ଚାଇନା ସେଣ୍ଟ୍ରାଲ କମିଟି ସଦସ୍ୟଙ୍କ ଅଦଳବଦଳ ମଧ୍ୟରେ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କୁ ଏଥିରୁ ବିଦା କରାଯାଇଛି। ସେହିପରି ନ୍ୟାଶନାଲ ପିପୁଲ୍ସ କଂଗ୍ରେସ ଚେୟାରମ୍ୟାନ ଲି ଜାନ୍‌ଶୁ, ଚାଇନିଜ୍ ପିପୁଲ୍ସ ପଲିଟିକାଲ କନ୍‌ସଲ୍‌ଟେଟିଭ୍ କନ୍‌ଫରେନ୍ସ ଅଧ୍ୟକ୍ଷ ୱାଙ୍ଗ୍ ୟାଙ୍ଗ୍, ଉପପ୍ରଧାନମନ୍ତ୍ରୀ ହାନ୍ ଜେଙ୍ଗ୍ ପ୍ରମୁଖ ସେଣ୍ଟ୍ରାଲ କମିଟିରେ ସ୍ଥାନ ପାଇନାହାନ୍ତି।

## ସୁନକଙ୍କୁ ଶହେ ଏମ୍‌ପିଙ୍କ ସମର୍ଥନ

ଲଣ୍ଡନ, ୨୨।୧୦: ବ୍ରିଟେନ ପ୍ରଧାନମନ୍ତ୍ରୀ ପଦରୁ ଲିଜ୍ ଟ୍ରସ୍‌ଙ୍କ ଇସ୍ତଫା ପରେ ଦେଶରେ ରାଜନୈତିକ ସଙ୍କଟ ଜାରିରହିଛି। ଆସନ୍ତା ୨୮ ତାରିଖରେ ବ୍ରିଟେନ ନୂଆ ପ୍ରଧାନମନ୍ତ୍ରୀ



ପାଇବାକୁ ଥିବାବେଳେ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ପୁଣି ଆଗୁଆ ଅଛନ୍ତି ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ। ପ୍ରଥମ ପ୍ରାର୍ଥୀଭାବେ ତାଙ୍କୁ ୧୦୦ ଏମ୍‌ପିଙ୍କ ସମର୍ଥନ ଥିବା ସୁନକଙ୍କ ସମର୍ଥକମାନେ ଦାବି କରିଛନ୍ତି। କଞ୍ଜରଭେଟିଭ୍ ପାର୍ଟି ନେତା ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ପଦ ପାଇଁ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ମଧ୍ୟ ରେସ୍‌ରେ ଅଛନ୍ତି। ତେବେ ସୁନକ୍ କିମ୍ବା ବୋରିସ୍ ଏ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରିନାହାନ୍ତି। କେବଳ ଲିଡର ଅଫ୍ କମନ୍ସ ପେନି ମୋର୍ଡାଣ୍ଟ ନିଜ ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି। ଅପରପକ୍ଷେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରୀତି ପଟେଲ ପ୍ରଧାନମନ୍ତ୍ରୀ ପଦ ପାଇଁ ବୋରିସ୍‌ଙ୍କୁ ସମର୍ଥନ କରିଛନ୍ତି।

## ୩୬ ସାଟେଲାଇଟ୍‌କୁ କକ୍ଷପଥରେ ଅବସ୍ଥାପିତ କରିବ ଇସ୍ରୋର ବାହୁବଳୀ ରକେଟ

ଚେନ୍ନାଇ, ୨୨।୧୦: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ବାହୁବଳୀ ରକେଟ ଜିଏସ୍‌ଏଲ୍‌ଭି ଏମ୍‌କେ୩ ଶନିବାର ମଧ୍ୟରାତ୍ରରେ ୩୬ଟି ୱାନ୍‌ୱେବ୍ ସାଟେଲାଇଟ୍‌କୁ ନେଇ ସେମାନଙ୍କ କକ୍ଷପଥରେ ଅବସ୍ଥାପିତ କରିବାକୁ ଯାଉଛି। ଏହି ଐତିହାସିକ ଲଞ୍ଚ ପାଇଁ ପୂର୍ବ ରାତି ୧୨ଟା ୭ ମିନିଟରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ୪୩.୫ ମିଟର ଦୈର୍ଘ୍ୟ ଓ ୬୪୪ ଟନ୍ ଓଜନ ବିଶିଷ୍ଟ ଏଲ୍‌ଭିଏମ୍୩ ଏମ୍୨ ରକେଟ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ରକେଟ ପୋର୍ଟରୁ ଲଞ୍ଚ୍ କରାଯିବ। ପ୍ରଥମ ଥର ପାଇଁ ଜିଏସ୍‌ଏଲ୍‌ଭି ଏମ୍‌କେ୩ ବିଦେଶୀ ସାଟେଲାଇଟ୍‌କୁ ପୃଥିବୀର ନିମ୍ନ କକ୍ଷପଥରେ ଅବସ୍ଥାପିତ କରିବାକୁ ଯାଉଛି।

## ଇଞ୍ଜିନିୟରଙ୍କୁ ଗଣବଳାତ୍କାର

### ଆକ୍ରମଣରେ ପୁରୁଷବନ୍ଧୁ ଗୁରୁତର, ୧୨ ଅଟକ

ରାଞ୍ଚି, ୨୨।୧୦

ଝାଡ଼ଖଣ୍ଡର ୱେଷ୍ଟ ସିଂହଭୂମ ଜିଲାରେ ଜଣେ ୨୬ ବର୍ଷୀୟା ସଫ୍ଟୱେର ଇଞ୍ଜିନିୟରଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ୧୨ ଜଣଙ୍କୁ ଅଟକ ରଖିଛି। ଏକ ଜଣାଶୁଣା ଆଇଟି କମ୍ପାନୀରେ କାର୍ଯ୍ୟରତ ଯୁବତୀ ଜଣକ ଗୁରୁବାର ସନ୍ଧ୍ୟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଚାଇବାସାର ପୁରୁଣା ବିମାନବନ୍ଦର ନିକଟକୁ ବାଇକ୍‌ରେ ବୁଲିବାକୁ ଯାଇଥିଲେ। ସେଠାରେ ପ୍ରାୟ ୧୦ ଜଣ ଉଭୟଙ୍କୁ ଅଟକାଇଥିଲେ। ତାଙ୍କ ବଏଫ୍ରେଣ୍ଡଙ୍କୁ ସେମାନେ ସେଠାରେ ମାଡ଼ ମାରିବା ସହ ଯୁବତୀଙ୍କୁ ନିଛାଟିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଯିବାବେଳେ ସେମାନେ ଯୁବତୀଙ୍କ ମୋବାଇଲ ଓ ପର୍ସ ମଧ୍ୟ ନେଇଯାଇଥିଲେ। ପୀଡ଼ିତା କୌଣସିମତେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ମେଡିକାଲ ଟେଷ୍ଟ କରାଯାଇଛି।

ଘଟଣାରେ ୧୨ ଜଣଙ୍କୁ ପଚରାଉଚରା ଚାଲିଥିବା ସ୍ଥାନୀୟ ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ଏ ନେଇ ମୁଫସିଲ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ଭାଜପା ଜେଏମ୍‌ଏମ୍ ସରକାରଙ୍କୁ ସମାଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ଦାବି କରିଛି। ୩ ବର୍ଷ ହେଲା ଝାଡ଼ଖଣ୍ଡରେ ବଳାତ୍କାର ବଢ଼ିଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ଜେଏମ୍‌ଏମ୍ ମୁଖପାତ୍ର ମୋହନ କର୍ମାକର କହିଛନ୍ତି।

## ୧୦୦ ଦିନରେ ଯିବନି ମହାମାରୀ ପ୍ରଭାବ

### ରୋଜଗାର ମେଳା ଶୁଭାରମ୍ଭ କଲେ ମୋଦି



ନୂଆଦିଲ୍ଲୀ, ୨୨।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ରୋଜଗାର ମେଳା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତି ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଶନିବାର ୭୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଲାଗି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଅଧିକାଂଶ ଦେଶରେ ଅତ୍ୟଧିକ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଯୋଗୁ ବିଶ୍ୱ ଅର୍ଥନୀତି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଏଭଳି ସ୍ଥିତିରୁ ମୁକୁଳିବା ଲାଗି ଭାରତ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ଏହା ସତ ଯେ, ବିଶ୍ୱର ଆର୍ଥିକ ସ୍ଥିତି ଭଲ ନାହିଁ। ଅନେକ ବୃହତ୍ ଅର୍ଥନୀତି ମାନ୍ଦାବସ୍ଥାରୁ ମୁକୁଳିବା ଲାଗି ସଂଘର୍ଷ କରୁଛନ୍ତି। କୋଭିଡ୍ ମହାମାରୀର ପାର୍ଶ୍ୱ ପ୍ରଭାବ ୧୦୦ ଦିନରେ ଦୂର ହୋଇଯିବ, ଏହା କେହି ଭାବିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହା ସତ୍ତ୍ୱେ ଉପରୋକ୍ତ ଚ୍ୟାଲେଞ୍ଜରୁ ଭାରତକୁ ମୁକ୍ତ ରଖିବା ଲାଗି ସରକାର ନୂଆ ଉପକ୍ରମ ହାତକୁ ନେଇଛନ୍ତି। ସରକାରୀ ବିଭାଗଗୁଡ଼ିକର ସାମର୍ଥ୍ୟ ବହୁଗୁଣିତ ହୋଇଛି। ଫଳରେ ଭାରତ ୮ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥନୀତିରେ ୧୦ମ ସ୍ଥାନରୁ ୫ମ ସ୍ଥାନକୁ ଉନ୍ନୀତ ହୋଇପାରିଥିବା ମୋଦି କହିଛନ୍ତି। ନିଯୁକ୍ତି ସୁଯୋଗ ବଢ଼ାଇବା ପାଇଁ ସରକାର ଉତ୍ପାଦନ, ଭିତ୍ତିଭୂମି, ପର୍ଯ୍ୟଟନ ସେକ୍ଟରରେ ଅଧିକ ନିବେଶ କରିଛନ୍ତି। ସରକାର ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଆସୁଥିଲେ। ଅଧିକାଂଶ ନିର୍ବାଚନରେ ଶାସକ ଦଳ ଭାଜପା ବିଜୟୀ ହୋଇ ବିରୋଧୀଙ୍କ ଅଭିଯୋଗକୁ ଭୁଲ୍ ପ୍ରମାଣିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

### 'ଇଭେଣ୍ଟବାଜି' କହିଲା କଂଗ୍ରେସ

କେନ୍ଦ୍ର ସରକାରଙ୍କ 'ରୋଜଗାର ମେଳା'କୁ ବିରୋଧୀ ଦଳ ଜୁମ୍‌ଲା ରାଜାଙ୍କ 'ଇଭେଣ୍ଟବାଜି' ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷକୁ ୨ କୋଟି ନିଯୁକ୍ତି ଯୋଗାଇବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ୮ ବର୍ଷରେ ୧୬ କୋଟି ନିଯୁକ୍ତି ଯୋଗାଇବା ପ୍ରତିଶ୍ରୁତି କେବେ ପୂରଣ ହେବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଜେୱାଲା ଶନିବାର ପ୍ରଶ୍ନ କରିଛନ୍ତି। କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ମାତ୍ର ୪ଟି ରାଜ୍ୟ ଅତିକ୍ରମ କରିଥିବାବେଳେ ଦେଶ ତଥା ଯୁବସମାଜ ପାଇଁ ବେରୋଜଗାରୀ ସବୁଠୁ ବଡ଼ ସମସ୍ୟା ବୋଲି ସରକାର ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ଏହା ବଡ଼ ସଫଳତା। ଇଭେଣ୍ଟବାଜି ନିଯୁକ୍ତି ଯୋଗାଇବ ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି। କେବେ ୧୬ କୋଟି ନିଯୁକ୍ତି ମିଳିବ ଏବଂ ସରକାରୀ ବିଭାଗରେ ଖାଲି ପଡ଼ିଥିବା ୩୦ ଲକ୍ଷ ପଦବୀ କେବେ ପୂରଣ ହେବ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଦେଶର ଯୁବ ସମାଜ କାମ ଚାହେଁ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଜବାବ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓବ୍ରିଏନ୍ କହିଛନ୍ତି, ରୋଜଗାର ମେଳା ପ୍ରଧାନମନ୍ତ୍ରୀଙ୍କର ଏକ ପ୍ରଚାର ଷ୍ଟଣ୍ଟ। ନିଯୁକ୍ତି ପ୍ରଦାନ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା କେନ୍ଦ୍ର ସରକାର ନିଜ ବିଫଳତା ଘୋଡ଼ାଇବାକୁ ଏଭଳି ପ୍ରଚାର ଚଳାଇଥିବା ସେ କହିଛନ୍ତି।

## ୟୁକ୍ରେନ୍‌ରେ ବ୍ଲାକ୍‌ଆଉଟ୍

### ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ

କିଭ୍, ୨୨।୧୦: ୟୁକ୍ରେନ୍‌ର ପାୱାର ଷ୍ଟେଶନ, ଜଳଯୋଗାଣ ବ୍ୟବସ୍ଥା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ରୁଷିଆ ଘନଘନ ଆକ୍ରମଣ ଜାରି ରଖିଛି। ଫଳରେ ୟୁକ୍ରେନ୍‌ର ଶତାଧିକ ସହର, ହଜାର ହଜାର ଗ୍ରାମରେ ସମ୍ପୂର୍ଣ୍ଣ ବ୍ଲାକଆଉଟ୍ ହୋଇଛି। ସପ୍ତାହକ ମଧ୍ୟରେ ୟୁକ୍ରେନ୍ ପାୱାର ଷ୍ଟେଶନର ୩୦%ରୁ ଊର୍ଦ୍ଧ୍ୱ ନଷ୍ଟ ହୋଇସାରିଥିବା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଶନିବାର ମଧ୍ୟ ରୁଷିଆ ବାୟୁ ଏବଂ ସମୁଦ୍ର ତଟରୁ ୩୩ କ୍ରୁଜ୍ ମିଶାଇଲ ଛାଡ଼ିଥିଲା। ସେଥିମଧ୍ୟରୁ ୧୮ଟିକୁ ନଷ୍ଟ କରାଯାଇଥିବା ୟୁକ୍ରେନ୍ ବାୟୁସେନା ପକ୍ଷରୁ



ରୁଷିଆ କ୍ଷେପଣାସ୍ତ୍ର ମାଡ଼ରେ କିଭ୍‌ର ଏକ ତାପଜବିଦ୍ୟୁତ କେନ୍ଦ୍ର ଜଳୁଛି।

କୁହାଯାଇଛି। ରାଜଧାନୀ କିଭ୍ ସମେତ ଓଡେଶାରେ ମଧ୍ୟ ସମାନ ଧରଣର ଆକ୍ରମଣ ହୋଇଛି। ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇଯିବା ଆଶଙ୍କାରେ ଲୋକଙ୍କୁ ଆଗୁଆ ପାନୀୟ ଜଳ ମହଜୁଦ କରି ରଖିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଖେର୍‌ସନରୁ ମସ୍କୋ ସୈନ୍ୟଙ୍କୁ ଘଉଡ଼ାଇବା କିଭ୍ ପାଇଁ ପ୍ରସ୍ତୁତ ହେଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେହି ଅଞ୍ଚଳରେ ଥିବା ଡ୍ୟାମ୍‌କୁ ଟାର୍ଗେଟ ଯୋଜନା କରିଛନ୍ତି। ଡ୍ୟାମ୍ ନଷ୍ଟହେଲେ ଦକ୍ଷିଣ ୟୁକ୍ରେନ୍‌ର ବଡ଼ ଭାଗରେ ବନ୍ୟା ଆସିଯିବ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏବେ ପୂରା ବିଶ୍ୱ ଏକାଠି ହୋଇ ରୁଷିଆର ଏଭଳି ଆତଙ୍କବାଦୀ ଆକ୍ରମଣକୁ ରୋକିବାକୁ ପଦକ୍ଷେପ ନେବା ଜରୁରୀ। ଏପରି ନ କରିବାକୁ ପାଶ୍ଚାତ୍ୟ ଦେଶ ରୁଷିଆକୁ ଚେତାବନୀ ଦିଅନ୍ତୁ ବୋଲି ସେ କହିଛନ୍ତି।

### ଡ୍ୟାମ୍ ନଷ୍ଟ ନ କରିବାକୁ ରୁଷିଆକୁ ଚେତାବନୀ ଦେଉ ପାଶ୍ଚାତ୍ୟ: ଜେଲେନ୍‌ସ୍କି

Bhubaneswara Municipal Corporation
ଭୁବନେଶ୍ୱର ମହାନଗର ନିଗମ
Government Of Odisha
ଓଡିଶା ସରକାର
DSPL -




ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ( ବି ଏମ ସି ) ସୀମା ମଧ୍ୟ ରେ ଥିବା ସମସ୍ତ ଗୃହ ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଜନସାଧାରଣ ଙ୍କ ସୁବିଧା କୁ ଦୃଷ୍ଟି ଦେଇ ଏବଂ ସରକାର ୫ ଟି ଅନୁଯାୟୀ ସ୍ୱଛତା କୁ ଗୁରୁତ୍ୱ ଦେଇ ସମସ୍ତ ଗୃହ ମାଲିକ ସହଜ ରେ ଅନ୍‌ଲାଇନ ପ୍ରକ୍ରିୟା ରେ ହୋଲଡିଂ ଟ୍ୟାକ୍ସ ଆସେସମେଣ୍ଟ ଏବଂ ରିଆସେସମେଣ୍ଟ ର କରିପାରିବ ର ବ୍ୟବସ୍ଥା କରାଯାଇଅଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଆପଣମାନେ ନିୟମ ଅନୁଯାୟୀ ସଠିକ ସମୟ ରେ ନିମ୍ନ ବର୍ଣ୍ଣିତ ପ୍ରକାର ରେ ହୋଲଡିଂ ଟ୍ୟାକ୍ସ ଆସେସମେଣ୍ଟ ଏବଂ ରିଆସେସମେଣ୍ଟ କରାନ୍ତୁ

ପ୍ରକ୍ରିୟା ↓

Step 1 ଲଗ୍‌ଇନ୍... www.bhubaneswar.me
Step 2 ସିଟିଜନ୍ ସର୍ଭିସ୍‌ରେ କ୍ଲିକ୍ କରନ୍ତୁ
Step 3 ପ୍ରପର୍ଟି ଟ୍ୟାକ୍ସରେ କ୍ଲିକ୍ କରନ୍ତୁ
Step 4 ଆପ୍ଲାଇ ଆସେସ୍ ମେଂଟ୍‌ରେ କ୍ଲିକ୍ କରନ୍ତୁ
Step 5 ଏହି ପ୍ରକାର ଲଗ୍‌ଇନ୍ ବକ୍ସ ଦେଖାଯିବ, ଏଥିରେ ଆଇଡି ଏବଂ ପାସ୍ ୱାର୍ଡ୍ ଦିଅନ୍ତୁ। ଯଦି ଆପଣଙ୍କର ଆଇଡି ବା ପାସ୍ ୱାର୍ଡ୍ ନାହିଁ, ତେବେ ନୂଆ ଆକାଉଂଟ୍ ଖୋଲିବେ ଏବଂ ଡାଇଲଗ୍ ବକ୍ସରେ ଆବଶ୍ୟକୀୟ ସୂଚନାଦେବେ
Step 6 ଆକାଉଂଟ୍‌ଟିକୁ ପଂଜିକରଣ କରିସାରିବାପରେ ଏଥିରେ ଫୋନ୍ ନଂ ଏବଂ ପାସ୍ ୱାର୍ଡ ଭରନ୍ତୁ
Step 7 ଏହାପରେ ଏକ ଡାଇଲଗ୍ ବକ୍ସ ଦେଖାଯିବ। ଏଥିରେ ଆପ୍ଲାଇ ଫର୍ ହୋଲ୍ଡିଂ ନଂ / ରି ଆସେସ୍‌ମେଂଟ୍ ପାଇଁ ସୂଚନା ଥିବ। ଏହାପରେ ଆସେସ୍‌ମେଂଟ୍‌କୁ କ୍ଲିକ୍ କରନ୍ତୁ। ଯଦି ଦେଖାଯିବଯେ ପୂର୍ବରୁ ଆସେସ୍‌ମେଂଟ୍ ହୋଇଯାଇଛି, ତେବେ ୱାର୍ଡ୍ ନଂ ଏବଂ ହୋଲଡିଂ ନଂ ଦିଅନ୍ତୁ।

ଆପ୍ଲାଇ ଫର୍ ଆସେସ୍‌ମେଂଟ୍ / ରିଆସେସ୍‌ମେଂଟ୍ (ନିମ୍ନ ତାଲିକା ଅନୁଯାୟୀ ସମସ୍ତ ବିବରଣୀ ପୂରଣ କରିବା ବାଧ୍ୟତା ମୂଳକ)

୧. ମାଲିକଙ୍କ ବାବଦରେ ତଥ୍ୟ
ମାଲିକଙ୍କ ତଥ୍ୟ (ପ୍ରଥମ ନାମ, ମଝି ନାମ,ଶେଷ ନାମ) | ଲିଙ୍ଗ | ଠିକଣା | ଦେଶ | ରାଜ୍ୟ | ପିନ୍ କୋଡ୍ | ମୋବାଇଲ୍ ନଂ | ପରିଚୟ ପ୍ରମାଣ | ପରିଚୟ ପ୍ରମାଣପତ୍ର ସଂଖ୍ୟା | ପରିଚୟ ପ୍ରମାଣପତ୍ର ଅପଲୋଡ୍ କରନ୍ତୁ

୨. ଘରର ବିବରଣୀ
ପ୍ଲଟ୍ ନମ୍ବର | କେଉଁ ଜୋନ୍ ଦର୍ଶାନ୍ତୁ (ଉତ୍ତର ଜୋନ୍, ଦକ୍ଷିଣ ପୂର୍ବ ଜୋନ୍, ଦକ୍ଷିଣ ପଶ୍ଚିମ ଜୋନ୍) | ପ୍ଲଟ୍, ୱାର୍ଡ୍ ନଂ | କେଉଁ ମୌଜା ଦର୍ଶାନ୍ତୁ | ଠିକଣା | ପ୍ଲଟ୍ ର ସାଇଜ୍ (ଡେସିମିଲ୍‌ରେ) | ଚଟାଣ ଏରିଆ (ବର୍ଗଫୁଟରେ) | ସମୁଦାୟ କୋଠରୀ (ରୁମ୍) ସଂଖ୍ୟା | କେଉଁ ପ୍ରକାରର ପାଇଖାନା | କେତୋଟି ପାଇଖାନା | ଭୂମି ର ମୂଲ୍ୟ (ସାଧାରଣ ପ୍ରଶାସନ ବିଭାଗ ଧାର୍ଯ୍ୟ ଦର ଅନୁଯାୟୀ) | ଏରିଆ (ବର୍ଗ ମିଟରରେ)

୩. ପ୍ଲାନ୍ ଅନୁମୋଦନ
| ଅନୁମୋଦନ ସ୍ଥିତି ( ଅନୁମୋଦନ ହୋଇଛି/ଅନୁମୋଦନ ହୋଇନି )

୪. ଯଦି ଘରଟି ଭଡା ଦିଆଯାଇଥାଏ
| ଘର ଭଡାଦେବା ସ୍ଥିତି (ଭଡା ଦିଆଯାଇଛି ବା ଦିଆଯାଇନି)

- ଜଣେ ବ୍ୟକ୍ତି ଯେକୌଣସି ପରିଚୟ ପତ୍ରର ସବିଶେଷ ବିବରଣୀ ଦେଇ ପାରିବେ; ଯାହାକି- ଆଧାର କାର୍ଡ,ଡ୍ରାଇଭିଂ ଲାଇସେନ୍ସ, ସରକାରୀ/ ସୁରକ୍ଷା ବାହିନୀ ପରିଚୟ ପତ୍ର,ପାସ୍ ପୋର୍ଟ,ପାନ୍ କାର୍ଡ,ପୋଷ୍ଟ ଅଫିସ୍ ର ଫଟୋ ପରିଚୟ ପତ୍ର,ରେସନ କାର୍ଡ ଏବଂ ଭୋଟ୍ ପରିଚୟ ପତ୍ର
- ଜୋନ୍ ର ନାମ,ପ୍ଲଟ୍ ଏବଂ ୱାର୍ଡ୍ ନଂ, ପ୍ଲଟ୍ ର ସାଇଜ୍(ଡେସିମିଲି ରେ) ଏବଂ ମୌଜା ଦେବା ପରେ ସିଷ୍ଟମ୍‌ରେ ଭୂମିର ମୂଲ୍ୟ ଗଣନା ହୋଇ ବାହାରିଥାଏ।
- ଉପରୋକ୍ତ ସୂଚନାଗୁଡିକୁ ଦେବା ପରେ , ସବ୍‌ମିଟ୍ ବଟନ୍ ଉପରେ କ୍ଲିକ୍ କରନ୍ତୁ

Call us / 0674 - 243 1253 | www.bmc.gov.in | bmcbbsr

OIPR-13002/13/0139/2223

ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୨୩/୨୦୨୨ | Sunday, October 23/2022 | ପୃଷ୍ଠା-୧



## ଟାଇଟଲ ଜିତିଲେ ଦେବାଶିଷ

ଓଡ଼ିଶାର ଦେବାଶିଷ ସାହୁ ଜାତୀୟ ଫେନେଷ୍ଟା ଟେନିସ ଟୁର୍ଣ୍ଣାମେଣ୍ଟର ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।

୧୦

୦୮

## ‘ମୋତେ ନାଚ ଆସେନି’

ଟ୍ରୋଲ ପରେ ନାଚ ଆସି ନ ଥିବା କଥାକୁ ସ୍ୱୀକାର କରିଛନ୍ତି ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ।



# ପ୍ରଶାସନ କହୁଛି ଦାଦନ ଯାଉନାହାନ୍ତି | ସପ୍ତାହରେ ୪୦୦ ଉଦ୍ଧାର

୧୯୮୦ ଓ ୯୦ ଦଶକର ପ୍ରାରମ୍ଭରେ ଅବିଭକ୍ତ ବଲାଙ୍ଗୀର ଦେଶର ଦରିଦ୍ରତମ ଜିଲାଗୁଡ଼ିକ ମଧ୍ୟରେ ପରିଗଣିତ ହେଉଥିଲା। ବିଗତ ୨ ଦଶନ୍ଧି ହେଲା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ଗ୍ରାମାଞ୍ଚଳରେ ସରକାରୀ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରି ନ ଥିବା ଶ୍ରମିକଙ୍କ ଗଣପଳାୟନରୁ ସ୍ପଷ୍ଟ ହୋଇଛି। ପ୍ରତିବର୍ଷ ଅନେକ ହଜାର ପରିବାର ଦାରିଦ୍ର୍ୟର କଷାଘାତ ସହି ନ ପାରି ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଛନ୍ତି। ୨୦୨୦ରେ କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ବେଳେ ବଲାଙ୍ଗୀର ଜିଲାକୁ ପ୍ରାୟ ଦେଢ଼ଲକ୍ଷ ପ୍ରବାସୀ ବାହ୍ୟ ରାଜ୍ୟରୁ ଫେରିଥିଲେ। ସେମାନଙ୍କ ମଧ୍ୟରୁ ଲକ୍ଷେ ହେଉଛନ୍ତି ଦାଦନ ଶ୍ରମିକ। ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ରେଳଷ୍ଟେଶନରୁ ପ୍ରାୟ ୪୦୦ ଦାଦନଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୦ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଏତେ ସତ୍ତ୍ୱେ ପ୍ରଶାସନ କହୁଛି, ଲୋକେ ଦାଦନ ଖଟିବାକୁ ଯାଉନାହାନ୍ତି। ଏହା ପ୍ରଶାସନର ବିରୋଧାଭାସ ଚିତ୍ରକୁ ପ୍ରଦର୍ଶନ କରୁଥିବା ସାଧାରଣରେ ଆଲୋଚନା ହେଉଛି।



ବଲାଙ୍ଗୀର ଜିଲା ଲାଠୋର ରେଳ ଷ୍ଟେଶନରୁ ପୋଲିସ ଉଦ୍ଧାର କରିଥିବା ଦାଦନ ଶ୍ରମିକ।

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ,୨୨।୧୦**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପରଠାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଲାଙ୍ଗୀର ଜିଲାରେ ଦାଦନ ଶ୍ରମିକ ଚାଲାଣ ପର୍ବ ଆରମ୍ଭ ହୋଇଛି। ଏହାକୁ ରୋକିବା ପାଇଁ ଜିଲା ପୋଲିସ ‘ମିଶନ ଉଦ୍ଧାର’ ନାମରେ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜିଲାର ବିଭିନ୍ନ ରେଳଷ୍ଟେଶନରେ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯାଇ ବେଆଇନ ଶ୍ରମିକ ଚାଲାଣ ଉପରେ କଡ଼ା ନଜର ରଖାଯାଇଛି। ଖୋଦ୍ ଏସ୍‌ପି ଏହାର ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ରେଳଷ୍ଟେଶନ ଓ ଅନ୍ୟ ସ୍ଥାନଗୁଡ଼ିକରୁ ପ୍ରାୟ ୪୦୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଦାଦନ ଶ୍ରମିକ ଚାଲାଣକୁ ନେଇ ବିଭିନ୍ନ ଥାନାରେ ୨୦ଟି ମାମଲା ରୁଜୁ କରାଯାଇଛି। ୧୦ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ ମଧ୍ୟ କରାଯାଇଛି। ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ‘ମିଶନ ଉଦ୍ଧାର’କୁ ଏକ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ବୋଲି କୁହାଯାଇଛି। ଜିଲାରୁ ବେଆଇନ ଭାବେ ଶ୍ରମିକ ଚାଲାଣ ହେଉଥିବା ଏହି କାର୍ଯ୍ୟକ୍ରମରୁ ପୁଣି ଥରେ ସ୍ପଷ୍ଟ ହୋଇଛି। ଏଥିସହ ‘ମିଶନ ଉଦ୍ଧାର’କୁ ନେଇ ଜିଲାରେ ବିତର୍କ ଆରମ୍ଭ ହୋଇଛି। ପୋଲିସ ବିଭିନ୍ନ ରେଳଷ୍ଟେଶନ ଏବଂ ରାସ୍ତାରୁ ☞ପୃଷ୍ଠା-୨

## କାମ ମିଳୁନାହିଁ, ଯୋଜନା ଅପହଞ୍ଚ

**ମୃତ୍ୟୁଞ୍ଜୟ ଶତପଥୀ**
**ସୋନପୁର,୨୨।୧୦(ନି.ପ୍ର.)**

### ଦାଦନଙ୍କ ହିସାବ ରଖୁନାହିଁ ଶ୍ରମ ବିଭାଗ

ରାଜ୍ୟର ୧୧ଟି ଦାଦନପ୍ରବଣ ଜିଲା ମଧ୍ୟରୁ ସୁବର୍ଣ୍ଣପୁର ଅନ୍ୟତମ। ଏହି ଜିଲାରେ ଦାଦନ ଚାଲାଣ ହୁଏନାହିଁ ବୋଲି ଜିଲା ପ୍ରଶାସନ ପୂର୍ବରୁ ବାହୁସ୍ଫୋଟ ମାରୁଥିଲା। କିନ୍ତୁ କରୋନା ମହାମାରୀ ପ୍ରଶାସନର ଦାବିକୁ ଭୁଲ୍ ପ୍ରମାଣିତ କରିଥିଲା, ଯେତେବେଳେ ୧୫,୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଲକ୍‌ଡାଉନ୍ ଯୋଗୁ ଅନ୍ୟ ରାଜ୍ୟରୁ ଘରକୁ ଫେରିଥିଲେ। ଗରିବଙ୍କୁ ନିଜ ଅଞ୍ଚଳରେ କାମ ମିଳୁନି। ସେମାନଙ୍କ ପାଇଁ ଗଢ଼ାଯାଇଥିବା ସରକାରୀ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉନି। ଫଳରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି।

ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଶିଳ୍ପ ବିହୀନ ଏହି ଜିଲାର ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ହୀରାକୁଦ କେନାଲ ସିଷ୍ଟମ ଦ୍ୱାରା ଜଳସେଚିତ ହେଉଥିବା ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକକୁ ଅଞ୍ଚଳର ଭାତହାଣ୍ଡି କୁହାଯାଏ। କିନ୍ତୁ ଏଠାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ସାଧାରଣରେ ଚିନ୍ତା ବଢ଼ାଇଛି। ପ୍ରତ୍ୟେକ ବର୍ଷ ଡୁଙ୍ଗୁରିପାଲି, ବିନିକା ଓ ତରଭା ବ୍ଲକରୁ ଅନେକ ହଜାର ଦାଦନ ଶ୍ରମିକ ସେମାନଙ୍କ ପରିବାର ସହିତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁ ଭଳି ରାଜ୍ୟକୁ ଯାଉଛନ୍ତି। ସେହିପରି ବେକାର ଯୁବତୀଯୁବକ ବିଭିନ୍ନ ଶିଳ୍ପ ସଂସ୍ଥାରେ କାମ କରିବା ପାଇଁ ଗୁଜରାଟ, ତାମିଲନାଡୁ, କେରଳ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟକୁ ଯାଉଛନ୍ତି। କିନ୍ତୁ ଦାଦନ ଯାଉଥିବା ଶ୍ରମିକଙ୍କ ପ୍ରକୃତ ହିସାବ ଜିଲା ଶ୍ରମ ବିଭାଗ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ରହୁନାହିଁ। ନିୟମ ଅନୁସାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନିଜର ଓ ନିଜ ପରିବାର ସଂଖ୍ୟା ଏବଂ କେଉଁଠିକୁ କାମ କରିବାକୁ ଯାଉଛନ୍ତି, ସବିଶେଷ ବିବରଣୀ ସହ ପଞ୍ଜୀକରଣ କରିବା କଥା। କିନ୍ତୁ ସଚେତନତା ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

କଠୋର ମନୋଭାବ

### ଆଜିର ମନ୍ତବ୍ୟ

“କଂଗ୍ରେସର ‘ଭାରତ ଯୋଡ଼ୋ ଯାତ୍ରା’ ଦେଶର ରାଜନୈତିକ ବାତାବରଣରେ ପରିବର୍ତ୍ତନ ଆଣିବ।
**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**







## ୨୫ରେ ସୂର୍ଯ୍ୟୋପରାଗ ସରକାରୀ ଛୁଟି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ସୂର୍ଯ୍ୟୋପରାଗ ୨୫ ତାରିଖ ମଙ୍ଗଳବାର ହେଉଛି। ସେଥିପାଇଁ ସେହି ଦିନଟିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଉକ୍ତ ଦିନ ରାଜ୍ୟର ସମସ୍ତ ସରକାରୀ ଅଫିସ, ସ୍କୁଲ, କଲେଜ, ରାଜସ୍ୱ ବିଭାଗୀୟ କୋର୍ଟ, ବ୍ୟାଙ୍କ ଓ ଅନ୍ୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ ବନ୍ଦ ରହିବ। ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏହି ସୂଚନା ପ୍ରଦାନ କରାଯାଇଛି। ଆଜି ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ରହିଛି। ଆସନ୍ତାକାଲି ରବିବାର ଓ ସୋମବାର ଦୀପାବଳି ପଡୁଛି। ତେଣୁ ୨ ଦିନ ସରକାରୀ ଛୁଟି ରହିଛି। ମଙ୍ଗଳବାର ସୂର୍ଯ୍ୟୋପରାଗ ପାଇଁ ରାଜ୍ୟ ସରକାର ସ୍କୁଲ କଲେଜ, କୋର୍ଟଠାରୁ ଆରମ୍ଭକରି ସବୁ ଛୁଟି ଘୋଷଣା କରିଛନ୍ତି। ଅର୍ଥାତ୍ ସରକାରୀ କର୍ମଚାରୀମାନେ ଲଗାତର ୪ଦିନ ଛୁଟି ପାଇଛନ୍ତି। ଆସନ୍ତା ସୋମବାର ପବିତ୍ର ଦୀପାବଳି ଅମାବାସ୍ୟା। ସେହିଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ☞ପୃଷ୍ଠା-୨

## ଆଖିବୁଜିଲା ଧଳା ବାଘୁଣୀ ବିଜୟା



**ବାରଙ୍ଗ,୨୨।୧୦(ଡି.ଏନ୍.ଏ.)**

■ ଟ୍ରିମ୍ପାନୋ ମାୟୋସିସ୍ ଭାଇରସ୍‌ରେ ସଂକ୍ରମିତ ଥିଲା
■ ଅଧିକ କାରଣ ଜାଣିବା ପାଇଁ ହୋଇଥାନ୍ତା ଅଲଟ୍ରାସାଉଣ୍ଡ

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମୁଖ୍ୟ ଆକର୍ଷଣ ସାଜିଥିବା ବାଘ ସଫାରିର ଧଳା ବାଘୁଣୀ ବିଜୟାର ଶନିବାର ମୃତ୍ୟୁ ହୋଇଛି। ଗତ କିଛିଦିନ ହେବ ସେ ଅସୁସ୍ଥ ହେବା ସହ ଖାଇବା କମାଇଦେଇଥିବାରୁ ଦୁର୍ବଳ ହୋଇପଡ଼ିଥିଲା। ଫଳରେ ତା’ର ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ଗତ ୧୪ତାରିଖରେ ବାଘସଫାରୀରୁ ବିଜୟାକୁ ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତା’ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଥିଲେ। ଏହାପରେ ଗତ ୧୯ତାରିଖରେ ଚିକିତ୍ସାଳୟରୁ ବିଜୟାକୁ ପୁଣିଥରେ ସଫାରିର ଫିଡିଂ ଚାମ୍ବରକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସା ସମୟରେ ବିଜୟାର ଖାଦ୍ୟନଳୀରେ ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଅଧିକ ଜାଣିବା ପାଇଁ ବିଜୟାର ରକ୍ତନମୁନା ସଂଗ୍ରହ ☞ପୃଷ୍ଠା-୨

## ଅସ୍ତିତ୍ୱ ହରାଇଛି ରଘୁନନ୍ଦନ ପାଠାଗାର

**ପୁରୀ ଅଫିସ,୨୨।୧୦**

■ ପୁନରୁଦ୍ଧାର ପାଇଁ ଆଗ୍ରହ ଦେଖାଉନି ପ୍ରଶାସନ
■ ଦୁଷ୍ପ୍ରାପ୍ୟ ଗ୍ରନ୍ଥ ଓ ତାଳପତ୍ର ପୋଥିର ସଂରକ୍ଷଣକୁ ନେଇ ଆଶଙ୍କା
■ ଗୁରୁ ରଘୁନନ୍ଦନ ରାମାନୁଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖୋଲିଥିଲା

ପରିକ୍ରମା ପ୍ରକଳ୍ପ ଜମି ଅଧିଗ୍ରହଣରେ ଜଗନ୍ନାଥ ସଂସ୍କୃତିର ସର୍ବପୁରାତନ ପାଠାଗାର ରଘୁନନ୍ଦନ ଲାଇବ୍ରେରୀ ନିଜ ଅସ୍ତିତ୍ୱ ହରାଇଛି। ଯେଉଁ ପାଠାଗାର ଦିନେ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କ ସାଧନାର କେନ୍ଦ୍ର ଥିଲା, ସମ୍ପ୍ରତି ତାହା ବିଲୁପ୍ତ ହୋଇଯାଇଛି। ପରିକ୍ରମା ପ୍ରକଳ୍ପ ଅଧୀନରେ ପୁରୀ ସହରକୁ ଏକ ଐତିହ୍ୟ ସହର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ମଧ୍ୟରେ ରଘୁନନ୍ଦନ ଲାଇବ୍ରେରୀ ହଜାର ହଜାର ପାଠକ ଓ ନିଜର ଅଖଣ୍ଡ ଗୌରବ ହରାଇ ବସିଛି। ଏହି ପାଠାଗାର ପୁନରୁଦ୍ଧାର ପାଇଁ ପୁରୀ ଜିଲାର ଅନେକ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀମାନେ ବିଭିନ୍ନ ସମୟରେ ଦାବି କରିଆସୁଥିବାବେଳେ ପ୍ରଶାସନ ଏଥିପାଇଁ ଗୁରୁତ୍ୱ ଦେବାଭଳି ମନେହେଉନାହିଁ। ପୁସ୍ତକ ସଂରକ୍ଷିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବାବେଳେ ପାଠାଗାର ପାଇଁ ପୁନଶ୍ଚ ଭିତ୍ତିଭୂମି କିଭଳି ଭାବେ ନିର୍ମାଣ ହେବ ଓ ପାଠିକାପାଠକ ରଘୁନନ୍ଦନ ପାଠାଗାରରେ ପଢ଼ିବାର କିପରି ସୁଯୋଗ ପାଇବେ ସେନେଇ ପ୍ରଶାସନ ଚିନ୍ତା କରୁ ନଥିବାରୁ ବୁଦ୍ଧିଜୀବୀ ମହଲ ଚିନ୍ତା ପ୍ରକଟ କରିଛି। ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏମାର ମଠ ରଘୁନନ୍ଦନ ପାଠାଗାରକୁ ☞ପୃଷ୍ଠା-୨





**ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ**

ତରଭା,(ଡି.ଏନ.ଏ.): ପାଣିରେ ବୁଡିଯାଇ ତରଭା ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତ ଶଙ୍ଖଚୁଳ ଗ୍ରାମର ଅଚ୍ୟୁତ କୁଶଳ (୩୫)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଶନିବାର ସକାଳେ ଅଚ୍ୟୁତ ଭଜନାକଟା ବନ୍ଧକୁ ଯାଇଥିଲେ । ସେଠାରେ ଗୋଡ଼ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ନାଇକେନପାଲି ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୋଲିସ ନଂ ୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ମେଣ୍ଡା ଫାଣ୍ଡି ଅଧିକାରୀ ସଞ୍ଜୀବ ବସ୍ତିଆ ସୂଚନା ଦେଇଛନ୍ତି।

# ନଦୀଜଳରେ ଫେନୋଲିକ୍ ବିଷ

**ଯାଜପୁର ଅଫିସ,୨୨।୧୦**



- ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ ଅସୁରକ୍ଷିତ
- ଦୁର୍ଗନ୍ଧଯୁକ୍ତ ପାଣି ବ୍ୟବହାର କରୁଛନ୍ତି ଜିଲାବାସୀ

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀଜଳ ଅସୁରକ୍ଷିତ ହୋଇପଡ଼ିଛି। ସେଥିରେ ବିଷାକ୍ତ ଫେନୋଲିକ୍ କମ୍ପାଉଣ୍ଡ ମିଳୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରତ୍ୟେକ ଜଳ ନମୁନା ପରୀକ୍ଷାରେ ଏଭଳି ରିପୋର୍ଟ ପ୍ରକାଶ ପାଉଥିବାରୁ ତାହା ମଣିଷ ପାଇଁ ପାନୀୟ କିମ୍ବା ଗାଧୋଇବା ସକାଶେ ଉପଯୁକ୍ତ ନୁହେଁ। ଗତ ଗୁରୁବାର ଓଡ଼ିଶା ବିଧାନସଭା ପରିବେଶ ଗୃହ କମିଟି ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳ ପରିଦର୍ଶନରେ ଆସି ଏଭଳି ମନ୍ତବ୍ୟ ଦେଇଛି।

ଯାଜପୁରରେ ପୂର୍ବରୁ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ପାଣି ସଫା ଦେଖିବାକୁ ମିଳୁଥିଲା। ଏବେ ତାହା ଗୋଳିଆ ହୋଇ ଦୁର୍ଗନ୍ଧ ହେଉଛି। ନଦୀତଟବର୍ତ୍ତୀ ଅଞ୍ଚଳର । ଏହି ପ୍ରଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ନୁହେଁ, ବ୍ୟାସନଗର ପୌର ପରିଷଦର ଦୂଷିତ ପାଣି ମଧ୍ୟ ବିନା ଉପଚାରରେ ନଦୀଗର୍ଭରେ ପଡୁଛି। ଏ କ୍ଷେତ୍ରରେ ବ୍ୟାସନଗର ପୌର ପରିଷଦ କେବଳ ଅପରାଧ କରୁନାହିଁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦକୁ ମଧ୍ୟ ବେଖାତିର କରୁଛି। ଅପରପକ୍ଷେ ପୌରପରିଷଦର ଏହି ଆଭିମୁଖ୍ୟ ପାଇଁ ସହରର ଗଣ୍ଡାନାଳ ଜଳ ବିଷାକ୍ତ ହେଉଛି। ଖାଲି ସେତିକି ନୁହେଁ, ଗଣ୍ଡାନାଳ ପାଣି ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ମିଶୁଛି। ଏନେଇ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ପୂର୍ବରୁ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଛି। ହେଲେ ଏଯାଏ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ ହେଉ ନ ଥିବାରୁ ନଦୀଜଳ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ବିଧାନସଭା ପରିବେଶ ଗୃହ କମିଟି କେବଳ ଶିଳ୍ପାଞ୍ଚଳରେ ପ୍ରବାହିତ ଗଣ୍ଡାନାଳ ପରିଦର୍ଶନରେ ଯାଇ ମିଲିଟାରୀ ଛକଠାରୁ ଅଗ୍ନିଶମ ବିଭାଗ ଛକ ମଧ୍ୟରେ ପ୍ରବାହିତ ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଛି। ତେବେ ଏହି ସମସ୍ୟା ଶିଳ୍ପ କାରଖାନା ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଜନ ପ୍ରତିନିଧି ତଥା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆସୁନାହିଁ। ଗଣ୍ଡାନାଳର ବିଭିନ୍ନ ସ୍ଥାନରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ବିଶୋଧନ ପରେ ଖରସ୍ରୋତାରେ ନିଷ୍କାସନ ପାଇଁ ଏକାଧିକ ପ୍ରକଳ୍ପ କରାଯିବ ବୋଲି ଗତ ୧୦ବର୍ଷ ହେଲା କ୍ଷମତାସୀନ ରାଜନେତା କହି ଆସୁଥିବାବେଳେ ଏହାର ସର୍ଭେ କାର୍ଯ୍ୟ କରାଯାଉଥିବା ଜନସ୍ୱାସ୍ଥ୍ୟ ବିଭାଗ କହିଆସୁଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏସ୍‌ପିସିବିର କେନ୍ଦ୍ରୀୟ ପରୀକ୍ଷାଗାରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ନମୁନା ପରୀକ୍ଷାରେ ସର୍ବଦା ବିଷାକ୍ତ ଦ୍ରବ୍ୟ ମିଳିଥିବା ସୂଚନା ମିଳିଛି। ବିଶେଷକରି ଗଣ୍ଡାନାଳର କୁସୁନପୁର ବ୍ରିଜ ନିକଟ ଜଳ ଅଧିକ ବିଷାକ୍ତ ବୋଲି ଜଣାପଡିଛି। ଏହି ଜଳ ନମୁନାରେ ଗ୍ରହଣଯୋଗ୍ୟ ସୀମାଠାରୁ ପ୍ରାୟ ୧୦ ଗୁଣରୁ ଅଧିକ ଫେନୋଲିକ୍ କମ୍ପାଉଣ୍ଡ (କୋଇଲାଯୁକ୍ତ ପଦାର୍ଥ) ମିଳୁଥିବା ଏସ୍‌ପିସିବି ପକ୍ଷରୁ କୁହାଯାଉଛି। ତେବେ ଏହି ଜଳ ପ୍ରଦୂଷଣ ପାଇଁ କେତେକ ପ୍ରଭାବଶାଳୀ କମ୍ପାନୀର ସମ୍ପୃକ୍ତି ରହୁଥିଲେ ହେଁ ସରକାରଙ୍କ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଏଭଳିସ୍ଥିତିରେ ପରିବେଶ କମିଟିର ଅଧକ୍ଷ ବିଧାୟକ ମୋହନ ଚରଣ ମାଝୀ ଅନୁଧ୍ୟାନ ରିପୋର୍ଟ ସଂକ୍ରାନ୍ତରେ ସରକାରଙ୍କୁ ଜଣାଇବେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିବେ ବୋଲି କହିଛନ୍ତି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, ସେ ମଧ୍ୟ ପରିବେଶ କମିଟି ସହ ରହିଥିଲେ। ୨ ମାସର ଜଳ ନମୁନା ରିପୋର୍ଟ ଅନୁସାରେ ଫେନୋଲିକ୍ ଦ୍ରବ୍ୟ ଅଧିକ ରହୁଥିବା ଜଣାପଡ଼ିଛି। ତେବେ କମ୍ପାନୀରୁ ବୋହି ଯାଉଥିବା ବର୍ଷା ଜଳର ଉପଚାର କରି ସମସ୍ତ କମ୍ପାନୀ ବାହାରକୁ ଛାଡୁଛନ୍ତି। ଅନ୍ୟ ଦିନର ପାଣି କାରଖାନା ଭିତରେ ରିସାଇକ୍ଲିଂ କରି ବ୍ୟବହାର କରାଯାଉ ଥିବାରୁ ବାହାରକୁ ଛଡ଼ା ଯାଉନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ କେଦାରନାଥ



@ ଯୋଗେଶ



@ ଦୃବମୟୀ




@ ନରୋତ୍ତମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଶୋକଙ୍କୁ ମିଳିଲା ନୂଆ ରାହା




**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)**

### କୃତ୍ରିମ ଅଙ୍ଗ ଯୋଗାଇଦେଲା ଓଡ଼ିଶା ମୋ ପରିବାର

ଦୁର୍ଘଟଣା ପରେ ଦୁର୍ବିଷହ ହୋଇପଡିଥିଲା ଜୀବନ। ଦୁଇଗୋଡ଼ ନ ଥିବାରୁ ଜିଇବା ପାଇଁ ତାଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ତେବେ ଅଶୋକଙ୍କ ଜୀବନରେ ଘୋଟି ଆସିଥିବା ଅନ୍ଧାରକୁ ଦୂର କରିଛି ଓଡ଼ିଶା ମୋ ପରିବାର। ତାଙ୍କ ଜୀବନକୁ ସହଜ କରିବା ସହ ଆଶାର ଆଲୋକ ସାଜି ଓଡ଼ିଶା ମୋ ପରିବାର ତାଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେଇଛି। ଏଣିକି ଅଶୋକ ଚଲାବୁଲା କରିବା ସହ ନିଜେ ରୋଜଗାରକ୍ଷମ ହେବାକୁ ଆଶା ବାନ୍ଧିଛନ୍ତି। ଯାଜପୁର ଜିଲା ବାସିନ୍ଦା ୩୯ ବର୍ଷୀୟ ଅଶୋକ ମହାନ୍ତି ୨୦୧୩ରେ ଟ୍ରେନ ଦୁର୍ଘଟଣାରେ ତାଙ୍କର ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ହାଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଡାକ୍ତରଙ୍କ ପରାମର୍ଶରେ ତାଙ୍କ ବାମ ଗୋଡ଼ ଆଣ୍ଠୁ ଉପର ଭାଗ ଏବଂ ଡାହାଣ ଗୋଡ଼ ଆଣ୍ଠୁ ତଳ ଭାଗ ସମ୍ପୂର୍ଣ୍ଣ କଟାଯାଇଥିଲା। ଅଶୋକ ପ୍ରଥମେ ଏକ ହସ୍ପିଟାଲରେ କୃତ୍ରିମ ଗୋଡ଼ ଲଗାଇଥିଲେ। ମାତ୍ର ତାହା ଅଧିକ ଓଜନ ଥିବାରୁ ତାଙ୍କୁ ଚଲାବୁଲା କରିବାକୁ ବହୁତ ଅସୁବିଧା ହେଉଥିଲା। ଫଳରେ ସେ ଉକ୍ତ କୃତ୍ରିମ ଗୋଡ଼ ବ୍ୟବହାର କରିବା ବନ୍ଦ କରିଦେଇଥିଲେ। ଭଲ କୃତ୍ରିମ ଗୋଡ଼ ଯୋଗାଇଦେବା ପାଇଁ ଅଶୋକ ଓଡିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଅନୁରୋଧ କରିଥିଲେ। ସାମନ୍ତରାୟ ଏ ସମ୍ପର୍କରେ ଓଡ଼ିଶା ମୋ ପରିବାରକୁ ସୂଚନା ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହିତ ସମନ୍ୱୟ ରକ୍ଷା କରି ତାଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। ଏହି ସମୟରେ ରୁଦ୍ର ସାମନ୍ତରାୟଙ୍କ ସମେତ ଓଡ଼ିଶା ମୋ ପରିବାର ଟିମ୍ ଉପସ୍ଥିତ ଥିଲେ। କୃତ୍ରିମ ଗୋଡ଼ ପାଇବା ପରେ ଅଶୋକଙ୍କ ମୁହଁରେ ହସର ଲହରି ଖେଳି ଯାଇଥିଲା।

# ହଷ୍ଟେଲରେ ରହି ଚୋରି କରୁଥିଲେ ଏମ୍‌ବିଏ ଛାତ୍ରୀ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**



- ଛାତ୍ରୀ ଓ ତାଙ୍କ ସହଯୋଗୀ ଗିରଫ
- ୪ ମୋବାଇଲ, ୩ ଲାପ୍‌ଟପ୍ ଜବତ
- ପଶ୍ଚିମବଙ୍ଗରେ ବିକ୍ରି ହେଉଥିଲା ଚୋରି ସାମଗ୍ରୀ

ଏଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢୁଥିଲେ ମଧ୍ୟ ଅୟସ ଜୀବନ ବିତାଇବା ଲାଗି ଚୋରି ପେସାକୁ ଆପଣାଇଥିଲେ। ହଷ୍ଟେଲରେ ରହି ଅନ୍ୟମାନଙ୍କ ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଆଦି ଚୋରି କରୁଥିଲେ। ଶେଷରେ ପୋଲିସ ହାତରେ ଧରାପଡିଛନ୍ତି ସମ୍ପୃକ୍ତ ଏମ୍‌ବିଏ ଛାତ୍ରୀ। ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତା ଛାତ୍ରୀ ପଶ୍ଚିମବଙ୍ଗର ପୂଜା ଶାହା ଓ ତାଙ୍କ ସହଯୋଗୀ ଭୁବନେଶ୍ୱରରେ ରହୁଥିବା ଅହମ୍ମଦ ହୁସେନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ବିଭିନ୍ନ କମ୍ପାନୀର ୪ଟି ଦାମୀ ମୋବାଇଲ ଓ ୩ଟି ଲାପଟପ ଜବତ କରିଛି। ଏନେଇ ପୋଲିସ ମାମଲା (ନଂ. ୨୮୯/୨୨) ରୁଜୁ କରି ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପୂଜା ବିଶେଷକରି ମୋବାଇଲ୍ ଫୋନ୍ ଓ ଲାପ୍‌ଟପ୍‌କୁ ଟାର୍ଗେଟ କରନ୍ତି। ଧରା ନ ପଡ଼ିବା ଲାଗି ଚୋରି ପରେ ସଙ୍ଗେସଙ୍ଗେ ସେଗୁଡିକୁ ସହଯୋଗୀ ହୁସେନଙ୍କୁ ବିକ୍ରି କରି ଟଙ୍କା ଆଣିଥାନ୍ତି। ଏହାପରେ ହୁସେନ ଉକ୍ତ ମୋବାଇଲଗୁଡିକୁ ପଶ୍ଚିମବଙ୍ଗ ନେଇ ବିକ୍ରି କରି ପୁଣି ଭୁବନେଶ୍ୱର ଚାଲି ଆସୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସୂଚନାନୁସାରେ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଚୋରି ଅଭିଯୋଗ ହେଉଥିଲା। ଗତ ୨୦ ତାରିଖରେ ହଷ୍ଟେଲର ବ୍ଲକ୍-ଡିରେ ରହୁଥିବା ୨ ଛାତ୍ରୀ ରୁମ୍‌ରେ ନ ଥିବାବେଳେ ତାଙ୍କର ୨ଟି ଲାପ୍‌ଟପ୍ ଚୋରି ହୋଇଥିଲା। ଛାତ୍ରୀଦ୍ୱୟ ସହପାଠିନୀ ପୂଜାଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚାରିଥିଲେ। ହେଲେ ପୂଜା ଉତ୍‌କ୍ଷିପ୍ତ ହୋଇ ଛାତ୍ରୀଦ୍ୱୟଙ୍କୁ ଠେଲାପେଲା କରିଥିଲେ। ଏହି ସମୟରେ ଛାତ୍ରୀଦ୍ୱୟ ପୂଜାଙ୍କ ମୋବାଇଲ ଛଡାଇ ଆଣି ଯାଞ୍ଚ କଲାବେଳେ ବହୁ ପରିମାଣର ଟଙ୍କା ନେଣଦେଣ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ସେମାନେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୂଜା ଶାହା ଉପରେ ସନ୍ଦେହ ଥିବା ପୋଲିସ ଆଗରେ କହିଥିଲେ। ପୋଲିସ କେତେଜଣ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୂଜାଙ୍କ କଥାରେ ତାଳମେଳ ନ ରହିବାରୁ ପୋଲିସ ତାଙ୍କୁ ଥାନାରେ ବସାଇ ଅଧିକ ପଚରାଉଚରା କରିଥିଲା। ଶେଷରେ ସେ ଚୋରି କରିଥିବା ମାନିବା ସହ ପୂରା ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୋଲିସ ତାଙ୍କ ରୁମ୍‌ରୁ ୨ଟି ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଫୋନ୍ ଏବଂ ସହଯୋଗୀ ଅହମ୍ମଦ ହୁସେନ୍‌ଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା।

# ୧୦ ସରକାରୀ ମେଡିକାଲ କଲେଜରେ ୪୦୦ ଶିକ୍ଷକ ପଦବୀ ଖାଲି

**କଟକ ଅଫିସ,୨୦।୧୦**

ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୦ରେ ପହଞ୍ଚିଛି। କିନ୍ତୁ ମେଡିକାଲ ପାଠ ପଢ଼ାଇବା ନିମନ୍ତେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାର ନୂତନ ନିଯୁକ୍ତି ସହ ପଦୋନ୍ନତି ମାଧ୍ୟମରେ ଖାଲିଥିବା ଶିକ୍ଷକ ପଦ ପୂରଣ ପାଇଁ ଓଡ଼ିଶା ମେଡିକାଲ କଲେଜ ଶିକ୍ଷକ ସଂଘ ଦାବି କରିଛି।

ସୂଚନାନୁସାରେ, ରାଜ୍ୟର ୧୦ ସରକାରୀ ମେଡିକାଲ କଲେଜରେ ପାଠ ପଢ଼ାଇବା ନିମନ୍ତେ ପ୍ରଫେସର, ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ମିଶି ପ୍ରାୟ ୧୪୦୦ ଶିକ୍ଷକ ପଦବୀ ରହିଛି। ସେଥିମଧ୍ୟରୁ ୪୦୦ ପଦବୀ ଖାଲି ପଡ଼ିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ଦ୍ୱାରା ଆଗାମୀ ଦିନରେ ୩୦୦ ପଦବୀ ପୂରଣ ହେବାର ଅଛି। ଏହାପରେ ବି ଆହୁରି ଶିକ୍ଷକ ପଦବୀ ଖାଲି ପଡ଼ିବ। ରାଜ୍ୟବାସୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ଏବଂ ଡାକ୍ତରୀ ପାଠ୍ୟକ୍ରମର ବିକାଶ ପାଇଁ ଓଡ଼ିଶା ମେଡିକାଲ କଲେଜ ଶିକ୍ଷକ ସଂଘ ସଂକଳ୍ପବଦ୍ଧ। ସରକାର ଓ ସଂଘ ମଧ୍ୟରେ ସମନ୍ୱୟ ସ୍ଥାପନ କରାଗଲେ ସଂଘର ଅନେକ ସମସ୍ୟା ସମାଧାନ ହୋଇପାରିବ। ଏସ୍‌ସିବି ମେଡିକାଲ କଲେଜ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ହେବାକୁ ଯାଉଛି। ସଂଘର ଏଥିପ୍ରତି ପୂର୍ଣ୍ଣ ସମର୍ଥନ ରହିଛି। ମେଡିକାଲ ଶିକ୍ଷକଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମେଡିକାଲ କଲେଜରେ ଅଧିକ ଶିକ୍ଷକ ରହିବାର ଆବଶ୍ୟକତା ରହିଛି। ସରକାର ଓ ସଂଘ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହା ସମାଧାନ ହୋଇପାରିବ ବୋଲି କଟକ କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଡା. ଜୟନ୍ତ କୁମାର ପଣ୍ଡା ଓ ସାଧାରଣ ସମ୍ପାଦକ ଡା. ଦୀପକ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ନିର୍ବାଚିତ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୋଷାଧ୍ୟକ୍ଷ ଡା. ସୌମ୍ୟରଞ୍ଜନ ନାୟକ, ସଂଘ ଜର୍ନାଲର ସମ୍ପାଦକ ଡା. ମିହିର ରଞ୍ଜନ ନାୟକ, ଡା. ସାରଦା ପ୍ରସନ୍ନ ସ୍ୱାଇଁ, ମନୋରଞ୍ଜନ ଦାସ, କାଳୀପ୍ରସନ୍ନ ସ୍ୱାଇଁ, ଆଶିଷ ରଞ୍ଜନ ବାରିକ, ଫକୀର ମୋହନ ଦେଷ୍ଟା, ନିର୍ମଳ ଚନ୍ଦ୍ର ସାହୁ ଓ ଡା. ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବପାତରେ ଲଘୁଚାପ, ଆଜିଠାରୁ ବର୍ଷା

**ଭୁବନେଶ୍ୱର,୨୨।୧୦ (ବ୍ୟୁରୋ)**




### ୨୫ ସକାଳେ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ଛୁଇଁବ ବାତ୍ୟା ସିତ୍ରାଙ୍ଗ

- ଉପକୂଳ ଜିଲାଗୁଡ଼ିକୁ ଏଲୋ ୱାର୍ନିଂ ଜାରି
- ୨୩ରୁ ୨୫ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଶନିବାର ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଅବପାତରେ ପରିଣତ ହୋଇଛି। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନ ଥିଲେ ମଧ୍ୟ ଏହାର ପ୍ରଭାବରେ ରବିବାରଠାରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ସୋମବାର ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ସେହିଦିନ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ସମେତ ପଶ୍ଚିମ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପଟେ ୨୫ ତାରିଖ ସକାଳେ ସମ୍ଭାବ୍ୟ ବାତ୍ୟା ବାଂଲାଦେଶ-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର କିଛି ଜିଲାରେ ବର୍ଷା ହୋଇପାରେ। ୨୫ ତାରିଖରେ ଉତ୍ତର ଉପକୂଳ ଓଡ଼ିଶା, ମୟୂରଭଞ୍ଜ ଏବଂ ପଶ୍ଚିମ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ୨୬ରେ ମୟୂରଭଞ୍ଜ ସମେତ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅପରପକ୍ଷେ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ପଟେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# ବନ୍ଧୁକ ଦେଖାଇ ଦୋକାନୀଙ୍କୁ ଧମକ

**ଝାରସୁଗୁଡ଼ା ଅଫିସ,୨୨।୧୦**

ଝାରସୁଗୁଡ଼ା ଜିଲାରେ ଅପରାଧୀମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଶୁକ୍ରବାର ରାତିରେ ଜିଲାର ବନ୍ଧବାହାଲ ମାର୍କେଟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ରାତି ପ୍ରାୟ ୧୦ଟାରେ ୨ଜଣ ଅପରାଧୀ ଦୋକାନୀମାନଙ୍କୁ ବନ୍ଧୁକ ଦେଖାଇ ୧୦ଲକ୍ଷ ଟଙ୍କା ଲେଖାଏ ବଟି ମାଗିଥିଲେ। ବଟି ନ ଦେଲେ ଉଡାଇଦେବାକୁ ଧମକ ଦେଇ ଆତଙ୍କ ସୃଷ୍ଟି କରିଥିଲେ। ଏଥିରେ ଦୋକାନୀମାନେ ଭୟଭୀତ ହୋଇଯାଇଥିଲେ। ପରେ ସେମାନେ ନିକଟସ୍ଥ ବନ୍ଧବାହାଲ ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ସମ୍ପୃକ୍ତ ଅପରାଧୀଙ୍କୁ ଧରିବା ପାଇଁ ମୋବାଇଲ ଟ୍ରାକିଂ କରି ରାତିସାରା ବିଭିନ୍ନ ସ୍ଥାନରେ ଖାନ୍‌ତଲାସ କରିଥିଲା। ହେଲେ ସେମାନଙ୍କ ସୁରାକ ପାଇପାରିନାହିଁ।

ଶନିବାର ଏହି ଖବର ପ୍ରଚାର ହେବା ପରେ ବ୍ୟବସାୟୀମାନେ ଦୋକାନବଜାର ବନ୍ଦ କରି ଫାଣ୍ଡିରେ ପହଞ୍ଚି ଫେରାର ଅପରାଧୀଙ୍କ ତୁରନ୍ତ ଗିରଫ ଦାବି କରିଥିଲେ। ଅପରାଧୀଙ୍କ ଧମକର ଶିକାର ହୋଇଥିବା ବ୍ୟବସାୟୀ ରାମଚନ୍ଦ୍ର ସାହୁ, ଗୋପାଳ ସାହୁ, ଅନିଲ କୁମାର ଗୁପ୍ତା ଓ ଆନନ୍ଦ ଜୟସ୍ୱାଲ ପ୍ରମୁଖ ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଅପରାଧୀ ମହମ୍ମଦ କମାଲ ଓ ଗୁଡୁ ସା ବନ୍ଧୁକ ଦେଖାଇ ବଟି ମାଗୁଥିଲେ। ଅଭିଯୋଗ ଆଧାରରେ ପୋଲିସ ବନହରପାଲି ଥାନାରେ ଏକ ମାମଲା (ନଂ.୨୩୯/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ଅପରାଧୀଙ୍କ ସମ୍ପର୍କରେ ଜାଣିବା ପାଇଁ କେତେକ ଦୋକାନରୁ ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରିଛି। ସୂଚନାଯୋଗ୍ୟ ମହମ୍ମଦ କମାଲଙ୍କ ନାମରେ ହତ୍ୟାକାଣ୍ଡ, ରାହାଜାନି ଆଦି ବିଭିନ୍ନ ସଙ୍ଗିନ ମାମଲା ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ନିଜଆଡୁ ୧୧୦ ଦଫାରେ କମାଲଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବାବେଳେ ସେ ଜେଲ୍ ହାଜତରେ ରହିଥିଲେ। ଗତ ବୁଧବାର ସେ ଜେଲ୍‌ରୁ ମୁକୁଳିବା ପରେ ପୁଣି ତାଙ୍କ ଆପରାଧିକ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏ ନେଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ କହିଛନ୍ତି, ସେମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଫେରାର ଅପରାଧୀଙ୍କୁ ଗିରଫ କରାଯିବ।

> ବ୍ୟକ୍ତି– ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି–ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର – ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ– ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି– ସେଗୁଡିକ ହେଲା ଯୁଗଭାର –ଅତ୍ୟାଚାର–ଓ କାରାଗାର। – ଶ୍ରୀଅରବିନ୍ଦ

# କଠୋର ମନୋଭାବ



**ଆକାର ପଟେଲ**

ଭାରତୀୟ ଜନତା ପାର୍ଟି(ଭାଜପା) ଅନେକ ବର୍ଷ ହେଲା ଏକ ଅସାଧାରଣ ଢଙ୍ଗରେ ବିକଶିତ ହୋଇଛି। ଏହା ପ୍ରାରମ୍ଭରୁ ସାମାଜିକ ପ୍ରସଙ୍ଗରେ ରକ୍ଷଣଶୀଳ ବା ରୁଢ଼ିବାଦୀ ଥିଲା। କିନ୍ତୁ ଉକ୍ତ ଧାରାରୁ ଦୂରେଇ ଯାଇ ଏବେ ଉଗ୍ର ସ୍ୱଭାବ ବା କଠୋର ମନୋଭାବ ପୋଷଣ କରୁଛି। ପ୍ରଥମେ ଏହା ଭାରତୀୟ ଜନସଂଘ ଭାବେ ପ୍ରକାଶ ଲାଭ କରିଥିଲା। ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏହା ଆଗକୁ ବଢୁଥିବା ସମୟରେ ବ୍ୟକ୍ତିଗତ ଆଇନ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ଏହା ଗ୍ରହଣ କରିବା ଲାଗି ଦ୍ୱିଧା ପ୍ରକାଶ କରିଥିଲା। ଜନସଂଘ ୧୯୫୧ର ଇସ୍ତାହାରରେ ଆମ୍ବେଦକରଙ୍କ ହିନ୍ଦୁ କୋଡ୍ ବିଲ୍ ସମ୍ପର୍କରେ ଉଲ୍ଲେଖ କରିଥିଲା ଯେ, ଦଳ ସେହି ସାମାଜିକ ସଂସ୍କାରକୁ ଧରି ରଖିବ ଯାହାକୁ କୌଣସି ଆଇନ ଦ୍ୱାରା ଗ୍ରହଣ କରିବାକୁ ବାଧ କରାଯାଉ ନ ଥିବ। ଏହା ସମାଜ ମଧ୍ୟରେ କାମ କରିବା ଉଚିତ ଏବଂ ଅନେକ ଲୋକଙ୍କୁ ଅତ୍ୟଧିକ ପ୍ରଭାବିତ କରୁଥିବା ପରିବର୍ତ୍ତନଗୁଡ଼ିକ ଯାହା ହିନ୍ଦୁ କୋଡ୍ ବିଲ୍ ଦ୍ୱାରା ପରିକଳ୍ପିତ ତାହା କରାଯିବା ଉଚିତ ନ ଥିଲା ବୋଲି ଏହା ପ୍ରକାଶ କରିଥିଲା। ଦୁଇଟି ପରିବର୍ତ୍ତନ ଅତ୍ୟଧିକ ଲୋକଙ୍କୁ ପ୍ରଭାବିତ କରୁଥିଲା। ପ୍ରଥମରେ ମହିଳାଙ୍କ ସମ୍ପତ୍ତି ଉତ୍ତରାଧିକାର, ବିଶେଷ କରି ବିଧବାମାନଙ୍କର ଏବଂ ଦ୍ୱିତୀୟରେ ଛାଡ଼ପତ୍ର। ଆଇନଗୁଡ଼ିକ ପାସ୍ ହେଲା ପରେ ଏଭଳି ବିଚାରକୁ ଭାଜପା/ ଜନସଂଘ ବିରୋଧ କରିଥିଲା ଓ ସେଗୁଡ଼ିକୁ ରଦ୍ଦ କରିବା ଲାଗି ସଙ୍କଳ୍ପ ନେଇଥିଲା। ୧୯୫୭ ଇସ୍ତାହାରରେ ଉଲ୍ଲେଖ କରିଥିଲା ଯେ, ସ୍ଥାୟୀ ତଥା ଅଖଣ୍ଡନୀୟ ବିବାହ ହିନ୍ଦୁ ସମାଜର ଆଧାର ହୋଇଥିବାରୁ ଏହା ମହିଳାଙ୍କୁ ଛାଡ଼ପତ୍ର ଦେବା ଲାଗି ଅନୁମତି ଦେବ ନାହିଁ। ତେବେ ସମୟକ୍ରମେ ହିନ୍ଦୁ କୋଡ୍‌କୁ ନେଇ ଉପୁଜିଥିବା ସ୍ଥିତି ଦୂର ହୋଇଗଲା, କାରଣ ଆଇନଗୁଡ଼ିକ ସମାଜରେ ଗ୍ରହଣୀୟ ହୋଇଥିଲା। ସାମାଜିକ ପ୍ରସଙ୍ଗରେ ରକ୍ଷଣଶୀଳତାକୁ ଦେଖିଲେ, ଦଳ ଆରମ୍ଭରୁ ଏକକ ନାଗରିକ ସଂହିତା ଉପରେ ଗୁରୁତ୍ୱ ଦେବା ଲାଗି ଦ୍ୱନ୍ଦ୍ୱରେ ରହିଥିଲା, ଯାହା ପାଞ୍ଚ ଦଶକରେ ଥରେ ମାତ୍ର ଏ ସମ୍ପର୍କରେ ସୂଚିତ କରିଥିଲା। ପରେ ୧୯୬୭ରେ ଦଳ ହିନ୍ଦୁ ବିବାହ ଓ ଉତ୍ତରାଧିକାର ଆଇନଗୁଡ଼ିକୁ ବିରୋଧ କରିବା ବନ୍ଦ କରିଦେଲା। କହିଥିଲା ଯେ, ସବୁ ଭାରତୀୟଙ୍କ ବିବାହ, ପୋଷ୍ୟ ଏବଂ ଉତ୍ତରାଧିକାର ଆଇନଗୁଡ଼ିକୁ ସଂଚାଳନ କରିବା ଲାଗି ଏକ ଆଇନ ଗଠନ କରିବ। କିନ୍ତୁ ଏଥିପାଇଁ ତାହାର ଆଗ୍ରହ ନ ଥିଲା ଏବଂ ତା'ପର ୨୫ ବର୍ଷରେ ଏହା ଉପରେ କୌଣସି ସୂଚନା ଦେଇ ନାହିଁ।

ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଜନସଂଘ ଗଠନରୁ ୧୯୮୪ ନିର୍ବାଚନ ପର୍ଯ୍ୟନ୍ତ ଭାଜପାର ଅଯୋଧ୍ୟା ସମ୍ପର୍କରେ କୌଣସି ରୁଚି ନ ଥିଲା। ଜନସଂଘ ଗଠନ ହେବା ପୂର୍ବରୁ ଦଳ ପାଇଁ ରାମମନ୍ଦିର କେବେ ବି ଏକ ପ୍ରସଙ୍ଗ ହୋଇ ନ ଥିଲା। କିନ୍ତୁ ଯେତେବେଳେ ୧୯୮୪ ନିର୍ବାଚନରେ ଦଳର ବିପର୍ଯ୍ୟୟ ଘଟିଲା ଓ ବାଜପେୟୀ ଆଡଭାନୀଙ୍କୁ ସଭାପତି ଦାୟିତ୍ୱ ହସ୍ତାନ୍ତର କଲେ ସେତେବେଳେ ଏହି ପ୍ରସଙ୍ଗ ଉଠିଲା। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ଯେ, ମନ୍ଦିର ପ୍ରସଙ୍ଗ ଉଠାଇବା ପରେ ତାଙ୍କ ରଥ ଚାରପାଖରେ ସମବେତ ବିଶାଳ ଜନସମୁଦ୍ରକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଭଳି ପ୍ରତିକ୍ରିୟାରେ ଉଲ୍ଲସିତ ହୋଇ ଭାଜପା ଏହାର ଇସ୍ତାହାରରେ ପ୍ରଥମେ ରାମମନ୍ଦିର ସମ୍ପର୍କରେ ସୂଚିତ କରିଥିଲା। ଭାଜପା ଦ୍ୱାରା ରାଜନୀତିରେ ଧର୍ମର ପ୍ରବେଶ ଘଟିଲା ୧୯୮୯ରେ। ପୂର୍ବରୁ ଭାରତରେ ହୋଇ ଆସୁଥିବା ନିର୍ବାଚନକୁ ଏହା ବିଭାଜିତ କଲା ଓ ନିର୍ବାଚନରେ ଭାଜପାକୁ ଅଭୂତପୂର୍ବ ବିଜୟ ଆଣିଦେଲା। ୧୯୯୨ ଘଟଣା ଜାତୀୟ ସ୍ତରରେ ପ୍ରାଧାନ୍ୟ ବିସ୍ତାର କଲା। ଅଯୋଧ୍ୟା ପ୍ରସଙ୍ଗ ନ ଉଠିବା ଯାଏ ଦଳର ଭୋଟ ହାର କେବେ ମଧ୍ୟ ଏକ ଅଙ୍କରୁ ଅଧିକ ନ ଥିଲା। କିନ୍ତୁ ଅଯୋଧ୍ୟା ପ୍ରସଙ୍ଗ ପରେ ଭୋଟ ହାର ୧୮ ପ୍ରତିଶତ ଓ ପରେ ଦୁଇଗୁଣ ହୋଇଗଲା। ହିନ୍ଦୁ ରକ୍ଷଣଶୀଳ ବଦଳରେ ମୁସଲମାନ ବିରୋଧୀ କଠୋର ମନୋଭାବ ଜୋର୍ ଧରିବା ହୃଦ୍‌ବୋଧ ହେଲା ଓ ଏହି ପ୍ଲାଟ୍‌ଫର୍ମରେ ଦଳ ଗତିଶୀଳ ହୋଇପାରିଲା। ଏକକ ନାଗରିକ ସଂହିତା ସେତେବେଳେ କାର୍ଯ୍ୟକ୍ରମରେ ଏକ ସ୍ଥାୟୀ ପ୍ରସଙ୍ଗ ହୋଇଗଲା ଓ ନିର୍ଦ୍ଦିଷ୍ଟ ଭାବେ ବହୁବିବାହ ଉପରେ ଆକ୍ରମଣ କରାଗଲା। ମୋଦିଙ୍କ ସମୟରେ ଭାଜପା ମୁସଲମାନ ଛାଡ଼ପତ୍ରକୁ ପିଛା କଲା। ହେଲେ ଫଳପ୍ରଦ ହେଲା ନାହିଁ।

ହିନ୍ଦୁ ଓ ମୁସଲମାନଙ୍କ ବିବାହକୁ ଅପରାଧୀକରଣ କରୁଥିବା ଆଇନଗୁଡ଼ିକ ଭାଜପା ଶାସିତ ଉତ୍ତରାଖଣ୍ଡ (୨୦୧୮) ଏବଂ ପରେ ହିମାଚଳପ୍ରଦେଶ(୨୦୧୯), ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶ (୨୦୨୦), ଗୁଜରାଟ(୨୦୨୧) ଏବଂ କର୍ଣ୍ଣାଟକ (୨୦୨୨)ରେ ଅଣାଗଲା। ଭାଜପା ଶାସିତ ଆସାମ, ଉତ୍ତରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ଦୁଇ ସନ୍ତାନ ନୀତିକୁ ଜୋର୍ ଦେବା ସହିତ ମୁସଲମାନ ଓ ବହୁବିବାହକୁ ଟେର୍ଗେଟ କରାଯାଉଛି। ଅର୍ଥ ବ୍ୟବସ୍ଥା, ବେରୋଜଗାର ଏବଂ ଇନ୍ଧନ ଦରର ସ୍ଥିତି ଖରାପ ଥିବାବେଳେ ମତଦାତା ଭାବେ ଆମେ ଏହିସବୁ ବିଷୟ ଦ୍ୱାରା ନିୟନ୍ତ୍ରିତ ହେଉଥିବା ମନେ ହେଉଛି। ଜନସଂଘ /ଭାଜପା ସମାନ୍ତରାଳ ବିକାଶରେ ଅପରାଧ ଆଇନ ଏବଂ ନାଗରିକ ସ୍ୱତନ୍ତ୍ରତା ସମ୍ପର୍କରେ କଠୋରତା ଗ୍ରହଣ କରିଛି। ୧୯୫୧ରେ ଏହା କହିଥିଲା ଯେ, ବାକ୍ ସ୍ୱାଧୀନତା, ସମାବେଶ ଏବଂ ସଂଗଠନର ପ୍ରତିବନ୍ଧକକୁ ନେଇ ନେହେରୁଙ୍କ ପ୍ରଥମ ସଂଶୋଧନକୁ ରଦ୍ଦ କରିବ। ୧୯୫୪ରେ ଏବଂ ତା'ପର ବର୍ଷଗୁଡ଼ିକରେ ଏହା ୟୁଏପିଏ ଏବଂ ପବ୍ଲିକ ସେଫ୍ଟି ଆକ୍ଟ ଭଳି ପ୍ରିଭେନ୍‌ସନ ଡିଟେନଶନ ଆଇନଗୁଡ଼ିକୁ ରଦ୍ଦ କରିବ ବୋଲି କହିଥିଲା। କିନ୍ତୁ ଭାଜପା ଏବେ ଏହିସବୁ ଆଇନଗୁଡ଼ିକରେ ଚାମ୍ପିୟନ ହୋଇଯାଇଛି। କ୍ଷମତାରେ ନ ଥିଲାବେଳେ ଓ କ୍ଷମତା ପାଇବାର ଆଶା କ୍ଷୀଣ ଥିବାବେଳେ, ଭାଜପା ସେହିସବୁ ରାଜ୍ୟଗୁଡ଼ିକ ସ୍ୱାର୍ଥର ଉପରକୁ ଉଠି ଭାରତର ନାଗରିକମାନଙ୍କ ଅଧିକାରଗୁଡ଼ିକ ପାଇଁ ସ୍ୱର ଉଠାଇଥିଲା। ଏବେ ସେହି ରାଜ୍ୟଗୁଡ଼ିକରେ କ୍ଷମତାରେ ରହି ଭାଜପା ବ୍ୟକ୍ତି ଅଧିକାରକୁ ଛାଡ଼ି ରାଜ୍ୟର ଅଧିକାର ଓ ସ୍ୱାର୍ଥ ପାଇଁ ଠିଆ ହୋଇଛି।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| 7 | | | 8 | 1 | | | | 5 |
| 8 | | | 3 | | | 9 | | |
| | | | | 4 | | | | 1 |
| 9 | 7 | | | | | 4 | 2 | |
| 3 | | | | | | | | 8 |
| 2 | | | | 8 | | 1 | 3 | 9 |
| | | | | | | | 4 | |
| | | 6 | | 9 | 5 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 3 | 9 | 2 | 1 | 7 | 8 |
| 1 | 3 | 2 | 6 | 7 | 8 | 4 | 9 | 5 |
| 8 | 7 | 9 | 5 | 4 | 1 | 3 | 6 | 2 |
| 2 | 9 | 8 | 7 | 1 | 5 | 6 | 3 | 4 |
| 4 | 1 | 7 | 2 | 3 | 6 | 8 | 5 | 9 |
| 3 | 6 | 5 | 9 | 8 | 4 | 2 | 1 | 7 |
| 9 | 2 | 1 | 8 | 5 | 3 | 7 | 4 | 6 |
| 5 | 8 | 3 | 4 | 6 | 7 | 9 | 2 | 1 |
| 7 | 4 | 6 | 1 | 2 | 9 | 5 | 8 | 3 |

ଗତ କାଲିର ଉତ୍ତର

# ଓଡ଼ିଶାର ରାଜନୀତି ଓ ସାହିତ୍ୟରେ ଭଗବତୀ ଯୁଗ



**ଡ. ହୃଷୀକେଶ ମଲ୍ଲିକ**

ବିଂଶ ଶତାବ୍ଦୀର ତୃତୀୟ–ଚତୁର୍ଥ ଦଶକରେ ଓଡ଼ିଶାରେ ଗଢ଼ି ଉଠିଥିଲା ରାଜନୀତି ଓ ସାହିତ୍ୟର ଏପରି ଏକ ଯୁଗ, ଯାହା ଓଡ଼ିଶୀ ବା ଭାରତୀ–ଭାବନାର ହୋଇ ବି ଦୃଷ୍ଟିକୋଣରେ ଥିଲା ଆନ୍ତର୍ଜାତିକବାଦୀ। ବିଶ୍ୱର ନାନା ଦେଶରେ ଘଟୁଥିବା ଘଟଣାବଳୀ ପ୍ରତି ଆଖି ଖୋଲାରଖି ଏହି ଯୁଗର ବିଚାରବୋଧଟି ସ୍ୱଦେଶ ଓ ସ୍ୱଜାତିର ସଂକୀର୍ଣ୍ଣତାକୁ ଅତିକ୍ରମ କରିବାରେ ଆପଣାକୁ ପ୍ରତିବଦ୍ଧ କରି ରଖିଥିଲା। କହିବା ବାହୁଲ୍ୟ ଯେ, ଭାରତ ବର୍ଷର ଅନ୍ୟ ବହୁ ରାଜ୍ୟକୁ ପଛରେ ପକାଇ ଏହି ଯେଉଁ ଯୁଗଟି ଓଡ଼ିଶା ଭୂଇଁରେ ପାଦ ଥାପିଥିଲା, ତା'ର ମହାନାୟକ ଥିଲେ କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀ। ସୁତରାଂ ଯୁଗଟି ସର୍ବାନ୍ତକରଣରେ ଥିଲା 'ଭଗବତୀ ଯୁଗ'।

ଭଗବତୀ ଥିଲେ ଓଡ଼ିଶାରେ ବୈପ୍ଳବିକ ଆନ୍ଦୋଳନର ପ୍ରଥମ ପୁରୋଧା। ସେ ତାଙ୍କର ସଂକ୍ଷିପ୍ତ ଜୀବଦ୍ଦଶାରେ ତାଙ୍କର କାର୍ଯ୍ୟକ୍ରମକୁ କେବଳ ସ୍ୱାଧୀନତା ସଂଗ୍ରାମ ଓ କୃଷକ ଶ୍ରମିକ ଆନ୍ଦୋଳନରେ ସୀମିତ ନ ରଖି ନିଜର ନୂତନ ବୈପ୍ଳବିକ ଚିନ୍ତାଧାରାର ଦିଗନ୍ତକୁ ନାନା ଭାବରେ ବ୍ୟାପ୍ତ କରିଥିଲେ। ଗରିବ ଚାଷୀକୁ ତା'ର ହକ୍ ପ୍ରାପ୍ୟ ଦେବା ପାଇଁ, ଜମିଦାର–ମହାଜନଙ୍କ ଶୋଷଣ କଷଣରୁ ତାକୁ ମୁକୁଳାଇବା ନିମିତ୍ତ ସେ ଯେଉଁ ଆନ୍ଦୋଳନ କୃଷକସଭା ଜରିଆରେ ଚଳାଇଥିଲେ, ତାହା ଓଡ଼ିଶା ରାଜନୀତିରେ ଥିଲା ଅଭିନବ। ତାଙ୍କ ସଂଗ୍ରାମର ଧରଣଟି ଥିଲା ସ୍ଥାନୀୟ ସମସ୍ୟାଭିତ୍ତିକ ଓ ସେହି ନିର୍ଦ୍ଦିଷ୍ଟ ସମସ୍ୟାର ଦେଶୀୟ ସମାଧାନ ସନ୍ଧାନ। ଛୋଟଛୋଟ ଲଢ଼େଇ ଓ ଛୋଟଛୋଟ ବିଜୟପ୍ରାପ୍ତିର ସାନସାନ ଅଳିନ୍ଦ ଦେଇ ଦେଶ ଓ ବିଶ୍ୱର ମହାସମସ୍ୟା ଓ ତା'ର ସମାଧାନ ମଧ୍ୟକୁ ଅନ୍ତର୍ଜାତୀୟ ଯାତ୍ରା। ଏହି ଲକ୍ଷ୍ୟକୁ ସମ୍ମୁଖରେ ରଖି ସେ କଟକରେ ପ୍ରେସ୍ ଶ୍ରମିକ ସଂଘ, ପୁରୀରେ ମେହେନ୍ତର ସଂଘ ଓ ବାଲେଶ୍ୱରରେ ଚାଉଳ କଳ ଶ୍ରମିକ ସଂଘ ଗଠନ କରିଥିଲେ। ସୋଭିଏଟ୍ ରୁଷ୍‌ର ଲେନିନ୍ ଓ ଭାରତର ଶ୍ରୀଅରବିନ୍ଦଙ୍କ ପରି ଭଗବତୀ ତାଙ୍କର ରାଜନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ସମସମୟର ବିଭିନ୍ନ ପତ୍ରପତ୍ରିକାର ସମ୍ପାଦକୀୟ ଓ ନିବନ୍ଧମାନଙ୍କରେ ପୁଷ୍ଟ କରୁଥିଲେ। ତତ୍ତ୍ୱ ଯେତେ ଜଟିଳ ହେଉ, ତା'ର ସର୍ବଜନବୋଧ୍ୟ ଅବତାରଣାର ଯେଉଁ ଦକ୍ଷତା ତାଙ୍କର ଥିଲା, ତାଙ୍କ ସମକାଳୀନ କୌଣସି ନେତାଙ୍କର ତାହା ନ ଥିଲା।

୧୯୩୫ ମସିହା ନଭେମ୍ବର ୨୯ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସର୍ବମାନ୍ୟ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ଉଦ୍ୟୋଗକ୍ରମେ 'ନବଯୁଗ ସାହିତ୍ୟ ସଂସଦ'ର ଏକ ଛ'ଦିନିଆ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରୁ ହିଁ ଜନ୍ମ ନେଇଥିଲା ଓଡ଼ିଆ ସାହିତ୍ୟ–ସଂସ୍କୃତିରେ ଏକ ନୂତନ ଯୁଗ। ପରେ ଏହା ଏକ ଚଳନ୍ତି 'ପାଠଚକ୍ର' ଭାବେ ରୂପ ନେଇ ଓଡ଼ିଶାରେ ଏକ ସୁଶିକ୍ଷିତ ନବବିଦ୍ୱାନ୍ ମଣ୍ଡଳୀର ସୃଷ୍ଟି କରିଥିଲା, ଯହିଁରେ ନାନା ସମୟରେ ସଂଶ୍ଳିଷ୍ଟ ହୋଇଥିଲେ ନବଓଡ଼ିଶାର ବହୁ ମହାନୁଭବୀ ଜନନେତା ଓ ସାହିତ୍ୟ ସ୍ରଷ୍ଟା। ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଦୀନବନ୍ଧୁ ସାହୁ, କାଳିନ୍ଦୀଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ ଓ ରାମକୃଷ୍ଣ ପତି ଏବଂ ଆଇନଜୀବୀ ରାଜକିଶୋର ଦାସ ଆଦିଙ୍କ ଆତିଥ୍ୟରେ 'ନବଯୁଗ ମଣ୍ଡଳ' ନାମରେ ନାମିତ ହୋଇ ଭଗବତୀଙ୍କ ପ୍ରତିଷ୍ଠିତ ଭ୍ରାମ୍ୟମାଣ ପାଠଚକ୍ରଟିର ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟାୟକ୍ରମେ ଏଥିରେ ସାମିଲ ହୋଇଥିଲେ ବହୁ ସମଦର୍ଶୀ ନେତା ଓ ସାହିତ୍ୟିକ ଓ ସଂଗଠକ।



ତିରୋଧାନ ଦିବସ ଉପଲକ୍ଷେ

ଭଗବତୀଙ୍କ ପାଠଚକ୍ର ଏତେ ସୁବିଦିତ ଥିଲା ଯେ ସେଥିରେ ଯୋଗଦେଇଥିବା ଅନେକ ସତୀର୍ଥ ସେ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଯାଇଛନ୍ତି। ବିଶ୍ୱନାଥ ପଶାୟତ ଓଲିଭର ଗୋଲ୍ଡ ସ୍ମିଥ୍‌ଙ୍କୁ ଉଦ୍ଧାର କରି ଏକଦା କହିଥିଲେ– Wonder how such a small head could carry so much he knew''। ଦୁର୍ଗାଚରଣ ମହାନ୍ତିଙ୍କ ଭାଷାରେ ନବଯୁଗ ମଣ୍ଡଳ ଥିଲା ଭଗବତୀଙ୍କ ଚାଟଶାଳୀ, ଯେଉଁଠି ଇତିହାସର ଘଟଣାବଳୀକୁ ଏକ ଫୁଲମାଳ ପରି ନ ଦେଖି ଶ୍ରେଣୀ ସଂଗ୍ରାମର ଏକ ଧାରାବାହିକ ଗତିଧାରା ଭାବେ ଦେଖିବାକୁ ସତୀର୍ଥମାନଙ୍କୁ ଭଗବତୀ ଶିଖାଉଥିଲେ। ଏହା ଥିଲା ପାରସ୍ପରିକ ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନର ଏକ ଯଜ୍ଞାନୁଷ୍ଠାନ, ଯାହାର ଧର୍ମ ଥିଲା ପାରସ୍ପରିକ ଆଲୋଚନା ଦ୍ୱାରା ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମୃଦ୍ଧ ଓ ନିତ୍ୟାବଗତିକ(contineous self up-dating)କରି ଗଢ଼ିତୋଳିବା। ଭଗବତୀ ଥିଲେ ଏହି ଯଜ୍ଞର ମହା–ଯାଜ୍ଞିକ। ସେ ଥିଲେ ଓଡ଼ିଶାର ଲେନିନ୍। କାରଣ ଲେନିନ୍ ନିଜ ଦେଶରେ ଅତୀତରେ ଠିକ୍ ଏହି ଢଙ୍ଗରେ ତାଙ୍କ ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିଚାଳନା କରୁଥିଲେ।

୧୯୩୬ ମସିହାରେ 'ସ୍ୱତନ୍ତ୍ର ପ୍ରଦେଶ ଗଠନ' ପ୍ରସ୍ତାବକୁ ସ୍ୱାଗତ କରି ଅନୁଷ୍ଠିତ 'ନବଯୁଗ ମଣ୍ଡଳ' ପାଠଚକ୍ରରେ ଭଗବତୀ କହିଥିଲେ: ''ଆଦାନପ୍ରଦାନରେ ହିଁ ସଂସ୍କୃତିର ପରିପୁଷ୍ଟି। ବିଭିନ୍ନ ପ୍ରାନ୍ତୀୟ ସଂସ୍କୃତି ତଥା ଭାଷାରେ ସଂଘର୍ଷ ସ୍ପୃହଣୀୟ ନୁହେଁ। ଓଡ଼ିଶା ପ୍ରଦେଶ ଗଠନ ହେଲେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଅନେକ ତେଲୁଗୁ, ହିନ୍ଦୀ ଭାଷୀ ଅଞ୍ଚଳ ରହିଯାଇପାରେ। ତେଣୁ ଏହି ସଂଖ୍ୟାଲଘିଷ୍ଠ ଭାଷାଭାଷୀମାନଙ୍କର ଭାଷାକୁ ସୁରକ୍ଷା ଦେବାକୁ ପଡ଼ିବ। ତେଲୁଗୁଭାଷୀଙ୍କ ପାଇଁ ବିଦ୍ୟାଳୟମାନଙ୍କରେ ତେଲୁଗୁ ଶିକ୍ଷା ସହିତ ଓଡ଼ିଆ ଭାଷାର ଶିକ୍ଷାଦାନକୁ ପ୍ରାଧାନ୍ୟ ଦେବାକୁ ହେବ।'' ଭଗବତୀ ଏହି ଅବକାଶରେ ଆହୁରି କହିଥିଲେ ଯେ, ''ବର୍ତ୍ତମାନର ଓଡ଼ିଶାରେ ସହର ବୋଇଲେ ଟିକେ ଟିକେ ନାଲି ରାସ୍ତାର ବିସ୍ତାର, କିଛି ଦୋକାନବଜାର ଓ କୋର୍ଟକଚେରି। ହସ୍ପିଟାଲ ନାହିଁ, ଡାକ୍ତରଙ୍କ ସଂଖ୍ୟା ନଗଣ୍ୟ ମାତ୍ର। ଔଷଧ ନାହିଁ। ଗ୍ରାମ ଓ ସହର– ଉଭୟରେ ଶିଶୁ ଓ ପ୍ରସୂତିଙ୍କ ମୃତ୍ୟୁହାର ପ୍ରଚୁର। ତେଣୁ ସ୍ୱତନ୍ତ୍ର ଉତ୍କଳ ହେଲେ ଏସବୁ ଉପରେ ଆନ୍ଦୋଳନ ଚଳାଇବାକୁ ହେବ।''

ଭଗବତୀଙ୍କ ବିଚାରରେ ପ୍ରତ୍ୟେକ ବିପ୍ଳବର ଏକ ସ୍ଥାନୀୟ ପ୍ରସୂତି କ୍ଷେତ୍ର ରହିଛି। ବିପ୍ଳବ ଏକ ନିର୍ଦ୍ଦିଷ୍ଟ ଦେଶରେ ବିଦ୍ୟମାନ ବାସ୍ତବ ସ୍ଥିତିରେ ସଂଘଟିତ ହୁଏ ସେ ଦେଶର ପାଣିପାଗ ଓ ସାମାଜିକ ବିକାଶକୁ ଦୃଷ୍ଟିରେ ରଖି। ଆଉ ଏହାକୁ ସଂଘଟିତ କରନ୍ତି ସେ ଦେଶର ମେହନତକାରୀ ଜନସାଧାରଣ। କୌଣସି ଦେଶର ବିପ୍ଳବ ଢାଞ୍ଚା ଦ୍ୱାରା ଅନ୍ୟ ଏକ ଦେଶରେ ବିପ୍ଳବ ସଂରଚନା ବୁମେରାଂ ହେବ।'' ଭଗବତୀଙ୍କ ବିପ୍ଳବ ଖସଡ଼ାଟି ଥିଲା ଲେନିନ୍‌ଙ୍କ ବିପ୍ଳବ ଖସଡ଼ାର ଠିକ୍ ଅନୁରୂପ। ଲେନିନ୍ କହନ୍ତି– '' The choice of the social system Is exclusive progrogative of every country. Revolutions are not Imposed, they can't be Imposed from without . They are the logical result of the Internal development .''

ଭଗବତୀ ଚରଣ ନିଜର ସାମାଜିକ–ଚିନ୍ତନରେ କିପରି ନିଜେ ବଞ୍ଚିଥିବା ସମୟର ବହୁ ଅଗ୍ରଗାମୀ ଓ ବିଜ୍ଞାନ–ଦୃଷ୍ଟି–ସମ୍ପନ୍ନ ଥିଲେ ତାହାର ବହୁ ଉଦାହରଣ ରହିଛି। ପୁରୀରେ ନବଯୁଗ ମଣ୍ଡଳର ଏକ ବୈଠକୀରେ ପୁରୀ ସହରର ଅଛୁଆ, ଦଳିତମାନଙ୍କ ସମସ୍ୟାକୁ ନେଇ ଆଲୋଚନା ଚାଲିଥାଏ। ଏହି ଅବକାଶରେ ପୁରୀ ଜିଲାର ନଡ଼ିଆ ତୋଳାଳି ବାଉରି ଭୋଇ ଶ୍ରେଣୀର ପ୍ରତିନିଧିମାନେ ସେମାନଙ୍କ ଧନ୍ଦାଗତ ସମସ୍ୟା ସମ୍ପର୍କରେ କହିଲେ। ଖୁବ୍ ବିପଦକୁ ସାଥିରେ ଧରି ସେମାନେ ଉଚ୍ଚ ନଡ଼ିଆ ଗଛରେ ଚଢ଼ି ଯାହା ପାରିଶ୍ରମିକ ପାଆନ୍ତି, ସେଥିରେ ପେଟ ପୂରେ ନାହିଁ। ସେମାନେ ରହୁଥିବା କୁଡ଼ିଆଘର ତଳର ମାଟି ସାଆନ୍ତମାନଙ୍କର। ସାଧାରଣବର୍ଗଙ୍କ ପାଇଁ ରହିଥିବା କୂଅ ପୋଖରୀରୁ ପାଣି ପିଇବା ସେମାନଙ୍କୁ ମନା। ପୁରୀ ସହରର ମେହେନ୍ତରଙ୍କ ଝିଅବୋହୂମାନେ ଖୋଲା ଗାଣ୍ଡୁଆରେ ପାଇଖାନା ସଫା କରି ବିଷ୍ଠାର ବୋଝକୁ ମୁଣ୍ଡରେ ବୁହନ୍ତି। ରାସ୍ତାରେ ମରିପଡ଼ିଥିବା ଗାଈଗୋରୁ, ବିରାଡ଼ି କୁକୁରଙ୍କ ଶବ ଉଠାଇବା ସେମାନଙ୍କ ପାଇଁ ବାଧ୍ୟତାମୂଳକ। ମାସିକ ବେତନରେ ଏକ ଟଙ୍କା ବା ଆଠଅଣା ବୃଦ୍ଧି ଦାବିକଲେ ମ୍ୟୁନିସିପାଲିଟି ଧମକ ଦିଏ। ହାତ ଧୋଇବାକୁ ସାବୁନ ମିଳେନାହିଁ। ବୈଠକରେ ସବୁ ଶୁଣି ଭଗବତୀ ବାବୁ କହିଥିଲେ, ଦାସିଆ ବାଉରି ହାତରୁ ରଥାରୂଢ଼ ଜଗନ୍ନାଥ ମହାପ୍ରଭୁ ନଡ଼ିଆ ନେଇଗଲେ– ଏପରି ଗାଲୁଗପ କରି ଦଳିତମାନଙ୍କର ଅଧିକାରକୁ ଉଡ଼େଇ ଦେବାର ନୁହେଁ। ଏମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ କୂଅ ଖୋଳାଯିବା ଦରକାର। ଛୁଆଁ ଅଛୁଆଁ ଭେଦଭାବ କାଟିବାକୁ ସାମାଜିକ ଏକତ୍ର ଭୋଜନ, ବିଦ୍ୟାଳୟରେ ଏକତ୍ର ଅଧ୍ୟୟନ ପାଇଁ ଆମକୁ ସଂଗ୍ରାମ କରିବାକୁ ହେବ। ଏ ଥିଲେ ଭଗବତୀ ବାବୁ– ଯାହାଙ୍କର ଚିନ୍ତାଧାରା କେବଳ ତାଙ୍କ ସମୟ ପାଇଁ ନୁହେଁ, ସବୁକାଳର ମଣିଷଙ୍କ ଲାଗି ଅକାଟ୍ୟ। ଭଗବତୀଙ୍କ ଅଭୁଲା ତିରୋଧାନ ଦିବସରେ ଆମକୁ ଭାବିବାକୁ ହେବ– ଭଗବତୀଙ୍କ ସ୍ୱପ୍ନର ସେଇ ନବଯୁଗଟିକୁ ଆମେ ଆଜି ବି କେତେ ହାସଲ କରିଛୁ, ଆଉ କେତେ ବାକି ଅଛି!

ମୋ: ୯୮୫୩୨୮୭୭୫୫

# ନୂଆ ସିଜେଆଇ

**ବ୍ୟକ୍ତିତ୍ୱ**



ଡି ୱାଇ ଚନ୍ଦ୍ରଚୂଡ଼

ନିକଟରେ ଉତ୍ତରପ୍ରଦେଶ ନଏଡାର ବେଆଇନ ନିର୍ମିତ ଟ୍ୱିନ୍ ଟାୱାର ଧ୍ୱଂସ ଲାଗି ନିର୍ଦ୍ଦେଶ ଦେଇଥିବା ସୁପ୍ରିମକୋର୍ଟ ଦ୍ୱାରା ଗଠିତ ପୀଠର ମୁଖ୍ୟ ଥିଲେ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼। ସେ ରାଇଟ୍ ଟୁ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ସୁରକ୍ଷା ଅଧିକାର ଏକ ମୌଳିକ ଅଧିକାର ବୋଲି ୯ ଜଣିଆ ସାମ୍ବିଧାନିକ ପୀଠର ମୁଖ୍ୟ ରାୟ ଲେଖିଥିଲେ। ସେହିପରି ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୭ ବଳରେ ସହମତିରେ ଅପ୍ରାକୃତିକ ଯୌନ ସମ୍ପର୍କକୁ ଅପରାଧ ବୋଲି ରହିଆସିଥିବା ବିଧିରେ ପରିବର୍ତ୍ତନ କରାଯାଇ ସମାନତା ଅଧିକାର କ୍ଷୁଣ୍ଣ ହେଉଥିବା ଦର୍ଶାଯିବା ସଂକ୍ରାନ୍ତ ଯେଉଁ ପ୍ରଗତିଶୀଳ ରାୟ ଦିଆଯାଇଥିଲା, ସେହି ପୀଠର ଜଣେ ସଦସ୍ୟ ଭାବେ ଚନ୍ଦ୍ରଚୂଡ଼ଙ୍କ ଯୁକ୍ତି ଥିଲା ଉଲ୍ଲେଖନୀୟ। ଆଧାରର ସାମ୍ବିଧାନିକ ବୈଧତା ନେଇ ୫ ଜଣିଆ ପୀଠର ଜଣେ ସଦସ୍ୟ ଭାବେ ରାୟରେ ବିସମ୍ମତ ପ୍ରକାଶ ପୂର୍ବକ ତାହାକୁ ବ୍ୟକ୍ତିଗତ ମୌଳିକ ଅଧିକାରର ଉଲ୍ଲଂଘନ କହି ସେ ଦର୍ଶାଇଥିବା ଯୁକ୍ତି ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ସାବରିମାଳା ମନ୍ଦିରକୁ ରଜୋଦର୍ଶନ କରିଥିବା ଯୁବତୀ ବା ମହିଳାଙ୍କ ପ୍ରବେଶ ନେଇ ଥିବା ପକ୍ଷପାତିତା ଓ ମହିଳାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବା ଉଲ୍ଲେଖ କରାଯାଇ ଯେଉଁ ରାୟ ପ୍ରକାଶ ପାଇଥିଲା, ସେଥିରେ ସେ ସହମତ ହୋଇଥିଲେ। ଅନୁରୂପ ଭାବେ ଭାରତବର୍ଷର ସର୍ବାଧିକ ଦୃଷ୍ଟି ଆକର୍ଷଣକାରୀ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ରାମ ମନ୍ଦିର ପ୍ରତିଷ୍ଠା ଓ ମସ୍‌ଜିଦ୍ ନିର୍ମାଣ ଲାଗି ସୁନ୍ନି ୱାକଫ୍ ବୋର୍ଡକୁ ୫ ଏକର ବିକଳ୍ପ ଜମି ଯୋଗାଇ ଦେବାକୁ କେନ୍ଦ୍ରକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସର୍ବସମ୍ମତି କ୍ରମେ ଦିଆଯାଇଥିବା ୫ ଜଣିଆ ସାମ୍ବିଧାନିକ ପୀଠ ରାୟର ମଧ୍ୟ ସେ ଏକ ଅଂଶ ଥିଲେ। ଏହିଭଳି ଅନେକ ମାମଲାର ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ବେଳେ ନିଜ ପିତା ତଥା ସୁପ୍ରିମକୋର୍ଟର ସର୍ବାଧିକ କାଳ ଧରି ପ୍ରଧାନ ବିଚାରପତି ରହିଥିବା ୱାଇ. ଭି. ଚନ୍ଦ୍ରଚୂଡ଼ଙ୍କ ଜଜ୍‌ମେଣ୍ଟରେ ଏକମତ ନ ହୋଇ ସେ ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଜଣେ ବାସ୍ତବବାଦୀ ବିଚାରପତିରେ ପରିଣତ କରିଦେଇଛି। ୧୭ ଅକ୍ଟୋବର ୨୦୨୨ରେ ଭାରତର ୫୦ତମ ପ୍ରଧାନ ବିଚାରପତି(ସିଜେଆଇ) ଭାବେ ନିଯୁକ୍ତ ହୋଇଥିବା ଡି. ୱାଇ. ଚନ୍ଦ୍ରଚୂଡ଼ ବର୍ତ୍ତମାନର ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତଙ୍କ ପରେ ୯ ନଭେମ୍ବରରେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଚର୍ଚ୍ଚା ହେବାର ଏବେ ଅବକାଶ ସୃଷ୍ଟି ହୋଇଛି।

ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ୧୧ ନଭେମ୍ବର ୧୯୫୯ରେ ବମ୍ବେଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଯଶୱନ୍ତ ବିଷ୍ଣୁ ଚନ୍ଦ୍ରଚୂଡ଼ ଥିଲେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ ମାତା ପ୍ରଭା ଥିଲେ ଶାସ୍ତ୍ରୀୟ ସଙ୍ଗୀତକାର। ବମ୍ବେର କାଥେଡ୍ରାଲ୍ ଆଣ୍ଡ ଜନ୍ କାନନ୍ ସ୍କୁଲ ଓ ଦିଲ୍ଲୀର ସେଣ୍ଟ କଲମ୍ବାସ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ୧୯୭୯ରେ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଅର୍ଥନୀତି ଓ ଗଣିତ ବିଷୟବସ୍ତୁ ରଖି ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଆଇନ ବିଶାରଦ ପିତାଙ୍କ ଯୋଗ୍ୟ ଦାୟାଦ ଭାବେ ସେ ମଧ୍ୟ ଏହି ବୃତ୍ତିରେ ନିଜକୁ ସମିଲ କରିବାକୁ ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫାକଲ୍ଟି ଅଫ୍ ଲ'ରେ ଭର୍ତ୍ତି ହୋଇଥିଲେ। ସେଠାରୁ ୧୯୮୨ରେ ଉତ୍ତୀର୍ଣ୍ଣ ହେବା ପରେ ଆଇନରେ ଉଚ୍ଚଶିକ୍ଷା ଲାଭ କରିବା ସକାଶେ ଆମେରିକାର ହାର୍ଭାର୍ଡ ଲ' ସ୍କୁଲ ଯାଇ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ମେଧାସମ୍ପନ୍ନ ଧନଞ୍ଜୟ ହାର୍ଭାର୍ଡରେ ଆଇନବିଦ୍ୟାରେ ଉତ୍କର୍ଷ ଲାଭ କରିବା ପରେ ମର୍ଯ୍ୟାଦାଜନକ ଯୋଶେଫ୍ ଏଚ୍. ବିଅଲ୍ ପୁରସ୍କାର ପାଇଥିଲେ। ଆଇନ ସଂକ୍ରାନ୍ତ ବିଜ୍ଞାନ (ଜୁରୁଡିକାଲ ସାଇନ୍ସ)ରେ ଡକ୍ଟୋରେଟ୍ କରିବା ଲାଗି ସେ ସେଠାରେ ରହି ଗବେଷଣାରେ ମନୋନିବେଶ କରିଥିଲେ। ୧୯୮୬ରେ ସେ ପିଏଚ୍.ଡି. ଲାଭ କରିଥିଲେ।

ଧନଞ୍ଜୟ ଯେଉଁ ସମୟରେ ଆଇନ ବିଦ୍ୟାକୁ ନେଇ କ୍ୟାରିୟର ଆରମ୍ଭ କରିବାକୁ ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୧୯୮୨ରେ ପାଠ ପଢ଼ିଥିଲେ, ସେତେବେଳେ ଯୁବ ଆଇନ ଛାତ୍ରଙ୍କୁ କମ୍ ଚାକିରି ମିଳୁଥିଲା। ତେଣୁ ପ୍ରାରମ୍ଭିକ ଅବସ୍ଥାରେ ସେ ଓକିଲ ଓ ବିଚାରପତିଙ୍କ ଅଧୀନରେ ଜୁନିୟର ଆଡ୍‌ଭୋକେଟ ଭାବେ କାର୍ଯ୍ୟ କରିଥିଲେ। ବିଶିଷ୍ଟ ଆଇନଜ୍ଞ ଫଲି ନରିମାନ୍‌ଙ୍କ ପାଖରେ ରହି ଡ୍ରାଫ୍ଟ କୌଶଳ ଶିଖିଥିଲେ। ତେବେ ହାର୍ଭାର୍ଡରୁ ଡିଗ୍ରୀ ଅର୍ଜନ କରିବା ପରେ ସୁଲିଭିଆନ୍ ଆଣ୍ଡ କ୍ରୋମ୍‌ୱେଲ୍ ଲ' ଫାର୍ମରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଥିଲେ। ସେଠାରୁ ଭାରତ ପ୍ରତ୍ୟାବର୍ତ୍ତନ କରି ସୁପ୍ରିମକୋର୍ଟ ଓ ବମ୍ବେ ହାଇକୋର୍ଟରେ ଲ' ପ୍ରାକ୍ଟିସ୍ କଲେ। ଜୁନ୍ ୧୯୯୮ରେ ସେ ବମ୍ବେ ହାଇକୋର୍ଟରେ ସିନିୟର ଆଡ୍‌ଭୋକେଟ ମାନ୍ୟତା ପାଇଥିଲେ। ଦକ୍ଷତା ବଳରେ ସେ ସେହି ବର୍ଷ ଭାରତର ଆଡିସନାଲ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ୨୯ ମାର୍ଚ୍ଚ ୨୦୦୦ରେ ବମ୍ବେ ହାଇକୋର୍ଟ ବିଚାରପତି, ୩୧ ଅକ୍ଟୋବର ୨୦୧୩ରେ ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ପରେ ୧୩ ମେ ୨୦୧୬ରେ ଦେଶର ଶୀର୍ଷ ଅଦାଲତରେ ସେ ବିଚାରପତି ହେବାର ଗୌରବ ଅର୍ଜନ କରିଥିଲେ। ଆଇନର ବୃହତ୍ ପରିସରରେ ନିଜକୁ ନିମଜ୍ଜିତ କରିପାରିଥିବା ଧନଞ୍ଜୟ ଚାକିରି ସହିତ ଦେଶ ବିଦେଶର କେତେକ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ଜଣେ ସୁବକ୍ତା ଭାବେ ଅନ୍ତର୍ଜାତୀୟ ମଞ୍ଚରେ ଆଇନ ସମ୍ବନ୍ଧୀୟ କ୍ଲିଷ୍ଟ ବିଷୟବସ୍ତୁକୁ ସାବଲୀଳ ଢଙ୍ଗରେ ଉପସ୍ଥାପିତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଦୁଇ ବର୍ଷ ଯାଏ ସେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଆସନରେ ବସିବେ। ତେବେ ୨୦୨୦ ନଭେମ୍ବର ୧୧ରେ ସାରା ଦିନ ଜରୁରୀ ଜାମିନ ଉପରେ ଶୁଣାଣି କରିବାରେ ସମୟ ଦେଇଥିବା ଧନଞ୍ଜୟ ଅଦାଲତ ପରିସରରେ ଜନ୍ମ ଦିନର ଶୁଭେଚ୍ଛା ପାଇବା ବେଳେ କହିଥିଲେ– ଆଇନ ତାଙ୍କ ଜୀବନ ଓ ତାହାକୁ ଖୁବ୍ ଭଲ ପାଇଥାନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସଡ଼କ ଦୁର୍ଘଟଣାରେ ସାଙ୍ଗଙ୍କ ମୃତ୍ୟୁ ପରେ ନିଲୟ ଅଗ୍ରୱାଲଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଛି। ନିଲୟଙ୍କ ସାଥୀ ବିଶାଲାକ୍ଷୀଙ୍କର ୨୦୧୮ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ସେ ବିଶାଲାକ୍ଷୀ ଫାଉଣ୍ଡେଶନ ଗଠନ କରି ଗରିବ ଲୋକମାନଙ୍କ ସେବା କରୁଛନ୍ତି ଓ ବସ୍ତିର ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେ ଏବେ ଗୁଗଲ ଇଣ୍ଡିଆ, ଦିଲ୍ଲୀରେ କାର୍ଯ୍ୟରତ। ବସ୍ତି ପିଲାମାନଙ୍କୁ ଶିକ୍ଷା ଦେବା ଲାଗି ସେ 'ପ୍ରୋଜେକ୍ଟ ଡ୍ରିମ୍ ସ୍କୁଲ' ପ୍ରତିଷ୍ଠା କରିଛନ୍ତି। ପ୍ରଥମେ ୨୦୨୦ ଜୁନ୍‌ରେ ଗୋଟିଏ ସ୍କୁଲ ପ୍ରତିଷ୍ଠା କରିବା ପରେ ଏବେ ଦେଶର ବିଭିନ୍ନ ସ୍ଥାନରେ ୧୭ଟି ଏଭଳି ସ୍କୁଲ ଚଳାଉଛନ୍ତି। ଏହି ସ୍କୁଲଗୁଡ଼ିକରେ ୨,୦୦୦ରୁ ଅଧିକ ବସ୍ତିପିଲା ପଢୁଛନ୍ତି। ପ୍ରାଥମିକ ଶିକ୍ଷା ଦେବା ପରେ ସେମାନଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସହ ୪,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ସମସ୍ତେ ବ୍ୟକ୍ତିଗତ ସ୍ତରରେ ଯଥାସମ୍ଭବ ଆର୍ଥିକ ସାହାଯ୍ୟ ମଧ୍ୟ କରୁଛନ୍ତି। ଜଣେ ପିଲାଙ୍କ ପିଛା ପ୍ରତି ମାସରେ ୧,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ନିଲୟ ସବୁ ଖର୍ଚ୍ଚ ଲୋକଙ୍କଠାରୁ ପ୍ରାପ୍ତ ଅନୁଦାନରେ ହିଁ ଚଳାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅକ୍ଟୋବର ୧୯୯୭**

- ଜେଲରେ ଅଟକଥିବା ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ସ୍ୱାମୀ ଅଶୀଫ ଅଲ୍ଲୀ ଜର୍ଦ୍ଦାରୀ ଦେଶରେ ପ୍ରଚଳିତ ସନ୍ତ୍ରାସବାଦୀ ନିରୋଧୀ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।
- ଅଭୂତପୂର୍ବ ଭାବେ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ହସ୍ତକ୍ଷେପ ଏବଂ ସରକାରରେ ଦୃଢ଼ ଆଭ୍ୟନ୍ତରୀଣ ବିରୋଧ ଯୋଗୁ କେନ୍ଦ୍ର କ୍ୟାବିନେଟ ଉତ୍ତରପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରି ଲାଗୁ କରିଥିବା ସୁପାରିସକୁ ପ୍ରତ୍ୟାହାର କରିନେଇଛି।

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖିଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରଙ୍କ ପାଇଁ ସଂରକ୍ଷଣ

ମହାଶୟ,

ଅଧିକାଂଶ ସମୟରେ ଦେଖାଯାଉଛି, ଅନେକ ବେକାର ଯୁବତୀଯୁବକ ଚାକିରି ନ ପାଇ ରାଜରାସ୍ତାକୁ ଓହ୍ଲାଇ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବିଧାନସଭା ଘେରାଉ କରୁଛନ୍ତି। ସରକାରୀ ସଂସ୍ଥାରେ ଅନେକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଅର୍ଥାଭାବ ଦେଖାଇ ସରକାର ପଦବୀ ପୂରଣ କରୁନାହାନ୍ତି। ବିକ୍ଷୋଭକାରୀ ଯୁବତୀଯୁବକଙ୍କୁ ପୋଲିସ ଲଗାଇ ଘଉଡ଼ାଇ ଦେଉଛନ୍ତି। ସ୍କୁଲ, କଲେଜ ଏବଂ ବିଭିନ୍ନ ସରକାରୀ ବିଭାଗରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଠିକା କାମରେ ରଖି କାମ ଚଳାଉଛନ୍ତି। ଅନେକ ଅଫିସରଙ୍କର ଅବସର ପରେ ମଧ୍ୟ ଆଉ କିଛି ବର୍ଷ ପାଇଁ ଚାକିରିକାଳକୁ ବଢ଼ାଇ ଦେଉଛନ୍ତି। ସରକାର ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଯେତିକି ଅର୍ଥ ଦେଇ ତାଙ୍କର ଚାକିରି କାଳ ବଢ଼ାଇ ଚାଲୁଛନ୍ତି, ସେତିକି ଅର୍ଥ ଦେଇ କିଛି ନୂତନ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଲେ ସେମାନେ ଆଉ ଦାଦନ ଖଟିବାକୁ ଯାଆନ୍ତେ ନାହିଁ।

– ଅକ୍ଷୟ ମହାନ୍ତି, ନିର୍ମାଲ୍ୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜୁଆଖେଳ ଉପରେ ଚଢ଼ାଉ: ୫ ଗିରଫ

**କୁଚିଣ୍ଡା,୨୨।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲାର ମହୁଲପାଲି ଥାନା ଅଞ୍ଚଳରେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଅବାଧରେ ଚାଲିଛି। ବିଶେଷକରି ବିଭିନ୍ନ ସାପ୍ତାହିକ ହାଟରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ମହୁଲପାଲି ଥାନା ଅନ୍ତର୍ଗତ ଗୋଚ୍ଛରା ଗ୍ରାମରେ ପ୍ରତି ଗୁରୁବାର, କବରିବାହାଲ ପଞ୍ଚାୟତ ବନ୍ଧକାନୀ ଗ୍ରାମରେ ସୋମବାର ଓ ଜଳାବଗା ପଞ୍ଚାୟତର କର୍ଲିଆଡିହି ଗ୍ରାମରେ ବୁଧବାର କୁକୁଡା ଲଢେଇ ଓ ଜୁଆଖେଳ ଚାଲିଛି। ଦୁଇ ଦିନ ତଳେ ତୁରେଇ ପଞ୍ଚାୟତର କୁର୍ମୁଲୋଇ ଜଙ୍ଗଲରେ ଚାଲିଥିବା ଜୁଆଖେଳ ସମ୍ପର୍କରେ ଖବର ପାଇ ମହୁଲପାଲି ପୋଲିସ ଚଢ଼ାଉ କରି ୫ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୧୩୦ଟଙ୍କା ଓ ଜୁଆଖେଳ ସାମଗ୍ରୀ ଜବତ କରିଥିଲା। ଜୁଆଡିଙ୍କୁ ଗିରଫ କରି ଥାନାକୁ ଆଣି ଜାମିନରେ ଛାଡି ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ ଏମାନଙ୍କ ବିରୋଧରେ ଜାଣିଶୁଣି ହାଲୁକା ଦଫା ଲଗାଇ ଥାନାରୁ ଛାଡ଼ି ଦେଉଥିବାରୁ ପୋଲିସର ଭୂମିକା ପ୍ରତି ଜନସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏ ସମ୍ପର୍କରେ ମହୁଲପାଲି ଆଇଆଇସି ସୁଶାନ୍ତ ଦାସଙ୍କୁ ପଚାରିବାରେ ବେଆଇନ କାର୍ଯ୍ୟକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ଓ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଥିବା କହିଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ସମ୍ବଲପୁର,୨୨।୧୦(ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା ଚନ୍ଦନନଗରର ଦାଦୁ କୁମ୍ଭାର (୩୫)ଙ୍କ ମୃତଦେହ ଶନିବାର ମହନଦୀ ବଡବଜାର ଘାଟ ନିକଟରୁ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତ ଅନୁଯାୟୀ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେବାରୁ ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ ଦାଦୁ ରୋଗଗ୍ରସ୍ତ ଥିଲେ। କୌଣସି କାରଣରୁ ସେ ପଡିଯାଇ ମୁଣ୍ଡରେ ଆଘାତ ଲାଗିବାରୁ ମୃତ୍ୟୁବରଣ କରିଥିଲେ। ଦାଦୁ ବିବାହ କରି ନ ଥିବାବେଳେ ତାଙ୍କ ବଡଭାଇ ଘରେ ରହୁଥିଲେ।

### ପଞ୍ଚାୟତସ୍ତରୀୟ ଆଦିବାସୀ ଅଧିକାର ବୈଠକ

**କୁଚିଣ୍ଡା,୨୨।୧୦(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ପଞ୍ଚାୟତର. ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶନିବାର ଜିଲା ଆଦିବାସୀ କଲ୍ୟାଣ ସଂଘ ଓ କୁଚିଣ୍ଡା ବ୍ଲକ ଆଦିବାସୀ କଲ୍ୟାଣ କମିଟି ପକ୍ଷରୁ ଆଦିବାସୀଙ୍କ ଅଧିକାର ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କମିଟି ସଭାପତି ମନୋରଥ ମାଝିଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘର ଉପସଭାପତି କରୁଣାକର କିଷାନ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଭଦ୍ର ଚରଣ କିଷାନ, ସରପଞ୍ଚ ସୁଲେଶରୀ ମାଝି, ପୂର୍ବତନ ସରପଞ୍ଚ ଜୟ ମଙ୍ଗଳ କୁଆ, ପୂର୍ବତନ ସମିତି ସଭ୍ୟ ଗୁରୁଚରଣ କିଷାନ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ପାଇଁ ଥିବା ସାମ୍ବିଧାନ ଓ ଆଇନଗତ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅର୍ଡାବାହାଲ ପଞ୍ଚାୟତ ସ୍ତରୀୟ ଆଦିବାସୀ କମିଟି ଗଠିତ ହୋଇଥିଲା। ଏଥିରେ ଜୟମଙ୍ଗଳ କୁଆ ସଭାପତି, ଶିବଶଙ୍କର ନାଏକ ଉପସଭାପତି, କ୍ଷୀରୋଦ ବିହାରୀ କିଷାନ ସମ୍ପାଦକ, ମଙ୍ଗଲୁ କିଷାନ ସହ ସମ୍ପାଦକ ଓ ତେଲିରାମ ପ୍ରଧାନ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

### କମ୍ୟୁନିଷ୍ଟ ନେତା ବାସୁଦେବଙ୍କ ଶ୍ରାଦ୍ଧବାର୍ଷିକୀ

**ଝାରସୁଗୁଡ଼ା ଅଫିସ,୨୨।୧୦:** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଡାପଡା ଗ୍ରାମର ପ୍ରସନ୍ନ ଭବନଠାରେ ଶୁକ୍ରବାର ଙ୍କମ୍ୟୁନିଷ୍ଟ ନେତା ବାସୁଦେବ ଭୋଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବରିଷ୍ଠ କର୍ମକର୍ତ୍ତା ଜୟାନନ୍ଦ ପଶାୟତଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେ ସର୍ବଦା ଅଞ୍ଚଳର ଗରିବ ଖଟିଖିଆଙ୍କ ପାଇଁ ଲଢେଇ କରିଆସୁଥିଲେ। ହୀରାକୁଦ ନଦୀବନ୍ଧ ଯୋଜନା ବିସ୍ଥାପିତ ସଂଗ୍ରାମ ସମିତିର ସେ ଜଣେ ଆଗଧାଡିର ନେତା ଥିଲେ ବୋଲି ବକ୍ତାମାନେ ମତ ରଖିଥିଲେ। ଏଥିରେ କମ୍ୟୁନିଷ୍ଟ ନେତା ସାରଙ୍ଗଧର ମିଶ୍ର, ଲୋକନାଥ ଭୋଇ, ଚିତ୍ରସେନ ଭୋଇ, ରବୀନ୍ଦ୍ର ବାରିକ, ସୁରେନ୍ଦ୍ର ବଗାର, ମୀନକେତନ ବାଗ, ରାଧେଶ୍ୟାମ ପ୍ରଧାନ, ଅନ୍ତର୍ଯାମୀ ଘୁସିପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

### ଜିଲାସ୍ତରୀୟ କଳା ଉତ୍ସବ-୨୦୨୨



କଳା ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ସମଗ୍ର ଶିକ୍ଷା ଆୟୋଜିତ ସମ୍ବଲପୁର ଜିଲାସ୍ତରୀୟ କଳା ଉତ୍ସବ-୨୦୨୨ ଶନିବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଉତ୍ସବର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବାଳିକା ଓ ବାଳକ ବର୍ଗରେ ଲୋକନୃତ୍ୟ, ଏକକ ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ, କଣ୍ଠ ସଂଗୀତ, ବାଦ୍ୟଯନ୍ତ୍ର ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସୁପ୍ରିୟା ବାଗ, ନିସାନ ତ୍ରିପାଠୀ, ସୁନନ୍ଦା ବାଗ, ଶିବ ନାୟକ, ସିମରନ ପଣ୍ଡା, ରାଧେଶ୍ୟାମ ଜୟପୁରିଆ, ତନୁଶ୍ରୀ କର, ଟିକେଶ୍ୱର ବାଘ, ତରୁଣ ନାୟକ, ସ୍ମୃତି ଧାରୁଆ, ଶୁଭଲକ୍ଷ୍ମୀ ବେହେରା, କ୍ଷୀତିଶ କୁମାର ଭୋଇ, ପାୟଲ ଭାର୍ଲା, ଆଶୁତୋଷ ଶାସନୀ, ଅଭିଷେକ ସାହୁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିସହ ଜୋନସ୍ତରୀୟ କଳା ଉତ୍ସବରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ, ମମତା ସାହୁ, ଶଙ୍କର ପ୍ରସାଦ ପ୍ରଧାନ, ରତନ ପୂଜାରୀ, ଦୀଲିପ କୁମାର ଦୀପ, ଆଶିଷ ସୋନାର, ଦେବାଶିଷ ପ୍ରଧାନ ଓ ଲୋକନାଥ ପୂଜାରୀ ବିଚାରକ ରହିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅସୀମ ପ୍ରଧାନ ଓ ଅଭିନାସ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁପମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ରାକ୍ଷୀ ମହାପାତ୍ର ଓ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୀପାବଳି ଉତ୍ସାହ ଫିକା କରୁଛି ବାଣ ଦର



ଦୀପାବଳି ପାଇଁ ବିକ୍ରି ହେଉଥିବା ବାଣ।

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ଆଲୋକପର ପର୍ବ ଦୀପାବଳି। ଲୋକେ ବାଣ ଫୁଟାଇ ଉତ୍ସବକୁ ଧୁମ୍‌ଧାମରେ ପାଳନ କରନ୍ତି। ହେଲେ ବାଣଦର ଉତ୍ସାହକୁ ଫିକା କରିଦେଇଛି। ଗତବର୍ଷ ଆପେକ୍ଷା ପ୍ରତି ସାମଗ୍ରୀ ଦର ୩୦ରୁ ୪୦ ପ୍ରତିଶତ ବୃଦ୍ଧି ପାଇଥିବା ଦୋକାନୀ ଓ ଗ୍ରାହକମାନେ କହୁଛନ୍ତି। ପିଲାମାନଙ୍କ ପାଇଁ ଆସୁଥିବା ଫ୍ୟାନ୍ସି ବାଣର ମଧ ଦର ବୃଦ୍ଧି ପାଇଛି। ଗତବର୍ଷ ଅପେକ୍ଷା ବିକ୍ରି କମିଯାଇଥିବା ବେଳେ ଲାଭାଂଶ ମଧ କମିବ ବୋଲି ଦୋକାନୀମାନେ ଆଶା କରିଛନ୍ତି। ଅନ୍ୟପଟେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଟକଣା କରିଛି। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳର ୧୦୦ମିଟର ଦୂରରେ ବାଣ ଫୁଟାଇ ପାରିବେ। ୧୨୫ ଡେସିବେଲରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ବିକ୍ରି କରାଯାଇ ପାରିବ ନାହିଁ। ରାତି ୧୦ଟା ପର୍ଯ୍ୟନ୍ତ ସମୟସୀମା ଦିଆଯାଇଛି। ଏହାର ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ହିଣ୍ଡାଲ୍‌କୋ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ।

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

### ଭାଗନେଲେ ୩୦ ମହିଳା

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଜଣ ମହିଳା ଭାଗନେଇ ଚିତ୍ତାକର୍ଷକ ରଙ୍ଗୋଲି ଆଙ୍କିଥିଲେ। ଆଲୋକର ପର୍ବ ଦୀପାବଳି। ଏହାକୁ ଦୃଷ୍ଟିରେ ରଖି ହିଣ୍ଡାଲ୍‌କୋ କର୍ତ୍ତୃପକ୍ଷ ପ୍ରତିଯୋଗିତାର ପରିକଳ୍ପନା କରିଥିଲେ। ସର୍ବଶ୍ରେଷ୍ଠ ୩ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଏହାବ୍ୟତିତ ସମସ୍ତ ପ୍ରତିଯୋଗୀଙ୍କୁ ମଧ ଉପହାର ଦିଆଯାଇଥିଲା। ହିଣ୍ଡାଲ୍‌କୋ ରିଭରସାଇଡ କଲୋନୀ ଦିବ୍ୟାଂଶୀ ମହିଳା ମଣ୍ଡଳର ଝିନୁ ପାଠକ, ଗୀତିକା ମଲ୍ଲିକ ଓ ପ୍ରୀତି ତିୱାରୀ ବିଚାରକ ଥିଲେ। ହିଣ୍ଡାଲ୍‌କୋ ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ସିଏସ୍‌ଆର୍ ପରିଚାଳକ ଆନନ୍ଦ କୁମାର ଚକ୍ରବର୍ତ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସରୋଜ କୁମାର ଆଚାର୍ଯ୍ୟ, ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡିଜେଲ ଚୋରି: କାର୍ ସହ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ,୨୨।୧୦**

ଝାରସୁଗୁଡା-ସମ୍ବଲପୁର ରାଜପଥ ପାର୍ଶ୍ୱରେ ପାର୍କିଂ ହେଉଥିବା ହାଇୱା ଓ ଟ୍ରକ୍‌ରୁ ଗତ ରାତିରେ ଡିଜେଲ୍ ଚୋରି କରୁଥିବାବେଳେ ବଡମାଲ ଥାନା ପୋଲିସ୍ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡାର ରୋହିତ କୁମ୍ଭାର(୧୯) ଓ ଅନ୍ୟଜଣେ ନାବାଳକ ରହିଛନ୍ତି। ଏମାନଙ୍କ ନିକଟରୁ ପୋଲିସ୍ ଚୋରିରେ ବ୍ୟବହୃତ ଓଆର୍୧୪-୭୩୧୧ନଂ କାର୍, ଛୁରି, ଲୁହାପାଇପ୍, ପଲିଥିନ ଜାର ଆଦି ଜବତ ହୋଇଛି। ମା'ତାରାଣୀ ଟ୍ରାନ୍ସପୋର୍ଟର ସୁପରଭାଇଜର ପ୍ରଶାନ୍ତ ମହାନନ୍ଦିଆଙ୍କ ଅଭିଯୋଗକୁ ନେଇ ପୋଲିସ୍ ଏକ ମାମଲା (ନଂ୨୨୭/୨୨) ରୁଜୁକରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି, ଏହି ଯୁବକମାନେ କୁଚିଣ୍ଡା ଅଞ୍ଚଳରୁ ଆସି ରାସ୍ତା ପାର୍ଶ୍ୱ ପାର୍କିଂରେ ଛିଡା ହେଉଥିବା ଯାନବାହନରୁ ଡିଜେଲ ଚୋରି କରିଥାନ୍ତି। ଶୁକ୍ରବାର ରାତିରେ ପୋଲିସ୍ ପାଟ୍ରୋଲିଂ ବେଳେ ଏମାନେ ଧରାପଡିଛନ୍ତି।

# ବୁର୍ଲାରେ ବିଜେଡି ପଦଯାତ୍ରା

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବୁର୍ଲାରେ ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସ୍ଥାନୀୟ ନେତାଜୀ ଛକ ନିକଟରୁ ଶୋଭାଯାତ୍ରା ବାହାରି ଭାରତୀ କ୍ଲବ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଆଗାମୀ ଦିନରେ ଦଳ କିଭଳି ଆହୁରି ଶକ୍ତିଶାଳୀ ହେବ ସେଥିପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ପୂର୍ତ୍ତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ପୂର୍ବତନ ବିଧାୟିକା ତଥା ରାଜ୍ୟ ସାଧାରଣ ସମ୍ପାଦିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲା ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ଦଳର ମୁଖପାତ୍ର ସଞ୍ଜୟ ବାବୁ, ରେଙ୍ଗାଲି ଜୋନ-୨ର ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ, ଜିଲା ମହିଳା ସଭାନେତ୍ରୀ ବନ୍ଦିତାରାଣୀ ମିଶ୍ର ମଞ୍ଚାସୀନ ଥିଲେ।



ବୁର୍ଲାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦ।

# 'କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ ମହତ୍ ପଦକ୍ଷେପ'

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଜିଲାରେ ଅନେକ ଯୋଜନା ହାତକୁ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଚିଣ୍ଡାର ମୁକୁନ୍ଦି ଷ୍ଟାଡିୟମର ଉନ୍ନତୀକରଣ କାମ ଉଦ୍‌ଘାଟନ କରିଛନ୍ତି। ଏହା ସମ୍ବଲପୁର ଜିଲା ପାଇଁ ଏକ ଖୁସିର ଖବର ବୋଲି ଜିଲାପାଳ ଅନନ୍ୟା ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କ୍ରୀଡ଼ା କ୍ଷେତ୍ରରେ ବିକାଶ ଆଣିବା ପାଇଁ ଏହା ଏକ ମହତ ପଦକ୍ଷେପ। କେବଳ କୁଚିଣ୍ଡା ନୁହେଁ ଜିଲାର ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ଅନୁଦାନରେ ଦକ୍ଷତା ବିକାଶ ଓ ସାଂସ୍କୃତିକ ପ୍ରେକ୍ଷାଳୟର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଶିକ୍ଷାର ବିକାଶ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ପର୍ଯ୍ୟାପ୍ତ ଅନୁଦାନ ଦେଇ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଏହାବ୍ୟତୀତ ଗମନାଗମନ, କୃଷି, ଜଳସେଚନ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ନିମନ୍ତେ ବିକାଶ ପରିଷଦ ଦୃଷ୍ଟିପାତ କରୁଛି। କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ପାଇଁ ୧କୋଟି ୧୫ଲକ୍ଷ ୭ହଜାର ଟଙ୍କା ଅନୁମୋଦନ କରାଯାଇଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ାର ବିକାଶ ହେବା ସହିତ ଯୁବତୀ ଯୁବକ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି ଜିଲାପାଳ ଦାଶ କହିଥିଲେ।

# ଧୁଡ଼ିପାଲିରେ ସୁରଭି କାର୍ଯ୍ୟକ୍ରମ

**ଜମନକିରା,୨୨।୧୦(ଡି.ଏନ.ଏ.)**

ଜମନକିରା ବ୍ଲକ ଧୁଡ଼ିପାଲି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ଧୁଡ଼ିପାଲି ପଞ୍ଚାୟତର ବିଭିନ୍ନ ସ୍କୁଲରୁ ୮୫ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜମନକିରା ଜିଲା ପରିଷଦ ସଦସ୍ୟା ଜୋନ ୨ ତନୟା ଧୁରୁଆ, ସରପଞ୍ଚ ଅରୁଣ କୁମାର ନାଏକ, ସିଆର୍‌ସିସି ରଞ୍ଜନ କୁମାର ପୃଷ୍ଟେଠ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ମନୋଜ କୁମାର ମାଝି ସଭା ପରିଚାଳନା କରିଥିବା ବେଳେ ସିଆର୍‌ସିସି ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଅଭିଯୁକ୍ତଙ୍କୁ ୪ବର୍ଷ ଜେଲଦଣ୍ଡ

**ଦେବଗଡ଼,୨୨।୧୦(ଡି.ଏନ.ଏ.)**

### ହତ୍ୟା ଉଦ୍ୟମ ଘଟଣାର ରାୟ ପ୍ରକାଶ

୨୦୧୨ରେ ରିଆମାଳ ଥାନା ରେଙ୍ଗାଲବେଡା ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ଘଟଣାର ବିଚାର କରି ସହକାରୀ ଦୌରାଜଜ୍ ସର୍ବେଶ୍ୱର ଦାଶ ଶନିବାର ଗ୍ରାମର ୨ ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦେବଗଡ ଜିଲା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୨ ଅକ୍ଟୋବର ୧୨ରେ ରେଙ୍ଗାଲବେଡା ଗ୍ରାମର ବେଣୁଧର ମାଝି ଓ ରତ୍ନାକର ମାଝି ଉକ୍ତ ଗ୍ରାମର ସତ୍ୟ ନାରାୟଣ ବାଗ ଓ ତାଙ୍କ ସମ୍ପର୍କୀୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସତ୍ୟନାରାୟଣ ରିଆମାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ବେଣୁଧର ଓ ରତ୍ନାକରଙ୍କ ବିରୋଧରେ ଏକ ୧୩୬ନଂ.ରେ ମାମଲା ରୁଜୁକରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସହକାରୀ ଦୌରାଜଜ୍ ଦାଶ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ପ୍ରମୋଦ କୁମାର ନନ୍ଦ ପରିଚାଳନା କରୁଥିଲେ।

# ଡା. ଦୀପ୍ତିବାଳାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

### ସର୍ବଧର୍ମ ପ୍ରାର୍ଥନା ସଭା, ରକ୍ତଦାନ ଶିବିର

ଡା. ଦୀପ୍ତିବାଳା ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସୋସିଆଲ ଷ୍ଟାର କ୍ଲବ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ହୋଇଥିଲା। ପଣ୍ଡିତ ଗୋପବନ୍ଧୁ ରଥ, ମୌଲାନା କାସିମ ରାଜା, ଫାଦର ମିଞ୍ଜ ଓ ସର୍ବଜିତ ସିଂ ଯୋଗଦେଇ ସ୍ୱଧର୍ମ ଗ୍ରନ୍ଥରୁ ପଂକ୍ତି ପାଠ କରିଥିଲେ। ଏହାପରେ ହୋଇଥିବା ରକ୍ତଦାନ ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ଲେଶ କଙ୍କଡଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ସାମାଜିକ କର୍ମୀମାନେ ଯୋଗଦେଇ ରକ୍ତଦାନ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସାମାଜିକ କର୍ମୀ ସୁଧିର ପୂଜାରୀ, ପ୍ରଫୁଲ୍ଲ ହୋତା, ଚାଷୀ ନେତା ଅଶୋକ ପ୍ରଧାନ, ଇଂ. ଅଶୋକ ଜଲାନ, ଖବରଦାତା ଶିବ ନନ୍ଦ ଯୋଗଦେଇ ଦିପ୍ତୀବାଳାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ମାନସ ରଞ୍ଜନ ପାଢ଼ୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ଅତିଥିମାନେ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ।

# ସଚିବାଳୟ ସମ୍ମୁଖରେ ଗଣଧାରଣା ଚେତାବନୀ

**ଝାରସୁଗୁଡ଼ା ଅଫିସ,୨୨।୧୦**

ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ତରଫରୁ ଶନିବାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବେହେରାଗୁଡା ପୂର୍ତ୍ତ ଡାକବଙ୍ଗଳାରେ ତପି ବାଗଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଖନପୁର ତହସିଲର ୩୩ ବିସ୍ଥାପିତ ଗ୍ରାମରୁ ଶତାଧିକ ମହିଳାପୁରୁଷ ଯୋଗଦେଇଥିଲେ। ଏହି ଅବସରରେ ସଂଗ୍ରାମ ସମିତି ସଭାପତି ସ୍ୱର୍ଗତ ବାସୁଦେବ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବୈଠକ ସମ୍ପର୍କରେ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଗୋପୀନାଥ ମାଝି ସୂଚନା ଦେଇଥିଲେ।

ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିମଧ୍ୟରେ ଯେଉଁ ହୀରାକୁଦ ବିସ୍ଥାପିତ ଅଧିବାସୀ ଅଦ୍ୟାବଧି ଘରଡିହ ଜମିପାଇଁ ଆବେଦନ କରିନାହାନ୍ତି ସେମାନେ ସଂଗ୍ରାମ ସମିତି ତତ୍ତ୍ୱାବଧାନରେ ଲଖନପୁର ତହସିଲଦାରଙ୍କ ନିକଟରେ ଆବେଦନ କରିବେ। ସେହିପରି ଲଖନପୁର ତହସିଲ ଅନ୍ତର୍ଗତ ୨୧ ଅଣରାଜସ୍ୱ ଗ୍ରାମର ବନ୍ଦୋବସ୍ତ ହୋଇ ନ ଥିବାରୁ ଏ ନେଇ ସରକାରଙ୍କୁ ଅବଗତ କରାଯିବ। ଏଥିପାଇଁ ଉପରୋକ୍ତ ଗ୍ରାମର ୫ଜଣ ଲେଖାଏ ଗ୍ରାମବାସୀ ସଂଗ୍ରାମ ସମିତି ତତ୍ତ୍ୱାବଧାନରେ ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଭୁବନେଶ୍ୱର ସଚିବାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିସ୍ଥାପିତ ହୋଇଥିବା ୩୨୦ଜଣଙ୍କ ମଧ୍ୟରେ ଝାଙ୍କର, ଚୌକିଦାର, ନରିହା ଆଦିଙ୍କ ବକେୟା କ୍ଷତିପୂରଣ ଦାବିନେଇ ଆସନ୍ତା ନଭେମ୍ବର ୧୪ରେ ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଗ୍ରାମ ସମିତି ତରଫରୁ ଧାରଣା ଦିଆଯିବା ପାଇଁ ଆଲୋଚନା ହୋଇଛି। ବୈଠକରେ ଗୋପୀନାଥ ମାଝି, ତପି ବାଗ, ଦ୍ୱାରିକା ପ୍ରସାଦ ସା, ମନୋରଞ୍ଜନ ମିଶ୍ର, ସୁବଳ ଲୁହା, ବୈକୁଣ୍ଠ ସିଂ, କେଦାରନାଥ ଧୁରୁଆ, ଶ୍ରୀକାଞ୍ଚନ ମେହେର, ସାଗର ମିର୍ଦ୍ଧା, ମଣି ଗନିକ, ଜୁହାନ ମୁଣ୍ଡା, ବଳରାମ ସା, କୈଳାଶ ବିଶ୍ୱାଳ, ଗୌତମ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ ।



ବେହେରାଗୁଡା ପୂର୍ତ୍ତ ଡାକବଙ୍ଗଳାରେ ସଂଗ୍ରାମ ସମିତିର ବୈଠକ।

### ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ବୈଠକ

## ଆଜି କ'ଣ କେଉଁଠି

ସମ୍ବଲପୁର

- ଚଡ଼େଇ କ୍ଲବ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।
- ସମ୍ବଲଭୂମିର ବାର୍ଷିକ ଉତ୍ସବ ଓ ବହୁଭାଷୀ କବିତା ପାଠୋତ୍ସବ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ୧୦ଟା ।
- ଆଦର୍ଶ ପକ୍ଷରୁ ଶିଶୁ ପ୍ରତିଭା ଉତ୍ସବ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ଅପରାହ୍ନ ୩ଟା ।

## ସଂକ୍ଷେପରେ

### ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୨ା୧୦(ବ୍ୟୁରୋ):** ସାକ୍ଷୀ ଗୋପୀନାଥପଡ଼ା ଆଦିବାସୀ କ୍ଲବ ପକ୍ଷରୁ ବୀର ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଗିରିଧାରୀ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ସାକ୍ଷୀପଡ଼ା ଗୋଷ୍ଠୀ ବିକାଶ କେନ୍ଦ୍ରଠାରେ ସଭା ହୋଇଥିଲା। ଆସନ୍ତା ନଭେମ୍ବର ୧୫ରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତିଥିରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ। ତେଣୁ ନଭେମ୍ବର ୧୪ରେ ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ଏକଦିବସୀୟ ଫୁଟବଲ ଓ ଧନୁତୀର ପ୍ରତିଯୋଗିତା, ୧୬ରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଉପଦେଷ୍ଟା ଅକ୍ରେସ ଟିଗା, ସମ୍ପାଦକ ସହଦେବ ମୁଣ୍ଡା, ବିଶ୍ୱନାଥ ମୁଣ୍ଡା, ସବ୍ୟସାଚୀ ମୁଣ୍ଡା, ଗୁରୁବାରି ମୁଣ୍ଡା, ଦିବ୍ୟଶେଖର କଲେତ, ଦୀପକ ମୁଣ୍ଡା, ରିଙ୍କୁ ମୁଣ୍ଡା, ରାମ ମୁଣ୍ଡାଆଲୋଚନାରେ ଭାଗ ନେଇଥିଲେ।

### ଜୁନିୟର ନ୍ୟାଶନାଲ ଭଲିବଲ୍ ଚାମ୍ପିୟନଶିପ୍‌କୁ ଚୟନ ହେଲେ ତୁଷାର



**ଝାରସୁଗୁଡା ଅଫିସ୍,୨୨ା୧୦:** ଜମ୍ମୁ କଶ୍ମୀରରେ ହେବାକୁ ଥିବା ୪୮ତମ ଜୁନିୟର ନ୍ୟାଶନାଲ୍ ଭଲିବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ପାଇଁ ଝାରସୁଗୁଡା ଜିଲାର ଖେଳାଳି ତୁଷାର ଦେହେରୀ ଚୟନ ହୋଇଛନ୍ତି। ଏ ନେଇ ରାଜ୍ୟ ଭଲିବଲ୍ ଆସୋସିଏଶନ ତରଫରୁ ଗତ ୧୬ତାରିଖରେ ଭୁବନେଶ୍ୱରସ୍ଥିତ କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ଝାରସୁଗୁଡା ଜିଲାରୁ ସମୁଦାୟ ୬ଜଣ ଖେଳାଳି ଯୋଗଦେଇଥିଲେ। ଏଥିମଧ୍ୟରୁ ଏକମାତ୍ର ଖେଳାଳି ତୁଷାର ମନୋନୀତ ହୋଇଛନ୍ତି। ଏନେଇ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ ଓ ଅନ୍ୟ କର୍ମକର୍ତ୍ତା ତୁଷାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଝାରସୁଗୁଡ଼ା ଅଫିସ,୨୨ା୧୦**

ଝାରସୁଗୁଡା ଜିଲା କୋଲାବିରା ଥାନା ପତ୍ରାପାଲି ଗୁଡିଗାଁ ରାସ୍ତାର କେଲେଣ୍ଡା ଗ୍ରାମ ନିକଟରେ ଶନିବାର ଏକ ଲୁହାପଥର ବୋଝେଇ ଡମ୍ପର ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେଲେଣ୍ଡା ଗ୍ରାମର ପ୍ରଫୁଲ୍ଲ କିଷାନ(୪୦)। ଦୁର୍ଘଟଣା ଖବରପାଇ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କୋଲାବିରା ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଥାନା ଆଇଆଇସି ସୁକୁମାର ତ୍ରିପାଠୀ, ୭ଷ୍ଟାର୍ ପ୍ରକଳ୍ପ ଅଧିକାରୀ ସୁନିଲ ଶର୍ମା, ସୂର୍ଯ୍ୟ କୁମାର ସାହୁ, ତହସିଲଦାରଙ୍କ ପ୍ରତିନିଧି ଭାବେ ପତ୍ରାପାଲି ଆର୍‌ଆଇ ଅଶୋକ ସା, ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ମୃତକଙ୍କ ପରିବାରକୁ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ଡମ୍ପର ମାଲିକ



କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ।

**ଡମ୍ପର ଧକ୍କାରେ ପଥଚାରୀ ମୃତ**

ମିଳିତଭାବେ ୫ଲକ୍ଷ, ଜିଲା ରେଡକ୍ରସ୍‌ରୁ ୧୦ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁଯାୟୀ ଲୁହାପଥର ବୋଝେଇ ଡମ୍ପର ୭ଷ୍ଟାର୍ ଆଇରନ କାରଖାନାକୁ ଯାଉଥିବାବେଳେ ପ୍ରଫୁଲ୍ଲ ନିଜ ଗ୍ରାମରେଥିବା ଶ୍ୱଶୁର ଘରକୁ ଚାଲିକରି ଯାଉଥିଲେ । ଏହି ସମୟରେ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା । ମୃତକଙ୍କ ଭାଇ ଗଣପଦ କିଷାନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ୧୫୮/୨୨) ରୁଜୁକରି ତଦନ୍ତ ଚଳାଇଛି । ଦୁର୍ଘଟଣା ଘଟାଇଥିବା ଓଆର୍୧୪କ୍ୟୁ୨୯୦ନଂ ଡମ୍ପରକୁ ପୋଲିସ୍ ଜବତ କରିଥିବାବେଳେ ଚାଳକ ଫେରାର୍ ହୋଇଯାଇଛନ୍ତି।

# ରାଜ୍ୟସ୍ତରୀୟ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ ପାଇବେ ରାମାଶିଷ

**ସମ୍ବଲପୁର,୨୨ା୧୦(ବ୍ୟୁରୋ)**

ରାଜ୍ୟସ୍ତରୀୟ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ -୨୦୨୨ ପାଇବାକୁ ସମ୍ବଲପୁର ସହରର ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ରାମାଶିଷ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ଆସନ୍ତା ନଭେମ୍ବର ୧୪ତାରିଖ ଭବାନୀପାଟଣା ସହରସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ମହାବୀର ଉତ୍ସବରେ ତାଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ସମ୍ବଲପୁର ସହରର ନାଟ୍ୟକାର, ଅଭିନେତା, ଅଭିନେତ୍ରୀ, ନାଟ୍ୟଦଳର କର୍ମକର୍ତ୍ତା, ସଂଗୀତଜ୍ଞମାନେ ରାମାଶିଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାମାଶିଷ ଦୀର୍ଘ ତିନିଦଶନ୍ଧି ଧରି ଏଥିରେ ଜଡ଼ିତ ରଖି ୩୦ରୁ ଉର୍ଦ୍ଧ୍ୱ ନାଟକ ରଚନା କରିଛନ୍ତି। ତାଙ୍କ ରଚିତ



ରାମାଶିଷ ତ୍ରିପାଠୀ ।

ନାଟକ ସ୍ୱୟମ୍ବର, ଗୁରବେ ନମଃ, ଧାନ ଖେଡ଼, ଏନ୍ତା ହେଲେ କେନ୍ତା ହେତା, କାଲି ଗାଇର ଭିନେ ଗୋଠ, ଦାଦନ ପ୍ରଭୃତି ମଞ୍ଚନାଟକରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୁତ୍ରା, ୨୨ା୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ଆଶ୍ରମ ସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ସୃଜନଶୀଳ ଲିଖନ, ରଚନା, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ, ବିତର୍କ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଧରଣୀଧର ଅଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁତ୍ରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ନିତ୍ୟାନନ୍ଦ ବେହେରା, ସୁରେଶ ପଟେଲ, ବିପିନବିହାରୀ ସାହୁ, କ୍ରିଷ୍ଣା



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାବୁ, ମାର୍ଶେଲ ଗୁଡିଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ପୁଷ୍ଟି ବୁଡା, ସୁବାସ ରଣା, ମୁକ୍ତିକାନ୍ତ ରାଉତ, କୁମୁଦିନୀ ସୁନ୍ୟାନୀ, ସୈରେନ୍ଦ୍ରୀ ବାକ୍ସା, ରାଜେଶ ମୃଗ୍ରୀ, ସୂର୍ଯ୍ୟକାନ୍ତ ସାମଲ, ରାମେଶର ଜୟପୁରିଆ, ପ୍ରିସିଲା ତିର୍କୀ, ରଶ୍ମି ମିଞ୍ଜ, ଗୋପାଳକୃଷ୍ଣ ଦାଶ, କୁମାରୀ ଜୟପୁରିଆ, ମମତା ସ୍ୱାଇଁ, ଡିଲେଶର ବେହେରା, ଦୁର୍ଯ୍ୟୋଧନ ମିଞ୍ଜ, ଅଶୋକ କେର୍କେଟା, ପୂର୍ଣ୍ଣଚନ୍ଦ୍ର ସା ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଲାଞ୍ଜିବେର୍ଣ୍ଣା କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ହିନ୍ଦ୍ ଜିଙ୍କ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

**ସୁନ୍ଦରଗଡ଼,୨୨ା୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦ ଜିଙ୍କ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଟି.କେ ଚଟ୍ଟୋପାଧ୍ୟାୟ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଗିରିଜା ନନ୍ଦିନୀ ସହାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ବଡବଙ୍ଗା କ୍ଲଷ୍ଟରର ସିଆରସିସି ଆଲୋକ ପଟେଲ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ୧୦୨ଟି ପ୍ରକଳ୍ପ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିଲେ। ସମସ୍ତ ଅଭିଭାବକ ବିଜ୍ଞାନ ପ୍ରଦର୍ଶନୀରେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବରେ ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜର ଅଧ୍ୟାପକ କେଦାର ନାଥ ପଟେଲ, ଜେବିଏନଏମ ପି କଲେଜ ଯୋଗିମାଲର ଅଧ୍ୟାପକ ରତ୍ନାକର ବେହେରା ଓ ଜବାହର ନବୋଦୟ ବିଦ୍ୟାଳୟ ଜିଙ୍କନଗରର ଗଣିତ ଶିକ୍ଷକ ଭୂପେନ କୁମାର ସାହୁ ଯୋଗଦାନ କରି ଚୟନ କରିଥିଲେ।

# ଜାତୀୟ ସ୍ତରରେ କବିତାଙ୍କୁ ସ୍ୱର୍ଣ୍ଣପଦକ



କବିତା ମାହାତୋ।

**ରାଉରକେଲା ଅଫିସ,୨୨ା୧୦**

ଜାତୀୟ ସ୍ତରରେ ୧୪ ବର୍ଷରୁ କମ କ୍ରୀଡା ପ୍ରତିଯୋଗିତାରେ ବନ୍ଧମୁଣ୍ଡା କେନ୍ଦ୍ରବିଦ୍ୟାଳୟର ଛାତ୍ରୀ କବିତା ମାହାତୋଙ୍କୁ ୬ଶହ ଓ ୪ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ମିଳିଛି। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ତାଙ୍କ କାର୍ଯ୍ୟାଳୟରେ ବିଜେତା କବିତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ଭୋପାଳରେ ୫୧ ତମ ଜାତୀୟ କେନ୍ଦ୍ର ବିଦ୍ୟାଳୟ ରାଷ୍ଟ୍ରୀୟ ଗେମ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ରାଉରକେଲା ବନ୍ଧମୁଣ୍ଡା କେନ୍ଦ୍ରବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ କବିତା ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପରେ ସେ ବିଭିନ୍ନ ରାଜ୍ୟରୁ ଆସିଥିବା ୨୫ଜଣ ପ୍ରତିଯୋଗୀଙ୍କୁ ଉଭୟ ପଛରେ ପକାଇ ଏହି ସଫଳତା ହାସଲ କରିଥିଲେ। କବିତା ଦୌଡ଼ପାଇଁ ବିଦ୍ୟାଳୟ କ୍ରୀଡା ଶିକ୍ଷକ ରଞ୍ଜିତ ଓରାଅନ୍‌ଙ୍କ ଠାରୁ ତାଲିମ ନେଇଛନ୍ତି। ଏନେଇ ବନ୍ଧମୁଣ୍ଡା କେନ୍ଦ୍ରବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରାୟ ତାଙ୍କ ପ୍ରତିଭାକୁ ନେଇ ବିଭିନ୍ନ ସୁଯୋଗ ଦେବା ସହ ଆଗାମୀ ଦିନରେ ରାଜ୍ୟ ତଥା ଦେଶ ପାଇଁ କିଭଳି ଅଲମ୍ପିକ ଖେଳି ପାରିବେ ସେନେଇ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ସମ୍ବଲପୁର,୨୨ା୧୦(ବ୍ୟୁରୋ)**

ସମ୍ବଲପୁର ଧନକଉଡ଼ା ବ୍ଲକ କାଇଁଶିର କ୍ଲଷ୍ଟର ସ୍ତରୀୟ ସୁରଭି ଶୁକ୍ରବାର ନିର୍ଗୁନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାଇଁଶିର ହାଇସ୍କୁଲ ଶିକ୍ଷକ ଅଶୋକ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ବବ୍ରୁବାହନ ଭୋଇ ଛାତ୍ରୀଛାତ୍ରଙ୍କ ପ୍ରତିଭା କିପରି ବିକଶିତ ହେବ ସେ ନେଇ ସୂଚନା ଦେଇଥିଲେ। ସିଆର୍‌ସିସି ମନିସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ନୃତ୍ୟ, ଗୀତ,ବକ୍ତୃତା ଆଦି ପ୍ରତିଯୋଗିତାରେ ସିଂହପାଲି, ଭୁଆନପାଲି, କାଇଁଶିର, ବିଦ୍ୟୁତ୍ କଲୋନୀ, ମଖନାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କାଇଁଶିର ହାଇସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶାନ୍ତି ବେହେରା, ସୁଜାତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏକଦିବସୀୟ ଫୁଟ୍‌ବଲ: ଗୁଣ୍ଡୁରିପୋଷି ଚାମ୍ପିୟନ



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଦେବଗଡ଼,୨୨ା୧୦(ଡି.ଏନ.ଏ.)**

ତିଲେଇବଣି ବ୍ଲକ ଖୁଣ୍ଟିଆପାଲିସ୍ଥିତ ମା' ମହାମାୟୀ କ୍ଲବ ଆନୁକୂଲ୍ୟରେ ସୁଗୁଡା କଲେଜ ଖେଳ ପଡିଆଠାରେ ଶନିବାର ଏକଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁଗୁଡା ପଞ୍ଚାୟତର ସମିତି ସଦସ୍ୟ ଦମ୍ବରୁଧର ସାହୁ ମ୍ୟାଚ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ସୁଗୁଡା ଦଳକୁ ଟାଇବ୍ରେକରରେ ୨-୧ ଗୋଲରେ ପରାସ୍ତ କରି ଗୁଣ୍ଡୁରିପୋଷି ଦଳ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ଯଶୋବନ୍ତ ପ୍ରଧାନ, ଟିକେଶ୍ୱର ପ୍ରଧାନ ଓ ପରେଶ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅପରାହ୍ନରେ ମା' ମହାମାୟୀ କ୍ଲବର ସଭାପତି ନବକିଶୋର ଦୀପଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଓ ମିଳନ ପ୍ରଧାନ, ମଦନ ବିଶ୍ୱାଳ, ସଞ୍ଜୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସମ୍ପାଦକ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପୂର୍ବତନ କୋକସରା ଯୋଗାଣ ନିରୀକ୍ଷକଙ୍କୁ ସାଢ଼େ ୩ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୨୨ା୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା କୋକସରା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ମନୋଜ କୁମାର ପ୍ରଧାନଙ୍କୁ ଶନିବାର ଭବାନୀପାଟଣା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏକ ଭିଜିଲାନ୍ସ ମାମଲାର ବିଚାର କରି ସାଢେ ତିନି ବର୍ଷ ଜେଲ ଦଣ୍ଡାଦେଶ ସହ ୫ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

# ଜିଏମ୍‌ୟୁ ପରିସରରେ ରଙ୍ଗୋଲି ପ୍ରତିଯୋଗିତା

**ସମ୍ବଲପୁର,୨୨ା୧୦(ବ୍ୟୁରୋ)**

ଦୀପାବଳି ଶୀର୍ଷକ ରଙ୍ଗୋଲି ପ୍ରତିଯୋଗିତା ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ଏନ୍‌ଏସ୍‌ଏସ୍ ଶାଖା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଛାତ୍ରୀମାନେ ଭାଗ ନେଇଥିଲେ। ଏନ୍‌ଏସ୍‌ଏସ୍ ଶାଖା କୋଅର୍ଡିନେଟର ଡକ୍ଟର ପ୍ରଦୋଶ ଆଚାର୍ଯ୍ୟ ଓ ଡ. ନୀନା ଦାଶ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଏମ୍‌ୟୁ ଉପକୁଳସଚିବ ଡ. ଉମାଚରଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଚୁମନ କୁମାର ପ୍ରଧାନ, ନିଖିଳ ବାବୁ, ଯଶବର୍ଦ୍ଧନ ତିୱାରୀ, ଲମ୍ବୋଦର ମେହେର, ଆୟୁଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶହୀଦଙ୍କ ପାଇଁ ଦୀପଟିଏ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୨ା୧୦**

ସେକ୍ଟର-୫ ସ୍ଥିତ ଦୀପିକା ଇଂରାଜୀ ମିଡିୟମ ସ୍କୁଲ ପରିସରରେ ଶହୀଦଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ହାପି ମୁମେଣ୍ଟସ୍ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମେଜର ଏ.କେ ସାମଲ ଯୋଗ ଦେଇଥିଲେ। ଦୀପିକା ଇଂରାଜୀ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ପ୍ରବୀଣ କୁମାର ଶର୍ମା, ସମାଜସେବୀ କମଲ ଅଗ୍ରୱାଲ, କୁମାର ବେହେରା, ଏକ୍ସଆର୍ମି ଚକ୍ରାନ୍ତ ଜେନା, ଏକ୍ସନେଭି ପ୍ରଦୀପ ଗୁରୱାରେ, ଗୀତାଞ୍ଜଳି ପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଦେଶପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶହେରୁ ଉର୍ଦ୍ଧ୍ୱ ପ୍ରଦୀପ ପ୍ରଜ୍ୱଳନ କରାଯାଇ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରଞ୍ଜିତା ବର୍ମା ପରିଚାଳନା କରିଥିଲେ। ହାପି ମୁମେଣ୍ଟସ୍‌ର ସାଧାରଣ ସମ୍ପାଦିକା ରଶ୍ମିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସ୍କୁଲ ବିଦ୍ୟାର୍ଥୀଙ୍କ ଦ୍ୱାରା ବିଭିନ୍ନ ଦେଶାତ୍ମବୋଧ ନୃତ୍ୟ, ସଙ୍ଗୀତ ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶରତଚନ୍ଦ୍ର ପଣ୍ଡା, ସ୍ନେହଲତା ପାତ୍ର, ଅନିତା ଅଗ୍ରୱାଲ, କଲ୍ୟାଣୀ ଦାସ, ତରୁଲତା ସମାଲ, ମୋହନ ପଟ୍ଟନାୟକ, ଅନୀଲ ମଲ୍ଲିକ, ସଲିତ ପତି, ଦିବାକର ଦାସଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରଛାତ୍ରୀ।

# ଜଳିଗଲା ମିଠା ଦୋକାନ: ଜଣେ ମୃତ, ୨ ଗୁରୁତର

**ରାଉରକେଲା ଅଫିସ,୨୨ା୧୦**

ଦୀପାବଳି ପୂର୍ବରୁ ରାଉରକେଲା ସ୍ମାର୍ଟସିଟିରେ ଥିବା ଏକ ମିଠା ଦୋକାନରେ ନିଆଁଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ମିଠା ଦୋକାନରେ ନିଆଁ ଲାଗିବାରୁ ସେଠାରେ କାର୍ଯ୍ୟରତ ୩ ଜଣ ମିଠା ମିସ୍ତ୍ରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ମିସ୍ତ୍ରୀ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଛନ୍ତି। ମୃତ ମିଠା ମିସ୍ତ୍ରୀଙ୍କ ନାମ ଅରୁଣ କୁମାର ଯାଦବ(୪୫)। ଗୁରୁତର ଥିବା ଦୁଇ ଜଣ ମିସ୍ତ୍ରୀ ହେଲେ ଅନୀଲ ଗୁପ୍ତା ଓ ମନୋଜ ଯାଦବ।

ସୂଚନାଯୋଗ୍ୟ ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ଛକରେ ଏକ ମିଠା ଦୋକାନ ରହିଛି। ଉକ୍ତ ଦୋକାନର ମାଲିକ ରୀତା ପାଲ ଚଳିତବର୍ଷ ଦୀପାବଳି ପାଇଁ ମିଠା ତିଆରି ଲାଗି ମିସ୍ତ୍ରୀମାନଙ୍କୁ ସମସ୍ତ ପ୍ରକାର ଯୋଗାଡ ଦେଇଥିଲେ। ଶନିବାର ସାଢ଼େ ୧୧ଟାରେ ମିସ୍ତ୍ରୀ ଅରୁଣ ମିଠା ତିଆରି କରିବା ପାଇଁ ଏକ କଡେଇରେ ତେଲ ଗରମ କରିବା ଲାଗି ଚୂଲି ଲଗାଇଥିଲେ। ଅନ୍ୟପଟେ ଅନୀଲ ଓ ମନୋଜ ମିଠା ତିଆରି ଲାଗି ମଇଦା, ଚିନି ଓ ଅନ୍ୟାନ୍ୟ ମିଠା ପ୍ରସ୍ତୁତି ସାମଗ୍ରୀ ଗୁଡିକୁ ଏକତ୍ରିତ କରି ମିଠା ତିଆରି କରୁଥିଲେ। ଏହି ସମୟରେ ଅରୁଣ ମିଠା ଛାଣିବା ପାଇଁ କଡେଇରେ ତେଲ ଡାଳୁଥିବାବେଳେ ହଠାତ କୌଣସି କାରଣରୁ ତେଲ ନିଆଁରେ ଛିଟିକି ପଡିଥିଲା। ଫଳରେ ନିଆଁ ଧାସ ଖୁବ ଜୋରରେ ଚାରିଆଡେ ଖେଳାଇ ହୋଇଯାଇଥିଲା। ଅରୁଣ ନିଆଁ ଧାସରୁ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡି ଆସୁଥିବାବେଳେ ହଠାତ କଡେଇ ପାଖରେ ଛିଟିକି ପଡିଥିବା ତେଲରେ ତାଙ୍କ ଗୋଡ ଖସି ଯାଇଥିଲା। ନିଆଁର ବେଗ ଏତେ ତୀବ୍ର ଥିଲା ଯେ ଅରୁଣ ଦେହରେ ନିଆଁ ଲାଗି ଯାଇଥିଲା। ଏହି ଦୃଶ୍ୟ ଦେଖି ଅନୀଲ ଓ ମନୋଜ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଥିବାବେଳେ ସେ ଦୁଇଜଣ ମଧ୍ୟ ନିଆଁ ଘେରରେ ପଡି ଯାଇଥିଲେ। ଫଳରେ ଅନୀଲର ବାମ ହାତ ଓ ମନୋଜର ଛାତି, ଗୋଡରେ ନିଆଁ ଲାଗି ଯାଇଥିଲା। ଦୋକାନରେ ଖୁବ ଜୋରରେ ନିଆଁଧାସ ବାହାରୁଥିବା ଦେଖି ସ୍ଥାନୀୟ ବ୍ୟବସାୟୀମାନେ ଅଗ୍ନିସମ ବିଭାଗକୁ ଫୋନ ଯୋଗେ ଅବଗତ କରିଥିଲେ। ନିଆଁ ଲାଗିବାର ୧୫ ମିନିଟ୍ ପରେ ଅଗ୍ନିସମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚାହିଁଥିଲେ ମଧ୍ୟ ଏହା ଆୟତ୍ତ ହୋଇ ପାରି ନ ଥିଲା। ପରେ ଆରଏସ୍‌ପିର ଅଗ୍ନିସମ ବିଭାଗ ପକ୍ଷରୁ ୨ଟି ଦମକଳ ଗାଡି ଆସି ଉକ୍ତ ଉକ୍ତ ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ମିଠା ଦୋକାନର ଅଧିକାଂଶ ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିଲା। ଏନେଇ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।




ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି।

## ସଂକ୍ଷେପରେ

### ସ୍ପୋର୍ଟ୍ସ ଦୋକାନରୁ ଲକ୍ଷାଧିକ ଟଙ୍କାର ସମାଗ୍ରୀ ଚୋରି

**ରାଉରକେଲା ଅଫିସ,୨୨।୧୦:** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଟିମ୍ବରକଲୋନୀ ଅଞ୍ଚଳରେ ଥିବା ଏକ ସ୍ପୋର୍ଟ୍ସ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୧୧।୨୨)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗୋପବନ୍ଧୁପାଲି ଅଞ୍ଚଳରେ ଜିତେନ୍ଦ୍ର କୁମାର ପରିବାର ସହ ବାସ କରନ୍ତି। ସେ ଟିମ୍ବରକଲୋନୀ ଅଞ୍ଚଳରେ ଥିବା ଆରଏମ୍‌ସି ଭେଣ୍ଡିଙ୍ଗ୍‌ଜୋନ୍‌ରେ ଏକ ସ୍ପୋର୍ଟ୍ସ ଦୋକାନ କରିଛନ୍ତି। ସବୁଦିନ ପରି ଶୁକ୍ରବାର ରାତି ସାଢ଼େ ୯ଟାରେ ସେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଶୁକ୍ରବାର ରାତି ୨ଟାରେ ତାଙ୍କ ଦୋକାନର ପଛପଟ ଟିଣକୁ କାଟି କିଛି ଦୁର୍ବୃତ୍ତ ଦୋକାନ ଭିତରେ ପଶି ୧୦ ହଜାର ଟଙ୍କାର ଟ୍ରାକସୁଟ୍, ଟି-ସାର୍ଟ ଓ ଅନ୍ୟାନ୍ୟ ଖେଳ ସାମଗ୍ରୀ ସହ ଡ୍ରରୁ ୧ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ଶନିବାର ସକାଳ ଜିତେନ୍ଦ୍ର ଦୋକାନ ଖୋଲିବାକୁ ଯାଇ ଦୋକାନ ପଛପଟ ଭଙ୍ଗା ଯାଇଥିବା ଓ ଜିନିଷ ଖେଳାଇ ହୋଇ ପଡିଥିବା ଦେଖି ସେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୋକାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା।

### ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

**ବାଇକ ଧକ୍କାରେ ଦ୍ୱିତୀୟ ଶ୍ରେଣୀ ଛାତ୍ର ଆହତ**

**ଲୋଇସିଂହା,୨୨।୧୦(ଡି.ଏନ.ଏ):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁର୍ଡା ବସ୍‌ଷ୍ଟାଣ୍ଡରେ ବାଇକ ଧକ୍କାରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ବୁର୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭମ ରଣା। ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଖବର ପାଇ ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ପଧାନ ଓ ଜଣେ ସହକାରୀ ଶିକ୍ଷକ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱଳ୍ପ ସମୟ ରହି ଅଭିଭାବକଙ୍କୁ ୧ଶହ ଟଙ୍କା ଦେଇ ଚାଲି ଆସିଥିଲେ। ରାଜପଥ ପାର୍ଶ୍ୱ ଏହି ସ୍କୁଲକୁ ପହଞ୍ଚିବା ଓ ଛୁଟି ସମୟରେ ଶିକ୍ଷକମାନେ ପିଲାଙ୍କ ଦାୟିତ୍ୱ ନେବା କଥା ନୁହେଁ କି ବୋଲି ଅଭିଭାବକମାନେ ପ୍ରଧାନଶିକ୍ଷକଙ୍କୁ ପଚାରି ଥିଲେ। ସ୍କୁଲ ସମୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ। ତେଣୁ ପୂର୍ବାହ୍ନ ୯.୩୦ରୁ ଆସି ପିଲାଙ୍କୁ ରାସ୍ତାକଡରୁ ସ୍କୁଲ ନେବା ସମ୍ଭବ ନୁହେଁ ବୋଲି ପ୍ରଧାନଶିକ୍ଷକ କହି ଘଟଣାକୁ ଏଡାଇ ଯାଇଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଇଓ ରୀନା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଧାନ ଶିକ୍ଷକ ଏପରି କହିବା ଠିକ୍ ନୁହେଁ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ କି ବ୍ୟବସ୍ଥା କରାଯାଇ ପାରିବ ସେ ନେଇ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରି କରିବେ ବୋଲି ସେ କହିଥିଲେ। ବୁର୍ଡା ଗ୍ରାମ ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଗ୍ରାମର ଆପରପାର୍ଶ୍ୱରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ଅଛି। ରାସ୍ତା ପାର ହୋଇ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ସ୍କୁଲ ଯିବା ଆସିବା କରିଥାନ୍ତି। ବ୍ୟସ୍ତବହୁଳ ରାଜପଥ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ।

# ରାଉରକେଲାରେ ଗଡ଼ିବ ମୋ ବସ୍

**ଚଳିତ ମାସ ୨୮ ତାରିଖ ଶେଷ ହେବ ଟେଣ୍ଡର ପ୍ରକ୍ରିୟା**

**ରାଉରକେଲା ଅଫିସ,୨୨।୧୦**

ଷ୍ଟିଲସିଟି ରାଉରକେଲାରେ ଡିସେମ୍ବର ଶେଷ ସୁଦ୍ଧା ସହରବାସୀଙ୍କୁ ମିଳିବ ମୋ ବସ୍‌ର ସେବା। ୨୦୨୩ ମସିହାରେ ସହରରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନକୁ ଦୃଷ୍ଟିରେ ରଖି କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପ୍ରଥମେ ଭୁବନେଶ୍ୱର, କଟକ ଓ ପୁରୀ ପରେ ରାଉରକେଲାରେ ଏହି ସେବା ଯୋଗାଇ ଦେବା ପାଇଁ ନିଷ୍ପତି ନେଇଛି। ଏନେଇ ସହରରେ ପ୍ରଥମ ପର୍ଯ୍ୟାୟରେ ଶହେଟି ବସ୍ ଚଳାଚଳ ହେବାର ବ୍ୟବସ୍ଥା କରାଯାଇଥିବାବେଳେ ସେଥିରୁ ୩୦ଟି ନନ୍ ଏସି ଓ ୭୦ଟି ଏସି ବସ୍‌ର ସୁବିଧା ସହରବାସୀଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏଥିପାଇଁ କ୍ରୁଟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଚଳିତ ମାସ ୨୮ ତାରିଖ ଭିତରେ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ବସ୍ ଗୁଡ଼ିକ ରାଉରକେଲାରୁ ବଣାଇ, ଝାରସୁଗୁଡା, ରାଜଗାଙ୍ଗପୁର ସମେତ ବିଭିନ୍ନ ବ୍ଲକ ଏରିଆକୁ ଯାତାୟତ କରିବ। ଷ୍ଟିଲ ସିଟିରେ ମୋ ବସ୍ ଯାତାୟତ କଲେ ସହରରେ ବାସ କରୁଥିବା ପ୍ରାୟ ସାଢ଼େ ୬ଲକ୍ଷ ଜନସାଧାରଣ ଉପକୃତ ହେବେ। ଏହି ବସ ସେବା ଯେଉଁ ଟେଣ୍ଡର ଆବେଦନକାରୀମାନେ ପାଇବେ ସେମାନେ କ୍ରୁଟ ସହ ବସ୍‌ର ରକ୍ଷଣାବେକ୍ଷଣ ଠାରୁ ଆରମ୍ଭ କରି ବସ୍‌ର ଅପରେଟରଙ୍କ ସହ ୮ ବର୍ଷ ଟେଣ୍ଡର ଚୁକ୍ତି ହେବ। ଏହା ପୂର୍ବରୁ ସହରରେ ସୁନ୍ଦରଗଡ ଅର୍ବାନ ଟ୍ରାନ୍ସପୋର୍ଟ ଟ୍ରଷ୍ଟ(ସୁଟ୍) ପକ୍ଷରୁ ଚାଲିଥିବା ବସ୍ ସେବା ବିଫଳ ହୋଇଛି। ଏହି ବସ୍‌ସେବା ସହରର ବହୁ ପ୍ରମୁଖ ସ୍ଥାନକୁ ନ ଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସହରରେ ପ୍ରଥମ ପର୍ଯ୍ୟାୟରେ ମୋ ବସ୍‌ର ଚଳାଚଳ ଚାହିଦା ଦେଖିବା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନିଷ୍ପତ୍ତି ନିଆଯିବ। ଏନେଇ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ବସ୍‌ସେବା ପାଇଁ ଆମେ ବିଭିନ୍ନ ସ୍ଥାନରେ ବସ୍ ରହଣି ଷ୍ଟପେଜ ବ୍ୟବସ୍ଥା ସହ ଏହାର ଚଳାଚଳ ପାଇଁ କେଉଁ ରୁଟ କିଭଳି ଯାତାୟତ କରିବ ସେନେଇ ଟେଣ୍ଡର ପ୍ରକ୍ରିୟା ଶେଷ ପରେ ବିସ୍ତୃତ ଆଲୋଚନା କରିବୁ। ହକି ୱାର୍ଲଡ଼ କପ୍ ପୂର୍ବରୁ ସହରରେ ମୋ ବସ୍ ସେବା ସହରବାସୀଙ୍କ ପାଇଁ ସ୍ୱାଗତଯୋଗ ପଦକ୍ଷେପ ହେବ।



ମୋ ବସ୍।

# ମୁଲାୟମ ସିଂ ଯାଦବଙ୍କୁ ଶ୍ରଦ୍ଧାଞ୍ଜଳି



ଦଳୀୟ ସଭାରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

**ସର୍ବଦଳୀୟ ଶୋକସଭା**

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସମାଜବାଦୀ ପାର୍ଟିର ସଂସ୍ଥାପକ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କୃଷକମାନଙ୍କ ହିତୈସୀ ତଥା ଧରତି ପୁତ୍ର ନାମରେ ପରିଚିତ ମୁଲାୟମ ସିଂ ଯାଦବଙ୍କ ଏକାଦଶାହ ଅବସରରେ ସମାଜବାଦୀ ପାର୍ଟି ପଶ୍ଚିମ ଓଡ଼ିଶା ଜୋନାଲ କମିଟି ଓ ଯାଦବ ମହାସଭା, ତେଲି ମହାସଭା ତରଫରୁ ଏହି ସଭା ଆୟୋଜିତ ହୋଇଥିଲା। ଏଥିରେ ପାର୍ଟିର ସମ୍ବଲପୁର ଜିଲା ସଭାପତି ଅନିଲ ଯାଦବ, ସମାଜବାଦୀ ଲୋହିଆ ବାହିନୀର ରାଷ୍ଟ୍ରୀୟ ସମ୍ପାଦକ ପ୍ରଦୀପ ମିଶ୍ର, ପୂର୍ବତନ ଏମ୍‌ପି ଭବାନୀ ହୋତା, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ବିଜେଡି ଯୁବନେତା ସଞ୍ଜିତ ମହାନ୍ତି, ଓବିସି ମଞ୍ଚ ରାଜ୍ୟ ସଭାପତି ଶଙ୍କର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ବେହେରା ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସବୁ କ୍ଷେତ୍ରରେ ମୁଲାୟମ ସିଂ ଯାଦବଙ୍କ ଭୂମିକା ସର୍ବଦା ଉଲ୍ଲେଖନୀୟ ରହିବ ଓ ସେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଚିର ଅମର ହୋଇ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ଯୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ଯୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ସୁନ୍ଦରଗଡ଼, ୨୨।୧୦(ଡି.ଏନ.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ରେଡକ୍ରସ କାଉନସେଲରମାନଙ୍କୁ ସମ୍ବୋଧିତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା:ସରୋଜ କୁମାର ମିଶ୍ର ଯୋଗ ଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ଭାରତୀୟ ରେଡକ୍ରସର ଜିଲା ସଚିବ କୁନ୍ତୀରାଣୀ ନାଏକ ଓ ଯୁଗ୍ମ ସଚିବ ଅଜିତ ପ୍ରସାଦ ଯୋଗ ଦେଇ ରେଡକ୍ରସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସର ଜିଲା ଅଧ୍ୟକ୍ଷ ତଥା ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଯୁବ ରେଡକ୍ରସକୁ ଅଧିକ କ୍ରିୟାଶୀଳ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଯୁବ ରେଡକ୍ରସର ବାର୍ଷିକ କାର୍ଯ୍ୟ ଖସଡ଼ା, ଜିଲା ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଯୁବରେଡକ୍ରସର ଜିଲା ସଚିବ ପୀତାମ୍ବର ବେହେରା ଓ ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ଆଲୋଚନା କରିଥିଲେ। ସରୋଜ ପୂଜାରୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ପ୍ରଭାକର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରାଉରକେଲା ମହାବିଦ୍ୟାଳୟ, ସର୍ବତୀ ମହିଳା ମହାବିଦ୍ୟାଳୟ ଓ ଡାଲମିଆ ମହାବିଦ୍ୟାଳୟ ଯୁବ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମରେ ଶୀର୍ଷରେ ରହିଛନ୍ତି। ରଞ୍ଜନ ମହାନନ୍ଦିଆ, କିରଣ ବନଛୋର୍, ନିବେଦିତା ପଟ୍ଟନାୟକ, ଲିପସା ବଳିୟାର ସିଂହ, ଚେରିଶ ରଞ୍ଜନ ମିସ୍ତ୍ରୀ ଆଦି ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିତା ତନ୍ତୀ ଓ କରଣ ପଟେଲ ସଭା ପରିଚାଳନା କରିଥିଲେ।

## ଠିକା କାମକୁ ନେଇ ଗଣ୍ଡଗୋଳ, ୩ ଗିରଫ

**ଦେଓଗାଁ, ୨୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ହାଇସ୍କୁଲରେ ୫ଟି କାମକୁ ନେଇ ଗାଁରେ ମାରପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା(୨୦୫/ ୨୨)ରୁଜୁ କରି ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭିକାରୀ ପଧାନ, ସନ୍ତୋଷ ପଧାନ ଓ ଗାଇବାହାଲ ସମିତି ସଭ୍ୟାଙ୍କ ସ୍ୱାମୀ ସୁଶାନ୍ତ ସେଠ। ଏହି ଘଟଣାରେ ଅନ୍ୟ ୩ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି। ଗଣ୍ଡଗୋଳରେ ଗୁରୁତର ଦିଗରାଜ ପଧାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଇବାହାଲ ଉନ୍ନିତ ହାଇସ୍କୁଲରେ ୫ଟି ରୂପାନ୍ତରିକରଣ କାମ ଆରମ୍ଭ କରାଯାଇଛି। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ଆଗୋଚରରେ କାମ ଆରମ୍ଭ କରାଯାଇଥିବାରୁ ପରିଚାଳନା କମିଟି ଉଦ୍‌ବେଗ ପ୍ରକାଶ କରି ବୈଠକ ବସିଥିଲା। ଏହାପରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ବିଡିଓ ଓ ସହକାରୀ ଯନ୍ତ୍ରୀ ହାଇସ୍କୁଲକୁ ଯାଇ ସମସ୍ୟା ଉପରେ ଆଲୋଚନା ପରେ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାମକୁ ନେଇ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା।

# ଆତ ଦେଇଛି ବାଦି ଗ୍ରାମର ପରିଚୟ



ରାସ୍ତା କଡ଼ରେ ଆତ ବିକ୍ରି ହେଉଛି।

**ଖଡ଼ିଆଳ, ୨୨।୧୦(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବାଦୀ ଗ୍ରାମ। ଏହି ଗ୍ରାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ଆତ ଫଳ। ଯାହାକି ଏହି ଫଳ ବର୍ଷକୁ ଥରେ ମାତ୍ର ମିଳିଥାଏ। ବର୍ଷର ଅକ୍ଟୋବର ଓ ନଭେମ୍ବର ଏହି ଦୁଇ ମାସରେ ମିଳିପାରେ। ହେଲେ ଏହି ଫଳ ପାଇଁ ଗ୍ରାମର ଶତାଧିକ ଲୋକେ ଭଲ ଦୁଇ ପଇସା ରୋଜଗାର କରିପାରିଥାନ୍ତି। ଏହି ଆତ ଚାଷ କରି ଦୁଇ ମାସରେ ଜଣେ ଜଣେ ଚାଷୀ ପନ୍ଦର ହଜାର ଠାରୁ କୋଡିଏ ହଜାର ଟଙ୍କା ରୋଜଗାର କରି ପାରିଥାନ୍ତି। ଏନେଇ ଚାଷୀମାନେ ନିଜ ଜମିରେ ଏକ ଶହରୁ ଉର୍ଦ୍ଧ୍ୱ ଆତ ଗଛ ଚାଷ କରିଥାନ୍ତି। ଯାହାକି ତାହାର ଲାଭ ବର୍ଷରେ ଥରେ ମାତ୍ର ମିଳିଥାଏ। ହେଲେ ଏହି ବାଦି ଗ୍ରାମର ଆତ ନୂଆପଡ଼ା ଜିଲାକୁ ଏକ ଅନ୍ୟତମ ପରିଚୟ ଦେବାକୁ ଯାଉଥିବା ଜଣାପଡ଼ିଛି। କାରଣ ଏହି ଆତ ଅନ୍ୟ ଜିଲା ଅପେକ୍ଷା ଭାରି ସୁସ୍ୱାଦୁ ହୋଇଥିବା ହେତୁ ଖଡ଼ିଆଳ ସହରର ଅନେକ ଲୋକ ବାଦି ଗ୍ରାମର ରାସ୍ତା କଡ଼ରେ ବିକ୍ରି ହେଉଥିବା ଆତ କୁ ହିଁ ପସନ୍ଦ କରି ଏହି ଆତକୁ ଜିଲାର ଖଡ଼ିଆଳ, ନୂଆପଡ଼ା, ବୋଡ଼େନ, ସିନାପାଲି, କଳାହାଣ୍ଡି, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ, ସୋନପୁର ତଥା ଭୁବନେଶ୍ୱର , କଟକ ସମେତ ଛତିଶଗଡ ଓ ଅନ୍ୟ ରାଜ୍ୟକୁ ନିଜ ସମ୍ପର୍କୀୟମାନଙ୍କୁ ପ୍ରେରଣ କରୁଥିବା ଦେଖିବାକୁ ମିଳିଛି। ଏନେଇ ଏହାର ବିକ୍ରି ବ୍ୟବସ୍ଥା ନ ଥିବା ହେତୁ ଗ୍ରାମବାସୀ ରାସ୍ତା କଡରେ ବିକ୍ରି କରିଥିବା ପ୍ରକାଶ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍ ଡ୍ରିଲ୍

**ସୁନ୍ଦରଗଡ,୨୨।୧୦(ଡି.ଏନ.ଏ.)**

ଅଗ୍ନିକାଣ୍ଡ, ବନ୍ୟା, ବାତ୍ୟା, ଭୂମିକମ୍ପ ଭଳିଆ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓ ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯିବ ସେ ନେଇ ଶନିବାର ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଏକ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାର ସମସ୍ତ କୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ପଟେଲ,ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇ ଆବଶ୍ୟକ ସଚେତନତା ଓ ମୁକାବିଲା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଶିକ୍ଷା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅଶୋକ କୁମାର ପରିଡା, ପ୍ରୀତି ପ୍ରସାଦ, ଦେବାଶିଷ ଦାସ, ବିଶ୍ୱଶଙ୍କର ପଟେଲ, ସୂର୍ଯ୍ୟ ନାଏକ, ସନ୍ତୋଷ ମହନ୍ତ, ପ୍ରିୟଙ୍କା ଜେନା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ମକ୍ ଡ୍ରିଲ କାର୍ଯ୍ୟକ୍ରମ।

## ଜଳେଶ୍ୱର ମନ୍ଦିରରୁ ଚୋରି

**ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରସିଦ୍ଧ ଜଳେଶ୍ୱର ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ଦାନବାକ୍ସ, ଘଣ୍ଟ,ବାସନକୁସନ ଆଦି ସାମଗ୍ରୀ ଚୋରି କରି ନେଇଥିବା ଜଣାପଡିଛି। ଶନିବାର ସକାଳେ ମନ୍ଦିରର ପୂଜକ ଏହା ଦେଖିବା ପରେ ପରିଚାଳନା କମିଟିକୁ ଜଣାଇଥିଲେ। ପରେ ମନ୍ଦିର ସମ୍ପାଦକ ସତ୍ୟ ନାରାୟଣ ବିଶି ଭବାନୀପାଟଣା ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଫଟୋରେ ଖବର



ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଓଡ଼ିଶାର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର ୩୫ଜଣ ୪ର୍ଥ ବର୍ଷ କୃଷି ସ୍ନାତକ ଛାତ୍ରୀଛାତ୍ରଙ୍କୁ ତାଲିମ ସହ କୃଷି କ୍ଷେତକୁ ନେଇ ବିଭିନ୍ନ ପ୍ରକାର ରୋଗପୋକକୁ ଚିହ୍ନଟ ଓ ତାର ପରିଚାଳନା ଉପରେ ତାଲିମ ଦିଆଯାଉଛି।

# ଖାଦ୍ୟ ପାଇଁ ବନ୍ୟପ୍ରାଣୀ ଗାଁମୁହାଁ

- ନିଦ ହଜାଇଲେ ୨ଦନ୍ତା, ଆକ୍ରମଣରେ ବୃଦ୍ଧା ମୃତ
- ସାନଗୁର୍ଜିଭଟାରେ ୩ଭାଲୁ, ଲୋକେ ଭୟଭୀତ
- ସୁରକ୍ଷିତ ଘଉଡାଇବାକୁ ଉଦ୍ୟମ କରାଯାଉଛି: ବନ ବିଭାଗ

**ଲାଠୋର/ଖପ୍ରାଖୋଲ, ୨୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶନିବାର ୨ଟି ଦନ୍ତା ଓ ୩ଟି ଭାଲୁ ଲୋକଙ୍କ ନିଦ ହଜାଇ ଥିଲେ। ନୂଆପଡ଼ା ଜିଲା କୋମନା ବନାଞ୍ଚଳ ଅଧୀନ ଟିକ୍ରାପଡ଼ା ଦେଇ ୨ଟି ଦନ୍ତା ହାତୀ ଖର୍ଲି ଗ୍ରାମରେ ଶନିବାର ସକାଳେ ପହଞ୍ଚିଥିଲେ। ସେଠାରୁ ଲାଠୋର ଗାଁ ପୋଖରୀ ଦେଇ ରେଳ ଫାଟକ ନିକଟରେ ଭୋର ସମୟରେ ବୁଲାବୁଲି କରୁଥିବା ଲୋକେ ଦେଖିଥିଲେ। ଖବର ପାଇ ଲାଠୋର ବନପାଳ ସମୀର ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବନରକ୍ଷୀ ପରିମିତା ମହାଲିଙ୍ଗ ଏବଂ ପାରା ଷ୍ଟାଫ ରେଳ ଫାଟକଠାରୁ ହାତୀଙ୍କୁ ଲାଠୋର-ଖପ୍ରାଖୋଲ ମୁଖ୍ୟ ରାସ୍ତା ଦେଇ ଦୀର୍ଘ ୧୨ କି.ମି ଫୁଲକିମୁଣ୍ଡା ଚାନ୍ଦଲି ସଂରକ୍ଷଣ ଜଙ୍ଗଲକୁ ଘଉଡାଇ ଦେଇଥିଲେ। ଏହାପରେ ଗନ୍ଧମାର୍ଦ୍ଦନ ପାହଡ ତଳି ହରିଶଙ୍କର ରେଞ୍ଜ ଅନ୍ତର୍ଗତ ତେଲେନପାଲି ଗାଁ ନିକଟରେ ୨ଦନ୍ତା ପହଞ୍ଚି ଥିଲେ। ସେଠାରୁ ମହରାପଦର ପଞ୍ଚାୟତ ଅନ୍ତର୍ଗତ ବାଘଝରନ ଗାଁର ବାସନ୍ତି ଅଙ୍ଗରିଆ (୭୦)ଙ୍କୁ ହାତୀ ଦଳି ମାରି ଦେଇଛି। ନିଜ ଘର ପଛ ପଟକୁ ପରିସ୍ରା ଯାଇଥିବା ବେଳେ ସେ ହାତୀ ହାବୁଡ଼ରେ ପଡ଼ିଥିଲେ। ତେବେ ହାତୀଙ୍କୁ ସୁରକ୍ଷିତଭବେ ଘଉଡାଇବାକୁ ଉଦ୍ୟମ କରାଯାଉଛି ବୋଲି ରେଞ୍ଜ ଅଧିକାରୀ ଗିରୀଧାରୀ ନାଗ କହିଛନ୍ତି। ସେହିପରି ସାନଗୁର୍ଜିଭଟା ଗ୍ରାମ ପୋଖରୀ ନିକଟରେ ସକାଳେ ଏକ ମାଇ ଭାଲୁ ସହ ଦୁଇଟି ଛୋଟ ଭାଲୁ ଥିବା ଲୋକେ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ସଅଳ କିସମ ଧାନ ଅମଳ ହେବା ଆରମ୍ଭ ହୋଇଥିବାରୁ ଖେତକୁ ଲୋକଙ୍କ ଯିବା ଆସିବା ବଢିଛି। ଏପରିସ୍ଥଳେ ସେମାନେ ଯେ, ଭାଲୁ ଆକ୍ରମଣର ଶିକାର ହେବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଜଙ୍ଗଲପ୍ରେମୀ ଅଧ୍ୟାପକ ଶିବ ପ୍ରସାଦ ପାଥର କହିଛନ୍ତି, ଦ୍ରୁତ ଜଙ୍ଗଲ ଧ୍ୱଂସ ହେତୁ ଖାଦ୍ୟ ଅନ୍ୱେଷଣରେ ବନ୍ୟଯନ୍ତୁ ଖାଇବାକୁ ନପାଇ ଗାଁ ମୁହାଁ ହେଉଛନ୍ତି। ବନ୍ୟଯନ୍ତୁ ପ୍ରେମୀ ତନ୍ତ୍ର ଧରୁଆଙ୍କ କହିବାନୁସାରେ ବନ୍ୟଯନ୍ତୁ ଗାଁ ମୁହାଁ ହେବା ସେମାନଙ୍କ ଜୀବନ ପ୍ରତି ଯେତିକି ବିପଦ, ସାଧାରଣ ଲୋକଙ୍କ ଧନଜୀବନ କୁ ସେତିକି ବିପଦ ବୋଲି ସେ କହିଛନ୍ତି।



ଘୁନସର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗଲମୁଣ୍ଡା ଗାଁରେ ୨ଦନ୍ତାହାତୀ।

**୩୦ରେ ହଟିବ ସ୍ପାଇସ୍‌ଜେଟ୍ ଉପରୁ କଟକଣା**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଘରୋଇ ବିମାନ କମ୍ପାନୀ ସ୍ପାଇସ୍‌ଜେଟ୍ ଉପରେ ଲାଗିଥିବା କଟକଣା ଚଳିତ ମାସ ଶେଷ ସୁଦ୍ଧା ହଟାଇ ଦିଆଯିବ ବୋଲି ଜଣାପଡ଼ିଛି। ଫଳରେ ଚଳିତ ବର୍ଷ ନଭେମ୍ବର ୧ରୁ କମ୍ପାନୀ ପୂର୍ଣ୍ଣ କ୍ଷମତାରେ ସେବା ପ୍ରଦାନ କରିବ। ଏପରିକି ବିଭିନ୍ନ କାରଣ ଯୋଗୁ କମ୍ପାନୀ ୫୦% କ୍ଷମତାରେ ବିମାନ ଉଡ଼ାଣ କରୁଥିଲା। ବିଗତ ଦିନରେ କେତେକ ଯାନ୍ତ୍ରିକ ତ୍ରୁଟି ଓ ବିମାନଯାତ୍ରୀଙ୍କ ଅଭିଯୋଗ ଯୋଗୁ ସ୍ପାଇସ୍‌ଜେଟ୍ ଉପରେ ଯେଉଁ କଟକଣା ଲାଗିଥିଲା ତାହା ଅକ୍ଟୋବର ୩୦ରେ ହଟିଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଆଶାଠାରୁ ଅଧିକ ହେବ ବ୍ୟବସାୟ

## ଆଜି ଧନ୍‌ତେରସ



ନୂଆଦିଲ୍ଲୀ,୨୨।୧୦

ଚଳିତ ବର୍ଷର ଧନ୍‌ତେରସ କାରବାର ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମନରେ ଉତ୍ସାହ ଭରି ରହିଛି। ଏପରିକି ଚଳିତ ବର୍ଷ ଉଭୟ ସୁନା ଦର ଓ ସଂକ୍ରମଣ ତଳମୁହାଁ ରହିଥିବାରୁ ବ୍ୟବସାୟ ୨୦୧୯-୨୦ ଅପେକ୍ଷା ୨୦% ବୃଦ୍ଧି ପାଇବ ବୋଲି ଇଣ୍ଡିଆନ ବୁଲିଅନ ଓ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ବିଗତ ବର୍ଷର କାରବାରକୁ ଲକ୍ଷ୍ୟ କରାଗଲେ ଚଳିତ ବର୍ଷର ଧନ୍‌ତେରସ କାରବାର ୩୦୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ସେହିଭଳି ସାରା ଦେଶର ଲୋକ (ସବୁ ବର୍ଗ) ଧନ୍‌ତେରସ ଅବସରରେ ଅଳ୍ପ ବହୁତେ ସୁନା କିଣିଥାନ୍ତି। ସବୁ ବର୍ଗର ଲୋକଙ୍କ ମନରେ ଏଭଳି କିଛି ବିଶ୍ୱାସ ରହିଛି ଯେ ଧନ୍‌ତେରସରେ ସୁନା କିଣିଲେ ଉଭୟ ଧନପ୍ରାପ୍ତି ଏବଂ ଶାନ୍ତି ଲାଭ (ଗୃହକୁ ଲକ୍ଷ୍ମୀ ଆସିଥାନ୍ତି) ହୋଇଥାଏ। ସେହିପରି ଆଇବିଜେଏ ସୂଚନା ଅନୁସାରେ ଶନିବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୫୦,୦୬୨ ଟଙ୍କା ରହିଛି। ଏହା ପୂର୍ବ ବର୍ଷ ସୁନା ମୂଲ୍ୟ ୫୬ ହଜାରରୁ ଅଧିକ ରହିଥିଲା।

ଅପରପକ୍ଷେ ଓଡ଼ିଶା ବଜାରରେ ମଧ୍ୟ ଧନ୍‌ତେରସକୁ ନେଇ ଗ୍ରାହକଙ୍କ ମନରେ ଅନେକ ଉତ୍ସାହ ରହିଛି। ଭୁବନେଶ୍ୱରରେ ମଧ୍ୟ ଧନ୍‌ତେରସକୁ ନେଇ ଗ୍ରାହକ ମଧ୍ୟରେ ପ୍ରବଳ ଆଗ୍ରହ ସହ ନିଜ ସକ୍ଷମ ଅନୁଯାୟୀ ସୁନା କିଣିବା ପାଇଁ ଗତ ୪ରୁ ୫ ଦିନ ହେବ ସହରର ବିଭିନ୍ନ ବର୍ଗର ଅଳଙ୍କାର ପ୍ରତିଷ୍ଠାନରେ ଭିଡ଼ ଲଗାଉଛନ୍ତି। ଏପରିକି ଭୁବନେଶ୍ୱରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଗୁଡ଼ିକର କହିବା ଅନୁଯାୟୀ ଚଳିତ ବର୍ଷ ଧନ୍‌ତେରସ ପୂର୍ବ ବର୍ଷ (୨୦୧୯)ର ବିକ୍ରି ରେକର୍ଡ ଭଙ୍ଗ କରିପାରେ ବୋଲି ଆକଳନ କରାଯାଉଛି। ୨୦୧୯ଠାରୁ ୨୫ରୁ ୩୦% କାରବାର ଅଧିକ ହେବ ବୋଲି ଆଶା ରହିଛି। ବିଶେଷକରି ଚଳିତ ବର୍ଷ ପୂର୍ବ ବର୍ଷଗୁଡିକ ଭଳି ଭୟ ଓ ଦରବୃଦ୍ଧି ନ ଥିବାରୁ ୧୦୦ରୁ ୧୧୦ କୋଟି ଟଙ୍କାର କାରବାର ହେବ ବୋଲି ଆକଳନ କରାଯାଇଛି। କାରଣ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସହରର ଜଣାଶୁଣା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ପ୍ରତି କ୍ରୟରେ ଉପହାର ଏବଂ ଲକି ଡ୍ର ଭଳି ସୁବିଧା ଓ ବ୍ୟବସ୍ଥା କରାଯାଇଛି। ସେହିଭଳି ଓଡ଼ିଶାର ପ୍ରମୁଖ ବଜାର ବ୍ରହ୍ମପୁର, ରାଉରକେଲା, କଟକ, ବାଲେଶ୍ୱର, ସମ୍ବଲପୁର ଭଳି ରାଜ୍ୟର ୩୦ଜିଲା ମୁଖ୍ୟାଳୟ (ସହର)ଗୁଡ଼ିକରେ ଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର କାରବାର ମଧ୍ୟ ୬୦ ରୁ ୭୦ କୋଟି ଟଙ୍କାର ହେବା ନେଇ ବ୍ୟବସାୟୀମାନେ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର ଶାଖା ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ରହିଛି। ସେ ସମସ୍ତଙ୍କର ଆକର୍ଷଣୀୟ ଉପହାର ଓ ବ୍ରାଣ୍ଡ୍ ମଧ୍ୟ କାରବାରର ଏକ ପ୍ରମୁଖ ଅଂଶ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ଓଡ଼ିଶା ବଜାରରେ ସୁନା ଦର ୪୫ରୁ ୪୮ ହଜାର ଟଙ୍କା ଥିବାବେଳେ ରୁପା କେଜି ୬୩ରୁ ୬୪ ହଜାର ଟଙ୍କା ଏବଂ ହୀରା ମୂଲ୍ୟ ମଧ୍ୟ ୧୫ ହଜାରରୁ ଆରମ୍ଭ ହେଉଛି।

## ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୧୦




ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଜିଓ) ପକ୍ଷରୁ 'ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇ' ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଶିକ୍ଷାନୁଷ୍ଠାନ, ଧାର୍ମିକସ୍ଥଳ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ, କମର୍ସିଆଲ୍ ହବ୍ ଭଳି ଅଧିକ ଭିଡ଼ ରହୁଥିବା ସ୍ଥାନରେ ଏହି ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ଏପରିକି ଦେଶର ସମସ୍ତଙ୍କ ପାଖରେ ୫ଜି ପହଞ୍ଚାଇବା ଲାଗି ଜିଓ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ନିକଟରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀରେ ଶୁଭାରମ୍ଭ କରାଯାଇଥିବା ଜିଓ ଟ୍ରୁ-୫ଜି ସେବା ଏବଂ ଜିଓ ୱେଲ୍‌କମ ଅଫର ସହ ଏହି ସେବାକୁ ମଧ୍ୟ ଯୋଡ଼ାଯାଇଛି। ଏପରିକି ଟ୍ରୁ-୫ଜି ଲାଗି ପ୍ରସ୍ତୁତ ହ୍ୟାଣ୍ଡସେଟ୍ ଉପଲବ୍ଧତା ବଢ଼ାଇବା ଲାଗି ଜିଓ ଟିମ୍ ଅବିରତ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ନାଥଦ୍ୱାରା ଠାରେ ଜିଓ ପକ୍ଷରୁ ଶନିବାର ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇ ସେବା ଆରମ୍ଭ କରାଯାଇଛି। ସେହିପରି ଜିଓ ୱେଲ୍‌କମ୍ ଅଫର ଅବଧିରେ ଜିଓର ଗ୍ରାହକମାନେ ବିନା କୌଣସି ଚାର୍ଜରେ ଏହି ସେବା ପାଇପାରିବେ ଏବଂ ଅଣ-ଜିଓ ଗ୍ରାହକମାନେ ମଧ୍ୟ ଜିଓକୁ ଆସି ପୂର୍ଣ୍ଣ ଏବଂ ଅସୀମିତ ସେବା ଅନୁଭବ ହାସଲ କରିବା ପୂର୍ବରୁ ମଧ୍ୟ ଏହି ସେବାକୁ ବ୍ୟବହାର କରିପାରିବେ। ଜିଓର 'ଉଇ କେୟାର' ଦର୍ଶନ ଯାହା ଏହାର ବ୍ରାଣ୍ଡ ମୂଲ୍ୟବୋଧର ମୂଳମନ୍ତ୍ର ହୋଇ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ କହିଛନ୍ତି, ମାନବତା ପ୍ରତି ସେବା ହେଉଛି ଭାରତୀୟ ସଂସ୍କୃତିର ଏକ ସ୍ନେହଭରା ଦିଗ। ଏହାର ମୂଳ ଆମର ସାମାଜିକ-ଧାର୍ମିକ ପରମ୍ପରା ଆଦିରେ ଦେଖିବାକୁ ମିଳୁଛି। ପୂର୍ବରୁ କୁହାଯାଇଥିବା ଅନୁସାରେ ୫ଜି କେବଳ କିଛି ସ୍ୱଚ୍ଛଳ କିମ୍ବା ବୃହତ୍ ସହରରେ ବାସ କରୁଥିବା ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ସେବା ହୋଇ ରହିବ ନାହିଁ। ଏହା ଭାରତର ପ୍ରତି ନାଗରିକ, ପ୍ରତି ଘର ଏବଂ ପ୍ରତି ବ୍ୟବସାୟ ପାଇଁ ନିଶ୍ଚିତ ରୂପେ ଉପଲବ୍ଧ ହେବ। ପ୍ରତି ଭାରତୀୟଙ୍କ ପାଖରେ ଜିଓ ଟ୍ରୁ-୫ଜି ପହଞ୍ଚାଇବା ଦିଗରେ ଏହା ହେଉଛି ଏକ ପଦକ୍ଷେପ। ଆଜି ଆମେ ନାଥଦ୍ୱାରା ଏବଂ ପ୍ରଭୁ ଶ୍ରୀନାଥଜୀଙ୍କ ମନ୍ଦିରରେ ପ୍ରଥମ ଟ୍ରୁ-୫ଜି ୱାଇ-ଫାଇ ସେବାର ଶୁଭାରମ୍ଭ କରିଛୁ।

## ୟୁବିଓଆଇ ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



ସତ୍ୟବ୍ରତ ସାମଲ

ଭୁବନେଶ୍ୱର,୨୨।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଓଆଇ)ର ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସତ୍ୟବ୍ରତ ସାମଲ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କୋଲକାତାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନ ଏକ ଶାଖାରେ ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସାମଲ ୨୦୦୭ରେ ୟୁବିଓଆଇରେ ଯୋଗଦେବା ସହ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ଆସାମ ଓ ଓଡ଼ିଶା ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ତାଙ୍କର ବ୍ୟାଙ୍କିଙ୍ଗ୍ ସେବାରେ ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ଏପରିକି ବ୍ରହ୍ମପୁର କ୍ଷେତ୍ର ଅଧୀନରେ ଥିବା ଗଞ୍ଜାମ, ବୌଦ୍ଧ, ନୟାଗଡ଼, ଫୁଲବାଣୀ ଓ କନ୍ଧମାଳ ଜିଲାରେ ବ୍ୟାଙ୍କର ୬୨ ଶାଖା ରହିଥିବା ବେଳେ ଏହି କ୍ଷେତ୍ରରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୪,୮୦୦ କୋଟିରେ ପହଞ୍ଚିଛି। ଉକ୍ତ କ୍ଷେତ୍ରରେ ସାମଲ ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଯୋଗଦେବା ସହ ଡିଜିଟାଇଜେଶନ ଓ କ୍ରେଡିଟ୍ ଉପରେ ଅଧିକ ଧ୍ୟାନ ଦେବେ ବୋଲି ସେ ମତପ୍ରକାଶ କରିଛନ୍ତି।

## ପ୍ରତିରକ୍ଷା କ୍ଷେତ୍ରକୁ ଉନ୍ନତ ସାମଗ୍ରୀ ଯୋଗାଇବ ଜିନ୍ଦଲ




ନୂଆଦିଲ୍ଲୀ,୨୨।୧୦

ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ୧୨ତମ ଡିଫେଏକ୍ସପୋ-୨୦୨୨ରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପ୍ରତିରକ୍ଷା ଭର୍ଟିକାଲ ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଅଂଶ ଗ୍ରହଣ କରିଥିଲା। ୫ଦିନିଆ ଏହି ଏକ୍ସପୋକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଜଣାଶୁଣା ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଇଞ୍ଜିନିୟରିଂ, ପ୍ରତିରକ୍ଷା ଉତ୍ପାଦର ବିକାଶ ଓ ନିର୍ମାଣ ପାଇଁ ରାଜ୍ୟ ମାଲିକାନାଧୀନ ଯନ୍ତ୍ର ଇଣ୍ଡିଆ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍‌ର ମୁଖ୍ୟ ସି.ପି. ଅଗ୍ରୱାଲ କହିଛନ୍ତି, ନିକେଲ ଆଧାରିତ ଆଲଏଜ୍ ସହ ବଳିଷ୍ଠ ଷ୍ଟିଲ୍ ଓ ଅଙ୍ଗାରକାମ୍ଳ ଫାଇବର ଉପସ୍ଥାପନ କରି ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଉନ୍ନତମାନର ସାମଗ୍ରୀ ପ୍ରଦର୍ଶନ କରିଥିବାରୁ ଆମେ ଗର୍ବିତ। ସେହିଭଳି ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରୟୋଗଗୁଡ଼ିକ ପାଇଁ ଫାଇବର କମ୍ପୋଜିଟ୍ ମଧ୍ୟ ହେବ। ଆମେ ଦେଶର ସାମରିକ ବାହିନୀ ପାଇଁ ପରବର୍ତ୍ତୀ ପିଢ଼ିର ସୁରକ୍ଷା ପାଇଁ କାର୍ଯ୍ୟ କରିବୁ। ଫଳରେ ଏହାଦ୍ୱାରା ଭାରତୀୟ ସୈନ୍ୟ ବାହିନୀକୁ ଭବିଷ୍ୟତର ଯୁଦ୍ଧ କ୍ଷମତା ଗଠନରେ ସହାୟତା ନୁହେଁ ବରଂ ଭାରତୀୟ ପ୍ରତିରକ୍ଷା ପ୍ରଣାଳୀର ଇକୋ ସିଷ୍ଟମକୁ ମଧ୍ୟ ମଜବୁତ କରିବ।



କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଗୁଜରାଟ ୟୁନିଟ୍ (ଇଏସ୍‌ଆଇସି) ମଧ୍ୟ ରାଷ୍ଟ୍ରୀୟ ରୋଜଗାର ମେଳାରେ ଅଂଶ ଗ୍ରହଣ କରିଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୩୩ ଜଣଙ୍କୁ ଗ୍ରୁପ୍ ସି ପଦବୀରେ ନିଯୁକ୍ତି ଦିଆଯିବା ସହ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା।

**ଫୁର୍‌ସତ୍**

# ଫ୍ୟାଶନ୍ ଇତିହାସର ସବୁଠାରୁ ଦାମୀ ପୋଷାକ



ଦ ନାଇଟ୍‌ଙ୍ଗେଲ୍ ଅଫ୍ କୁଆଲା ଲମ୍ପୁର

**ନୂଆଦିଲ୍ଲୀ:** ଅନେକ ଲୋକଙ୍କୁ ଦାମୀ ପୋଷାକ ପିନ୍ଧିବା ପସନ୍ଦ। ବହୁ ସମୟରେ କେତେଜଣ ଦାମୀ ପୋଷାକ ପିନ୍ଧି ଚର୍ଚ୍ଚାର ପରିସରକୁ ମଧ୍ୟ ଆସିଛନ୍ତି। ଫ୍ୟାଶନ୍ ଇତିହାସରେ ଏମିତି ଅନେକ ଅଧିକ ମୂଲ୍ୟର ଡ୍ରେସ୍ ତିଆରି ହୋଇଛି। ହଜାରେ କି ଲକ୍ଷେ ନୁହେଁ ବରଂ କୋଟି କୋଟି ଟଙ୍କାରେ ଏହି ଡ୍ରେସ୍ ସବୁ ତିଆରି ହୋଇଛି, ଯାହାର ଆୟତନ ଏତେ ଅଧିକ ଯେ,ଯେଉଁଥିରେ ଦୁଇଟି ଦ୍ୱୀପ କିମ୍ବା ବଡ଼ ସହର ସହଜରେ ଜାଗା ହୋଇଯିବ।

### ଦ ନାଇଟ୍‌ଙ୍ଗେଲ୍ ଅଫ୍ କୁଆଲା ଲମ୍ପୁର

ବର୍ତ୍ତମାନ ସମୟର ସବୁଠାରୁ ଦାମୀ ଡ୍ରେସ୍ ହେଉଛି 'ଦ ନାଇଟ୍‌ଙ୍ଗେଲ ଅଫ୍ ଦ ଲମ୍ପୁର'। ଏହାକୁ ଡିଜାଇନ୍ କରିଛନ୍ତି ଫୈସାଲ ଅବଦୁଲ୍ଲାହା। ଏହି ଡ୍ରେସ୍‌ର ମୂଲ୍ୟ ୩୦ ମିଲିୟନ୍ ଡଲାର ଅର୍ଥାତ୍ ୨,୪୭,୨୫,୪୦,୦୦୦ ଟଙ୍କା। କ୍ରିମ୍‌ସନ୍ ସିଲ୍କ ଏବଂ ତାଫେଟା କପଡ଼ାରେ ଏହି ଡ୍ରେସ୍ ତିଆରି ହୋଇଥିବାବେଳେ ୭୫୦ ରିୟଲ୍ ଡାଇମଣ୍ଡ ଡ୍ରେସ୍‌ରେ ଖଞ୍ଜାଯାଇଛି।

### ହାନି ଇଲ ବେହେରି ୱେଡିଂ ଡ୍ରେସ୍

୧୫ ମିଲିୟନ୍ ଡଲାରରେ ଏହି ୱେଡିଂ ଡ୍ରେସ୍ ତିଆରି କରାଯାଇଥିଲା। ୨୦୨୦ରେ ପ୍ୟାରିସ୍ ସ୍ଥିତ ହର୍ଟ କୋଟର୍‌ରେ ଏହି ଡ୍ରେସ୍‌ର ଅନାବରଣ କରାଯାଇଥିବାବେଳେ ଏଥିରେ ଶତାଧିକ ହୀରା ଓ ମୂଲ୍ୟବାନ ପଥର ଖଞ୍ଜାଯାଇଥିଲା। ହାନି ଇଲ୍ ବେହେରି ହେଉଛନ୍ତି ଇଜିପ୍ଟର ଜଣେ ଜଣାଶୁଣା ଫ୍ୟାଶନ୍ ଡିଜାଇନର। ଦାମୀ ୱେଡିଂ ଡ୍ରେସ୍ ତିଆରି କରିବାରେ ସେ ବେଶ୍ ପରିଚିତ। ଇଜିପ୍ଟର ଜଣେ ସମ୍ଭ୍ରାନ୍ତ ପରିବାରର ଝିଅଙ୍କ ବାହାଘର ପାଇଁ ଏହି ଡ୍ରେସ୍ ତିଆରି ହୋଇଥିବାବେଳେ ଏହାକୁ ତିଆରି କରିବା ଲାଗି ୮୦୦ ଘଣ୍ଟା ଲାଗିଥିଲା।

### ମାର୍ଟିନ୍ କାଟ୍‌ଜ ଆଣ୍ଡ ରେନୀ ଷ୍ଟ୍ରଉସ୍ ୱେଡିଂ ଡ୍ରେସ୍

୨୦୦୬ରେ ମାର୍ଟିନ କାର୍ଟଜ୍ ଓ ରେନୀ ଏକ ଗାଉନ୍ ତିଆରି କରିଥିଲେ। ଗାଉନ୍‌ରେ ୧୫୦ କ୍ୟାରେଟର ହୀରା ଲାଗିଥିବାବେଳେ ଏହାର ମୂଲ୍ୟ ୧୬.୨ ମିଲିୟନ୍ ଡଲାର ରହିଥିଲା।

### କୁଇନ୍ ଲେଟିଜିଆଙ୍କ ରୟାଲ୍ ୱେଡିଂ ଡ୍ରେସ୍

ସ୍ପେନ୍‌ର କୁଇନ୍ ଲେଟିଜିଆଙ୍କ ବାହାର ଗାଉନ୍‌ରେ ହାତ ସିଲେଇ ଫ୍ଲୋରାଲ କାମ ହୋଇଥିଲା, ଯେଉଁଥିରେ ସୁନାର ପାତ ମଧ୍ୟ ଖଞ୍ଜାଯାଇଥିଲା। ୨୦୦୪ରେ ଏହି ଡ୍ରେସ୍ ୧୦.୭ ମିଲିୟନ୍ ଡଲାର ମୂଲ୍ୟରେ ତିଆରି କରାଯାଇଥିଲା। ସେହି ବର୍ଷ ଲେଟିଜିଆଙ୍କ ଏହି ଡ୍ରେସ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲା।

### ୟୁମି କାଟ୍‌ସୁରା ହ୍ୱାଇଟ୍ ଗୋଲ୍ଡ ଡାଇମଣ୍ଡ ଡ୍ରେସ୍

ଜାପାନର ଫେମସ୍ ଫ୍ୟାଶନ୍ ଡିଜାଇନର ୟୁମି କାଟ୍‌ସୁରାଙ୍କ ହ୍ୱାଇଟ୍ ଗୋଲ୍ଡ ଡାଇମଣ୍ଡ ଡ୍ରେସ୍‌ର ମୂଲ୍ୟ ୮.୫ ନିୟୁତ ଡଲାର। ଡ୍ରେସ୍‌ରେ ହଜାରରୁ ଊର୍ଦ୍ଧ୍ୱ ମୋତି ସାଙ୍ଗକୁ ଲକ୍ଷାଧିକ ଡାଇମଣ୍ଡ ଖଞ୍ଜା ଯାଇଥିଲା। ଆମେରିକୀୟ ଅଭିନେତ୍ରୀ ମାରିଲିନ୍ ମୋନରେଙ୍କ ଏକ ଡ୍ରେସ୍ ମଧ୍ୟ ବେଶ୍ ଚର୍ଚ୍ଚା ସାଉଁଟିଥିଲା। ଆରେମିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ଜନ୍ମ ଦିନ ଅବସରରେ ମୋନରେ ଏହି ପୋଷାକ ପିନ୍ଧି ଥିଲେ , ଯାହାର ମୂଲ୍ୟ ୪.୮ ମିଲିୟନ୍ ଡଲାର ଥିଲା।

## 'ମୋତେ ନାଚ ଆସେନି'



କ୍ୟାଟ୍ରିନା କୈଫ୍

ମୁମ୍ବାଇ

କମଲି, ଚିକ୍‌ନି ଚମେଲି, ଶିଲାକି ଜୱାନୀ, କାଲା ଚଷମା, ମାଶାଲାହ୍, ଆଫଗାନ ଜଲେବି ଭଳି ଅନେକ ହିଟ୍ ଗୀତ ସିନେପ୍ରେମୀଙ୍କୁ ଭେଟି ଦେଇଛନ୍ତି ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍। ଏହାସତ୍ତ୍ୱେ କ୍ୟାଟ୍ରିନାଙ୍କୁ ନାଚ ଜଣା ନାହିଁ ବୋଲି ନାୟିକା ଜରକ ସ୍ୱୀକାର କରିଛନ୍ତି। କ୍ୟାଟ୍ରିନାଙ୍କ ନାଚକୁ ନେଇ ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ୟୁଜରମାନଙ୍କ ଭିତରେ କଥା କଟାକଟି ହେଉଥିବାର ମଧ୍ୟ ଦେଖିବାକୁ ମିଳେ। ତେବେ ସତରେ କ୍ୟାଟ୍ରିନାଙ୍କୁ ନାଚ ଆସେନାହିଁ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ଲୋକେ ଯାହା କହୁଛନ୍ତି ତାହା ନିରାଟ ସତ୍ୟ। ଯେତେବେଳେ ନୂଆ କରି କ୍ୟାଟ୍ରିନା ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କଲେ ସେ ସମୟରେ ନାଚକୁ ନେଇ ତାଙ୍କର କୌଣସି ଜ୍ଞାନ ନ ଥିବା ସେ କହିଛନ୍ତି। କିନ୍ତୁ କୋରିଓଗ୍ରାଫର୍ ବୋସ୍କୋ ତାଙ୍କୁ ନୃତ୍ୟ କ୍ଷେତ୍ରରେ ଅନେକ ସାହାଯ୍ୟ କରିଥିବା ସେ ଇଣ୍ଟରଭ୍ୟୁରେ ପ୍ରକାଶ କରିଛନ୍ତି। ବଲିଉଡ୍‌ର ବହୁ କୋରିଓଗ୍ରାଫରଙ୍କ ସହ ସେ କାମ କରିଥିଲେ ହେଁ ବୋସ୍କୋ ପ୍ରଥମେ କ୍ୟାଟ୍ରିନାଙ୍କୁ ନୃତ୍ୟର ଅଙ୍ଗଭଙ୍ଗୀ ଶିଖାଇଥିଲେ। ସେ ଜଣେ ଭଲ ଡ୍ୟାନ୍ସର ହୋଇପାରିବେ ଏବଂ ଏଥିଲାଗି ତାଙ୍କୁ ପରିଶ୍ରମ କରିବାକୁ ପଡ଼ିବ ବୋଲି ବୋସ୍କୋ ପରାମର୍ଶ ଦେଇଥିଲେ। ଧୀରେ ଧୀରେ କ୍ୟାଟ୍ରିନା ନାଚ ଅଭ୍ୟାସ କରିବା ଆରମ୍ଭ କରିଥିଲେ, ଆଉ ଏବେ ସେ ବଲିଉଡ୍‌ର ଜଣେ ଭଲ ଡ୍ୟାନ୍ସର ଭାବେ ଜଣାଯାଉଛନ୍ତି। ନଭେମ୍ବର ୪ରେ 'ଫୋନ୍ ଭୂତ' ନାମରେ କ୍ୟାଟ୍ରିନାଙ୍କ ଏକ ଫିଲ୍ମ ରିଲିଜ୍ ହେବାକୁ ଅଛି। ଏଥିରେ ଇଶାନ ଖତର ଓ ସିଦ୍ଧାର୍ଥ ଚତୁର୍ବେଦୀ ମଧ୍ୟ ନଜରକୁ ଆସିବେ। କିଛିଦିନ ପୂର୍ବରୁ ଫିଲ୍ମର ଟାଇଟଲ ଟ୍ରାକ୍ ରିଲିଜ୍ କରାଯାଇଛି। ଗତବର୍ଷ ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ନାୟିକାଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ସ୍ପଟ୍ କରାଯାଇଥିଲା।

## ସଲମାନଙ୍କୁ ଡେଙ୍ଗୁ



ମୁମ୍ବାଇ

ବଲିଉଡ୍‌ର ସୁପରଷ୍ଟାର ସଲମାନ ଖାନ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ନାୟକଙ୍କ ଚିକିତ୍ସା ଜାରିଥିବାବେଳେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ଖବର ପ୍ରକାଶ ପାଇଛି। ତେବେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ବିଗ୍‌ବସ୍ ସିଜନ୍ ୧୬ର ୱିକେଣ୍ଡ୍‌କା ବାର୍‌ରେ ସେ ନଜର ଆସିବେ ନାହିଁ। ତାଙ୍କ ସ୍ଥାନରେ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହର୍ ବିଗ୍ ବସ୍ ହାଉସ୍‌ରେ ଦେଖାଯିବେ। ସୁସ୍ଥ ହେବା ପେର ସେ ଖୁବ୍‌ଶୀଘ୍ର ଶୁଟିଂ ସେଟ୍‌କୁ ଫେରିବେ ବୋଲି ସଲମାନଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଇଦ୍‌ରେ ମୁକ୍ତିଲାଭ ହେବାକୁ ଥିବା 'କିସି କା ଭାଇ କିସି କା ଜାନ୍'ର ଶୁଟିଂ ମଧ୍ୟ ଜାରି ଥିବା ଜଣାପଡ଼ିଛି।

## ପାଟିରେ ୧୫୦ ଜଳନ୍ତା ମହମବତି

ୱାଶିଂଟନ୍



ଆମେରିକାର ଜଣେ ବ୍ୟକ୍ତି ଦେଢ଼ଶହ ଜଳନ୍ତା ମହମବତୀକୁ ପାଟିରେ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ୍ କରିଛନ୍ତି। ଗତ ଡିସେମ୍ବରରେ ଇଡାହୋର ଡେଭିଡ୍ ରଶ୍ ମହମବତୀକୁ ପାଟିରେ ରଖି ରେକର୍ଡ କରିବାକୁ ଉଦ୍ୟମ କରିଥିଲେ ହେଁ ସେଥିରେ ସେ ଅସଫଳ ହୋଇଥିବା କହିଛନ୍ତି। କ୍ୟାଣ୍ଡେଲଗୁଡ଼ିକର ଓଜନ ବହୁତ ଅଧିକ ହୋଇଥିବାବେଳେ ପାଟିରେ ସେଗୁଡ଼ିକୁ ରଖିବା ସହଜ ନ ଥିଲା। ପାଟିରୁ ଲାଳ ବାହାରିବା କାରଣରୁ ଏଗୁଡ଼ିକ ଖସିଯାଉଥିଲା। ମହମବତୀ ସବୁକୁ ଦାନ୍ତରେ ଜୋର୍‌ରେ କାମୁଡ଼ି ରଖିବା ଦ୍ୱାରା ୩୦ ସେକେଣ୍ଡ ପର୍ଯ୍ୟନ୍ତ ଏହା ପାଟିରେ ରହିଥିଲା ବୋଲି ରଶ୍ କହିଛନ୍ତି। ୟୁଟ୍ୟୁବରେ ଏହାର ଭିଡିଓ ସେ ନିଜେ ଶେୟାର କରିଛନ୍ତି। ତେବେ ଗୋଟିଏ ପରେ ଗୋଟିଏ ଜଳନ୍ତା କ୍ୟାଣ୍ଡେଲ ସେ ପାଟିରେ ରଖୁଥିବାର ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

# ଚାଷୀଙ୍କୁ ଠକିଛି କେନ୍ଦ୍ର: କଂଗ୍ରେସ

## ଏମ୍ଏସ୍ପି ବୃଦ୍ଧି ମୁଦ୍ରାସ୍ଫୀତି ହାରଠାରୁ କମ୍

ନୂଆଦିଲ୍ଲୀ,୨୨।୧୦(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି ନାଁରେ ଦେଶର ଚାଷୀମାନଙ୍କୁ ଠକିଛନ୍ତି। ରବି ଫସଲ ଉପରେ ଏମ୍ଏସ୍ପି ବୃଦ୍ଧି ନେଇ ସରକାର ଯେଉଁ ଘୋଷଣା କରିଛନ୍ତି, ତାହା ମୁଦ୍ରାସ୍ଫୀତି ହାରଠାରୁ ମଧ୍ୟ କମ୍ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଦୀପାବଳିର ଆଲୋକରେ କୃଷକମାନଙ୍କ କଠିନ ପରିଶ୍ରମ ହଜିଯାଇଥିବା ସେ ଅଭିଯୋଗ କରିଛନ୍ତି। କଟୁ ସତ୍ୟ ହେଲା ଏହା ଯେ, ମୋଦି ସରକାର କେବଳ ଏମ୍ଏସ୍ପି ଘୋଷଣା କରୁଛନ୍ତି, କିନ୍ତୁ ଏହି ଦାମ୍‌ରେ ଫସଲ କିଣୁନାହାନ୍ତି। ଏମ୍ଏସ୍ପିକୁ ତୁରନ୍ତ ଆଇନଗତ ମାନ୍ୟତା ପ୍ରଦାନ କରିବାକୁ ସୁର୍ଜେୱାଲା ଦାବି କରିଛନ୍ତି।


ରଣଦୀପ୍ ସୁର୍ଜେୱାଲା

# ଧାମନଗର ଉପନିର୍ବାଚନ | ବିଜେଡି ପ୍ରାର୍ଥିନୀଙ୍କ ଲାଗି ମନ୍ତ୍ରୀଙ୍କ ପ୍ରଚାର

ଧାମନଗର,୨୨।୧୦(ସ୍ୱ.ପ୍ର.)

ଉପନିର୍ବାଚନ ପାଇଁ ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତରେ ଶନିବାର ଏକ କର୍ମୀ ସମ୍ମିଳନୀରେ ବିଜେଡି ପକ୍ଷରୁ ପ୍ରଚାର କରାଯାଇଛି। ପଞ୍ଚାୟତ ପର୍ଯ୍ୟବେକ୍ଷକ ସ୍ନେହାଶିଷ ଯେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟସଭା ଏମ୍ପି ସୁଲତା ଦେଓ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପର୍ଯ୍ୟବେକ୍ଷକ ସୁନୀଲ ପଣ୍ଡା ଓ ପଞ୍ଚାୟତ ସଭାପତି କପିଳେନ୍ଦ୍ର ବଳ ଯୋଗ ଦେଇଥିଲେ। ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ବୈଠକ ଆରମ୍ଭ ହୋଇଥିଲା। ମନ୍ତ୍ରୀ ଘଡ଼େଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଏସ୍ଏଚ୍‌ଜି ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଥିବା କହିଥିଲେ। ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଅବନ୍ତୀ ଦାସଙ୍କୁ ବହୁମତରେ ଜିତାଇବା ପାଇଁ ସେ କର୍ମୀମାନଙ୍କୁ ନିବେଦନ କରିଥିଲେ। ପଞ୍ଚାୟତର ବରିଷ୍ଠ କର୍ମୀ ନିତ୍ୟାନନ୍ଦ ଦାସ, ଶୈଳେନ୍ଦ୍ର ଜେନା, ସୁରେନ୍ଦ୍ର ନନ୍ଦି, ସୁଦର୍ଶନ ମାଝି, ମାନସ ପାତ୍ର, ଅଭିମନ୍ୟୁ ସ୍ୱାଇଁ, ଅଭିରାମ ବେହେରା, ଦିଲୀପ ଦାଶ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।



ଭଗବାନପୁର ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଉଦ୍‌ବୋଧନ ଦେଉଛନ୍ତି।

# ଗୁଜରାଟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ଇସି

ନୂଆଦିଲ୍ଲୀ,୨୨।୧୦ (ପି.ଟି.)

ଗୁଜରାଟରେ ବିଧାନସଭା ନିର୍ବାଚନ ପୂର୍ବରୁ କେତେକ ଅଫିସରଙ୍କୁ ବଦଳି ଓ ପୋଷ୍ଟିଂ ପାଇଁ ନିର୍ବାଚନ କମିଶନ (ଇସି) ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏନେଇ ଇସି ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ବାରମ୍ବାର ମନେ ପକାଇବା ସତ୍ତ୍ୱେ ମୁଖ୍ୟ ସଚିବ ଏବଂ ପୋଲିସ ଡିଜି ଅନୁପାଳନ ରିପୋର୍ଟ ଦାଖଲ କରିନାହାନ୍ତି। କେଉଁ ପରିସ୍ଥିତିରେ ସେମାନେ ଧାର୍ଯ୍ୟ ସମୟ ମଧ୍ୟରେ ଅଫିସରମାନଙ୍କୁ ବଦଳି କଲେନି ଓ କ'ଣ ପାଇଁ ଅନୁପାଳନ ରିପୋର୍ଟ ଦାଖଲ କଲେନି ତାହା ଜଣାଇବାକୁ କୁହାଯାଇଛି।

ଅଫିସରମାନଙ୍କ ବଦଳି ଓ ପୋଷ୍ଟିଂ ଲାଗି ହିମାଚଳପ୍ରଦେଶ ଓ ଗୁଜରାଟ ସରକାରଙ୍କ ପାଖକୁ ଇସି ପତ୍ର ଲେଖିଥିଲେ। ନିଜ ଜିଲାରେ ନିଯୁକ୍ତ ହୋଇଥିବା ଓ ୩ ବର୍ଷ କାର୍ଯ୍ୟ କରିଥିବା ଅଫିସରଙ୍କୁ ଅନ୍ୟତ୍ର ବଦଳି ପାଇଁ କୁହାଯାଇଥିଲା। ଲୋକ ସଭା ଓ ବିଧାନସଭା ନିର୍ବାଚନ ପୂର୍ବରୁ ଇସି ଏଭଳି ନିର୍ଦ୍ଦେଶ ଦେଇଥାନ୍ତି। ନଭେମ୍ବର ୧୨ରେ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଗୁଜରାଟ ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

# ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି

## ଭୋଟରଙ୍କୁ ସୂରଜଙ୍କ ପ୍ରତିଶ୍ରୁତି


ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଆନନ୍ଦପୁରରେ ପ୍ରଚାର କରୁଛନ୍ତି।

ଧାମନଗର,୨୨।୧୦ (ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପୁଛି ରାସ୍ତାଘାଟ। ଶନିବାର ସକାଳେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତକୁ ଯାଇ ବାଲିପାଟଣା ଗ୍ରାମ ଜଗତେଶ୍ୱର ଶିବମନ୍ଦିରରେ ଦର୍ଶନ କରିଥିଲେ। ଏହାପରେ ଗ୍ରାମର ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବା, ଧାମନଗରକୁ ବନ୍ୟା ଦାଉରୁ ସୁରକ୍ଷା ଦେବା ଓ ପ୍ରଗତିଶୀଳ ନିର୍ବାଚନମଣ୍ଡଳୀ ଗଠନ ନେଇ ପ୍ରତିଶ୍ରୁତି ଦେବା ସହ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ପାଥେୟ କରି ସେ ଲୋକଙ୍କୁ ଭୋଟ୍ ମାଗୁଛନ୍ତି। କେନ୍ଦ୍ରୀୟ ଅନୁଦାନ ଯୋଜନାର ସୁଫଳ ଗ୍ରାମାଞ୍ଚଳର ସାଧାରଣ ଲୋକେ ଠିକ୍ ଭାବେ ପାଉ ନ ଥିବା ଆରୋପ ଆଣି ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ହିସାବରେ ତାଙ୍କୁ ଆଶୀର୍ବାଦ ପାଇଁ ସେ ଅନୁରୋଧ କରୁଛନ୍ତି।

ଏହି ପଞ୍ଚାୟତର ବାଲିପାଟଣା, ପାହଡପୁର, ମାନଲାପୁର, ଆନନ୍ଦପୁର, ଉଡେଇପୁର ଆଦି ଗ୍ରାମକୁ ଯାଇ ସେ ପ୍ରଚାରକୁ ଜୋରଦାର କରିଛନ୍ତି। ତାଙ୍କ ସହ ଆନନ୍ଦପୁର ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ରମେଶ ଚନ୍ଦ୍ର ପତି, ପ୍ରମୋଦ ଆନ୍ଦିଆ, ବିଜୟ କୁମାର ଦାସ, କୁଳମଣି ଶତପଥୀ, ନାରାୟଣ ଚନ୍ଦ୍ର ପୃଷ୍ଟି, ତପନ କୁମାର ବାରିକ, ତରଣୀ ଯେନା, ଉମାକାନ୍ତ ସାହୁ, ମୁନା ପତି, ଜୟନ୍ତ ରଣା, ଗଙ୍ଗାଧର ପାତ୍ର, କୁମାରେଶ ଆନ୍ଦିଆ, ବିକାଶ ପୃଷ୍ଟି, ଲିପୁନ ବାରିକ, ଦିବ୍ୟରଞ୍ଜନ ଆନ୍ଦିଆ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ସେହିପରି ଦୋବଲ ଜୋନ୍‌ର ସୋହଡ଼ା, ଖଡିପଦା, ପଧାନୀ, କରଦା, ଦଳାଙ୍ଗ ଆଦି ପଞ୍ଚାୟତରେ ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ନେଇ ଭୋଟ ଭିକ୍ଷା ସେ କରିଥିଲେ।

# ଧାମନଗର ଚାଷୀ ବିଜେଡି କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ: ଅକ୍ଷୟ କୁମାର

## ସରକାରଙ୍କ ଉପରେ ବର୍ଷିଲା ନବନିର୍ମାଣ କୃଷକ ସଙ୍ଗଠନ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ରାଜଧାନୀକୁ ସମସ୍ତେ ନିଜର ଅଧିକାର ଏବଂ ଦାବି ଜଣାଇବାକୁ ଆସୁଛନ୍ତି। ସେମାନଙ୍କୁ ସରକାର ଡକାଇ ଆଲୋଚନା କରୁଛନ୍ତି। ହେଲେ ଚାଷୀଙ୍କୁ ରାଜଧାନୀ ଜମାରୁ ମଡ଼ାଇ ଦେଉନାହାନ୍ତି। ଥରେ କିମ୍ବା ଦୁଇ ଥର ନୁହେଁ ୪ ଥର ଏହି ଘଟଣା ଘଟିଲାଣି। ୨୦୧୬, ୨୦୧୮,୨୦୧୯ ଏବଂ ୨୦୨୨ରେ କ୍ରମାଗତ ଭାବେ ସରକାର ଚାଷୀମାନଙ୍କୁ ଭୁବନେଶ୍ୱର ଯିବାକୁ ବାରଣ କରୁଛନ୍ତି। ଗୋଟିଏ ଅହିଂସକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାର କାହିଁକି ଏତେ ଡରୁଛନ୍ତି ଓ ଦବାଇ ଦେଉଛନ୍ତି ତାହା ପ୍ରଶ୍ନବାଚୀ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଏହାସହ ଧାମନଗର ଚାଷୀମାନେ ବିଜେଡି କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ। ଚାଷୀଙ୍କ କେତେ ଆୟ ବୃଦ୍ଧି ଏହି ସରକାର କରିଛି ତା'ର ସମୀକ୍ଷା କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର କହିଛନ୍ତି, ସମସ୍ତେ ଜାଣନ୍ତି ନବନିର୍ମାଣ କୃଷକ ସଙ୍ଗଠନ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଚିନ୍ତାଧାରାରେ କାମ କରି ଆସୁଛନ୍ତି। କେବେ ବି ଆନ୍ଦୋଳନରେ ହିଂସାର ସ୍ଥାନ ନାହିଁ। ଏଥର କିନ୍ତୁ ରାଜ୍ୟ ପୋଲିସ ବର୍ବରତାର ସହ ମହିଳାଙ୍କୁ ଗୋଇଠା ମାରିବା ସହ ଚାଷୀଙ୍କ ହାତ ଭାଙ୍ଗିଲେ। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ। ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ନ୍ୟାୟାଳୟ ଯିବ। ଶାସକ ବିଜେଡିର ଅଭ୍ୟାସ ହୋଇଗଲାଣି ଯେ ଚାକିରିଆ ଏବଂ ଶିଳ୍ପପତିଙ୍କୁ ହଜାର ହଜାର କୋଟି ଟଙ୍କାରେ ତୁଷ୍ଟକରି ଚାଷୀଙ୍କୁ ଏଡ଼ାଇଯାଉଛି। ଏଥର ସଙ୍ଗଠନ ପକ୍ଷରୁ ଭୋଟ କି ଚୋଟ୍ ନୀତି ଆପଣାଇବୁ। ଏଥର ଭୋଟରୂପୀ ବ୍ରହ୍ମାସ୍ତ୍ରକୁ ଆପଣାଇବୁ। ଭୋଟ ହେଉଛି ଗୋଟିଏ ମାତ୍ର ସୁଯୋଗ। ଲୋକମାନେ ଅନେକ ସମସ୍ୟା ପ୍ରସଙ୍ଗ ଉଠାଇ ଦଳଗୁଡ଼ିକୁ ପ୍ରଶ୍ନ କରିପାରିବେ। ଧାମନଗର ଉପନିର୍ବାଚନରେ ଶାସକ ଦଳର ଅପାରଗ ଅମଲାତନ୍ତ୍ର କଥା ଉଠାଇବୁ। ଧାମନଗର ଭଳି ବନ୍ୟାଞ୍ଚଳରେ ସରକାର କ'ଣ ସ୍ଥାୟୀ ସମାଧାନ କରିଛନ୍ତି ପଚାରିବୁ। ଉପନିର୍ବାଚନ ବାଲଟ୍‌ରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ଧାମନଗର ଉପନିର୍ବାଚନ | ଭୋଟର ପରିଚୟପତ୍ରର ବିକଳ୍ପ ତାଲିକା ଦେଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ନଭେମ୍ବର ୩ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ଭୋଟରଙ୍କ ପରିଚୟ ନିମନ୍ତେ ଭାରତର ନିର୍ବାଚନ ଆୟୋଗ ଭୋଟର ଫଟୋ ପରିଚୟପତ୍ର (ଇପିଆଇସି) ବ୍ୟତୀତ ଅନ୍ୟ କେତେକ ବିକଳ୍ପ ପରିଚୟପତ୍ର ବ୍ୟବହାରକୁ ଅନୁମତି ପ୍ରଦାନ କରିଛନ୍ତି । ମତଦାନ ବେଳେ ଯଦି କୌଣସି ଭୋଟରଙ୍କ ନିକଟରେ ଭୋଟର ଫଟୋ ପରିଚୟପତ୍ର ନ ଥିବ ତେବେ ସେମାନେ ଅନ୍ୟ ବିକଳ୍ପ ପରିଚୟପତ୍ର ବ୍ୟବହାରକରି ମତଦାନ କରିପାରିବେ ବୋଲି ନିର୍ବାଚନ ଆୟୋଗ ଶନିବାର ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ବିକଳ୍ପ ପରିଚୟପତ୍ରଗୁଡ଼ିକ ମଧ୍ୟରେ ଆଧାର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏ ଜବ୍‌କାର୍ଡ, ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସର ଫଟୋ ଲାଗିଥିବା ପାସ୍‌ବୁକ୍, ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍ କାର୍ଡ, ପାସ୍‌ପୋର୍ଟ, ଫଟୋ ଲାଗିଥିବା ପେନ୍‌ସନ ବୁକ୍, ରାଜ୍ୟ ବା କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଫଟୋ ଥିବା ଚାକିରି ପରିଚୟ ପତ୍ର, ସରକାରୀ ଭାବେ ଏମ୍ପି/ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ର ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ୟୁଡିଆଇଡି କାର୍ଡ ରହିଛି। ଧାମନଗର ଉପନିର୍ବାଚନରେ ଭୋଟର ମତଦାନ ବେଳେ ଉପରୋକ୍ତ ଯେକୌଣସି ଗୋଟିଏ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି ।

# ଜନ ସମର୍ଥନ କଂଗ୍ରେସ ସାଙ୍ଗରେ ଅଛି:ସୁର

ଧାମନଗର,୨୨।୧୦ (ସ୍ୱ.ପ୍ର./ଡି.ଏନ.ଏ.)

ଧାମନଗରରେ ପ୍ରାର୍ଥୀମାନଙ୍କ ପ୍ରଚାର ଜୋର୍ ଧରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ପାଇଁ ଶନିବାର ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରଚାର କରିଛନ୍ତି। ଏହି ଉପନିର୍ବାଚନରେ ଚତୁର୍ମୁଖୀ ଲଢ଼େଇ ଚାଲିଛି। ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ବିଜେଡି ଓ ଭାଜପାର ହେଭିୱେଟ ନେତାମାନେ ସାମିଲ ହୋଇଛନ୍ତି। କଂଗ୍ରେସ ପଛରେ ରହିଥିବା ବେଳେ ଷ୍ଟାର ପ୍ରଚାରକ ଭାବେ ବିଧାୟକ ରାଉତରାୟ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ସେ ପ୍ରଥମେ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ବେତାଳିଗାଁଠାରୁ ପ୍ରଚାର ଆରମ୍ଭ କରିଥିଲେ। ପଦଯାତ୍ରାରେ ସ୍ଥାନୀୟ ବଜାର ପରିକ୍ରମା ସହ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ପ୍ରଚାର କ୍ଷେତ୍ରରେ କଂଗ୍ରେସ ପଛରେ ଥିବା ନେଇ ପ୍ରଶ୍ନର ଉତ୍ତରରେ ଜନ ସମର୍ଥନ କଂଗ୍ରେସ ସାଙ୍ଗରେ ଅଛି ଓ ଦଳ ଏହି ଉପନିର୍ବାଚନରେ ବିଜୟୀ ହେବ ବୋଲି ସୁର କହିଥିଲେ। ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, କଂଗ୍ରେସର ଭଦ୍ରକ ଜିଲା ସଭାପତି ସୁବ୍ରତ ଦାସ, ବ୍ଲକ ସଭାପତି ଅଭିଷେକ ରାଉତ, ପ୍ରସନ୍ନ ଧଳ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।


କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ସହ ପ୍ରଚାର କରୁଛନ୍ତି ବିଧାୟକ ସୁରେଶ କୁମାର ରାଉତରାୟ।

# ପୋଲିସ ତଥ୍ୟ ପ୍ରକାଶ ନ କଲେ ନବୀନ ନିବାସ ଘେରାଉ: ଭାଜପା

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

- ଅର୍ଚ୍ଚନା ନାଗ, ଧର୍ମେନ୍ଦ୍ର ସାହୁଙ୍କ ପ୍ରସଙ୍ଗରେ ଭାଜପାର ଅହୋରାତ୍ର ଧାରଣା
- ଅର୍ଚ୍ଚନା ନାଗ ଘଟଣା ବିଧାନସଭାରେ ଉଠିବ: କଂଗ୍ରେସ

ହନିଟ୍ରାପ୍ କରି ଗିରଫ ହୋଇଥିବା ଅର୍ଚ୍ଚନା ନାଗ ମାମଲାରେ ପୋଲିସ ଭୂମିକା ସନ୍ଦେହ ଘେରରେ ଥିବା ଅଭିଯୋଗ ପରେ ଶନିବାରଠାରୁ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଭାଜପାର ଶତାଧିକ ନେତା ଓ କର୍ମୀ ପୋଲିସ କମିଶନରଙ୍କ ଅଫିସ ସାମ୍ନାରେ ଅହୋରାତ୍ର ଧାରଣାରେ ବସିଛନ୍ତି। ଶନିବାର ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ଅହୋରାତ୍ର ଧାରଣା ରବିବାର ସକାଳ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅର୍ଚ୍ଚନା ନାଗ ପ୍ରସଙ୍ଗରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ତଦନ୍ତ କରିବାକୁ ଭାଜପା ନେତାମାନେ ଦାବି କରିଛନ୍ତି। ଏହାସହ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ମଧ୍ୟ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଜେରା ପାଇଁ ଭାଜପା ଦାବି କରିଛି। ଏହି ଦୁଇଟି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ୪୮ ଘଣ୍ଟା ଭିତରେ ତଦନ୍ତ ନ ହେଲେ ନବୀନ ନିବାସ ଘେରାଉ କରିବାକୁ ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଆଇନ ତା' ବାଟରେ ଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପଛରେ ଶିକ୍ଷାମନ୍ତ୍ରୀ ଦାଶଙ୍କ ହାତ ରହିଛି। ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣର ସୂଚନା ମିଳିଥିବା ବେଳେ ଯୌନ କେଲେଙ୍କାରୀ କଥା ମଧ୍ୟ ରହିଛି। ଏହା ଆତ୍ମହତ୍ୟା ନୁହେଁ, ଏକ ପରିକଳ୍ପିତ ହତ୍ୟାକାଣ୍ଡ। ମାତ୍ର ପୋଲିସ ଏହି ତଦନ୍ତକୁ ଲୁଚାଉଛି ଏବଂ ବାଟବଣା କରିବାକୁ ଚାହୁଁଛି। ଏ ପର୍ଯ୍ୟନ୍ତ ପୋଲିସ ଶିକ୍ଷାମନ୍ତ୍ରୀଙ୍କୁ ତଦନ୍ତ ପରିସରକୁ ନେଉନାହିଁ। ଏଭଳି କଦର୍ଯ୍ୟ ମାନସିକତାକୁ ବରଦାସ୍ତ କରାଯିବନାହିଁ। ଆସନ୍ତା ୪୮ ଘଣ୍ଟାରେ ପୋଲିସ ଶିକ୍ଷାମନ୍ତ୍ରୀଙ୍କୁ ଜେରା ନ କଲେ ତଥା ତାଙ୍କ ସହ ଲିଙ୍କ୍‌ରେ ଥିବା ସମସ୍ତ ତଥ୍ୟ ବାହାରେ ପ୍ରଘଟ ନ କଲେ ଲମ୍ବା ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ପୃଥ୍ୱୀରାଜ କହିଛନ୍ତି। ଏ ପ୍ରସଙ୍ଗରେ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଅର୍ଚ୍ଚନା ନାଗ ସରକାର ଚଳାଉଥିଲେ। ତାଙ୍କର ସେକ୍ରେଟେରିଏଟ୍‌ରୁ ବିଧାନସଭା ପର୍ଯ୍ୟନ୍ତ ସବୁଠି ଅବାଧ ପ୍ରବେଶ ଥିଲା। ବହୁ ମନ୍ତ୍ରୀ, ବିଧାୟକଙ୍କ ସହ ତାଙ୍କ ସମ୍ପୃକ୍ତି ଥିଲା। କାଳେ ସେମାନଙ୍କ ଗୁମର ଫିଟିଯିବ ତେଣୁ ଏବେ ପୋଲିସ ଏହାକୁ ଚାପିବାକୁ ଚେଷ୍ଟା ଚଳାଉଛି। ମୁଖ୍ୟମନ୍ତ୍ରୀ ଠିକ୍ ଭାବେ ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ନ ନେଲେ ରବିବାର ସତ୍ୟାଗ୍ରହ ଶେଷ ହେବା ପରେ ଆମେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଖୁଲାସା କରିବୁ ବୋଲି ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ଅର୍ଚ୍ଚନା ନାଗଙ୍କ ଘଟଣାରେ ବହୁ ନେତା, ମନ୍ତ୍ରୀ ସମ୍ପୃକ୍ତ। କେଉଁମାନେ ଅର୍ଚ୍ଚନାଙ୍କ ଗଙ୍ଗାରେ ବୁଡ଼ ପକାଇଛନ୍ତି ସେକଥା ଖୁଲାସା ହେବା ଦରକାର। ଏହି ପ୍ରସଙ୍ଗ ବିଧାନସଭାରେ ଉଠିବ ବୋଲି ସେ କହିଛନ୍ତି।



ପୋଲିସ କମିଶନରଙ୍କ ଅଫିସ୍ ଆଗରେ ଭାଜପା ପକ୍ଷରୁ ଦିଆଯାଇଥିବା ଅହୋରାତ୍ର ଧାରଣାରେ ନେତା ଓ କର୍ମୀ।

# ବାଜିରେ ଲାଗିଛି ନେତାଙ୍କ ସମ୍ମାନ

ସମ୍ବଲପୁର,୨୨।୧୦(ବ୍ୟୁରୋ)

- ୩୦ରେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ
- ଦୌଡ଼ରେ ମିଲ୍ ମାଲିକ, ରାଜନେତା

ଅକ୍ଟୋବର ୩୦ରେ ସମ୍ବଲପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ପାଇଁ ଭୋଟ ଗ୍ରହଣ କରାଯିବ। ମୋଟ ୧୫ଗୋଟି ଜୋନ ରହିଥିବାବେଳେ ୧୧ଟିରେ ନିର୍ବାଚନ ହେବ। ୪ ଜୋନରୁ ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକମାନେ ବିଜୟୀ ହୋଇସାରିଛନ୍ତି। ଏହି ୧୧ ଜୋନରେ ମିଲ ମାଲିକ, ରାଜନେତା, ବ୍ୟବସାୟୀମାନେ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ ଚିହ୍ନ ନ ଥିଲେ ମଧ୍ୟ ନେତା, ମନ୍ତ୍ରୀଙ୍କ ସମର୍ଥନ ରହୁଛି। ଭାଜପା ଓ ଶାସକ ଦଳ ବିଜେଡିର ନେତାମାନେ ବିଶେଷ ଭାବେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି।

ଅନେକ ଜୋନରେ ନିଜ ସମର୍ଥକ ପାଇଁ ବିଜେଡି ନେତାମାନେ ମୁହାଁମୁହିଁ ହେଉଥିବା ବେଳେ ଭାଜପା ନେତାମାନେ ମଧ୍ୟ ନିଜ ସମର୍ଥକଙ୍କ ପାଇଁ ଦଳୀୟ ନେତାମାନଙ୍କ କଥା ଶୁଣୁନାହାନ୍ତି। ନିଜ ଜୋନରେ ଥିବା ଭୋଟରମାନଙ୍କୁ ଭୋଟ ଦେବାକୁ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ଗୋଟିଏ ଜୋନରେ ପ୍ରାୟ ୨ଶହ ଲେଖାଏ ଭୋଟର ରହିଛନ୍ତି। ସେହିପରି ଜୋନରେ ଏକାଧିକ ପ୍ରାର୍ଥୀ ମଧ୍ୟ ରହିଛନ୍ତି। ଅନେକ ସ୍ଥାନରେ ନେତା, ମନ୍ତ୍ରୀମାନେ ସିଧାସଳଖ ହସ୍ତକ୍ଷେପ କରୁଛନ୍ତି। ଏହି କେନ୍ଦ୍ରୀୟ ସମବାୟ ସମିତିରେ ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଜିଲା ଅନ୍ତର୍ଭୁକ୍ତ ରହିଛି। ସୂଚନାଯୋଗ୍ୟ, ୨ବର୍ଷ ହେଲା କୋଭିଡ୍ କଟକଣା ଯୋଗୁ ସମବାୟ ସମିତି ନିର୍ବାଚନ ହୋଇପାରି ନ ଥିଲା। କଟକଣା କୋହଳ ହେବା ପରେ ପ୍ରାଥମିକ ସେବା ସମବାୟ ସମିତିର ନିର୍ବାଚନ ହୋଇସାରିଛି। ଏଠାରୁ ନିର୍ବାଚିତ ନିର୍ଦ୍ଦେଶକମାନେ ବ୍ୟାଙ୍କ ପରିଚାଳନା ବୋର୍ଡ ନିର୍ଦ୍ଦେଶକ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚିତ ହୋଇଥିବା ସେବା ସମବାୟ ସମିତିର ନିର୍ଦ୍ଦେଶକମାନେ ମତଦାନ କରିପାରିବେ। ଚାରୋଟି ଜୋନରେ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ପୂର୍ବରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିଛନ୍ତି। ଗତ ନିର୍ବାଚନରେ ବ୍ୟାଙ୍କ ସଭାପତି ପଦ ଦେବଗଡ଼ ଜିଲାକୁ ଯାଇଥିଲା। ଅମରେନ୍ଦ୍ର ଗଙ୍ଗଦେବ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ସମର୍ଥିତ ଅଧିକ ପ୍ରାର୍ଥୀ ବିଜୟୀ ହୋଇଥିବା ନେଇ ସେ ସମୟରେ ଆଲୋଚନା ହୋଇଥିଲା। ଏବେ ପୁଣି ଭାଜପା ଓ ବିଜେଡି ଏହି ନିର୍ବାଚନରେ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଲାଗିପଡ଼ିଛନ୍ତି। ସେମାନଙ୍କ ସମ୍ମାନ ବାଜିରେ ଲଗାଇ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ସଭାପତି ଗଙ୍ଗଦେବ କହିଛନ୍ତି, ପ୍ରାୟ ୨ବର୍ଷରୁ ଅଧିକ ହେବ ବୋର୍ଡ ଭାଙ୍ଗିଯାଇଥିଲା। ଏବେ ନୂତନ ପରିଚାଳନା ବୋର୍ଡ ଗଠନ ହେଲେ ନିଶ୍ଚିତ ଭାବେ ବ୍ୟାଙ୍କ, ଗ୍ରାହକ, ଚାଷୀମାନଙ୍କ ପାଇଁ ସୁବିଧା ହେବ। ପରିଚାଳନା ବୋର୍ଡର ସ୍ୱତନ୍ତ୍ର କ୍ଷମତା ଆସିଯିବ। ବିଭିନ୍ନ ଉନ୍ନୟନ ମୂଳକ କାମ, ନିଯୁକ୍ତି ଓ ସମସ୍ୟା ଦିଗରେ ପଦକ୍ଷେପ ଗ୍ରହଣ କରିପାରିବେ। ଏହି ନିର୍ବାଚନ ଦଳୀୟ ଚିହ୍ନ ହୋଇ ନ ଥିଲେ ମଧ୍ୟ ଦଳର ପୂର୍ଣ୍ଣ ସମର୍ଥନ ମିଳିଥାଏ। ବ୍ୟକ୍ତିଗତ କାରଣରୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇନାହିଁ ବୋଲି କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୩ଅକ୍ଟୋବର, ୨୦୨୨ Sambalpur, Sunday, October 23/2022

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦେବାଶିଷ ସାହୁ(ବାମରୁ ଦ୍ୱିତୀୟ)।

## ୧୬ ବର୍ଷରୁ କମ୍ ଫେନେଷ୍ଟା ଟେନିସ୍

ଭୁବନେଶ୍ୱର,୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ନୂଆଦିଲ୍ଲୀର ଡିଏଲଟିଏ ଷ୍ଟାଡିୟମରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜାତୀୟ ଫେନେଷ୍ଟା ଟେନିସ ଟୁର୍ନାମେଣ୍ଟର ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ଓଡ଼ିଶାର ଦେବାଶିଷ ସାହୁ। ହରିୟାଣାର ତେଜସ ଆହୁଜାଙ୍କ ସହିତ ଡବଲ୍ସ ମ୍ୟାଚ ଖେଳୁଥିବା ଦେବାଶିଷ ଫାଇନାଲରେ ଗୁଜରାଟର ପ୍ରବୀର ମୁକେ ଓ ହିତେଶ ଗୋହିଲଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେମି ଫାଇନାଲରେ ପଞ୍ଜାବର ହିତେଶ ଚୌହାନ ଓ ମଣିପୁରର ଶଙ୍କର ହେସନାମଙ୍କୁ ୭-୬(୨), ୬-୨ ସେଟରେ ପରାସ୍ତ କରିଥିଲେ। କେବଳ ଡବଲ୍ସ ନୁହେଁ ସିଙ୍ଗଲ୍ସର ସେମି ଫାଇନାଲ ପ୍ରବେଶ କରିଥିଲେ ଦେବାଶିଷ। ସେମିରେ ୩ ସେଟ ବିଶିଷ୍ଟ କଡା ସଂଘର୍ଷ ମୁକାବିଲାରେ ୬-୧, ୫-୭, ୨-୬ ସେଟରେ ହରିୟାଣାର ଅର୍ଜୁନ ରାଠୀଙ୍କ ନିକଟରୁ ସେ ହାରି ଯାଇଥିଲେ। ୧୭ ଅକ୍ଟୋବରରୁ ୨୨ ଅକ୍ଟୋବର ଯାଏ ଡିଏଲଟିଏ ଷ୍ଟାଡିୟମରେ ଖେଳା ଯାଇଥିବା ଟୁର୍ନାମେଣ୍ଟ ଜିତିବାରେ ଦେବାଶିଷ ପ୍ରଥମ ଓଡ଼ିଆ ପାଲଟିଛନ୍ତି। ଏହା ସହିତ ୧୬ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବରେ ଡିଏଲଟିଏ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍ଥିକ ଅନଗ୍ରସର ପରିବାରରୁ ଆସିଥିବା ଦେବାଶିଷଙ୍କ ଏହି ସଫଳତା ପାଇଁ ପରିବାର ଲୋକ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ସହାୟତା କାରଣରୁ ଦେବାଶିଷ ଉଭୟ କିଟ୍ ଓ ଗୁଜରାଟର ଆଲେକଜାଣ୍ଡାର ୱାସକେ ଷ୍ଟାଡିୟମରେ ଅଭ୍ୟାସ କରିବାରେ ସମର୍ଥ ହେଇ ପାରିଛନ୍ତି ବୋଲି ପରିବାର ପକ୍ଷରୁ ପ୍ରକାଶ।

# ମିଜୋରାମକୁ ହରାଇଲା ଓଡ଼ିଶା

## ସିନିୟର ମହିଳା ଟି୨୦ ଟ୍ରଫି

ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ବାଙ୍ଗାଲୋରସ୍ଥିତ ଅଲୁର କ୍ରିକେଟ ଷ୍ଟାଡିୟମରେ ସିନିୟର ମହିଳା ଟି୨୦ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଓଡ଼ିଶା ୨୫ ରନରେ ମିଜୋରାମକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ବିନିମୟରେ ୧୨୬ ରନ କରିଥିଲା। ଦଳ ତରଫରୁ ମାଧୁରୀ ମେହେଟ୍ଟା ସର୍ବାଧିକ ୭୬ରନ (୫୯ବଲ, ୬ଚୌକା ଓ ୨ ଛକା) କରି ଅପରାଜିତ ରହିଥିବା ବେଳେ ଶିଲ୍ପା ସ୍ୱାଇଁ ୩୯ରନ (୫୪ବଲ, ୨ ଚୌକା) କରିଥିଲେ। ମିଜୋରାମ ପକ୍ଷରୁ ଅପୁରଓ୍ୱା ଭରଦ୍ୱାଜ ୧୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମିଜୋରାମ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୦୧ରନ କରିଥିଲା। ଦଳ ତରଫରୁ ଟପ୍ ସ୍କୋରର ତରଙ୍ଗ ଝା ୫୬ରନ କରି ଅପରାଜିତ ରହିଥିଲେ। ଜୁଲି ୧୭ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ପ୍ରିୟଙ୍କା ପ୍ରିୟଦର୍ଶିନୀ ୧୬ ରନ ବିନିମୟରେ ୩ ଉଇକେଟ ଏବଂ ରାମେଶ୍ୱରୀ ନାୟକ ୧୧ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ।




ମାଧୁରୀ ମେହେଟ୍ଟା




ପ୍ରିୟଙ୍କା ପ୍ରିୟଦର୍ଶିନୀ









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୩/୨୦୨୨ (୧୨+୮=୨୦ ପୃଷ୍ଠା) Sambalpur, Sunday, October 23/2022 Page 20 ପୃଷ୍ଠା-୧



## ଫେରାର୍ ଉଦ୍ୟମ କରୁଛନ୍ତି ଜ୍ୟାକ୍‌ଲିନ: ଏଜେନ୍ସି

ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ଜାମିନ ବାବଦ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ କରାଯିବ।

୦୬ ୦୮

## ସାମ୍ କୁରାନଙ୍କୁ ୫ ଉଇକେଟ

ଆଫଗାନିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଇଂଲଣ୍ଡ ବୋଲର ସାମ୍ କୁରାନ ୫ ଉଇକେଟ ସଫଳତା ପାଇଛନ୍ତି।



# ବ୍ରାହ୍ମଣୀ ଆଁରେ ବାଜିଙ୍କ ଗାଁ

- ନଦୀ ଗର୍ଭରେ ବିଲୀନ ଶହୀଦ ସ୍ଥଳ
- ତଟକୁ ସୁରକ୍ଷା ଦେଇପାରୁନାହିଁ ଗାର୍ଡୱାଲ୍
- ନୀଳକଣ୍ଠପୁର ଗ୍ରାମକୁ ଘନଉଛି ବିପଦ

ବିପିନ ବିହାରୀ ସେଠୀ
ଭୁବନ, ୨୨।୧୦



ନୀଳକଣ୍ଠପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ।

ଅକ୍ଟୋବର ୧୧, ୧୯୩୮। ବ୍ରାହ୍ମଣୀ ତଟରେ ଗର୍ଜିଥିଲା ଗୋରା ଫୌଜର ଗୁଳି। ଟଳି ପଡ଼ିଥିଲେ ୧୨ ବର୍ଷର ବାଳକ ବାଜି ରାଉତ। ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିଲା ସର୍ବକନିଷ୍ଠ ଶହୀଦଙ୍କ ବଳିଦାନର ଗାଥା। ଇତିମଧ୍ୟରେ ବିତିଗଲାଣି ଦୀର୍ଘ ଆଠ ଦଶନ୍ଧି। ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କ ପାଇଁ ଗର୍ବ କରୁଛି ଦେଶ। ହେଲେ ଶହୀଦଙ୍କ ଗାଁର ଚିତ୍ର ଏବେ କେମିତି? କେମିତି ଚଳୁଛନ୍ତି ତାଙ୍କର ଦାୟାଦ? ଐତିହାସିକ ଗୁଳିକାଣ୍ଡ ସ୍ଥଳର ସ୍ଥିତି କ'ଣ? ଏଭଳି ବହୁ ପ୍ରଶ୍ନର ଉତ୍ତର ଜାଣିବାକୁ ନା ଅଛି ପ୍ରଶାସନ ନିକଟରେ ସମୟ ନା ରାଜନେତାଙ୍କ ଦରଦ। ସେଦିନ ଯେଉଁ ବ୍ରାହ୍ମଣୀ ନଦୀ ରକ୍ତରଞ୍ଜିତ ହୋଇଥିଲା, ଏବେ ତାହାରି ଆଁକୁ ଚାଲିଯାଇଛି ଶହୀଦଙ୍କ ପୈତୃକ ଘର। ଦୀର୍ଘ ବର୍ଷ ହେଲା ଲିଭିଗଲାଣି ଗୁଳିକାଣ୍ଡ ସ୍ଥଳର ଅସ୍ତିତ୍ୱ। ବିପଦପୂର୍ଣ୍ଣ ବ୍ରାହ୍ମଣୀ ପାଇଁ ଭିଟାମାଟି ଛାଡ଼ି ୭ କି.ମି. ଦୂର ଅନ୍ୟ ପଞ୍ଚାୟତରେ ବସତି ବସାଇଛନ୍ତି ବାଜି ରାଉତଙ୍କ ପର ପିଢ଼ି। ଦିନକୁ ଦିନ ନଦୀ ଜନବସତିମୁହାଁ ହେଉଥିବାବେଳେ ଶହୀଦଙ୍କ ଗାଁ ନୀଳକଣ୍ଠପୁର ପ୍ରତି ଘନଉଛି ବଡ଼ ବିପଦ।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତର ଶହୀଦ ବାଜି ରାଉତଙ୍କ ପୈତୃକ ଗାଁ ନୀଳକଣ୍ଠପୁର। ବ୍ରାହ୍ମଣୀ ନଦୀ ତଟରେ ଗଢ଼ି ଉଠିଥିବା ଏହି ଗ୍ରାମର ଜନସଂଖ୍ୟା ୨୦୦୦ରୁ ଅଧିକ। ୧୯୩୮ରେ ବ୍ରିଟିଶ ସେନା ଗୁଳିରେ ବାଜିଙ୍କ ସମେତ ମୋଟ ୬ଜଣ ଶହୀଦ ହୋଇଥିବା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲା ନୀଳକଣ୍ଠପୁର। ଇତିମଧ୍ୟରେ ବିତିଲାଣି ଦୀର୍ଘ ୮୦ ବର୍ଷ। ଶହୀଦଙ୍କ ଗାଁକୁ ଯେତିକି ସମ୍ମାନ ମିଳିବା କଥା ତାହା ☞ପୃଷ୍ଠା–୪

# ପ୍ରଦୂଷିତ ବାୟୁ କମାଇଛି ୧୦ ବର୍ଷ ଆୟୁଷ

ନୂଆଦିଲ୍ଲୀ, ୨୨।୧୦

### କାଗଜକଲମରେ ଯୋଜନା ସୀମିତ



ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର। ବାୟୁ ପ୍ରଦୂଷଣ ଯୋଗୁ ଦେଶବାସୀଙ୍କ ହାରାହାରି ଆୟୁଷ ୫ ବର୍ଷ ହ୍ରାସ ପାଇଲାଣି। ରାଜଧାନୀ ଦିଲ୍ଲୀ ସମେତ କେତେକ ସହରାଞ୍ଚଳରେ ଲୋକଙ୍କ ହାରାହାରି ଆୟୁଷ ୧୦ ବର୍ଷ ହ୍ରାସ ପାଇଥିବା ଜଣାପଡ଼ିଛି। ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ପରିଚୟ ହାସଲ କରିଛି। ଏହା ସତ୍ତ୍ୱେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାରଙ୍କ କାର୍ଯ୍ୟଯୋଜନା କେବଳ କାଗଜକଲମରେ ଅଟକି ରହିଛି।

ଦେଶର ୧୩୦ କୋଟି ଜନସାଧାରଣ ବସବାସ କରୁଥିବା ଅଞ୍ଚଳରେ ବାର୍ଷିକ ହାରାହାରି କଣିକା ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନରେ ଧାର୍ଯ୍ୟ ସ୍ତରଠାରୁ ଯଥେଷ୍ଟ ଅଧିକ ରହିଛି। ଡବ୍ଲ୍ୟୁଏଚ୍‌ଓ ଗାଇଡଲାଇନ ଅନୁଯାୟୀ ପ୍ରତି ଘନମିଟର ବାୟୁ ୫ ମାଇକ୍ରୋଗ୍ରାମ ସୂକ୍ଷ୍ମ କଣିକା ପ୍ରଦୂଷଣ (ପିଏମ୍୨.୫)। ବାୟୁ ପ୍ରଦୂଷଣ ମାପିବାର ଏହା ବର୍ତ୍ତମାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମାପକାଠି। ଭାରତର ଜାତୀୟ ବାୟୁ ମାନ ଷ୍ଟାଣ୍ଡାର୍ଡ ପ୍ରତି ଘନମିଟର ବାୟୁରେ ୪୦ ମାଇକ୍ରୋଗ୍ରାମ୍ ଧାର୍ଯ୍ୟ ହୋଇଥିବାବେଳେ ୬୩ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ରହୁଥିବା ଅଞ୍ଚଳର ପ୍ରଦୂଷଣ ସ୍ତର ଏହାଠାରୁ ଅଧିକ ରହିଛି। ବାୟୁରେ ରହୁଥିବା ସୂକ୍ଷ୍ମ କଣିକା ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ। ଏହା ଯୋଗୁ ଭାରତୀୟଙ୍କ ଆୟୁଷ ହ୍ରାସ ପାଇଛି। ଅନ୍ୟପକ୍ଷରେ ଶିଶୁ ଓ ମାତୃ ଅପପୁଷ୍ଟି ହାରାହାରି ଆୟୁଷକୁ ୧.୮ ବର୍ଷ କମାଇଥିବାବେଳେ ଧୂମପାନ ହାରାହାରି ୧.୫ ବର୍ଷ ଆୟୁଷ ହ୍ରାସ କରାଉଛି।

ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ (ଏକ୍ୟୁଏଲ୍‌ଆଇ) ଅନୁଯାୟୀ ବାୟୁରେ କଣିକା ପ୍ରଦୂଷଣ ବଢ଼ିଚାଲିଛି। ୧୯୯୮ରୁ ହାରାହାରି ବାର୍ଷିକ କଣିକା ପ୍ରଦୂଷଣ ୬୧.୪ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ହାରାହାରି ଆୟୁଷ ୨.୧ ବର୍ଷ ହ୍ରାସ ପାଇଛି। ୨୦୧୩ରୁ ବିଶ୍ୱରେ ବର୍ଦ୍ଧିତ ପ୍ରଦୂଷଣର ପ୍ରାୟ ୪୪ ପ୍ରତିଶତ ଭାରତରୁ ଆସିଛି। ଉତ୍ତର ଭାରତର ଗାଙ୍ଗେୟ ☞ପୃଷ୍ଠା–୪



# ଆଲିଶାନ ବଙ୍ଗଳାରୁ ଜେଲ କୋଠରି

## ଅର୍ଚ୍ଚନା-ଜଗବନ୍ଧୁଙ୍କ ନୂଆ ଠିକଣା



**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ଲୁଟିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ। ଆଲିଶାନ ବଙ୍ଗଳାରେ ରାଜକୀୟ ଜୀବନ ବିତାଉଥିବା ଏହି ନାଗ-ଚାନ୍ଦ ଦମ୍ପତିଙ୍କ ନୂଆ ଠିକଣା ପାଲଟିଛି ଜେଲ କୋଠରି। ଅର୍ଚ୍ଚନା ଜେଲ୍ ଯିବାର ୧୫ଦିନ ପରେ ଜଗବନ୍ଧୁ ଗିରଫ ହୋଇଥିଲେ। ଉଭୟ ଗୋଟିଏ ଜେଲରେ ଥିବାରୁ ସେମାନଙ୍କ ମଧ୍ୟରେ ଦେଖାସାକ୍ଷାତ ହୋଇପାରିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର କହିଛନ୍ତି, ଜେଲ ମାନୁଆଲ ଅନୁଯାୟୀ ଜେଲରେ ରହଣୀ କାଳ ମଧ୍ୟରେ ସପ୍ତାହକୁ ଥରେ ଉଭୟ ସ୍ୱାମୀ-ସ୍ତ୍ରୀ ଭେଟ ହୋଇପାରିବେ। ଏଥିପାଇଁ ରବିବାର ଦିନ ଧାର୍ଯ୍ୟ ହୋଇଥିବାବେଳେ ୧୫ ମିନିଟ୍ ସମୟ ଦିଆଯିବ। ଏହି ସମୟ ମଧ୍ୟରେ ଜେଲ୍‌ର କିଛି ମହିଳା ୱାର୍ଡର ଓ କର୍ମଚାରୀ ଉପସ୍ଥିତ ରହିବେ। ତେବେ କେଇଟା ଦିନରେ ବହୁ କୋଟି ସମ୍ପତ୍ତିର ମାଲିକ ପାଲଟିଥିବା ଅର୍ଚ୍ଚନା ଓ ଜଗବନ୍ଧୁ ରାଜପ୍ରାସାଦ ଭଳି ଘରେ ରହି ବିଏମ୍‌ଡବ୍ଲ୍ୟୁ ଭଳି କାର୍, ହାର୍ଡଲେ ଡାଭିଡ୍‌ସନ୍ ପରି ବାଇକ୍ ଚଢ଼ି ବିଳାସମୟ ଜୀବନ ବିତାଉଥିଲେ। ଏବେ ଜେଲର ଚାରିକାନ୍ଥ ଭିତରେ ସେମାନଙ୍କ ଜୀବନ ବହୁ କଷ୍ଟକର ହୋଇପଡିଛି। ଏଥିସହ ନେତାମନ୍ତ୍ରୀଙ୍କ ସହ ସମୟ ବିତାଉଥିବା ଏହି ଦମ୍ପତି ଏବେ କଏଦୀଙ୍କ ମେଳରେ କଟୁଛି। ବଡ଼ବଡ଼ିଆଙ୍କ ଚାପରେ ପଡ଼ି ଜେଲ ଭିତରେ ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ରହଣି ବ୍ୟବସ୍ଥା ହୋଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ପୋଲିସ ଉଭୟଙ୍କୁ ପଚରାଉଚରା କରିବାବେଳେ ବହୁ ତଥ୍ୟ ହାସଲ କରିଛି। ସେମାନଙ୍କ ଘରୁ ଜବତ ହୋଇଥିବା ମୋବାଇଲ, ଲାପଟପ, ହାର୍ଡଡିସ୍କ, ଡାଏରୀ, ବ୍ୟାଙ୍କ୍ ପାସ୍‌ବୁକ୍‌ରୁ ତାଙ୍କ ଲିଙ୍କ୍‌ରେ ଥିବା ଓ ତାଙ୍କୁ ସୁରକ୍ଷା ଦେଉଥିବା ନେତାମନ୍ତ୍ରୀ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ତଥ୍ୟ ପ୍ରମାଣ ହାସଲ କରିବାକୁ ଚେଷ୍ଟା ଚାଲିଛି।

### ପ୍ରତି ରବିବାର ଭେଟ ହେବେ, ୧୫ ମିନିଟ୍ କଥା ହେବେ

ଏଥିସହ ପୋଲିସ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଖୋଜା ଚାଲିଥିଲେ ମଧ୍ୟ କ୍ଷମତାଶାଳୀ ନେତାଙ୍କ ସମ୍ପୃକ୍ତି ଥିବାରୁ ପୋଲିସର ପ୍ରତିଟି କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ହାର୍ଡଡିସ୍କରେ ଥିବା ଅନେକ ଭିଡିଓ ଫାଇଲ୍‌ର ପାସ୍‌ୱାର୍ଡ ଜଗବନ୍ଧୁଙ୍କ ଡାଏରୀରେ ଉଲ୍ଲେଖ ଥିବା ଅନୁମାନ କରାଯାଉଛି। ତେଣୁ ଏସବୁର ରହସ୍ୟ ଉନ୍ମୋଚନ ପୋଲିସ କରିବ ନାଁ ଅର୍ଚ୍ଚନାଙ୍କୁ ଗିରଫ କରି ଯେମିତି ଚୁପ୍ ହୋଇ ବସିଛି ସେମିତି ତଦନ୍ତ କରି ଦିନ ପରେ ଦିନ ଗଡାଇବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାନୁସାରେ, ଉଭୟଙ୍କ ନାଁରେ ପୀଡ଼ିତାଙ୍କୁ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ଅଭିଯୋଗ ରହିଥିଲା। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରୁଛି ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଛି।

# ପୁରୀ- ହାୱଡା ଟ୍ରେନ୍ ଲାଇନ୍‌ଚ୍ୟୁତ



**ପୁରୀ ଅଫିସ,୨୨।୧୦:** ପୁରୀ- ହାୱଡା ଟ୍ରେନର ଶନିବାର ମାଳତିପାଟପୁରଠାରେ ୩ଟି ବଗି ଲାଇନଚ୍ୟୁତ ହୋଇଛି। ସୌଭାଗ୍ୟବଶତଃ ବଗିରେ କୌଣସି ଯାତ୍ରୀ ନ ଥିବା ହେତୁ ଧନଜୀବନ ହାନି ହୋଇ ନାହିଁ। ଟ୍ରେନଟି ଟ୍ରାକ ଚେଞ୍ଜ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଶନିବାର ରାତି ୮ଟା ୧୫ରେ ଟ୍ରେନ୍ ପୁରୀରୁ ହାୱଡା ଅଭିମୁଖେ ବାହାରିଥାନ୍ତା। ଏଥିପାଇଁ ଟ୍ରେନ୍ ଗୋଟିଏ ଟ୍ରାକ୍‌ରୁ ଅନ୍ୟ ଟ୍ରାକ୍‌କୁ ଯିବା ପାଇଁ ଯାଉଥିଲା। ହେଲେ ମାଳତିପାଟପୁର ନିକଟରେ ହଠାତ୍ ଟ୍ରେନର ଏସି- ୧, ୨ ଓ ୩ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ତେବେ ଦୁଇଟି ବଗି ଗୋଟିଏ ପଟକୁ ଢଳି କରି ରହିଥିବା ହେତୁ ଅନ୍ୟ ପଟଟି ଉଠିକରି ରହିଛି। ଏସ୍ ୧ ବଗି ସାମାନ୍ୟ ଲାଇନଚ୍ୟୁତ ହୋଇଛି। ତେବେ ଲୁପ୍ ଲାଇନରୁ ମେନ ଲାଇନ୍‌କୁ ଯିବା ପୂର୍ବରୁ ଏଭଳି ଅଘଟଣ ଘଟିଛି। ଦୁର୍ଘଟଣା ପରେ ରେଳ ସୁରକ୍ଷା ବଳର କର୍ମଚାରୀ ଓ ଟେକ୍ନିସିଆନ ଟିମ୍ ପହଞ୍ଚି ମରାମତି କାର୍ଯ୍ୟ କରିଛନ୍ତି। ଟେକ୍ନିସିଆନ ପ୍ରଭୁ ଦତ୍ତଙ୍କ କହିବା ଅନୁଯାୟୀ, ଲାଇନଚ୍ୟୁତ ହୋଇଥିବା ବଗିକୁ ପ୍ରଥମେ ମୁଖ୍ୟ ଟ୍ରେନ ଓ ଇଞ୍ଜିନଠାରୁ ଅଲଗା କରାଯିବା ପରେ ବଗିକୁ ଲାଇନକୁ ଅଣାଯିବ। ଅନ୍ୟପଟେ ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ ତପନ କୁମାର କହିଛନ୍ତି, ୱାଶିଂ ଲାଇନରୁ ବାହାରି ମେନ ଲାଇନକୁ ଯିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏଥିପାଇଁ ଯାତ୍ରା ବ୍ୟାହତ ହେବ ନାହିଁ। ସେହିଭଳି ଦୁର୍ଘଟଣା ପରେ ପୁରୀରୁ ତପସ୍ୱିନୀ, ପୁରୀ, ପୁରୁଷୋତ୍ତମ ଓ ଉତ୍କଳ ଏକ୍ସପ୍ରେସ ଯିବାକୁ ଥିବାବେଳେ ପୁରୀକୁ ବଡବିଲ ସମେତ ଅନ୍ୟ ଏକ୍ସପ୍ରେସ ଆସିବାର କାର୍ଯ୍ୟକ୍ରମ ରହିଛି । ଏହାକୁ କିଭଳି ଭାବେ ସୁରୁଖୁରୁରେ ପରିଚାଳିତ କରାଯିବ ତାହା ପ୍ରାଥମିକତା ରହିଛି। ସେହିଭଳି ଦୁର୍ଘଟଣାର ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା ତାହାର କାରଣ ଖୋଜିବାକୁ ତଦନ୍ତ ନିର୍ଦ୍ଦେଶ ହେବ ବୋଲି ସେ କହିଛନ୍ତି।

# ଛୁରି ଦେଖାଇ ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାଲିଗୁଡ଼ା/କୋଟଗଡ,୨୨।୧୦(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଛୁରି ଦେଖାଇ ବଳାତ୍କାର ଓ ପରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଧମକ ଦେଇଥିବା ୩ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୋଟଗଡ଼ ଅଞ୍ଚଳର ଦାମୋଦର ନାୟକ। ରାୟଗଡ଼ା ଜିଲା ଚନ୍ଦ୍ରପୁର ଅଞ୍ଚଳରେ ବିବାହ କରିଥିବା ମହିଳା ଜଣଙ୍କ କିଛି ଦିନ ହେବ ବାପଘର କୋଟଗଡ଼ ଥାନା ଅଞ୍ଚଳକୁ ଆସିଥିଲେ। ଗତ ୧୯ ତାରିଖ ରାତି ପ୍ରାୟ ୮ଟାରେ ଶୌଚ ପାଇଁ ସେ ବାହରକୁ ଯାଇଥିବା ବେଳେ ବଳାତ୍କାରର ଶିକାର ହୋଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରେ ମାରିଦେଦେବେ ବୋଲି ଅଭିଯୁକ୍ତ ଦାମୋଦରଙ୍କ ୩ ସହଯୋଗୀ ଧମକ ଦେଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି କୋଟଗଡ ଥାନାରେ ନଂ.୧୦୯/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଥାନା ଅଧିକାରୀ ଧୀରାଜ କୁମାର ଲେଙ୍କା ଘଟଣାର ତଦନ୍ତ କରିଥିଲେ।

# ସାଢେ ୪ଲକ୍ଷର ବାଣ ଜବତ, ୨ ଅଟକ



ଜବତ ବାଣ।

**ଗୋପାଳପୁର,୨୨।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପୋଲିସ ଶନିବାର ଆର. ସୁବାଣୀଗାଁର ଏକ ଘରେ ବେଆଇନ ଭାବରେ ଗଚ୍ଛିତ ଥିବା ସାଢେ ୪ ଲକ୍ଷର ବାଣ ଜବତ କରିଥିବା ସୂଚନା ଦେଇଛି। ବାଣ ରଖିଥିବା ଅଭିଯୋଗରେ ୨ ଯୁବକଙ୍କୁ ଅଟକ ରଖି ପଚାରା ଉଚରା କରୁଥିବା ଜଣାପଡିଛି। ଶନିବାର ଅପରାହ୍ନ ୪ଟାରେ ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ପୋଲିସ ଟିମ୍ ସହ ଆର. ସୁବାଣୀଛକଠାରୁ କିଛି ଦୂରରେ ଥିବା ଏକ ଘରେ ଚଢାଉ କରି ଏହି ବାଣ ଜବତ କରିଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ନଂ ୩୮୬/୨୨ରେ ଏକ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖିଛି।



















# ଭୁବନେଶ୍ୱରକୁ ଲମ୍ବିଛି ନକଲି ସସ୍‌ର ଚେର

■ଗୋଦାମ, ଫ୍ୟାକ୍ଟ୍ରି ସିଲ୍, ଜଣେ ଗିରଫ

■କଖାରୁ, ଆଳୁରେ ପ୍ରସ୍ତୁତ ହେଉଛି ସସ୍, ଆଚାର

କଟକ ଅଫିସ/ ଭୁବନେଶ୍ୱର(ବ୍ୟୁରୋ),୨୨।୧୦



ନକଲି ସାମଗ୍ରୀ ପ୍ରସ୍ତୁତି ନେଇ କଟକ ପରେ ଏହାର ଚେର ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା ଜାଣିବାକୁ ମିଳିଛି । ଶନିବାର ମାଲଗୋଦାମ ଥାନା ପୋଲିସ ମାଲ୍‌ଗୋଦମରେ ଏକ ସସ୍ ଗୋଦାମରେ ଚଢ଼ାଉ କରିବାପରେ ଏହା ଭୁବନେଶ୍ୱରର ଏକ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହୋଇଥିବା ଜାଣିବାକୁ ମିଳିଥିଲା । ଏହାପରେ ଉକ୍ତ ଗୋଦାମ ଓ ଫ୍ୟାକ୍ଟ୍ରିକୁ ସିଲ୍ କରାଯିବା ସହ ମାଲଗୋଦାମ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି।

ଆଳୁ ଓ କଖାରୁକୁ ବ୍ୟବହାର କରି ଲୁଚାଛପାରେ ଚିଲି ସସ୍, ଟମାଟୋ ସସ୍ ଏବଂ ବିଭିନ୍ନ ପ୍ରକାର ଆଚାର ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯାଉଛି। ମାଲଗୋଦାମ ପୋଲିସ ପକ୍ଷରୁ ଏକ ଗୋଦାମରେ ଚଢାଉ କରାଯିବା ପରେ ଏହା ଭୁବନେଶ୍ୱର ପାତ୍ରପଡ଼ାଠାରେ ଥିବା ଏକ ଫ୍ୟାକ୍ଟ୍ରିରେ ଏହି ସସ୍ ପ୍ରସ୍ତୁତ ହେଉଥିବା ଜଣାପଡ଼ିଥିଲା । ପରେ ଉକ୍ତ ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ପୋଲିସର ମିଳିତ ଭାବରେ ଏହି ଚଢ଼ାଉ କରାଯାଇଥିଲା । ଏଠାରେ ଅପମିଶ୍ରଣ ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ମଧ୍ୟ ଜବତ ହୋଇଛି । ଜବତ ସସ୍ ଓ ଅନ୍ୟ ସାମଗ୍ରୀ ଉପରେ ଖାଦ୍ୟ ନିରାପତ୍ତା ବିଭାଗର ବାରକୋଡ୍ ଦେଖିବାକୁ ମିଳି ନ ଥିଲା । ସେହିପରି ମନଇଚ୍ଛା ଦର ମଧ୍ୟ ଲଗାଯାଇଛି । ଖାଦ୍ୟ ସାମଗ୍ରୀ ଏହି ଗୋଦାମରେ ବିକ୍ରି ଉଦ୍ଦେଶ୍ୟରେ ମହଜୁଦ୍ ରଖାଯିବା ସହ ବିଭିନ୍ନ ବଜାରକୁ ଚାଲାଣ ହେଉଥିଲା । ଅପରପକ୍ଷରେ ମାଲଗୋଦାମରେ ହେଉଥିବା ଚଢ଼ାଉରେ ଚିଲି ଓ ଟମାଟୋ ସସ୍ ଜବତ କରାଯିବା ସହ ଭିନେଗାର ଆଚାର ମଧ୍ୟ ରହିଛି । ଉକ୍ତ ଗୋଦାମ ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ବେଳେ ତାଙ୍କ ଠାରୁ ପାତ୍ରପଡ଼ା ନକଲି ସସ୍ ଫ୍ୟାକ୍ଟ୍ରି ସମ୍ପର୍କରେ ସୂଚନା ପାଇଥିଲା । ରବିବାର ଏହାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଲ୍‌ଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଉକ୍ତ ଗୋଦାମରେ କମ୍ ଦରରେ ସସ୍ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା । ଏହାପରେ ସେଠାରେ ଚଢ଼ାଉ କରାଯାଇ ସବୁ ଆଚାର, ଚକୋଲେଟ ଓ ବିସ୍କୁଟ ପ୍ରଭୃତି ଜବତ କରି ସାମଗ୍ରୀକୁ ସିଲ୍ କରାଯାଇଛି। ଗୋଦାମ ମାଲିକଙ୍କୁ ଗିରଫ କରାଯାଇ ଏକ ମାମଲା (ନଂ. ୧୭୧/୨୨) ରୁଜୁ ହୋଇଥିବା ଦାସ କହିଛନ୍ତି ।

# ଧନ୍‌ତେରସ୍:ବଢ଼ିଲା ସୁନା, ରୂପା ଦର

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)– ଧନ ତ୍ରୟୋଦଶ ବା ଧନ୍ ତେରସରେ ସୁନା ଓ ରୂପା କିଣିଲେ ଘରକୁ ଲକ୍ଷ୍ମୀଙ୍କ ବିରାଜମାନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନରେ ସୁନାରୂପା ବ୍ୟବସାୟ ଅଧିକମାତ୍ରାରେ ହୋଇଥାଏ। ଚଳିତବର୍ଷ ରବିବାର ଧନ୍‌ତେରସ ପଡୁଥିବାରୁ ଜୁଏଲାରୀ ଦୋକାନଗୁଡ଼ିକରେ ଶନିବାର ମଧ୍ୟ ବେଶ୍ ଦେଖିବାକୁ ମିଳିଥିଲା । ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର ଏବଂ ସମ୍ବଲପୁର ଆଦି ବଡ଼ ବଡ଼ ସହରରେ ସୁନାରୂପା ବ୍ୟବସାୟ ଏଥର ରେକର୍ଡସ୍ତର ଛୁଇଁବ ବୋଲି ଗହଣା ଦୋକାନୀମାନେ ଆଶା ରଖିଛନ୍ତି। ତେବେ ଏଭଳିସ୍ଥଳେ ଶୁକ୍ରବାର ତୁଳନାରେ ଶନିବାର ସୁନା ଏବଂ ରୂପା ଦରରେ ବୃଦ୍ଧି ପାଇଛି। ୨୪ କ୍ୟାରେଟ ସୁନାର ମୂଲ୍ୟ ଭୁବନେଶ୍ୱର ଏବଂ କଟକ ଟୁଇନ୍‌ସିଟିରେ ୧୦ଗ୍ରାମ ପିଛା ୫୨ହଜାର ୧୦୦ଟଙ୍କାରେ ପହଞ୍ଚିଛି। ୨୩କ୍ୟାରେଟ ପାଇଁ ୧୦ ଗ୍ରାମ ସୁନା ମୂଲ୍ୟ ୫୦,୩୦୦ଟଙ୍କା ଥିବାବେଳେ ୨୨କ୍ୟାରେଟ ୪୮,୨୦୦ ଟଙ୍କା ରହିଛି। ଅନ୍ୟପକ୍ଷେ ଭୁବନେଶ୍ୱରରେ ରୂପା କିଲୋଗ୍ରାମ ପିଛା ୫୯,୫୦୦ଟଙ୍କା(ଜିଏସ୍‌ଟି ସହ) ବିକ୍ରି ହେଉଛି। ପ୍ରକାଶ ଯେ, ରାଜ୍ୟ ଟିକସ , ଏକ୍ସାଇଜ୍ ଡ୍ୟୁଟି ଏବଂ ମେକିଂ ଚାର୍ଜକୁ ଲକ୍ଷ୍ୟରେ ରଖି ଦେଶରେ ସୁନା ଦର ପରିବର୍ତ୍ତନ ହୋଇଥାଏ । ସେହିପରି ରୂପା ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ପରିବର୍ତ୍ତନ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଏହା ମଧ୍ୟ ଡଲାର ତୁଳନାରେ ଟଙ୍କାର ଗତି ଉପରେ ନିର୍ଭର କରିଥାଏ ।







# ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

**ବଲାଙ୍ଗୀର ଅଫିସ/ଗୁଡ଼ଭେଲା,୨୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ମହୀପୁର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ତ୍ରୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଦିବ୍ୟସିଂ ଭୋଇ (୩୫)।

ଶୁକ୍ରବାର ରାତିରେ ଦିବ୍ୟସିଂ ଓ ତାଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ସବୁଦିନ ଭଳି ରାତ୍ରଭୋଜନ ସାରି ଶୋଇଥିଲେ। ରାତି ପ୍ରାୟ ୩ଟାରେ ଘରୁ ଯଶୋଦା ବ୍ୟତିବ୍ୟସ୍ତ ହୋଇ ବାହାରି ଯାଉଥିବା ଦିବ୍ୟସିଂଙ୍କ ଭାଇ ଗୁପ୍ତେଶ୍ୱର ଦେଖିଥିଲେ। ସନ୍ଦେହ ହେବାରୁ ସେ ତାଙ୍କ ଭାଇଙ୍କୁ ବାହାରୁ ଥାଇ ଡାକିଥିଲେ। ହେଲେ କେହି ଶୁଣି ନ ଥିଲେ। ଏହାପରେ ସେ ଘର ଭିତରକୁ ଗଲା ପରେ ଦିବ୍ୟସିଂଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡିଥିବା ଦେଖିବାକୁ ପାଇଥିଲେ। ଏହାପରେ ଘରର ଅନ୍ୟ ସଦସ୍ୟଙ୍କୁ ଡାକିଥିଲେ। ଦିବ୍ୟସିଂଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁଷୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଦିବ୍ୟସିଂଙ୍କ ପିତା ରଜନୀକାନ୍ତ ଭୋଇ ତୁଷୁରା ଥାନାରେ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗରେ ତାଙ୍କ ପୁଅକୁ ବୋହୂ ଯଶୋଦା ହତ୍ୟା କରି ଫେରାର ହୋଇଯାଇଥିବା ଦର୍ଶାଇଛନ୍ତି। ଅଭିଯୋଗ ଅନୁସାରେ ଏକ ମାମଲା (୧୬୨/୨୨) ରୁଜୁ ହୋଇଛି। ଶନିବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାର ଛାନଭିନ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯଶୋଦାଙ୍କ କୌଣସି ପତ୍ତା ମିଳିନାହିଁ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି।

ମିଳିଥିବା ସୂଚନା ମୁତାବକ ୫ବର୍ଷ ପୂର୍ବେ ଦିବ୍ୟସିଂ କଳାହାଣ୍ଡି ଜିଲା ମହୁଲଖୁପା ଗ୍ରାମର ଯଶୋଦାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ହଠାତ୍ କେଉଁ କାରଣରୁ ଯଶୋଦା ଶୋଇଥିବା ସ୍ୱାମୀଙ୍କୁ ହତ୍ୟା କଲେ ତାହା ଜଣାପଡିନାହିଁ। ଘଟଣାର ତଦନ୍ତ ଚାଲିଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ: ୭ ଗିରଫ

## ୨ ପିସ୍ତଲ, ବୋମା, ମାରଣାସ୍ତ୍ର ଜବତ



ଗିରଫ ଅଭିଯୁକ୍ତମାନେ।

**ହିଞ୍ଜିଳିକାଟୁ,୨୨।୧୦(ଡ଼ି.ଏନ୍.ଏ):** କିଛି ଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଏକ ଡକାୟତି ଗ୍ୟାଙ୍ଗକୁ ଶୁକ୍ରବାର ରାତିରେ ଗଞ୍ଜାମ ଜିଲା ହିଞ୍ଜିଳି ପୋଲିସ କାବୁ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ କେନାଲ ସାହିର ଚିଣ୍ଟୁ ଦାସ, ସାନସାହିର ଲିପୁ ଦାସ, ଠାକୁରାଣୀ ସାହିର ଶୁଭମ ଦାସ, ରାମଚନ୍ଦ୍ରପୁରର କାଳିଆ ସେଠି, ଶାସନଆମ୍ବଗାଁର ବାଲାଜୀ ଗଉଡ଼, ନୂଆଗଡ଼ର ଗୟା ଦାସ ଓ ଶିକିରି ନୂଆଁସାହିର ହୀନ ସାମଲ। ଅଭିଯୁକ୍ତମାନଙ୍କଠାରୁ ୨ଟି ସିଙ୍ଗଲ ସଟ ପିସ୍ତଲ, ୪ ବୋମା, ୨ଖଣ୍ଡା ଆଦି ଜବତ କରାଯାଇଛି। ଅଭିଯୁକ୍ତମାନେ ହିଞ୍ଜିଳିକାଟୁ – ବ୍ରହ୍ମପୁର ଜାତୀୟ ରାଜପଥ ନଂ ୫୯ ଅନ୍ତର୍ଗତ ଚୈତନ୍ୟପଡ଼ା ରେଷ୍ଟ ସେଡ଼ରେ ଶୁକ୍ରବାର ରାତିରେ ଏକାଠି ହୋଇ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ମାରଣାସ୍ତ୍ର ଦେକାଇ ଲୁଟ କରିବା ଓ ନିକଟବର୍ତୀ ଅଞ୍ଚଳରୁ ଡ଼କାୟତି କରିବା ନିମନ୍ତେ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସର ପାଟ୍ରୋଲିଂ ଟିମ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

**ମଦ ଦୋକାନରୁ ଲୁଟ୍ ମାମଲା**

# ୫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ବଇଣ୍ଡା/ଆଠମଲ୍ଲିକ, ୨୨।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁରସ୍ଥିତ ବିଦେଶୀ ମଦ ଦୋକାନରୁ ଲୁଟ୍ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଆଠମଲ୍ଲିକ ଆସିଷ୍ଟାଣ୍ଟ ସେକ୍ସନ ଜଜ୍ ବିନୋଦ ବିହାରୀ ସାହୁ ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତମାନେ ହେଲେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ତପନ ମହାନ୍ତି ଓରଫ ଟିଲୁ, ଜଳେନ୍ଦ୍ର ବେହେରା, ଜିତେନ୍ଦ୍ର ଭୂୟାଁ, ନୁନୁକାପଶି ଅଞ୍ଚଳର ଆଶିଷ ବେହେରା ଏବଂ ଶୁଭପ୍ରକାଶ ଶତପଥୀ। ଏଥି ସହିତ ଜଣକା ୫ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜୁଲାଇ ୨୮ରେ ବାମୁରସ୍ଥିତ ବିଦେଶୀ ମଦ ଦୋକାନରୁ ଲୁଟ୍ ହୋଇଥିଲା। ସମ୍ପୃକ୍ତ ୫ ଅଭିଯୁକ୍ତ ମ୍ୟାନେଜର ଏବଂ ଜଣେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଜଣେ କର୍ମଚାରୀଙ୍କୁ ଗାଡିରେ ଅପହରଣ କରିନେଇ ବାମୁର ଅଗ୍ନିଶମ କେନ୍ଦ୍ର ନିକଟରେ ଛାଡ଼ି ପକାଇଥିଲେ। ତେବେ ରେଢ଼ାଖୋଲ ପୋଲିସ ହାତରେ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ଏହାପରେ ସେଠାକାର ପୋଲିସ କିଶୋରନଗର ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ନଂ. ୧୧୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ସରକାରୀ ଓକିଲ ବିଜୟ କୁମାର ମହାକୁଡ଼ ମାମଲା ପରିଚାଳନା କରିଥିଲେ।












# ଭରା ନଦୀରେ ବାଜି ଲାଗୁଛି ଜୀବନ

ମାଥିଲି,୨୨।୧୦(ଡି.ଏନ. ଏ.)


ନଦୀ ଭିତରେ ପଶି ଯାଉଛନ୍ତି ଗ୍ରାମବାସୀ।

**ଜୀବିକା ଆଗରେ ଜୀବନ ତୁଚ୍ଛ**
- ୫ବର୍ଷ ହେଲାଣି ଶେଷ ହେଉନି ନିର୍ମାଣ କାର୍ଯ୍ୟ
- ୯ଖଣ୍ଡ ଗ୍ରାମର ଗ୍ରାମବାସୀ ନିର୍ଭର କରୁଛନ୍ତି
- ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ

ପ୍ରତେକ ଦିନ ଭରା ନଈରେ ବାଜି ଲାଗୁଛି ଜୀବନ। ଜୀବୀକା ଆଗରେ ଜୀବନ ହୋଇଛି ତୁଚ୍ଛ। କେବଳ ଶିଳାନ୍ୟାଶ ପରେ ପୋଲ ନିର୍ମାଣ ଆରମ୍ଭ ହୋଇ ୫ବର୍ଷ ହେଲା ସରୁନି। ଯାତାୟାତ ଲାଗି ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲାକନଗିରି ଜିଲା ମାଥିଲି ବ୍ଲକରେ। ଏହି ବ୍ଲକର ଧୁଙ୍ଗିଆପୁଟ ପଞ୍ଚାୟତରେପ୍ରେବାହିତ ହେଉଛି ଅଟାଲଗୁଡ଼ା ନଦୀ। ନଦୀ ଉପରେ ଅଟାଲଗୁଡା, ଗୋଜିଆଗୁଡା, ଚୁରାକାନ, ଅନ୍ଧାରିଜବା, କହ୍ନାଡି, ପଦେଇକନ୍ଦ୍ରା, ମାଳିଗୁଡା, ମୁକୁଡୁ ଆଦି ନଅ ଖଣ୍ଡ ଗ୍ରାମର ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଗ୍ରାମବାସୀ ହାଟ, ବଜାର, ଡାକ୍ତରଖାନା ତହସିଲ, ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟକୁ ନିଜ କାର୍ଯ୍ୟରେ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହୋଇ ଯାଇଥାନ୍ତି। ନଦୀ ଆରପଟେ ବ୍ଲକ, ତହସିଲ, କଲେଜ, ଡାକ୍ତରଖାନା, ଥାନା, ହାଟ, ବଜାର ଥିବାରୁ ପଦୀପାର ହୋଇ ଯିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଭଗ୍ରାମବାସୀଙ୍କ ସୁବିଧା ପାଇଁ ତତ୍କାଳୀନ ବିଧାୟକ ଡମ୍ବରୁ ଶିସା ୨୦୧୭ରେ ପୋଲ ନିର୍ମାଣ ଲାଗି ଶିଳାନ୍ୟାଶ କରିଥିଲେ। ଏଥିପାଇଁ ୮୧ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ପୋଲ ନିର୍ମାଣ ସେହିବର୍ଷ ଆରମ୍ଭ ହୋଇ ୨୦୧୮ରେ ଶେଷ ହେବା କଥା। ମାତ୍ର ୫ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ଶେଷ ହୋଇପାରିନାହିଁ। କାର୍ଯ୍ୟ କରୁଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ଆମକୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଶୀଘ୍ର ପୋଲ ନିର୍ମାଣ ଦିଗରେ ବ୍ଲକ ଓ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଆମେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ୯ଖଣ୍ଡ ଗ୍ରାମର ଗ୍ରାମବାସୀ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକ ବୁଡ଼ ହେବାଯାଏ ବଡ଼ଲୋକ,**
**କେବେ ନ ଛାଡ଼େ ଆପଣା ଟେକ।**

ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ। ସଚେତନ ବ୍ୟକ୍ତି ସର୍ବଦା ଏଥିପ୍ରତି ସଜାଗ ରହିଥା'ନ୍ତି। ସେହିପରି ଯେତେ କ୍ଷତିଗ୍ରସ୍ତ ହେଲେ ମଧ୍ୟ ଜ୍ଞାନୀ ଗୁଣୀ ବ୍ୟକ୍ତି ନିଜର ଆଭିଜାତ୍ୟକୁ କେବେହେଲେ ତଳକୁ ପକାଇ ଦେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଟାଉଁ ଟାଉଁ କରୁଛି;**
**ପରକୁ ନିରିଖି ମରୁଛି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି। ଏହାକୁ ବରଦାସ୍ତ କରିବା ବା ସହଜରେ ଗ୍ରହଣ କରିବା ତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଇଥାଏ। ଅନ୍ୟର ଆଖିଦୃଶିଆ ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ଏହାକୁ ସହି ନ ପାରି ରବେଇ ଖବେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନୀଳଗିରିରେ ୧୨ ଶିଶୁ ଅପପୁଷ୍ଟିର ଶିକାର



ଅପପୁଷ୍ଟିର ଶିକାର ଜଣେ ଶିଶୁଙ୍କୁ ଚିକିତ୍ସା କରାଯାଉଛି।

ନୀଳଗିରି, ୨୨।୧୦(ସ୍ୱ.ପ୍ର.)

ଅପପୁଷ୍ଟି ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା ମଧ୍ୟରେ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଏବେବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ନୀଳଗିରି ଅଞ୍ଚଳରେ ୧୨ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ (ଏନ୍‌ଆର୍‌ସି) ପୃଷ୍ଟି ପୁର୍ନବାସ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ନଜରକୁ ଆସିଛି। ଶନିବାର ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ୨ ସୁସ୍ଥ ହୋଇ ଘରକୁ ଫେରିଲେ

ଏହି ଶିଶୁମାନେ ନୀଳଗିରି ବ୍ଲକ ପୋଡ଼ାଶୁଳ, ଧୋବଶିଳା, ଚତିରଖୁଣ୍ଟା, ମିତ୍ରପୁର, ନୀଳଗିରି ଏନଏସି, ଔପଦା ବ୍ଲକ ହାତୀଖୁଲିଆ ଓ ରାଇରାମପୁର ଆଦି ଅଞ୍ଚଳର। ଅଙ୍ଗନୱାଡ଼ି ପକ୍ଷରୁ ମିଳୁଥିବା ଖାଦ୍ୟ ଖାଇବା ପରେ ମଧ୍ୟ ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିଟାମିନ ଯୋଗାଇ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅପପୁଷ୍ଟି ସମ୍ପର୍କରେ ନୀଳଗିରି ମେଡ଼ିକାଲ ଶିଶୁ ରୋଗ ବିଶେଷଜ୍ଞ ରାଜେନ୍ଦ୍ର କୁମାର ସିଂହ କହିଛନ୍ତି, ଖାଦ୍ୟ ଅଭାବ ଓ କ୍ରନିକ୍ ଡିଜିଜ୍ ଥିଲେ ଶିଶୁ ଅପପୁଷ୍ଟିର ଶିକାର ହୋଇଥାନ୍ତି। ଯେଉଁ ପିଲା ଦୁର୍ବଳ ଦେଖାଯାନ୍ତି ତାଙ୍କ ହାଇଟ୍ ଅନୁସାରେ ଓଜନ ଠିକ୍ ନ ରହିଲେ ସେହି ପିଲାଙ୍କୁ ଆମେ ଚିକିତ୍ସା କରି ପ୍ଲାନିଂ ଅନୁସାରେ ଖାଦ୍ୟ ଦେବା ସହ, ଭିଟାମିନ୍ ଓ ଟନିକ ଆଦି ଦେଇଥାଉ। ଯେତିକି ଓଜନ ଥାଏ ତାଠାରୁ ୧୫% ବଢ଼ିବା ପରେ ଛାଡ଼ିଥାଉ ବୋଲି କହିଥିଲେ।

# ୩୦ ଆଇଏଏସ୍ ଅଫିସରଙ୍କୁ ୩୦ ଜିଲା ଦାୟିତ୍ୱ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ତୃଣମୂଳସ୍ତରରେ ବିଭିନ୍ନ ସରକାରୀ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରିତାର ତଦାରଖ, ସାଧାରଣ ଲୋକଙ୍କୁ ଜନସେବା ପ୍ରଦାନ ସହ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ଲାଗି ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ଜିଲାର ଦାୟିତ୍ୱ ମିଳିଛି। ୩୦ ଜିଲା ପାଇଁ ୩୦ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଏଥିପାଇଁ ନିଯୁକ୍ତି ଦିଆଯାଇଛି। ସମ୍ପୃକ୍ତ ଅଫିସରମାନେ ଜିଲା ଗସ୍ତର ସମ୍ପୂର୍ଣ୍ଣ ବିବରଣୀ ମୁଖ୍ୟ ଶାସନ ସଚିବଙ୍କ ଅଫିସ୍‌କୁ ପଠାଇବେ। ଏହାସହ ରାଜ୍ୟର ୧୦ ଆକାଂକ୍ଷୀ ଜିଲା ଆବଣ୍ଟିତ ହୋଇଥିବା ଆଇଏଏସ୍ ଅଫିସରଙ୍କୁ ସ୍ୱତନ୍ତ୍ର ଭାବେ ସବୁ ମାନଦଣ୍ଡ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ, ବୃନ୍ଦା ଡିଙ୍କୁ ଅନୁଗୁଳ, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ବଲାଙ୍ଗିର, ଏନ୍ ଥିରୁମାଳା ନାଏକଙ୍କୁ ବାଲେଶ୍ୱର, ଅର୍ଚ୍ଚନା ପଟ୍ଟନାୟକଙ୍କୁ ବରଗଡ଼, ଅରିନ୍ଦମ ଡାକୁଆଙ୍କୁ ଭଦ୍ରକ, ଗୁହା ପୁନମ ତାପସ କୁମାରଙ୍କୁ ବୌଦ୍ଧ, ସୁଜାତା ଆର କାର୍ତ୍ତିକେୟନଙ୍କୁ କଟକ, ସୁରେଶ ଚନ୍ଦ୍ର ଦଳେଇଙ୍କୁ ଦେବଗଡ଼, ମନୋଜ କୁମାର ମିଶ୍ରଙ୍କୁ ଢେଙ୍କାନାଳ, ଚିତ୍ରା ଅରୁମଗମଙ୍କୁ ଗଜପତି, ଏସ୍ ଅଶ୍ୱସ୍ଥିଙ୍କୁ ଗଞ୍ଜାମ, ଭାସ୍କରଜ୍ୟୋତି ଶର୍ମାଙ୍କୁ ଯାଜପୁର ଜିଲା ଆବଣ୍ଟିତ ହୋଇଛି। ସେହିପରି ସତ୍ୟବ୍ରତ ସାହୁଙ୍କୁ କଳାହାଣ୍ଡି, ଅନୁ ଗର୍ଗଙ୍କୁ ପୁରୀ, ସୁରେଶ କୁମାର ବଶିଷ୍ଠଙ୍କୁ ରାୟଗଡ଼ା, ବୀରବିକ୍ରମ ଯାଦବଙ୍କୁ ସମ୍ବଲପୁର, ଭୂପେନ୍ଦ୍ର ସିଂ ପୁନିଆଙ୍କୁ ସୋନପୁର, ହେମନ୍ତ ଶର୍ମାଙ୍କୁ ଝାରସୁଗୁଡ଼ା, ଶ୍ରୀକାନ୍ତ ପ୍ରୁଷ୍ଟିଙ୍କୁ ଜଗତସିଂହପୁର, ବଲବନ୍ତ ସିଂଙ୍କୁ ସୁନ୍ଦରଗଡ଼, ସଚିନ ଆର ଯାଦବଙ୍କୁ ନୂଆପଡ଼ା, ବି ପରମେଶ୍ୱରଙ୍କୁ ନୟାଗଡ଼, ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, ବିଶାଳ କୁମାର ଦେବଙ୍କୁ ମୟୂରଭଞ୍ଜ, ସଞ୍ଜିବ କୁମାର ଚଢାଙ୍କୁ ମାଲକାନଗିରି, ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ଶୁଭା ଶର୍ମାଙ୍କୁ ଖୋର୍ଦ୍ଧା, ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ କେନ୍ଦ୍ରାପଡ଼ା, ଦେଓରଞ୍ଜନ ସିଂହଙ୍କୁ କେନ୍ଦୁଝର ଓ ଅରବିନ୍ଦ କୁମାର ପାଢ଼ୀଙ୍କୁ କନ୍ଧମାଳ ଜିଲା ଆବଣ୍ଟିତ କରାଯାଇଛି।

# ଛେଳିକୁ ବଞ୍ଚାଇବାକୁ ଯାଇ ୩ ଜୀବନ ଗଲା



ତେଲକୋଇ, ୨୨।୧୧(ଡି.ଏନ୍.ଏ)

ଚୋରାରେ ବିଦ୍ୟୁତ୍ ବ୍ୟବହାର ଅନେକ ସମୟରେ ମହଙ୍ଗା ପଡ଼ିଛି। ଅକାରଣରେ ଚାଲିଯାଉଛି ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଶନିବାର କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ବିମଳା ପଞ୍ଚାୟତ ଟାଙ୍ଗିରୀ ଗ୍ରାମରେ। ଚୋରାରେ ବିଦ୍ୟୁତ୍ ତାର ଟଣାଯାଇଥିବା ଜମିରେ ଛେଳି ଚରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାକୁ ବଞ୍ଚାଇବାକୁ ଯାଇ ୩ ଜୀବନ ଯାଇଛି। ମୃତକମାନେ ହେଲେ ଜୁଆଙ୍ଗ ସାହିର ସିଙ୍ଗା ଜୁଆଙ୍ଗଙ୍କ ସ୍ତ୍ରୀ କାଠି ଜୁଆଙ୍ଗ (୬୨) ତାଙ୍କ ବୋହୂ ନିରାଧି ଓ ଅନ୍ୟଜଣେ ମହିଳା ହେଲେ କୁନା ଜୁଆଙ୍ଗଙ୍କ ସ୍ତ୍ରୀ ମଞ୍ଜରୀ ଜୁଆଙ୍ଗ(୩୫)।

ସୂଚନା ମୁତାବକ, ଟାଙ୍ଗିରୀ ଗ୍ରାମର ପତ୍ରଫଡ଼ି ନାଳି ଗ୍ରାମ ଜଙ୍ଗଲରେ ଗ୍ରାମର ଦୁଇ ଜଣ ପନିପରିବା ଚାଷ କରିଛନ୍ତି। ସେମାନେ ଉକ୍ତ କ୍ଷେତକୁ ବେଆଇନ ଭାବେ ଚୋରାରେ ତାର ଟାଣି ବିଦ୍ୟୁତ୍ ନେଇଛନ୍ତି। କାଠି, ନିରାଧି ଓ ମଞ୍ଜରୀ ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଛିଡ଼ି ପଡ଼ିଥିବା ତାରରେ ଏକ ଛେଳି ଲାଗିଯାଇଥିଲା। ଛେଳିକୁ ଉଦ୍ଧାର କରିବାକୁ ଯାଇ ୩ ମହିଳା ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଛେଳିର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଏକ ମାମଲା (ନଂ. ୪୭/୨୨) ରୁଜୁ କରି ତଦନ୍ତ କରୁଥିବା ବେଳେ ରବିବାର ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ସାଇପ୍ରଭା ରାଉତ କହିଛନ୍ତି। ଅନ୍ୟପକ୍ଷେ ବେଆଇନ ଭାବେ ତାର ଟାଣି ଜଙ୍ଗଲ ମଧ୍ୟକୁ ବିଦ୍ୟୁତ୍ ନିଆଯାଉଥିବା ବେଳେ ବନ ବିଭାଗ, ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନେକ ସମୟରେ ଏଥିରେ ଲାଗି ବହୁ ବନ୍ୟଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିପ୍ରତି ଉଭୟ ବିଭାଗ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଲୋଚନା ପରେ ଧାରଣାରୁ ଉଠିଲେ ଆଦିବାସୀ

ସୁନ୍ଦରଗଡ଼,୨୨।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଏକ ଘରୋଇ କମ୍ପାନୀର ଚୂନପଥର ଖଣି ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣକୁ ବିରୋଧ କରି ଦୀର୍ଘ ୭୦ କିମି ରାସ୍ତା ପଦଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଶୁକ୍ରବାର ଠାରୁ ଅହୋରାତ୍ର ଧାରଣରେ ବସିଥିବା ପ୍ରଭାବିତ ୫ଟିପଞ୍ଚାୟତର ଆଦିବାସୀ ଶନିବାର ଜିଲାପାଳଙ୍କ ସହ ଆଲୋଚନା ପରେ ଅପରାହ୍ନରେ ଧାରଣାରୁ ଉଠିଛନ୍ତି। ଜିଲାପାଳ ପରାଗ ହର୍ଷଦ ଗାଭାଲି ତାଙ୍କ ପ୍ରକୋଷ୍ଠରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବିଗୁଡିକ ଅନୁଧ୍ୟାନ କରି ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନକାରୀ ଆଦିବାସୀ ଦାବି ନେଇ ଆସନ୍ତା ୨୫ରୁ ରାଜଗାଙ୍ଗପୁରରେ ପ୍ରତୀକ ଧାରଣା ଜାରି ରଖିବେ। ଜିଲାପାଳଙ୍କ ସହ ଆଲୋଚନା ବେଳେ ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା, ଆଦିବାସୀ ସଙ୍ଗଠନର ନେତାମାନେ ଉପସ୍ଥିତ ଥିଲେ।

**ଆବଶ୍ୟକ**

କଟକରେ ରହି ରୋଷେଇ କରିବା ସହିତ ରୋଷେଇ ଘରର ସମ୍ପୂର୍ଣ୍ଣ ଦାୟିତ୍ୱ ବୁଝିବା ପାଇଁ ଜଣେ ଅଭିଜ୍ଞ ବ୍ୟକ୍ତି ଆବଶ୍ୟକ (ଅଭିଜ୍ଞତା ନିହାତି ଜରୁରୀ)। ରହିବା, ଖାଇବା ସହ ମାସିକ ଦରମା ୧୮,୦୦୦ ଟଙ୍କା।

ଯୋଗାଯୋଗ: 92383 99280

# ଏପ୍ରିଲ ସୁଦ୍ଧା ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସରିବ

- ମୁଖ୍ୟ ଶାସନ ସଚିବଙ୍କ ସତ୍ୟବାଦୀ ଗସ୍ତ
- ୩ ମାସରେ ଗୋପବନ୍ଧୁଙ୍କ ଜାତୀୟ ସ୍ମାରକୀ ଲୋକାର୍ପଣ

ସାକ୍ଷୀଗୋପାଳ,୨୨।୧୦
(ଡି.ଏନ୍.ଏ/ସ୍ୱ.ପ୍ର.)


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ସତ୍ୟବାଦୀ ବ୍ଲକ ସୁଆଣ୍ଡୋ ଗ୍ରାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫କୋଟି ଟଙ୍କା ବ୍ୟୟରେ ଐତିହ୍ୟ ବିକାଶ ପ୍ରକଳ୍ପ ଏବଂ ବକୁଳବନରେ ୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ସମୀକ୍ଷା କରିଛନ୍ତି। ଏଥିସହ ଆସନ୍ତା ବର୍ଷ ଏପ୍ରିଲ ସୁଦ୍ଧା ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ଶେଷ ହେବ ବୋଲି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଅପରାହ୍ନରେ ସତ୍ୟବାଦୀ ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ସୁଆଣ୍ଡୋ ରାସ୍ତାର ପଟ୍ଟନାୟିକିଆ ଛକରେ ଅଭ୍ୟର୍ଥନା କକ୍ଷ ଓ ସୂଚନାକେନ୍ଦ୍ର ବୁଲି ଦେଖିଥିଲେ। ସୁଆଣ୍ଡୋ ଗ୍ରାମରେ ଶ୍ରୀଲୋକନାଥ ଦେବ ମନ୍ଦିର, ପୁଷ୍କରିଣୀ ଉନ୍ନୟନ, ସଂଗ୍ରହାଳୟ, ଷଠିଘର ସଂରକ୍ଷଣ, ଗୋପବନ୍ଧୁଙ୍କ କୁଳଦେବତା ଶ୍ରୀରାଧା ବିନୋଦ ବିହାରୀଙ୍କ ମନ୍ଦିର, ପ୍ରମୋଦ ଉଦ୍ୟାନ, ରାସ୍ତା ଆଦି ଐତିହ୍ୟ ବିକାଶ ପ୍ରକଳ୍ପ ପରିଦର୍ଶନ କରିବା ସହ ପୂର୍ଣ୍ଣାଙ୍ଗ ରୂପରେଖ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୩ ମାସ ମଧ୍ୟରେ ଐତିହ୍ୟ ସମ୍ପନ୍ନ ଜାତୀୟ ସ୍ମାରକୀ ଲୋକାର୍ପଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ।

ସତ୍ୟବାଦୀ ବକୁଳବନର ବନବିଦ୍ୟାଳୟର ସ୍ମୃତି ଉଜ୍ଜୀବିତ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟର ଉତ୍ତୋରତ୍ତର ଗବେଷଣା ନିମନ୍ତେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ରାବାସ, ମୁଖ୍ୟ ପ୍ରଶାସନିକ ଦପ୍ତର ଶ୍ରେଣୀକକ୍ଷ ଆଦି ବିଭିନ୍ନ ବ୍ଲକ ସମ୍ପର୍କିତ ଡିଜାଇନ ବୁଲି ଦେଖିବା ପରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଶ୍ରୀସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିଥିଲେ। ବେଢା ପରିକ୍ରମା କରିବା ସମୟରେ ସଚିବ ମନ୍ଦିରର ଅଭାବ ଅସୁବିଧା ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ପୁରାତନ ମୁଖ୍ୟ ମନ୍ଦିର ମରାମତି, କେମିକାଲ ଆସ୍ତରଣ, ବେଢ଼ାରେ ପଥର ବିଛାଇବା କାମ ପୂର୍ଣ୍ଣାଙ୍ଗ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ସହିତ ଐତିହାସିକ ବକୁଳବନକୁ ଆକର୍ଷଣୀୟ କରାଯିବା ନିମନ୍ତେ ଡିଜାଇନ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବ। ଅନ୍ୟପକ୍ଷେ ସାକ୍ଷୀଗୋପାଳ ମନ୍ଦିରକୁ ଗମନାଗମନ ସୁବିଧା ପାଇଁ ରାସ୍ତାରେ ରେଳ ଓଭରବ୍ରିଜ ଏଂ ମନ୍ଦିର ବାଇପାସ୍ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ଅଧିକାରୀମାନେ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ଜିଲାପାଳ ସମର୍ଥ ବର୍ମା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂହ, ବିଡିଓ ଲୋଚନ ଦାସ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସ, ନିର୍ବାହୀଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଏହି ଗସ୍ତରେ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଜଣେ ମୃତ

ମାଲକାନଗିରି, ୨୨।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଗଜିଆଗୁଡାରେ ଶନିବାର ଭାଲୁ ଆକ୍ରମଣରେ ଶିକାର ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଗ୍ରାମର ମୁକୁନ୍ଦ ଖରା। ସନ୍ଧ୍ୟାରେ ମୁକୁନ୍ଦ କୌଣସି କାର୍ଯ୍ୟରେ ଜଙ୍ଗଲକୁ ଯାଇଥିବାବେଳେ ତାଙ୍କୁ ଭାଲୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏହା ଦେଖି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ମୁକୁନ୍ଦଙ୍କ ମୃତ୍ୟୁ ହୋଇଥିଲା।

**OFFICE OF THE PRINCIPAL**
**S.B.R. GOVT. (AUTONOMOUS) WOMEN'S COLLEGE, BERHAMPUR**
Website: www.sbrgautowomenscollege.ac.in

Candidates from CPET-2022 rank list may apply in offline mode for admission into PG (Odia, Sanskrit, Political Science, Economics) by Speed Post. The form and enclosures should reach by 10.11.2022. For details & form visit website: www.sbrgautowomenscollege.ac.in.

Sd./- Principal
SBR Govt. Auto. Women's College
Berhampur

**UTKAL UNIVERSITY OF CULTURE**
Sanskruti Vihar, At/P.O.- Madanpur, Bhubaneswar- 752054
E-mail: mailboxuuc@gmail.com, Website: www.uuc.ac.in
No.1202/UUC Dt.20.10.2022

**Admission Notice for Ph.D. Programme 2022-23**

No.CAD-2261:- Applications are invited for admission to the Ph.D. Programme in different disciplines of the Utkal University of Culture latest by 16.11.2022. The date of Entrance test and Viva-Voce shall be intimated to the shortlisted candidates through University Website only. The candidates are advised to remain in touch with the University website for the details of Entrance Test and Viva-Voce for admission in the Ph.D. Programme. The eligibility criteria and exemption from Entrance Test are as per UGC (Minimum Standards and Procedure for Award of Ph.D. Degree) Regulations. For details regarding eligibility criteria, fees for entrance exam, number of seats available (Discipline wise), application format and Ph.D. Regulation-2022, please visit University Website- **www.uuc.ac.in (Ph.D. Admission-2022)** from **26.10.2022** onwards.

Sd./-
Controller of Examinations
OIPR-03005/11/0008/2223



ପୁରୀ ଜିଲା ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଶନିବାର କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ମହିଳାମାନେ ପାଣିରେ ଆନ୍ଦୋଳନ କରୁଛନ୍ତି।

## ନାବାଳିକା ବଳାତ୍କାର ମାମଲା | ଦୋଷୀଙ୍କୁ ୧୫ବର୍ଷ ସଶ୍ରମ କାରାଦଣ୍ଡ

**ବାରିପଦା ଅଫିସ, ୨୨।୧୦**

ବାରିପଦାସ୍ଥିତ ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗାଚରଣ ମିଶ୍ର ଏହାର ବିଚାର କରି ଅଭିଯୁକ୍ତ କେନ୍ଦୁଗୁଟୁ ଗ୍ରାମର ଅର୍ଜୁନ ହେମ୍ବ୍ରମ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରବା ସହିତ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୪ ଅକ୍ଟୋବରରେ ପୀଡିତାଜଣକ ଏକୁଟିଆ ଘରେ ଥିବା ବେଳେ ଅର୍ଜୁନ ଏହାର ସୁଯୋଗ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ପୀଡିତା ଭୟରେ କିଛି ନ ଜଣାଇବାରୁ ସେ ୬ମାସର ଅନ୍ତସତ୍ତ୍ୱା ହେବା ପରେ ପରିବାର ଲୋକେ ଥାନା ଆଶ୍ରୟ ନେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୪/୧୫)ରେ ପୋକ୍ସୋ ଆକ୍ଟରେ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୮ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।





# ବିଗୁଡୁଛି ଗହୀରମଥା ପରିବେଶ

**କେନ୍ଦ୍ରାପଡ଼ା ଅଫିସ, ୨୨।୧୦**



- **କ୍ଷେପଣାସ୍ତ୍ର ପରୀକ୍ଷଣରେ ପ୍ରଭାବ ପଡୁଛି**
- **ଡିଆର୍‌ଡିଓକୁ ଅବଗତ କରାଯାଇଥିବା କହିଲେ ରେଞ୍ଜର**
- **ଅଲିଭ ରିଡ୍‌ଲେଙ୍କ ଆଗମନ ହ୍ରାସ ଆଶଙ୍କା**

ଜାତୀୟ ଉଦ୍ୟାନ ଭିତରକନିକା ନିକଟ ହୁଇଲର ଦ୍ୱୀପରୁ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଶୁକ୍ରବାର ହୋଇଛି। ଦି ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ (ଡିଆର୍‌ଡିଓ) ପକ୍ଷରୁ ଦୁଇମାସ ମଧ୍ୟରେ ଲଗାତର ମିଶାଇଲ ପରୀକ୍ଷଣ ଜାରି ରହିଛି। ଏହି ନିୟୁକ୍ଲିୟର ପରିବହନ କ୍ଷମତାଧାରୀ ମିଶାଇଲ ପରୀକ୍ଷଣ ସମୟରେ ଉତ୍ପନ୍ନ ଆଲୋକ ଓ ଧୂଆଁର ପ୍ରଭାବ ସିଧାସଳଖ ଜାତୀୟଉଦ୍ୟାନ ମଧ୍ୟରେ ଥିବା ବିରଳ ଅଲିଭରିଡଲେଙ୍କ ଅଣ୍ଡିଦିଶାଳ ଭାବେ ପରିଚିତ ଗହୀରମଥା ଉପରେ ପଡୁଛି। ଫଳରେ ଚଳିତବର୍ଷ ଏହି କଇଁଛଙ୍କ ଆଗମନ ସଂଖ୍ୟା ହ୍ରାସ ପାଇବ ବୋଲି ପରିବେଶବିତମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବନ୍ୟଜନ୍ତୁ ସୁରକ୍ଷା ସମିତି ସଭାପତି ବିଶ୍ୱଜିତ ମହାନ୍ତି କୁହନ୍ତି ଯେ, ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ଏବେ ବିଗିଡିବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ସହ ତାଳ ଦେଇ ମନୁଷ୍ୟକୃତ କ୍ଷତି ବଢ଼ିଚାଲିଛି। ୨୦୧୯ରେ ଇକୋ ରିଟ୍ରିଟ ପେଣ୍ଟ ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ଉତ୍ସବ ଶେଷରେ କୁଢ଼କୁଢ଼ ପଲିଥିନ ଗଦା ହୋଇଥିଲା। ଏହି ପଲିଥିନ ଅଲିଭରିଡଲେଙ୍କ ପାଇଁ ବିପଦ ସାଜୁଥିବା ବେଳେ ଏବେ ନିକଟସ୍ଥ ହୁଇଲର ଦ୍ୱୀପରୁ ଲଗାତର ମିଶାଇଲ ଟେଷ୍ଟିଂ ହେଉଛି। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ ଅଲିଭରିଡଲେ କଇଁଛଙ୍କ ଆଗମନ ହୋଇଥାଏ। ଏଥିପାଇଁ ଗହୀରମଥା ଅଞ୍ଚଳରେ ନଭେମ୍ବର ପହିଲାରୁ ମେ ୩୧ ଯାଏ ମତ୍ସ୍ୟଜୀବୀଙ୍କ ପାଇଁ କଟକଣା ଥାଏ। ମିଶାଇଲ ପରୀକ୍ଷଣ ଏହି ବିରଳ ସାମୁଦ୍ରିକ ଜୀବଙ୍କୁ ପଥଭ୍ରଷ୍ଟ କରିବ। ସେ କହିଛନ୍ତି, ଅଲିଭରିଡଲେଙ୍କ ପ୍ରଜନନ ସମୟରେ ଟେଷ୍ଟ ଫାୟାରିଂ ନ କରିବାକୁ ତତ୍କାଳୀନ ଡିଆରଡିଓ ମୁଖ୍ୟ ଡ. ଅବଦୁଲ କଲାମଙ୍କୁ ପରିବେଶବିତ୍ ବାଙ୍କବିହାରୀ ଦାସ ଅନୁରୋଧ କରିଥିଲେ। ଏଥିସହ ହୁଇଲର ଦ୍ୱୀପର ଆଲୋକ କଇଁଛଙ୍କୁ ଦିଗଭ୍ରଷ୍ଟ କରୁଥିବା ତଥ୍ୟ ତାଙ୍କ ସମ୍ମୁଖରେ ରଖିଥିଲେ। ଏ ନେଇ ଆଲୋଚନା ପରେ କଇଁଛଙ୍କ ଆଗମନଠାରୁ ଶାବକଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ସାମରିକ କର୍ତ୍ତୃପକ୍ଷ ସୁରକ୍ଷା ପ୍ରଦାନ କରାଯିବ ବୋଲି ଡ. କଲାମ ଆଶ୍ୱାସନା ଦେଇଥିଲେ। ତେବେ ତାଙ୍କ ପରଲୋକ ପରେ ମିଶାଇଲ ଟେଷ୍ଟ ଫାୟାରିଂ ଜାରି ରହିଛି। ସାମୁଦ୍ରିକ ଜୀବ ଓ ଅଲିଭରିଡଲେ କଇଁଛ ସୁରକ୍ଷା ସମିତି ସଭାପତି ହେମନ୍ତ କୁମାର ରାଉତ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଭିତରକନିକାର ପରିବେଶକୁ ବିଗାଡ଼ି ଦେଇଛି। ଗତ ବର୍ଷକ ମଧ୍ୟରେ କଇଁଛଙ୍କ ଅନ୍ୟତମ ଅଣ୍ଡିଦିଶାଳ ଅଗରନାଶୀ ଦ୍ୱୀପ ସମୁଦ୍ର ମଧ୍ୟରେ ଲୀନ ହୋଇଛି। ସେହିପରି ବିଭିନ୍ନ ସମୟରେ ହେଉଥିବା ସାମୁଦ୍ରିକ ଝଡ଼ ଓ ଜୁଆରରେ ନାଶୀ-୨ର ତଟକ୍ଷୟ କରିଛି। ଏହି ସ୍ଥାନରେ ଅଲିଭରିଡଲେଙ୍କ ଭିଡ ଅଧିକ ହୋଇଥାଏ। ତଟକ୍ଷୟ ସହ ହୁଇଲର ଦ୍ୱୀପରୁ ଲଗାତର କ୍ଷେପଣାସ୍ତ୍ର ପରୀକ୍ଷା କଇଁଛଙ୍କ ଆଗମନ ଉପରେ ପ୍ରଭାବ ପକାଇବ। ପରିବେଶବିତ୍ ଜଗନ୍ନାଥ ଦାସ କହିଛନ୍ତି, ତଟାଞ୍ଚଳରେ ଚିଙ୍ଗୁଡି ଘେରି ପରିବେଶକୁ ନଷ୍ଟ କରୁଥିବା ବେଳେ କ୍ଷେପଣାସ୍ତ୍ର ପରୀକ୍ଷା ଶୁଭଙ୍କର ନୁହେଁ। ଏ ନେଇ ବନ ବିଭାଗ ଓ ଡିଆରଡିଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବା ଜରୁରୀ। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ଅଲିଭରିଡେଲ କଇଁଛଙ୍କ ଆଗମନ ସମ୍ପର୍କରେ ଡିଆରଡିଓକୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଅଧିକ ଆଲୋଚନା ହେବ ବୋଲି ସେ କହିଛନ୍ତି।

## ପ୍ରମାଣ ନଷ୍ଟ ସହ ଫେରାର ଉଦ୍ୟମ କରୁଛନ୍ତି ଜ୍ୟାକ୍‌ଲିନ: ଏଜେନ୍ସି



**ନୂଆଦିଲ୍ଲୀ, ୨୨।୧୦**

- **ନଭେମ୍ବର ୧୦ରେ ପରବର୍ତ୍ତୀ ଶୁଣାଣି**
- **ମନିଲଣ୍ଡରିଂ ମାମଲାରେ ନାୟିକାଙ୍କ ସମ୍ପୃକ୍ତି ନାହିଁ: ସୁକେଶ**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଫେରାର୍ ହେବାକୁ ଯୋଜନା କରୁଥିବାବେଳେ ତାଙ୍କ ବିରୋଧରେ ଥିବା ସମସ୍ତ ପ୍ରମାଣ ସେ ନଷ୍ଟ କରିଥିବା ଶନିବାର ଜ୍ୟାକଲିନ୍‌ଙ୍କ ଜାମିନ ଶୁଣାଣି ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଜାମିନ୍ ନେଇ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ କରାଯିବ। ୨୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ର ଶେଖରଙ୍କ ସହ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବା ଇଡି ଦାବି କରିଆସୁଛି। ନାୟିକାଙ୍କ ଜାମିନ୍ ଆବେଦନକୁ ବିରୋଧ କରି ଇଡି କହିଛି, ତଦନ୍ତରେ ଜ୍ୟାକ୍‌ଲିନ୍ ସହଯୋଗ କରୁ ନାହାନ୍ତି। ତାଙ୍କ ଫୋନ୍‌ରେ ଥିବା ସମସ୍ତ ତଥ୍ୟକୁ ସେ ଡିଲିଟ୍ କରିଛନ୍ତି। ତାଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ୍ ଜାରି ହେବା କାରଣରୁ ସେ ଦେଶ ଛାଡ଼ି ଅନ୍ୟତ୍ର ଯିବାରେ ସଫଳ ହୋଇପାରୁ ନାହାନ୍ତି। କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ଜ୍ୟାକ୍‌ଲିନ୍‌ଙ୍କୁ ନିର୍ଦ୍ଦୋଷ ଦର୍ଶାଇ ନିଜ ଓକିଲଙ୍କ ଜରିଆରେ ଏକ ଚିଠି ମିଡିଆରେ ପ୍ରକାଶ କରିଛନ୍ତି। ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନଙ୍କର କୌଣସି ପ୍ରକାର ସମ୍ପୃକ୍ତି ନ ଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଦୁହେଁ ରିଲେଶନ୍‌ସିପ୍‌ରେ ଥିବାବେଳେ ସୁକେଶ ନିଜ ଇଚ୍ଛାରେ ତାଙ୍କୁ ଦାମୀ ଉପହାର ଦେଉଥିଲେ। ଜ୍ୟାକ୍‌ଲିନ୍ କେବେ କୌଣସି ଗିଫ୍ଟ ସୁକେଶଙ୍କୁ ମାଗି ନାହାନ୍ତିକି। ଯୋଜନାବଦ୍ଧ ଭାବେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ସୁକେଶ ଚିଠିରେ ଉଲ୍ଲେଖ କରିବା ସହ ୨୦୨୪ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।

## ଖୁବ୍‌ଶୀଘ୍ର ଓଡ଼ିଶା ଫେରିବ ଡାକୋଟା ବିମାନ

**ନୂଆଦିଲ୍ଲୀ, ୨୨।୧୦**



ଓଡ଼ିଶା ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ କୋଲକାତାରୁ ଖୁବ୍‌ଶୀଘ୍ର ଫେରାଇ ଆଣିବାକୁ ଯାଉଛନ୍ତି। ଏହି ବିମାନକୁ ରଖିବା ପାଇଁ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ(ଏଏଆଇ) ଭୁବନେଶ୍ୱରରେ ୧.୧ ଏକର ଜମି ଲିଜ୍‌ରେ ଦେବାକୁ ରାଜି ହୋଇଛନ୍ତି। ଡାକୋଟା ବିମାନ ଫେରାଇ ଆଣିବା ଲାଗି ୨ ବର୍ଷ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା ଓ ଏଥିପାଇଁ ଟେଣ୍ଡର ଡକାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଉକ୍ତ ଯୋଜନା ଅଟକି ରହିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ପ୍ରବାଦ ପୁରୁଷ ବିଜୁବାବୁ ଜଣେ ଦକ୍ଷ ପାଇଲଟ୍ ଥିଲେ। ତାଙ୍କର ସ୍ମୃତି ଡାକୋଟା ବିମାନ କୋଲକାତା ବିମାନବନ୍ଦରରେ ଅଚଳାବସ୍ଥାରେ ପଡ଼ିରହିଛି। ୬୪ଫୁଟ୍ ୮ ଇଞ୍ଚ ଲମ୍ବ ଓ ୯୫ ଫୁଟ୍ ଡେଣା ବିଶିଷ୍ଟ ଏହି ବିମାନକୁ ଭାଙ୍ଗି ସଡ଼କ ପଥରେ ଆଣିବାକୁ ଯୋଜନା ହୋଇଛି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପୁନର୍ବାର ଏହାର ପାର୍ଟଗୁଡ଼ିକୁ ଆବଶ୍ୟକ ମରାମତି ଓ ଆସେମ୍ବ୍ଲି କରାଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ।



# ଇଏ ବି ପ୍ରେମ !

**ଏକ ଶାଶ୍ୱତ, ନିଃସ୍ୱାର୍ଥ ଓ ଦୃଢ଼ ବିଶ୍ୱାସର ପ୍ରତୀକ ହେଉଛି ପ୍ରେମ; ଯାହାକି ଦୁଇଟି ଅଚିହ୍ନା ଅଜଣା ମଣିଷ ଭିତରେ ଗଢ଼ିପାରେ ଏକ ନିବିଡ଼ ସମ୍ପର୍କର ଡୋରି ହେଲେ ଆଜିର ଦୁନିଆରେ କେତେକ ପ୍ରେମୀଯୁଗଳଙ୍କ ପାଇଁ ଯେମିତି ବଦଳିଯାଉଛି ଏହାର ପରିଭାଷା...**



**ଟାଇମ୍‌ପାସ୍‌ର ମାଧ୍ୟମ ସାଜିଛି :** ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କ ପାଇଁ ଟାଇମ୍‌ପାସ୍‌ର ସରଳ ମାଧ୍ୟମ ସାଜିଛି ପ୍ରେମ। ଭଲ ଲାଗୁଥିବା କୌଣସି ପୁଅଝିଅଙ୍କୁ ନିଜର ବୟଫ୍ରେଣ୍ଡ ଅବା ଗର୍ଲଫ୍ରେଣ୍ଡ ଭାବେ ବାଛିନେବା ସହ ତାଙ୍କ ସହିତ ଗପିବା, ବୁଲିଯିବା ଆଦି କାର୍ଯ୍ୟ କରୁଛନ୍ତି। ଏମିତିକି କେହି କେହି ଲିଭ୍ ଇନ୍ ରିଲେସନ୍‌ଶିପ୍‌ରେ ରହିବାକୁ ମଧ୍ୟ



ପଛାଉ ନାହାନ୍ତି। ତେବେ ସ୍ୱାର୍ଥ ପୂରଣ ପରେ ସେମାନଙ୍କ ମଧ୍ୟରେ ବ୍ରେକ୍ ଅପ୍ ଏବଂ ପରେ ଆଉ ଜଣେ ନୂଆ ସାଥୀଙ୍କ ସହ ବୁଲୁଥିବାର ଦେଖିବାକୁ ମିଳୁଛି। ତେବେ ଅଧୁନା ସମାଜରେ ପ୍ରେମର ଏଭଳି କଳୁଷିତ ରୂପ ଅନେକଙ୍କଠାରେ ଆପରାଧିକ ମନୋବୃତ୍ତି ସୃଷ୍ଟି କରୁଛି।

**ପ୍ରେମରେ ବି ଏକ୍ସପେରିମେଣ୍ଟ:** ପ୍ରେମର ପ୍ରକୃତ ମୂଲ୍ୟବୋଧ ନ ବୁଝି ଏହାକୁ ନେଇ ଏକ୍ସପେରିମେଣ୍ଟ କରୁଥିବା ପ୍ରେମୀଙ୍କ ସଂଖ୍ୟା ବର୍ତ୍ତମାନ ଅଧିକ। ସାଙ୍ଗସାଥୀଙ୍କ ମଧ୍ୟରେ କାହାର କେତେଜଣ ବୟଫ୍ରେଣ୍ଡ, ଗର୍ଲଫ୍ରେଣ୍ଡ ରହିଛନ୍ତି ଅବା କିଏ କେତେଜଣଙ୍କୁ ପଟାଇ ପାରୁଛି, ତାହାକୁ ନେଇ ମଧ୍ୟ ଚାଲୁଛି ପ୍ରତିଯୋଗିତା। ଏହି ଆଳରେ ଅନ୍ୟ କାହାର ମାନସିକତା ସହ ଖେଳୁଛନ୍ତି ଏବଂ ଠକିବା ଦ୍ୱାରା ଅନ୍ୟର ଜୀବନ ନଷ୍ଟ ମଧ୍ୟ କରୁଛନ୍ତି।

**ଲିଭ୍ ଇନ୍ ରିଲେଶନ୍‌ଶିପ୍:** ଦିନ ଥିଲା, ପ୍ରେମ କରୁଥିବା ଝିଅପୁଅମାନେ ସମାଜ ଭୟରେ ଏକାଠି ଭେଟିବା ବୁଲିବା ଆଦିକୁ ସଂକୋଚ କରୁଥିଲେ। ହେଲେ ଧୀରେ ଧୀରେ ଏଥିରେ ପରିବର୍ତ୍ତନ ହେଲା। କେବଳ ପାର୍କ, ମଲ୍ କିମ୍ବା ଅନ୍ୟାନ୍ୟ ସ୍ଥାନରେ ନୁହେଁ ବରଂ ସ୍କୁଲ୍ କଲେଜରେ ବିନା ଡରରେ ହଳ ହଳ ହୋଇ ବୁଲୁଥିବା ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳିଲା। ହେଲେ ବର୍ତ୍ତମାନ ବିବାହିତ ଦମ୍ପତିଙ୍କ ଭଳି କେତେକ ଯୋଡ଼ି ଏକାଠି ରହୁଥିବା ମଧ୍ୟ ଦେଖିବାକୁ ମିଳୁଛି, ଯାହାକୁ ଲିଭ୍ ଇନ୍ ରିଲେଶନ୍‌ଶିପ୍ ବୋଲି କୁହାଯାଉଛି। ତେବେ ପ୍ରଥମେ ଏହା ଅବୈଧ ହୋଇଥିବା ବେଳେ ବର୍ତ୍ତମାନ ଏହା ଆଇନସମ୍ମତ। ହେଲେ ଏହାଦ୍ୱାରା ନା କେବଳ ବିଭିନ୍ନ ଅଘଟଣ ଘଟୁଥିବାର ନଜିର ରହିଛି। ତା'ଛଡ଼ା ଏହାଦ୍ୱାରା ଅନ୍ୟ ଯୁବପିଢ଼ିଙ୍କ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି।



**ବ୍ରେକ୍ ଅପ୍:** ବର୍ତ୍ତମାନ ଅନେକେ ପ୍ରକୃତ ପ୍ରେମର ପରିଭାଷାକୁ ନିଜର ସ୍ୱାର୍ଥ ପାଇଁ ବଦଳାଇ ଦେଲେଣି। କେହି କେହି ଟାଇମ୍‌ପାସ୍ ପାଇଁ ପ୍ରେମ କରୁଛନ୍ତି ତ ଅନ୍ୟ କେହି ପ୍ରେମୀଠାରୁ ଆବଶ୍ୟକ ମୁତାବକ ଅର୍ଥ ହାସଲ କରିବା ଲାଗି ପ୍ରେମର ଅଭିନୟ କରୁଛନ୍ତି। ଅନ୍ୟାନ୍ୟ ସ୍ୱାର୍ଥ ହାସଲ ପାଇଁ ମଧ୍ୟ ବର୍ତ୍ତମାନ ଅନେକେ ପ୍ରେମର ଛଳନା କରୁଥିବା ଦେଖିବାକୁ ମିଳୁଛି। ଆଉ ସ୍ୱାର୍ଥ ହାସଲ ପରେ ସାମାନ୍ୟ କଥାକୁ ନେଇ ଝଗଡ଼ା କରି ବ୍ରେକ୍ ଅପ୍ କରି ଆଉ ଏକ ନୂଆ ସାଥୀଙ୍କ ସନ୍ଧାନ କରି ନେଉଛନ୍ତି। ଏହାଦ୍ୱାରା ପ୍ରକୃତ ପ୍ରେମ ପ୍ରତି ଅନେକଙ୍କର ଭରସା ତୁଟିଯାଉଛି। ଏମିତିକି ଏହି ପ୍ରତାରଣା ସହି ନ ପାରି କେହି କେହି ଆତ୍ମହତ୍ୟା ଭଳି ଭୁଲ୍ କାମ କରିବାକୁ ମଧ୍ୟ ପଛାଉନାହାନ୍ତି। ପ୍ରତିଶୋଧ ପରାୟଣ ହୋଇ କେହି କେହି ସୋସିଆଲ୍ ସାଇଟ୍‌ରେ ଫେକ୍ ଆକାଉଣ୍ଟ ଖୋଲି ବିଭିନ୍ନ ଅଶ୍ଳୀଳ ଫଟୋ, ଭିଡିଓ ଆଦି ଅପ୍‌ଲୋଡ୍ କରି ଅପରପକ୍ଷକୁ ବଦନାମ୍ କରିବା ଭଳି ସାଇବର କ୍ରାଇମ୍ ମଧ୍ୟ କରୁଛନ୍ତି। ଏମିତିକି ଅନେକେ ପ୍ରେମାନ୍ଧ ହୋଇ ଏସିଡ୍ ଫିଙ୍ଗିବା କିମ୍ବା ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଉଥିବାର ଅନେକ ନଜିର ରହିଛି।



## ଏମାନେ କ'ଣ କୁହନ୍ତି



**ବିଶ୍ୱଜିତ୍ ପ୍ରଧାନ** (ଟ୍ରାଭେଲ୍ ଫଟୋଗ୍ରାଫର୍, ଭୁବନେଶ୍ୱର)– ଅଜାଣତରେ ହେଉ କି ଜାଣତରେ, ମନ ଦେଇ ବସିବା ପରେ ଭାଙ୍ଗିଗଲେ ସଜାଡ଼ିବାକୁ ଢେର ସମୟ ଲାଗିଯାଏ। ପ୍ରେମରେ ହାର୍‌ଜିତ୍ ତ ଥାଏ, ହେଲେ ପ୍ରତିଟି ଅସଫଳତାରୁ ହିଁ ଆମେ ଜୀବନରେ କିଛି ଶିଖିବାକୁ ପାଇଥାଉ। ସେହି ସମୟରେ ନିଜକୁ ସମ୍ଭାଳିବା ବି କଠିନ ହୋଇପଡ଼େ। ବ୍ରେକ୍ ଅପ୍ ପାଇଁ କେବେବି ଜୀବନ ଅଟକିଯାଏନି। ପ୍ରତିଥର ଆମେ ଝୁଣ୍ଟୁ ଏବଂ ଚାଲିବା ଶିଖିଥାଉ। ଲଭ୍ ଚକ୍କରରେ ପଡ଼ି ସତ କହିବାକୁ ଗଲେ ଆମେ ନିଜକୁ ହିଁ ଭୁଲି ପ୍ରିୟ ଲୋକଟିକୁ ଖୁସି କରିବାକୁ ଲାଗିପଡୁ। ପ୍ରେମ କରିବା ଭୁଲ୍ ନୁହେଁ, ହେଲେ ସର୍ବପ୍ରଥମେ ନିଜକୁ ପ୍ରେମ କରି ଶିଖିବା ଦରକାର।



**ମଧୁସ୍ମିତା ବେହେରା** (ପୁରୀ)– ମୋ ବେଷ୍ଟଫ୍ରେଣ୍ଡ୍ ସହଜରେ କାହା ସହ ମିଶିପାରେନି। ହେଲେ ଠିକ୍ ବର୍ଷେ ପୂର୍ବରୁ ସେ ଏମିତି ନ ଥିଲା। ଦୀର୍ଘ ୪ବର୍ଷ ଧରି ଗୋଟେ ଝିଅକୁ ସିଏ ଭଲ ପାଉଥିଲା। ଏପରିକି ତାଙ୍କ ଘରେ ମଧ୍ୟ ରାଜି ହୋଇ ଯାଇଥିଲେ। ହଠାତ୍ ସେ ଝିଅଟି ମୋ ସାଙ୍ଗର କଲ୍ ଉଠାଇବା ବନ୍ଦ କରିଦେଲା ଏବଂ ଅଚାନକ ଭାବେ କଲେଜ ମଧ୍ୟ ଚେଞ୍ଜ୍ କରିଦେଲା। ମୋ ସାଙ୍ଗ ଏସବୁରେ ଡିପ୍ରେସନକୁ ଚାଲିଗଲା। କାହା ସହ ଭଲରେ ଦି'ପଦ କଥା ବି ହେଲା ନାହିଁ। ପରେ ଜାଣିବାକୁ ପାଇଲି, ସେ ଝିଅଟି ଅନ୍ୟ ଏକ ପୁଅକୁ ଭଲ ପାଉଥିଲା। ମୋ ସାଙ୍ଗ ସେଇ ପରିସ୍ଥିତିରୁ ବାହାରକୁ ଆସିବାକୁ ପାଖାପାଖି ବର୍ଷେ ଲାଗିଗଲା। ଏଥିପାଇଁ ତାକୁ ଆମେ ବହୁତ ସାହାଯ୍ୟ କଲୁ। ତେଣୁ ମୋ ମତରେ ପ୍ରେମ ନିଶାରେ କାହାକୁ ଅନ୍ଧ ଭଳି ବିଶ୍ୱାସ କରିବା ବି ଠିକ୍ ନୁହେଁ।

## ଏ ସପ୍ତାହର ପ୍ରଶ୍ନ

୧– ଆଇସିସିଆର୍‌ର ଫୁଲ୍‌ଫର୍ମ ........................................ ?
୨– ପୃଥିବୀର ସବୁଠୁ ବଡ଼ ମାଛ ........................................ ?
୩– ୨୦୨୬ କମନ୍‌ୱେଲ୍‌ଥ ଗେମ୍ ............... ଦେଶରେ ଆୟୋଜନ କରାଯିବ ?
୪– ପଙ୍କଜ ଆଡ୍‌ଭାନୀଙ୍କ ନାମ ............................. ଖେଳ ପାଇଁ ଜଣାଶୁଣା ?
୫– ସ୍ପୋର୍ଟ୍ସ ଅଥୋରିଟି ଅଫ୍ ଇଣ୍ଡିଆ ଦ୍ୱାରା .......................... ଠାରେ ୱାଟର ସ୍ପୋର୍ଟ୍ସ ସେଣ୍ଟର ଶୁଭାରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ଅହମ୍ମଦାବାଦ
୨ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା
୩ ଟେସ୍‌ଲା
୪ ମୁମ୍ବାଇଠାରୁ ଅହମ୍ମଦାବାଦ
୫ ମୌନା ଲୋଆ

## ଉତ୍ତରଦାତା

★ରଶ୍ମିରଞ୍ଜନ ଜୟସିଂ, ଗଞ୍ଜାମ
★ଅଭିଜିତ୍ ସାହୁ, ମାଳପାଟଣ, କେନ୍ଦ୍ରାପଡା
★ଅକ୍ଷୟକୁମାର ବାରିକ୍, ସାକ୍ଷୀଗୋପାଳ
★ ରୀନା ନାୟକ, ଜଗତ୍‌ସିଂହପୁର

## ଟପ୍ ୧୦

### ପୃଥିବୀର ବଡ଼ ବ୍ୟାଙ୍କ୍–୨୦୨୨



୧– ଆଇସିବିସି........................ ଚାଇନା
୨– ଚାଇନା କନ୍‌ଷ୍ଟ୍ରକ୍ସନ ବ୍ୟାଙ୍କ୍.............. ଚାଇନା
୩– ଏଗ୍ରିକଲ୍‌ଚରାଲ୍ ବ୍ୟାଙ୍କ ଅଫ୍ ଚାଇନା.... ଚାଇନା
୪– ବ୍ୟାଙ୍କ୍ ଅଫ୍ ଚାଇନା ................. ଚାଇନା
୫– ଜେପିମୋର୍ଗାନ୍ ଚେସ୍ ................. ଆମେରିକା
୬– ବ୍ୟାଙ୍କ୍ ଅଫ୍ ଆମେରିକା ................ ଆମେରିକା
୭– ମିତ୍ସୁବିସି ୟୁଏଫ୍‌ଜେ ଫାଇନାନ୍ସିଆଲ୍ ଗ୍ରୁପ୍ ........ ଜାପାନ
୮– ବିଏନ୍‌ପି ପରିବାସ୍........................ ଫ୍ରାନ୍ସ
୯– ଏଚ୍‌ଏସ୍‌ବିସି........................ ଲଣ୍ଡନ
୧୦– ସିଟି ଗ୍ରୁପ୍........................ ନ୍ୟୁୟର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ମଡେଲିଂ ଦୁନିଆରେ ପ୍ରତିଷ୍ଠିତ ହେବାର ଲକ୍ଷ୍ୟ

ଓଡ଼ିଶା ମଡେଲିଂ ଦୁନିଆରେ ନିଜକୁ ଏକ ପରିଚିତ ତଥା ପ୍ରତିଷ୍ଠିତ ଚେହେରା ଭାବେ ଗଢ଼ିବା ତାଙ୍କର ସ୍ୱପ୍ନ। ଏହାକୁ ସାକାର କରିବା ଲାଗି ସେ ଆରମ୍ଭ କରିଥିଲେ ପ୍ରସ୍ତୁତି। ଆଉ ୬ ବର୍ଷ ଉଦ୍ୟମ କରିବା ପରେ ଓଡ଼ିଶା ମିଷ୍ଟର ଫ୍ୟାଶନ ଆଇକନ୍ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାପରେ ମିଷ୍ଟର୍ ଓଡ଼ିଶା ସୁପର ମଡେଲ ୨୦୨୧, ଦିଲ୍ଲୀ ଟ୍ରେଣ୍ଡ ଫ୍ୟାଶନ ଶୋ'ରେ ୧ମ ରନର୍ସ ଅପ୍ ହେବା ସହ ମିଷ୍ଟର ଟିଆରା ଇଣ୍ଡିଆ ଫାଇନାଲରେ ବେଷ୍ଟ ର୍‌ୟାମ୍ପ୍ ୱାକ୍ ପାଇଁ ପୁରସ୍କୃତ ହୋଇଥିଲେ। ସେବେଠୁ ମଡେଲିଂ ଦୁନିଆରେ ସଫଳତାର ସହ ଆଗେଇ ଚାଲିଥିବା ଏହି ଉଦୀୟମାନ ମଡେଲ୍ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇରେ ରହୁଥିବା ମାଆ



ଚନ୍ଦ୍ରକାନ୍ତି ଏବଂ ବାପା ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଆଶୁତୋଷ।

ପିଲାବେଳୁ ଫ୍ୟାଶନ୍ ପ୍ରତି ତାଙ୍କ ରୁଚି ରହିଛି। ବିଶେଷକରି ଟିଭିରେ କୌଣସି ମଡେଲିଂ ଶୋ'ରେ ର୍‌ୟାମ୍ପ୍ ୱାକ୍ କରୁଥିବା ମଡେଲ୍‌ଙ୍କୁ ଦେଖିଲେ ନିଜକୁ ସେହି ସ୍ଥାନରେ ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ଉଦ୍ୟମ ଜାରି ରଖିବା ସହ ବିଭିନ୍ନ ଫ୍ୟାଶନ୍ ଶୋ'ରେ ଅଂଶଗ୍ରହଣ କରି ସଫଳ ମଧ୍ୟ ହୋଇପାରିଲେ। ବର୍ତ୍ତମାନ ଆଶୁତୋଷ ମଡେଲ୍ସ ହବ୍ ନାଁରେ ଏକ ମଡେଲିଂ ଏକାଡେମୀ ଖୋଲି ମଡେଲିଂ ପାଇଁ ଉତ୍ସାହୀ ଉଭୟ କିଡ୍ସ ଏବଂ ୟୁଥ୍‌ମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି। ଏହା ବ୍ୟତୀତ ସେ ନିଜସ୍ୱ ଉଦ୍ୟମରେ ମିଷ୍ଟର ଆଣ୍ଡ ମିସ୍ କଳିଙ୍ଗ ସିଜନ୍– ୧ ଏବଂ ଓଡ଼ିଶା ଫ୍ୟାଶନ୍ ରନ୍‌ୱେ ୱିକ୍ ସିଜନ୍– ୧ ନାମକ ଦୁଇଟି ମଡେଲିଂ ଶୋ ମଧ୍ୟ କରିସାରିଛନ୍ତି। ଖୁବ୍‌ଶୀଘ୍ର ଓଡ଼ିଶା ଫ୍ୟାଶନ ରନ୍‌ୱେ ୱିକ୍‌ର ସିଜନ୍– ୨ ମଧ୍ୟ ଆୟୋଜନ କରିବାକୁ ଯାଉଛନ୍ତି। ସାଙ୍ଗମାନେ ଓ ମୋ ନବୋଦୟ ୟୁଥ୍ ଆସୋସିଏଶନ୍‌ର ଭାଇମାନଙ୍କ ଭଲପାଇବା ମୋତେ ଆଗକୁ ବଢ଼ିବାରେ ବେଶ୍ ଉତ୍ସାହିତ କରୁଛି ବୋଲି ସେ କୁହନ୍ତି।

ମଡେଲିଂ ବ୍ୟତୀତ ଅଭିନୟରେ ତାଙ୍କର ବିଶେଷ ରୁଚି ରହିଛି। ବର୍ତ୍ତମାନ ସୁଦ୍ଧା ସେ ଦୁଇଟି ଘରୋଇ ଓଡିଆ ଚ୍ୟାନେଲ୍‌ରେ ପ୍ରସାରିତ 'କେମିତି କହିବି କହ' ଏବଂ 'ଭାଗ୍ୟ ହାତେ ଡୋରୀ' ଭଳି ମେଗା ଧାରାବାହିକରେ ମଧ୍ୟ କାମ କରି ସାରିଛନ୍ତି। ନିଜ ମାତାପିତାଙ୍କ ଆଶୀର୍ବାଦ ଓ ପ୍ରୋତ୍ସାହନ ଯୋଗୁ ଆଜି ସଫଳତା ମାର୍ଗରେ ଆଗେଇ ପାରିଛି ବୋଲି କହୁଥିବା ଆଶୁତୋଷ ଭବିଷ୍ୟତରେ ବଡ଼ପରଦାରେ ଜଣେ ସଫଳ ଅଭିନେତା ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ଜାଣନ୍ତୁ ଦୁନିଆ

# ପାରଦ

**ପାରଦ ଏକମାତ୍ର ଧାତୁ, ଯାହାକି ପୃଥିବୀପୃଷ୍ଠରେ ତରଳ ଅବସ୍ଥାରେ ମିଳିଥାଏ। ରୁପେଲି ରଙ୍ଗର ଉଜ୍ଜ୍ୱଳ ଦେଖାଯାଉଥିବା ଏହି ଧାତୁକୁ କ୍ୱିକ୍ ସିଲ୍‌ଭର୍ ବୋଲି ମଧ୍ୟ କୁହାଯାଇଥାଏ। ତାପମାତ୍ରା ମାପିବା ଲାଗି ଥର୍ମୋମିଟରରେ ଏହା ବ୍ୟବହାର କରାଯାଇଥାଏ। ଜାଣିବା ଏ ସମ୍ପର୍କରେ କିଛି ରୋଚକ ତଥ୍ୟ...**



❖ପାରଦର ଇଂଲିଶ୍ ନାମ ହେଉଛି ମର୍‌କ୍ୟୁରୀ। ନିଜର ଗତି ଏବଂ ଗତିଶୀଳତା ପାଇଁ ପରିଚିତ ଥିବା ରୋମାନ୍ ଦେବତା ମର୍‌କ୍ୟୁରୀଙ୍କ ନାମରେ ଏହାକୁ ନାମିତ କରାଯାଇଛି ବୋଲି କୁହାଯାଏ।

❖ଏହାର ରାସାୟନିକ ନାମ Hg, ଯାହାକି ଲାଟିନ୍ ଶବ୍ଦ ହାଇଡ୍ରାର୍ଜିରମ୍‌ରୁ ଆସିଛି।

❖ପାରଦ ପୃଥିବୀପୃଷ୍ଠରେ ଏକମାତ୍ର ଏଭଳି ଧାତୁ, ଯାହା ସାଧାରଣ ତାପମାତ୍ରା ଏବଂ ଚାପରେ ତରଳ ଅବସ୍ଥାରେ ମିଳିଥାଏ।

❖ ଏହା ମୁକ୍ତ ଅବସ୍ଥାରେ ଖୁବ୍ କମ୍ ମିଳିଥାଏ। ଏହାର ମୁଖ୍ୟ ଓର୍ ହେଉଛି ସିନେବାର, ଯାହାକି ସ୍ପେନ୍, ଆମେରିକା, ମେକ୍ସିକୋ, ଜାପାନ, ଚାଇନା ଏବଂ ମଧ୍ୟୟୁରୋପରେ ମିଳିଥାଏ।

❖ଏୟାରକ୍ରାଫ୍ଟରେ ଏହାକୁ ନେବା ମନା। କାରଣ ଏୟାରକ୍ରାଫ୍ଟ ପ୍ରସ୍ତୁତ ହେବା ଲାଗି ଆଲୁମିନିୟମ୍ ବ୍ୟବହାର କରାଯାଇଥାଏ। ପାରଦ ଆଲୁମିନିୟମ ସହ ଏକ ମିଶ୍ରଣ ସୃଷ୍ଟି କରେ, ଯାହାକି ଆଲୁମିନିୟମକୁ ଜଙ୍କ୍ ହେବାରୁ ରକ୍ଷା କରୁଥିବା ଉପାଦାନକୁ ନଷ୍ଟ କରିଦିଏ।

❖ପାରଦ ଅଧିକାଂଶ ଏସିଡ୍ ସହିତ ମିଶିଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ।

❖ଚରକ ସଂହିତାରେ ମଧ୍ୟ ପାରଦ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଗୋଟିଏ ସ୍ଥାନରେ ଏହାକୁ ରସ ଏବଂ ଅନ୍ୟ ସ୍ଥାନରେ ରସୋତ୍ତମ ବୋଲି ଲେଖାଯାଇଛି।

❖ପାରଦର ଫ୍ରିଜିଙ୍ଗ ପଏଣ୍ଟ –୩୮.୮୩° ସେଲ୍‌ସିଅସ୍ ହୋଇଥିବା ବେଳେ ବଏଲିଂ ପଏଣ୍ଟ ୩୫୬.୭୩° ସେଲ୍‌ସିଅସ୍।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୩ ଅକ୍ଟୋବର, ୨୦୨୨ Sambalpur, Sunday, October 23/2022

# ଭାରତ ଆଜି ପାକିସ୍ତାନକୁ ଭେଟିବ

**ଟି୨୦ ବିଶ୍ୱକପ୍**

ମେଲବୋର୍ନ,୨୨।୧୦(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳଯାଉଥିବା ସମସ୍ତ ମ୍ୟାଚକୁ ନେଇ କ୍ରିକେଟ ଫ୍ୟାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ଉତ୍କଣ୍ଠା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଚଳିତ ଟି ୨୦ ବିଶ୍ୱକପରେ ଭାରତ-ପାକିସ୍ତାନ ଗ୍ରୁପ୍ ବିରେ ସୁପର-୧୨ ମ୍ୟାଚ ଖେଳିବେ। ଅତୀତରେ ଆଇସିସି ଇଭେଣ୍ଟ ଗୁଡିକରେ ପାକିସ୍ତାନ ବିପକ୍ଷରେ ଭାରତ ଅପରାଜେୟ ରହିଥିଲା। ତେବେ ନିକଟ ଅତୀତରେ ଖେଳା ଯାଇଥିବା ୨୦୨୧ ଟି ୨୦ ବିଶ୍ୱକପ ଓ ଏସିଆ କପରେ ପରାଜିତ ହୋଇଛି ଭାରତ। ଏପରି ସ୍ଥିତିରେ ଭାରତୀୟ ଦଳ ପୂର୍ବ ପରାଜୟର ପ୍ରତିଶୋଧ ନେବା ପାଇଁ ପଡିଆକୁ ଓହ୍ଲାଇବ। ତେବେ ଏହି ମୁକାବିଲାଟି ବର୍ଷା ଦ୍ୱାରା ପ୍ରଭାବିତ ହୋଇପାରେ। ଏପରିକି ମ୍ୟାଚଟି ବାତିଲ ହେବାର ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଉଭୟ ଦଳର ଅଧିନାୟକ ରୋହିତ ଶର୍ମା ଏବଂ ବାବର ଆଜମ ଏହାକୁ କେବଳ ଏକ ମ୍ୟାଚ ଭାବେ ବିବେଚନା କରୁଥିବା ବେଳେ ଉଭୟ ଦେଶର ଲକ୍ଷ ଲକ୍ଷ ସମର୍ଥକଙ୍କ ପାଇଁ ଏହା କୌଣସି ଯୁଦ୍ଧ ଠାରୁ କମ ନୁହେଁ। ସେହିପରି ପାକିସ୍ତାନୀ ପେସ୍ ବୋଲର ଶାହିନ୍ ଶାହ ଆଫ୍ରିଦି ମଧ୍ୟ ଭାରତକୁ ଅସୁବିଧାରେ ପକାଇ ପାରନ୍ତି। ୨୦୨୧ ଟି୨୦ ବିଶ୍ୱକପରେ ଆଫ୍ରିଦିଙ୍କ ସ୍ପେଲ କାରଣରୁ ଭାରତ ପାକିସ୍ତାନ ବିପକ୍ଷରେ ପ୍ରଥମ ଥର ପରାଜିତ ହୋଇଥିଲା। ଶାହିନଙ୍କ ଉପସ୍ଥିତି ଭାରତୀୟ ଶିବିରକୁ ସାମାନ୍ୟ ଚିନ୍ତାରେ ପକାଇପାରେ। ଭାରତୀୟ ଟପ୍ ଅର୍ଡର ବ୍ୟାଟର ରୋହିତ ଶର୍ମା, କେ ଏଲ୍ ରାହୁଲ ଓ ବିରାଟ କୋହଲି ପାକିସ୍ତାନ ବିପକ୍ଷ ପୂର୍ବ ବିଫଳତାକୁ ଭୁଲି ନୂତନ ଆରମ୍ଭ କରିବାକୁ ଚାହିଁବେ। ବର୍ତ୍ତମାନର ଫର୍ମକୁ ଦେଖିଲେ ପାକିସ୍ତାନ ଏହି ମ୍ୟାଚ୍ ପାଇଁ ଫେଭ୍ରିଟ୍ ରହିଛି। ବିଗତ ଦିନରେ ଭାରତୀୟ ଦଳର ଫର୍ମରେ ସ୍ଥିରତା ଦେଖିବାକୁ ମିଳିନାହିଁ। ୨୦୨୩ ଏସିଆ କପକୁ ନେଇ ବିସିସିଆଇର ବୟାନ ପରେ ବର୍ତ୍ତମାନ ପରିସ୍ଥିତି ଟିକିଏ ଗମ୍ଭୀର ରହିଛି। ତେବେ ଗତ ମ୍ୟାଚରେ ବିଜୟୀ ହୋଇଥିବା କାରଣରୁ ପାକିସ୍ତାନ ଦଳ ଉପରେ ବିଜୟର ସାମାନ୍ୟ ଚାପ ରହିବ।

ଏହି ମ୍ୟାଚ ପାଇଁ ଚୂଡାନ୍ତ ଏକାଦଶ ଚୟନ କରିବା ଭାରତ ପାଇଁ ସାମାନ୍ୟ ସମସ୍ୟା ସୃଷ୍ଟି କରିପାରେ। ଜଣେ ଅତିରିକ୍ତ ବୋଲର ଖେଳାଇବାକୁ ଭାରତ ସ୍ପେସିଆଲିଷ୍ଟ ବାମହାତୀ ବ୍ୟାଟର ରିଷଭ ପନ୍ତଙ୍କୁ ଦଳରୁ ବାଦ ଦେଇପାରେ। ମାତ୍ର ଯଦି ହାର୍ଦ୍ଦିକ ପାଣ୍ଡ୍ୟା ୫ମ ବୋଲର ଭାବରେ ଖେଳନ୍ତି ତା ହେଲେ ଭାରତୀୟ ମିଡିଲ ଅର୍ଡରରେ ପନ୍ତ ଖେଳି ପାରନ୍ତି। ସେହିପରି ବର୍ତ୍ତମାନ ଭାରତର ଏକ ନମ୍ବର ବ୍ୟାଟର ଥିବା ସୂର୍ଯ୍ୟ କୁମାର ଯାଦବଙ୍କ ଠାରୁ ମଧ୍ୟ ଦଳ ଏକ ଭଲ ଇନିଂସ ଆଶା କରିବ। ତେବେ ବର୍ଷାର ଆଶଙ୍କା ରହିଥିବା ବେଳେ ଭାରତ ଟସ୍ ଜିତିବାକୁ ଚାହିଁବ। ଭାରତୀୟ ଦଳ ନିକଟରେ ୩ ଜଣ ସ୍ପିନର ଅଛନ୍ତି। ପାକିସ୍ତାନ ମିଡିଲ ଅର୍ଡରରେ ଶାନ୍ ମାସୁଦ୍, ଫାଖର ଜମାନ, ମହମ୍ମଦ ନୱାଜ ଓ ଖୁଶଦିଲ ଶାହଙ୍କ ପରି ଖେଳାଳି ଥିବାରୁ ଏହି ମ୍ୟାଚରେ ଆର. ଅଶ୍ୱିନଙ୍କୁ ଅଗ୍ରାଧିକାର ମିଳିପାରେ। ଏସିଆ କପ୍ ସୁପର-୪ରେ ପାକିସ୍ତାନ ମହମ୍ମଦ ନୱାଜଙ୍କୁ ଆଗୁଆ ବ୍ୟାଟିଂ କରିବାକୁ ପଠାଇଥିଲା। ରବିବାରର ମ୍ୟାଚରେ ମଧ୍ୟ କିଛି ସମାନ ଦୃଶ୍ୟ ଦେଖିବାକୁ ମିଳିପାରେ। ଗ୍ରୁପ ଏର ଅନ୍ୟ ଏକ ମ୍ୟାଚରେ ଶ୍ରୀଲଙ୍କା ଓ ଆୟାର୍ଲାଣ୍ଡ ସାମ୍ନାସାମ୍ନି ହେବେ।

ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଲୋକେଶ ରାହୁଲ(ଉପ ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆର. ଅଶ୍ୱିନ, ମହମ୍ମଦ ଶାମି, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ହର୍ଷଲ ପଟେଲ ଓ ଦୀପକ ହୁଡା।

ପାକିସ୍ତାନ ଦଳ: ବାବର ଆଜମ୍(ଅଧିନାୟକ), ମହମ୍ମଦ ରିଜୱାନ, ଫାଖର ଜମାନ୍, ଶାନ୍ ମାସୁଦ୍, ମହମ୍ମଦ ନୱାଜ, ଖୁଶଦିଲ ଶାହ, ଆସିଫ ଅଲୀ, ହାଇଦର ଅଲୀ, ଇଫତିଖାର ଅହମ୍ମଦ, ହରିଶ ରୌଫ, ନଶିମ ଶାହ, ଶାହିନ୍ ଶାହ ଆଫ୍ରିଦି, ମହମ୍ମଦ ୱାସିମ୍, ଶଦାବ ଖାନ୍, ମହମ୍ମଦ ହସନେନ୍।

ସ୍ଥାନ: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ
ସମୟ : ଅପରାହ୍ନ ୧.୩୦


ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ଅଭ୍ୟାସ ସେସନ ବେଳେ କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଭାରତୀୟ ଖେଳାଳି।

## ଇଂଲଣ୍ଡ ୫ ଉଇକେଟରେ ବିଜୟୀ


ବେନ୍ ଷ୍ଟୋକ୍ସ ଏବଂ ସାମ୍ କୁରାନ।

**ପର୍ଥ, ୨୨।୧୦ (ପି.ଟି.):** ସାମ୍ କୁରାନଙ୍କ ୫ ଉଇକେଟ ସଫଳତା ଯୋଗୁ ଇଂଲଣ୍ଡ ଚଳିତ ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ ସୁପର-୧୨ ଗ୍ରୁପ୍ ୱାନ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ୧୧୩ରନର ବିଜୟ ଲକ୍ଷ୍ୟକୁ ଦଳ ୧୮.୧ ଓଭରରେ ୫ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳର ଟପ୍ ସ୍କୋରର ଲିଆମ୍ ଲିଭିଂଷ୍ଟୋନ୍ ୨୯ରନ କରି ଅପରାଜିତ ରହିଥିଲେ। ଆଲେକ୍ସ ହେଲ୍ସ ୧୯ ଏବଂ ଜୋସ୍ ବଟଲର ଓ ଦାୱିଦ ମଲନ ୧୮ରନ ଲେଖାଏ କରିଥିଲେ। ଆଫଗାନିସ୍ତାନ ତରଫରୁ ଫଜଲହକ୍ ଫାରୁକି, ମୁଜିବୁର ରହମନ, ରଶିଦ ଖାଁ, ଫରିଦ ଅହମଦ ମଲିକ ଓ ମହମ୍ମଦ ନବି ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୧୯.୪ ଓଭରରେ ମାତ୍ର ୧୧୨ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଇବ୍ରାହିମ୍ ଜାଦ୍ରାନ ୩୨ ବଲ୍‌ରୁ ୩୨ ରନ କରିଥିଲେ। ଉସ୍‌ମାନ ଘାନୀ ମହତ୍ତ୍ୱପୂର୍ଣ୍ଣ ୩୦ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ପ୍ରାଧାନ୍ୟ ଯୋଗୁ ଆଫଗାନିସ୍ତାନ ବ୍ୟାଟରମାନେ ଏକ ବଡ଼ ପାର୍ଟନରଶିପ୍ କରିବାରେ ସମର୍ଥ ହୋଇ ନ ଥିଲେ। ବାମହାତୀ ମିଡିୟମ ଫାଷ୍ଟ ବୋଲର କୁରାନ ମାତ୍ର ୧୦ ରନ ବିନିମୟରେ ୫ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ (୨/୧୯) ଓ ମାର୍କ ଉଡ୍ (୨/୨୩) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ:** ୧୯.୪ ଓଭରରେ ୧୧୨/ଅଲଆଉଟ (ଇବ୍ରାହିମ୍ ଜାଦ୍ରାନ-୩୨ ; ସାମ୍ କୁରାନ-୫/୧୦, ବେନ୍ ଷ୍ଟୋକ୍ସ-୨/୧୯, ମାର୍କ ଉଡ୍-୨/୨୩)।
**ଇଂଲଣ୍ଡ:** ୧୮.୧ ଓଭରରେ ୧୧୩/୫ (ଲିଆମ ଲିଭିଂଷ୍ଟୋନ୍-୨୯*, ଆଲେକ୍ସ ହେଲ୍ସ-୧୯ ; ମହମ୍ମଦ ନବି-୧/୧୬)।

## ଷ୍ଟେରଏଡ୍ ପାଇଁ କୋଷ୍ଟାରିକାର ଗାଲୋ ପଜିଟିଭ୍

**ବିଶ୍ୱକପ୍ ଡୋପିଂ**

ଜୁରିଚ୍, ୨୨।୧୦ (ଏପି)

ଫିଫା ଫୁଟ୍‌ବଲ ବିଶ୍ୱକପ୍ ଆଉ ୪ ସପ୍ତାହ ବାକି ରହିଥିବାବେଳେ କୋଷ୍ଟାରିକା ଡିଫେଣ୍ଡର ଓର୍ଲାଣ୍ଡୋ ଗାଲୋ ଏକ ଆନାବୋଲିକ୍ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳତଃ ସେ ଟୁର୍ନାମେଣ୍ଟ ଖେଳିବାରୁ ବଞ୍ଚିତ ହେବେ। ୨୨ବର୍ଷୀୟ ଗାଲୋ ୪ବର୍ଷ ପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ଭୋଗିପାରନ୍ତି। ବର୍ତ୍ତମାନ ସେ କୋଷ୍ଟାରିକା କ୍ଲବ ହେରେଡିଆନୋ ପାଇଁ ଖେଳୁଛନ୍ତି। କୋଷ୍ଟାରିକା ଏହାର ପ୍ରଥମ ବିଶ୍ୱକପ୍ ଗେମ୍ ନଭେମ୍ବର ୨୩ରେ ସ୍ପେନ୍ ବିପକ୍ଷରେ ଖେଳିବ। ପରେ କାତାରରେ ଗ୍ରୁପ୍ 'ଇ'ରେ ଜାପାନ ଓ ଜର୍ମାନୀ ସହ ମୁକାବିଲା କରିବ। କୋଷ୍ଟାରିକା ଫୁଟ୍‌ବଲ ମହାସଂଘ କହିଛି ତାଙ୍କ ଦଳ ଗତ ମାସରେ ଦକ୍ଷିଣକୋରିଆରେ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳୁଥିବା ବେଳେ ୧୫ଜଣ ଖେଳାଳିଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଗତ ଜୁନ୍‌ରେ ଦୋହାଠାରେ ଏକ ପ୍ଲେଅଫ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି କୋଷ୍ଟାରିକା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଗାଲୋ ସେତେବେଳେ ଜଣେ ଅବ୍ୟବହୃତ ବିକଳ୍ପ ଥିଲେ।


ଓର୍ଲାଣ୍ଡୋ ଗାଲୋ

## ଶାହିନଙ୍କ ପାଇଁ ତେନ୍ଦୁଲକରଙ୍କ ଫର୍ମୁଲା

ମେଲବୋର୍ନ, ୨୨।୧୦ (ପି.ଟି.)

ଶାହିନ ଶାହା ଆଫ୍ରିଦୀ ବର୍ତ୍ତମାନ ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ ହ୍ୱାଇଟ୍ ବଲ୍ ବୋଲର ଭାବେ ପରିଗଣିତ ହେଉଛନ୍ତି। ତାଙ୍କୁ ସାମ୍ନା କରିବା ବେଳେ ଭାରତୀୟ ବ୍ୟାଟରମାନେ 'ଷ୍ଟ୍ରେଟ୍' ଖେଳିବା ଲାଗି ଚେଷ୍ଟା କରିବା ଆବଶ୍ୟକ। ପାକିସ୍ତାନର ଏହି ପ୍ରତିଭାସମ୍ପନ୍ନ ବାମହାତୀ ପେସ୍ ବୋଲରଙ୍କ ବିପକ୍ଷରେ ଆକ୍ରମଣାତ୍ମକ ଖେଳିବାକୁ ହେଲେ ଏହି ରଣନୀତି ଆପଣେଇଲେ ଭଲ ବୋଲି କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କହିଛନ୍ତି। ତେନ୍ଦୁଲକର ତାଙ୍କ କ୍ୟାରିୟରରେ ପାକିସ୍ତାନର ଅନ୍ୟତମ ସର୍ବକାଳୀନ ମହାନ୍ ବାମହାତୀ ବୋଲର ୱାସିମ୍ ଆକ୍ରମଙ୍କୁ ସାମ୍ନା କରିଛନ୍ତି। ଏଥିରୁ ସେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ସେ ଶେୟାର କରିଛନ୍ତି। ଶାହିନ ହେଉଛନ୍ତି ଜଣେ ଆଟାକିଂ ବୋଲର। ସେ ସଦାବେଳେ ଉଇକେଟ ସନ୍ଧାନରେ ଥାନ୍ତି। ଚତୁର ବୋଲିଂ କରି ବ୍ୟାଟରଙ୍କୁ ପରାସ୍ତ କରିବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି।

## କ୍ୱାର୍ଟରରେ ହାରିଲେ ଲକ୍ଷ୍ୟ ସେନ୍

**ଡେନ୍‌ମାର୍କ ଓପନ ବ୍ୟାଡ୍‌ମିଣ୍ଟନ**

ଓଡେନ୍ସ, ୨୨।୧୦ (ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଭାରତର ଲକ୍ଷ୍ୟ ସେନ୍ ଡେନ୍‌ମାର୍କ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସେ ଜାପାନର କୋଡାଇ ନାରାଓକାଙ୍କଠାରୁ ୧୭-୨୧, ୧୨-୨୧ରେ ହାରିଯାଇଛନ୍ତି। ତାଙ୍କର ଏହି ପରାଜୟ ସହ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଦୁଇ ଖେଳାଳି ଅନ୍ତର୍ଜାତୀୟ ସର୍କିଟରେ ୩ଥର ପରସ୍ପରକୁ ଭେଟିଛନ୍ତି। ଏଥିରେ ଜାପାନିଜ ଖେଳାଳି ୨ଥର ବିଜୟୀ ହୋଇଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଏହାପୂର୍ବରୁ ଶେଷଥର ୨୦୧୮ ୟୁଥ୍ ଅଲିମ୍ପିକ୍ସ ସେମିଫାଇନାଲରେ ମୁକାବିଲା ହୋଇଥିଲା। ଏଥିରେ ସେନ୍ ୨୧ ବର୍ଷୀୟ ନାରାଓକାଙ୍କୁ ହରାଇ ଦେଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ଟି୨୦ ବିଶ୍ୱକପ୍ ସୁପର-୧୨**

ସିଡ୍‌ନୀ,୨୨।୧୦(ପି.ଟି.)

ଶନିବାରଠାରୁ ଟି୨୦ ବିଶ୍ୱକପ୍ ୨୦୨୨ର ସୁପର-୧୨ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଆୟୋଜକ ଅଷ୍ଟ୍ରେଲିଆ ବିପକ୍ଷରେ ବୃହତ୍ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ନ୍ୟୁଜିଲାଣ୍ଡ। ସିଡ୍‌ନୀରେ ଖେଳା ଯାଇଥିବା ମ୍ୟାଚରେ ଡେଭନ କନ୍‌ୱେଙ୍କ ଦମଦାର ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୮୯ ରନରେ ପରାସ୍ତ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡର ଦୁଇ ଓପନର ଫିନ୍ ଆଲେନ୍(୪୨) ଓ ଡେଭନ କନ୍‌ୱେ(୯୨*) ପ୍ରଥମ ଉଇକେଟରେ ଦ୍ରୁତ ୫୬ ରନ୍ ଯୋଡିଥିଲେ। ଆଲେନଙ୍କ ୧୬ ବଲର ବିସ୍ଫୋରକ ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ୪ ଓଭରରେ ଉଭୟ ୫୬ ରନ୍ ଯୋଡିଥିଲେ। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା କନ୍‌ୱେ ୫୮ ବଲରେ ୭ ଚୌକା ଓ ୨ ଛକା ମାରିଥିଲେ। ଉଭୟଙ୍କ ଇନିଂସ ବଳରେ ନ୍ୟୁଜିଲାଣ୍ଡ ୩ ଉଇକେଟରେ ୨୦୦ ରନ୍ କରି ନିଜର ସର୍ବାଧିକ ଟି୨୦ ସ୍କୋର ରେକର୍ଡ କରିଥିଲା। ଜୋଶ ହାଜେଲଉଡ୍ ୪୧ ରନରେ ଦୁଇ ଉଇକେଟ ନେଇଥିଲେ।

୨୦୧ ରନ ବିଜୟ ଲକ୍ଷ୍ୟ ନେଇ ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟିମ୍ ସାଉଦି ଓ ମିଚେଲ ସାଣ୍ଟନରଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ୧୭.୧ ଓଭରରେ ୧୧୧ ରନରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ମ୍ୟାକ୍ସୱେଲ ସର୍ବାଧିକ ୨୮ ରନ୍ କରିଥିଲେ। ଟିମ୍ ସାଉଦି ଓ ମିଚେଲ ସାଣ୍ଟନର ୩ ଉଇକେଟ ଲେଖାଏ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟଙ୍କୁ ମିଳିଥିଲା ଦୁଇ ସଫଳତା। ଡେଭନ୍ କନ୍‌ୱେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୦୦/୩ (ଡେଭନ୍ କନୱେ-୯୨*, ଫିନ୍ ଆଲେନ୍-୪୨, ଜିମି ନିଶାମ୍-୨୬, ଜୋଶ ହାଜେଲଉଡ୍-୨/୪୧, ଆଡାମ ଜାମ୍ପା-୧/୩୯।)

ଅଷ୍ଟ୍ରେଲିଆ ୧୭.୧ ଓଭରରେ ୧୧୧/୧୦ (ଗ୍ଲେନ୍ ମ୍ୟାକ୍ସୱେଲ-୨୮, ପ୍ୟାଟ୍ କମିନ୍ସ-୨୧, ମିଚେଲ ମାର୍ଶ-୧୬, ଟିମ୍ ସାଉଦି-୩/୬, ମିଚେଲ ସାଣ୍ଟନର-୩/୩୪, ଟ୍ରେଣ୍ଟ ବୋଲ୍ଟ- ୨/୨୪)

## ସଫଳ ଶକ୍ତି ଉତ୍ତୋଳକ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଶକ୍ତି ଉତ୍ତୋଳକମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ପ୍ରୋତ୍ସାହନ ପାଇଁ ସେମାନଙ୍କୁ ୪୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଗୌରି ମହାନ୍ତି, ଖୋର୍ଦ୍ଧା ଜିଲା ସମ୍ପାଦକ ସମରେନ୍ଦ୍ର ରାଉତରାୟ, ଅନ୍ତର୍ଜାତୀୟ ଖେଳାଳି ପ୍ରଦୀପ ପାତ୍ର, ଶକ୍ତିରଞ୍ଜନ ବାରିକ ଓ ମୀର ଅଜମତ ଅଲି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଖେଳାଳିମାନେ ହେଲେ ଦେବୀ ସିଂ, ସୁଷମା ରାୟ, ଦେବାଶିଷ ମହାନ୍ତି, ଅଭିଷେକ ମହନ୍ତ, ସୁଜିତ ଗିରି, ନାରାୟଣ ସେଠୀ, ରାକେଶ ଶତପଥୀ, ଦୀପକ ନାୟକ, ଅନୁପମା ସ୍ୱାଇଁ, ସ୍ୱାଗତିକା ଖଟୋଇ, ତନୟା ପଣ୍ଡା ଓ ପ୍ରତିମା ରଥ।



କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ସଫଳ ଶକ୍ତି ଉତ୍ତୋଳକମାନେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ସଂକ୍ଷେପରେ

### ପୂର୍ବତନ କୋକସରା ଯୋଗାଣ ନିରୀକ୍ଷକଙ୍କୁ ସାଢେ ୩ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା କୋକସରା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ମନୋଜ କୁମାର ପ୍ରଧାନଙ୍କୁ ଶନିବାର ଭବାନୀପାଟଣା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏକ ଭିଜିଲାନ୍ସ ମାମଲାର ବିଚାର କରି ସାଢେ ତିନି ବର୍ଷ ଜେଲ ଦଣ୍ଡାଦେଶ ସହ ୫ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ,ଗତ ୨୦୦୭-୨୦୦୮ ଓ ୨୦୦୮-୨୦୦୯ ଆର୍ଥିକ ବର୍ଷରେ ଧାନ ସଂଗ୍ରହରେ ଚାଉଳକୁ ନେଇ ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗରେ ଗତ ୩୦।୯।୨୦୧୦ରେ ଭିଜିଲାନ୍ସ ବିଭାଗ ତାଙ୍କ ବିରୋଧରେ ଏକ ମାମଲା(ନଂ.୪୬) ରୁଜୁ କରିଥିଲା। ପରେ ଏହି ମାମଲା କୋର୍ଟକୁ ଆସିଥିଲା। ଯାହାର ରାୟ ଶନିବାର ପ୍ରକାଶ ପାଇଥିଲା। ବର୍ତ୍ତମାନ ପ୍ରଧାନ ବରଗଡ ଜିଲାରେ ଏସିଏସଓ ଭାବେ କାର୍ଯ୍ୟରତ ଥିବା ଭିଜିଲାନ୍ସ ବିଭାଗର ପ୍ରେସ ବିବୃତିରୁ ଜଣାପଡିଛି।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଇଚ୍ଛାପୁର ଦଳ ଚାମ୍ପିୟନ

ଡୁଙ୍ଗୁରିପାଲି,୨୨।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ୫୧ ତମ ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଆଜାଦ ଫୁଟବଲ ଆସୋସିଏଶନ ତରଫରୁ ଶନିବାର ଦିଗଶିରା ଖେଳପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ ବଟିକା ଓ ଇଚ୍ଛାପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଡ୍ର ହୋଇଥିଲା । ପରେ ପେନାଲିଟରେ ୩-୪ ଗୋଲରେ ବଟିକା ଦଳକୁ ଇଚ୍ଛାପୁର ଦଳ ୧ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ଦିଗଶିରା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲବ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଇଚ୍ଛାପୁର ଚମ୍ପିୟାନ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦିଗଶିରା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ବେହେରା, ଦିଗଶିରା ଗ୍ରାମ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରଦୀପ ମହାନନ୍ଦ,ଦିଗଶିରାର ପୂର୍ବତନ ଫୁଟବଲ ଖେଳାଳି ଗୋପାଳ ଚନ୍ଦ୍ର ସେଠୀ, ଶିକ୍ଷକ ଗୁଣନିଧି ଭୁକ୍ତା, ମନୋହର ଦୀପ, କିଶୋର କୁମାର ମେହେର ପ୍ରମୁଖ ଯୋଗଦେଇ ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଫୁଟବଲ ଟୁର୍ନାମେଣ୍ଟକୁ ଦିଗଶିରା ଆଜାଦ ଫୁଟବଲ ଆସୋସିଏଶନ ସଂଘର ଲୁଲା, ଦିବ୍ୟ ରଞ୍ଜନ, ପ୍ରଶାନ୍ତ, ସୁଧୀର, ସୁଶାନ୍ତ, ମହେନ୍ଦ୍ର ,ସଂଜୀବ, ଭୋଳା, ଜାଗ୍ରତ, ସୁରେନ, ମନୋଜ, କିଶୋର, ରାକେଶ, ଶ୍ରୀକାନ୍ତ, ଉମାକାନ୍ତ, ଜଗା, ନିକାଶ, ସୁରଜ, ସତ୍ୟଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଖେଳ ପରିଚାଳନା ହିମାଂଶୁ ସେଠ, ରଘୁନାଥ ସେଠୀ, ସୁରେଶ ନାଏକ କରିଥିଲେ। ରବି ସେଠୀ ଓ ବିଭାର ବାବୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚରିତ୍ର ଏକ, ଆଶାୟୀ ଅନେକ

## ବରଗଡ଼ ଧନୁଯାତ୍ରା କଂସ ଚୟନ

ବରଗଡ଼ ଅଫିସ୍‌,୨୨।୧୦

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହେବ। ୨୦୨୩ ମସିହା ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ବ୍ୟାପୀ ଏହା ଚାଲିବ। ଧନୁଯାତ୍ରା ଏଥର ୭୫ବର୍ଷରେ ପଦାର୍ପଣ କରୁଛି। ଫଳରେ ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ କଂସ ସମେତ ଅନ୍ୟ ମୁଖ୍ୟ ଚରିତ୍ର ପାଇଁ ଶନିବାରରୁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାରରୁ ଚୟନ ପ୍ରକ୍ରିୟାରେ ଇଚ୍ଛୁକ କଳାକାରମାନେ ଆବେଦନ ଫର୍ମ ନେବା ସହିତ ଦାଖଲ କରି ପାରିବେ ବୋଲି ଧନୁଯାତ୍ରା ମହୋତ୍ସବ ବିଜ୍ଞପ୍ତିରେ ପ୍ରକାଶ ପାଇଥିଲା। ଫଳରେ ଶନିବାର ମୁଖ୍ୟତଃ କଂସ ଚରିତ୍ର ପାଇଁ ଆବେଦନକାରୀ ଜିଲାପାଳ ଅଫିସ ପହଞ୍ଚିଥିଲେ। କିଏ ଆବେଦନ ଫର୍ମ ଧରି ଆସିଥିଲେ ତ ଆଉକେହି ଆବେଦନ ଫର୍ମ ନେବା ପାଇଁ ଆସିଥିଲେ। କିନ୍ତୁ ଶନିବାର ଛୁଟି ଦିବସ ଥିବା ଯୋଗୁ ବିଧିବଦ୍ଧଭାବେ କୌଣସି ଆବେଦନ ଫର୍ମ ଅଫ୍ ଲାଇନ୍ ଗ୍ରହଣ କରାଯାଇ ନାହିଁ ବୋଲି ଏହି ଦାୟିତ୍ୱରେ ରହିଥିବା ଡେପୁଟୀ କଲେକ୍ଟର ଅଶ୍ୱିନୀ ଦାଶ କହିଛନ୍ତି। ଅନ୍ୟପକ୍ଷେ ଅନଲାଇନ୍ ଆବେଦନର ମଧ୍ୟ ସୁଯୋଗ ଦିଆଯାଇଛି ବୋଲି ସେ କହିଥିଲେ।

ଧନୁଯାତ୍ରାରେ କଂସ ମହାରାଜ ଏକ ମୁଖ୍ୟ ଚରିତ୍ର। ତାଙ୍କ ଅଟ୍ଟହାସ୍ୟ, ସଂଳାପ ଧନୁଯାତ୍ରାରେ ଭିନ୍ନ ଆକର୍ଷଣ ପାଲଟିଥାଏ। ବିଜ୍ଞପ୍ତି ଅନୁଯାୟୀ, ସର୍ବାଧିକ ୬୦ବର୍ଷ ବୟସରେ ସୀମିତ ଉଭୟ ନୂଆ ଓ ପୁରୁଣା କଳାକାର ଏହି ଚରିତ୍ର ପାଇଁ ଭାଗ ନେଇ ପାରିବେ। ଫଳରେ ଏହି ଚରିତ୍ର ପାଇଁ ନୂଆ, ପୁରୁଣା ଅନେକ ଆଶାୟୀ ଅଛନ୍ତି। ତେବେ ହାତୀ କାହା ମୁଣ୍ଡରେ କଳସ ଢ଼ାଳିବ, ତାହା ଚୟନ ପ୍ରକ୍ରିୟା ଫଳାଫଳ ପରେ ସ୍ପଷ୍ଟ ହେବ। ଏ ନେଇ ଆମେ କଂସ ଚରିତ୍ର ପାଇଁ କିଛି ଆଶାୟୀଙ୍କୁ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା....

### ପେସା ଶିକ୍ଷକତା, ନିଶା କଳା

ମୁଁ ଗାଇସିଲେଟ ବ୍ଲକ ମୁଣ୍ଡାପାଲିର ବାସିନ୍ଦା। କଟାବାହାଲ ହାଇସ୍କୁଲରେ ଶିକ୍ଷକତା କରୁଛି। କଳା ମୋର ନିଶା, ପେଶା ଶିକ୍ଷକତା।ହେଲା, ପଶ୍ଚିମ ଓଡ଼ିଶାର ବିଭିନ୍ନ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ଆସୁଛି । ବରଗଡ଼ ଧନୁଯାତ୍ରାରେ ସୁଯୋଗ ପାଇନାହିଁ। ବିଶ୍ୱପ୍ରସିଦ୍ଧ ଏହି ମହୋତ୍ସବରେ ସୁଯୋଗ ପାଇବା ପାଇଁ ମୁଁ ଆଶାବାଦୀ ଅଛି।



**ବିଜୟ କୁମାର ଦେବତା**

### ଚୟନ ପ୍ରକ୍ରିୟା ସ୍ୱାଗତଯୋଗ୍ୟ

ଚୟନ ପ୍ରକ୍ରିୟା ସ୍ୱାଗତଯୋଗ୍ୟ। ମୁଁ ଚୟନ ପ୍ରକ୍ରିୟାରେ ନିଶ୍ଚୟ ଭାଗ ନେବି। ଚୟନ ପ୍ରକ୍ରିୟାରେ ଅନେକ ଆଶାୟୀ ଅଛନ୍ତି, ମୋର ଶିଷ୍ୟମାନେ ମଧ୍ୟ ଏଥିରେ ଭାଗ ନେଉଛନ୍ତି, ତାହା ଖୁସିର କଥା। ମୁଁ ବିଗତ ଧନୁଯାତ୍ରାରେ ଅଭିନୟ କରିଛି। ମାଁ ସମଲେଶ୍ୱରୀଙ୍କ କୃପାରୁ ସୁଯୋଗ ମିଳିଲେ ଅନ୍ୟବର୍ଷ ଅପେକ୍ଷା ଅଭିନୟ ଆହୁରି ଭଲ ହେବ ବୋଲି ଆଶା ରଖିଛି।



**ଭୁବନେଶ୍ୱର ପ୍ରଧାନ**

### ସୁଯୋଗକୁ ପ୍ରତୀକ୍ଷା

ଦୀର୍ଘ ୯ବର୍ଷ ଧରି ବିଶ୍ୱପ୍ରସିଦ୍ଧ ଖୋଲା ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାରେ ମୁଁ ଅଭିନୟ କରି ଆସିଛି। ଏହା ବ୍ୟତୀତ ଅନେକ ଜାଗା ଅର୍ଥାତ୍ ବୌଦ, ଫୁଲବାଣୀ, ଛତିଶଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ସମେତ ରାଜ୍ୟର ବିଭିନ୍ନ ଜିଲାରେ କଂସ, ଜଳନ୍ଧର, ମୁରାସୁର, ରାବଣ ଆଦି ଭୂମିକାରେ ଅଭିନୟ କରିଛି। ବରଗଡ଼ ଧନୁଯାତ୍ରା ଚୟନ ପ୍ରକ୍ରିୟାରେ ଏଥର ନିଶ୍ଚୟ ମୋତେ ସୁଯୋଗ ମିଳିବ ବୋଲି ଆଶା ରଖିଛି। ସେଥିପାଇଁ ଫର୍ମ ନେବା ପାଇଁ ଜିଲାପାଳ ଅଫିସ ଆସିଥିଲି।



**ହୃଷୀକେଶ ଭୋଇ**

### ଶତ ପ୍ରତିଶତ ଆଶାବାଦୀ

ବରଗଡ଼ ବ୍ଲକ ଦେଓଗାଁରେ ମୋର ଘର। ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଆଗରୁ ଉଗ୍ରସେନ ଭୂମିକାରେ ଅଭିନୟ କରିଛି। ସେହିପରି ଚିଚିଣ୍ଡା, ଭୁଲିଆଡିହି, ତାଲପାଲି, ଦିଗଶିରା ଆଦି ସ୍ଥାନରେ ହୋଇଥିବା ଧନୁଯାତ୍ରାରେ କଂସ ଅଭିନୟ କରିଛି। ଲୋକେ ଧନୁଯାତ୍ରା କହିଲେ ମିନାବଜାର ଏବଂ ବାକିସବୁ ଆଡ଼ମ୍ବରକୁ ବୁଝୁଛନ୍ତି। କିନ୍ତୁ ଡ୍ରାମା ସେକ୍ସନ ଆଜି ବଦନାମ୍ ହୋଇ ସାରିଛି। ସେଥିପାଇଁ ଏକ ଚ୍ୟାଲେଞ୍ଜଭାବେ ଗ୍ରହଣ କରଛି ଏବଂ ଏଥର ମୋତେ ହିଁ କଂସ ଅଭିନୟ ସୁଯୋଗ ମିଳିବ ବୋଲି ଶତ ପ୍ରତିଶତ ଆଶା ରଖିଛି।



**ଜଗଦାନନ୍ଦ ମିଶ୍ର**

### କଳାକାର ସବୁବେଳେ ଉଚ୍ଚାଭିଳାଷୀ

ବରଗଡ଼ ବ୍ଲକ ଡାଙ୍ଗରେ ଘର। ଧନୁଯାତ୍ରା ମହୋତ୍ସବ କଂସ ଚରିତ୍ରରେ ଅଭିନୟ କରିବାର ଇଚ୍ଛା ରହିଛି। ସେଥିପାଇଁ ଉଦ୍ଦିଷ୍ଟ ଆବେଦନ ଫର୍ମ ନେବାକୁ ଜିଲାପାଳ ଅଫିସ ଆସିଥିଲି। ଆଜି ଛୁଟି ବୋଲି ଜାଣି ନଥିଲି। ପରେ ଆବେଦନ କରିବି। କଳାକାର ସବୁବେଳେ ଉଚ୍ଚାଭିଳାଷୀ। ସେ ଯାହା ଲକ୍ଷ୍ୟ ରଖିଥାଏ, ସେହି ସ୍ତରକୁ ଯିବା ପାଇଁ ପ୍ରୟାସ ଜାରି ରଖେ। ଏହି କ୍ରମରେ ବରଗଡ଼ ଧନୁଯାତ୍ରାରେ କଂସ ଅଭିନୟ କରିବାର ମୋର ବି ଆଶା ରହିଛି।



**କୈଳାସ ପଣ୍ଡା**

### ଶିଶୁ ସୁରଭି କାର୍ଯ୍ୟକ୍ରମ: କୃତୀ ପ୍ରତିଯୋଗୀ ପୁରସ୍କୃତ

ପଦ୍ମପୁର, ୨୨।୧୦(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚର୍ଦାପାଲି ଓ ଲଖମରା ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡା ସୁରଭିର ଉଦ୍ଦେଶ୍ୟ ଉପସ୍ଥାପନା, ଶିକ୍ଷକ ବ୍ରଜକିଶୋର ଭିଲ ମଞ୍ଚ ପରିଚାଳନା କରିଥିଲେ। ଚିତ୍ରାଙ୍କନ, ହସ୍ତାକ୍ଷର, ଚିତ୍ରକଳା, ପ୍ରବନ୍ଧ ଲିଖନ, ବିତର୍କ, ବକ୍ତୃତା, କୁଇଜ, ସୃଜନଶୀଳ ଲିଖନ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ପରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଧର୍ମକୁମାର ଶତପଥୀ, ସନାତନ ଭୋଇ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ପାଇକମାଲ ଏବିଇଓ ଶିବ ପ୍ରସାଦ ଯୋଷୀ, ଲଖମରା ସରପଞ୍ଚ ସୁବାଷ ଝଗରା, ଜିଲା ପରିଷଦ ସଦସ୍ୟ ବାସନ୍ତୀ ବାଲମ, ମଧୁସୂଦନ ଦାସ, ସମିତି ସଭ୍ୟା ଶିବାନୀ ଲୁହାର, ଚର୍ଦାପାଲି ସରପଞ୍ଚ ଉପାସୀ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ନାଏକ, ମୋ ସ୍କୁଲ ଅଭିଯାନର ସଭାପତି ରମାକାନ୍ତ ମିଶ୍ର ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଲଖମରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନାତନ ଭୋଇ ଓ କୁଲାଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଛାୟାକାନ୍ତ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବଲାଙ୍ଗୀର ଆୟୁର୍ବେଦିକ କଲେଜ ଠାରେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ, ଆୟୋଜକ ଏବଂ ଡାକ୍ତରୀ ଛାତ୍ରୀଛାତ୍ର।

# ଆୟୁର୍ବେଦ ଚିକିତ୍ସାର ଲୋକପ୍ରିୟତା ବଢୁଛି

### ସପ୍ତମ ଆୟୁର୍ବେଦ ଦିବସ ଉପଲକ୍ଷେ ଆଲୋଚନାଚକ୍ର

ବଲାଙ୍ଗୀର ଅଫିସ,୨୨।୧୦

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସରରେ ଶନିବାର ସପ୍ତମ ଆୟୁର୍ବେଦ ଦିବସ ଉପଲକ୍ଷେ ଅସ୍ଥି ସାନ୍ଦ୍ରତା ତଥା ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ଏହି ଆଲୋଚନାଚକ୍ରକୁଉଦ୍‌ଘାଟନକରିଥିଲେ। ଏହି ଆଲୋଚନାଚକ୍ରରେ ଆୟୁର୍ବେଦ ସମ୍ବନ୍ଧୀୟ ୧୪ଟି ବିଭିନ୍ନ ଗବେଷଣାତ୍ମକ ସନ୍ଦର୍ଭ ପାଠ କରାଯାଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆୟୁର୍ବେଦର ପ୍ରାଣୀ ଚିକିତ୍ସାରେ ଉପଯୋଗ ସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ବିମଳ ଚୌଧୁରୀ, ଡା. ସୂର୍ଯ୍ୟସ୍ମିତା ରଥ ପ୍ରାଣୀ ଚିକିତ୍ସାରେ ଆୟୁର୍ବେଦୀୟ ଦ୍ରବ୍ୟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଆୟୁର୍ବେଦ ଚିକିତ୍ସାର ଲୋକପ୍ରିୟତା କିଭଳି ବଢ଼ିଚାଲିଛି ଏବଂ ଏହା କେତେ ଶୁଭଙ୍କର ତାହା ଆଲୋଚକମାନେ କହିଥିଲେ। ଚିକିତ୍ସାଳୟ ପରିସରରେ ସ୍ୱତନ୍ତ୍ର ଭାବେ ବୟସ୍କ ଜନସାଧାରଣଙ୍କ ନିମନ୍ତେ ଅସ୍ଥିସାନ୍ଦ୍ରତା ପରୀକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମୁଦାୟ ୧୨୦ ଜଣ ରୋଗୀଙ୍କ ଆବଶ୍ୟକ ପରୀକ୍ଷା କରାଯାଇଥିଲା। ଅପରାହ୍ଣରେ ଆୟୁର୍ବେଦର ଲୋକପ୍ରିୟତା ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମକୁ କଲେଜର ପ୍ରଫେସର ଡା. ମନୋଜ ସାହୁ, ପ୍ରଫେସର ଡା. ସରିତା ମହନ୍ତ, ପ୍ରଫେସର ଡା. ସୀମାଦ୍ରୀ ଭୂଷଣ ନାୟକ, ଛାତ୍ର ସଂସଦ ସଭାପତି ସତ୍ୟମ ଚନ୍ଦ୍ରକାର, ସାଧାରଣ ସମ୍ପାଦକ ବୁଲୁ ମେହେର ପରିଚାଳନା କରିଥିଲେ । ଏଥିରେ ଆୟୁର୍ବେଦ କଲେଜର ସମସ୍ତ ଅଧ୍ୟାପକ, ସ୍ନାତକୋତ୍ତର ଛାତ୍ରୀଛାତ୍ର, ଗୃହ ଚିକିତ୍ସକ ତଥା ଡାକ୍ତରୀ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ତରଭା ବ୍ଲକ ମିଳିତ ଶିକ୍ଷକ ସଂଘର ଶୋଭାଯାତ୍ରା

ତରଭା,୨୨।୧୦(ଡି.ଏନ.ଏ.)

ଶନିବାର ତରଭା ପ୍ରାଥମିକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଶୋଭାଯାତ୍ରା କରାଯାଇଥିଲା । ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରି ତରଭା ଖେଳପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ତରଭା ନଗର ପରିକ୍ରମା କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ୬ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିବା, ଯେଉଁ ଶିକ୍ଷା ସହାୟକମାନେ ୬ ବର୍ଷ ଚାକିରି କରିଛନ୍ତି ସେହି ୬ ବର୍ଷ ଚାକିରି କାଳକୁ ମୂଳ ନିଯୁକ୍ତିରେ ମିଶାଇ ୬ ଗୋଟି ଇନକ୍ରିମେଣ୍ଟ ପ୍ରଦାନ କରିବା ,୨୮୦୦ଗ୍ରେଡ଼ ପେ ପ୍ରଦାନ କରିବା, ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ଏଲିମେଣ୍ଟାରି କ୍ୟାଡରଭୁକ୍ତ କରିବା, ନୂତନ ପେନସନ ଯୋଜନା ପ୍ରତ୍ୟାହାର କରି ପୁରୁଣା ପେନସନ ଲାଗୁ କରିବା ଆଦି ଦାବି ଉଲ୍ଲେଖ ରହିଛି । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଦାମ ଚରଣ ସାହୁ, ଏନ ପି ଏସ ସଂଘ ସଭାପତି ପ୍ରହଲ୍ଲାଦ ଚୌହାନ, ଏସ କ୍ୟାଡ଼ର ସଭାପତି ଧ୍ରୁବଲ ପଧାନ, ପ୍ରଦ୍ୟୁମ୍ନ ମହାନ୍ତି, ସୁରେଶ ପାଣ୍ଡେ, ଶରତ ସୁନା, ପ୍ରକାଶ ଦଳବେହେରା, ମନୋରଞ୍ଜନ ଚୌହାନ, ନୀଳକଣ୍ଠ ବଗର୍ତ୍ତି, ଜ୍ୟୋତି ପ୍ରକାଶ ସାହୁ, ସଞ୍ଜୀବ ସେଠୀ, ନୀଳାଚଳ ଭୋଇ, ଭରତ ମଲ୍ଲିକ, ଗୀତା ସାହୁ, ପ୍ରମିଳା ସାହୁ,ଜ୍ୟୋତି ସରାଫଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।



ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଗାଁକୁ ଯାଇ ପ୍ରଶାସନର ତଦନ୍ତ

### କୂଅରେ ପଡି ଅଙ୍ଗନୱାଡି ଛାତ୍ରଙ୍କ ମୃତ୍ୟୁ ଘଟଣା

ବୌଦ୍ଧ,୨୨।୧୦(ସ୍ୱ.ପ୍ର.)

ଶୁକ୍ରବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଘୋରଡାମୁଣ୍ଡା ଅଙ୍ଗନବାଡି କେନ୍ଦ୍ରର ଜଣେ ଛାତ୍ରଙ୍କ କୂଅରେ ପଡି ମୃତ୍ୟୁ ଘଟିଥିଲା । ଏହି ଖବର ଜଣାପଡିବା ପରେ ଶନିବାର ଦିନ ଜିଲା ପ୍ରଶାସନର ଅଧିକାରୀମାନେ ମୃତ ଛାତ୍ରଙ୍କ ଗାଁକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ପ୍ରକାଶ ଯେ, ଗୋଛାବାରି ଗ୍ରାମର ଉମାକାନ୍ତ ପ୍ରଧାନଙ୍କ ପୁଅ ଶୁଭଙ୍କର ( ୪) ଶୁକ୍ରବାର ଦିନ ଘୋରଡାମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ପାଠ ପଢି ସାରି ଘରକୁ ଫେରୁଥିବା ବେଳେ ବାଟରେ ଥିବା ଏକ କୂଅରେ ପଡିଯାଇ ମୃତ୍ୟୁବରଣ କରିଥିବା ଜଣାପଡଥିଲା । ଶନିବାର ଜିଲା ସମାଜ ମଙ୍ଗଳ ଅଧିକାରୀ ସବାଷ୍ଟିନ କୁଜୁରୁ, ହରଭଙ୍ଗା ବ୍ଲକ ଶିଶୁ ବିକାଶ ଅଧିକାରୀ ନିରୁପମା ପାଣି ଓ ମଣ୍ଡଳ ପରିଦର୍ଶିକା ମୃତ ଛାତ୍ରର ଘରକୁ ତଦନ୍ତ ପାଇଁ ଯାଇଥିଲେ। କିନ୍ତୁ ମୃତ ଛାତ୍ରଙ୍କ ମାତାପିତା ବୌଦ୍ଧ ମେଡିକାଲକୁ ଯାଇଥିବାରୁ ପ୍ରଶାସନିକ ଅଧିକାରୀମାନେ ଜେଜେମା, ଦାଦା ଓ ପଡିଶା ଘର ଲୋକଙ୍କୁ ଭେଟି ପଚରାଉଚରା କରିଥିଲେ। ମୃତ ଛାତ୍ର ଅଙ୍ଗନୱାଡି କେନ୍ଦ୍ରରୁ ଫେରିବା ପରେ ଖେଳିବାକୁ ଯାଇଥିବା ବେଳେ କୂଅରେ ପଡି ମୃତ୍ୟୁବରଣ କରିଥିବା ପ୍ରଶାସନିକ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ରାସ୍ତା କଡରେ ଥିବା ଏହି କୂଅ ଖୋଲାଥିବା ଯୋଗୁ କୂଅ ଚାରିପାଖେ ବାଡ ଘେରାଇବାକୁ ଅଧିକାରୀମାନେ କହିଥିଲେ। ଯେପରି ଆଗକୁ ଏଭଳି ଅଭାବନୀୟ ଘଟଣା ନ ଘଟେ ସେଥି ପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।



ଅଧିକାରୀମାନେ ଗୋଛାବାରି ଗ୍ରାମକୁ ଯାଇ ତଦନ୍ତ କରୁଛନ୍ତି।

# ଅଭ୍ୟାସ କଲେ ପ୍ରତିଭାର ହୁଏ ବିକାଶ

ଅମରପାଲି,୨୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା କ୍ଲଷ୍ଟରର ବୀରମହାରାଜପୁର ସରକାରୀ ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ୧୦ଟି ସ୍କୁଲର ପ୍ରାୟ ୧୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ବରୁଣ ଜଗଦଲା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷିନୀ ମିଶ୍ର ଏବଂ ସିଆରସିସି ମନୋଜ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ।



ଉଫୁଲା କ୍ଲଷ୍ଟର ସୁରଭିରେ ମଞ୍ଚାସୀନ ଅତିଥି।

ଏହାଛଡା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଅଭ୍ୟାସର ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶିକ୍ଷକ ଭାବଗ୍ରାହୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭକ୍ତ କରି ସଙ୍ଗୀତ, ବକ୍ତୃତା, ତର୍କ, ଚିତ୍ରାଙ୍କନ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥି ଏବଂ ସ୍କୁଲ ପରିଚାଳନା କମିଟିର ସଭାପତି ଆଶୁତୋଷ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା। ସେହିପରି ସୁବଳୟା କ୍ଲଷ୍ଟରରେ ଅନୁଷ୍ଠିତ ସୁରଭିର ଉଦ୍‌ଯାପନୀ ଉତ୍ସବରେ ବିଇଓ କୁମ୍ଭକାର,ସୁବଳୟା ୫ଟି ହାଇସ୍କୁଲର ପ୍ରଧାନଶିକ୍ଷକ ସ୍ୱର୍ଣ୍ଣଲତା ବେହେରା,ଶିକ୍ଷକ ବିଶ୍ୱାମିତ୍ର ସାହୁ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।ସିଆରସିସି ଜମ୍ମେଶ୍ୱର ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କ୍ଲଷ୍ଟରର ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶିଶୁ ମହୋତ୍ସବ ସୁରଭି

**ପଲମ,୨୨।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାଧନ କେନ୍ଦ୍ର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିପ୍ର ବର୍ଗର୍ତ୍ତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଲମ ଗ୍ରାମ ପଞ୍ଚାୟତ ସରପଞ୍ଚ ହେମକିଶୋର ନାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ଖଗେଶ୍ୱର ସାହୁ, ଈଶ୍ୱର ମାଝୀ, ପଲମ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାଜେଶ କୁମାର ଭୋଇ, ବିରଞ୍ଚି ନାରାୟଣ ନାଏକ, ପଙ୍କଜ ସାହୁ, ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁବରାଜ ଜାନୀ,ମହଗାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ,ରେନ୍ଦାବାହାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ସାହୁ,ପଲମ ଇନ୍ଦିରାକଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପି. ବେହେରା, କେନ୍ଦୁବାହାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ମାଝୀ ଯୋଗ ଦେଇଥିଲେ । ଏହାଛଡା ରାଏଧୁନୀପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନେନ୍ଦ୍ର କୁମାର ଗହୀର,ଖଇରମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଷଦେବ ନାଗ,ସାଲେଭଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛନ୍ଦାଚରଣ ଧରୁଆ,ରାସ୍ତାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମମତା ନାଗ,ଆଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରିକ୍ଷିତ ମାଝୀ, ରାଜୀବ ଲୋଚନ ଗହୀର,ନିର୍ମଳା ବେହେରା ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା, ବିତର୍କ,ଶୃତଲିଖନ, ସାଧାରଣ ଜ୍ଞାନ,ପ୍ରବନ୍ଧ ଲିଖନ,ସଙ୍ଗୀତ ତଥା ଦଳଗତ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ବୃଷକେତୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ଦେଓଗାଁ,୨୨।୧୦(ଡି.ଏନ.ଏ.):** ବଲାଙ୍ଗୀର ସଦର ବ୍ଲକ ସାହାଜବାହାଲ ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧର୍ମାନନ୍ଦ ଯୋଶୀ(୮୦)ଙ୍କ ଶନିବାର ପରଲୋକ ହୋଇଯାଇଛି। ବରଗଡ ବିକାଶ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା। ଶନିବାର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଜୟକେତନ ଯୋଶୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ପୁଅ ଜୟଦେବ, ଜୟଦୀପ, ଝିଅ ଯାଜ୍ଞସେନୀ, ପ୍ରଭାସିନି, ଜ୍ୱାଇଁ, ବୋହୂ, ନାତି ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ ।

### ପିଆଜ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

**ବଲାଙ୍ଗୀର ଅଫିସ,୨୨।୧୦:** ବଲାଙ୍ଗୀର ଉଦ୍ୟାନ ବିଭାଗ ପକ୍ଷରୁ ଉନ୍ନତ ପ୍ରଣାଳୀର ପିଆଜ ଚାଷ ସମ୍ବନ୍ଧୀୟ ଏକ ତାଲିମ ଶିବିର  କୃଷିବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଉଦ୍ୟାନ ଅନୁସନ୍ଧାନ ଏବଂ ବିକାଶ ପ୍ରତିଷ୍ଠାନ (ଏନ୍‌ଡିଆଡିଏଫ୍)ର ବିଶେଷଜ୍ଞ ମାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ଏବଂ ବୈଷୟିକ ଅଧିକାରୀ ଯୋଗଦାନ କରି ଜିଲାର ଅଗ୍ରଣୀ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀର ପିଆଜ ଚାଷ ସହ ପିଆଜ ମଞ୍ଜି ଉତ୍ପାଦନ ଉପରେ ତାଲିମ ପ୍ରଦାନ କରିଥିଲେ। ଦୃଶ୍ୟ-ଶ୍ରାବ୍ୟ ମାଧମରେ ପ୍ରତ୍ୟେକ ଜ୍ଞାନ କୌଶଳ ପ୍ରଦର୍ଶନ କରି ଚାଷୀଙ୍କୁ କିଭଳି ପିଆଜ ଉତ୍ପାଦନରେ ସିଦ୍ଧହସ୍ତ ହେବେ ସେନେଇ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଅଗ୍ରଣୀ ଚାଷୀମାନେ ଯୋଗଦାନ କରିଥିଲେ।  ଏଥିରେ ଉଦ୍ୟାନ ବିଭାଗର ଅଧିକାରୀ, କର୍ମଚାରୀ, ଟିଟିଲାଗଡ, ପାଟଣାଗଡ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗଦାନ କରିଥିଲେ। ପିଆଜ ଚାଷର ଉନ୍ନତି ଦିଗରେ ଚାଷୀମାନେ କିଭଳି ସରକାରୀ ସୁବିଧା ସୁଯୋଗ ପାଇବେ ସେ ବିଷୟରେ ଆଲୋଚନା କରିଥିଲେ।  ସମସ୍ତ କାର୍ଯ୍ୟକ୍ରମ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଧାନ ଫସଲରେ ରୋଗ, ଚିନ୍ତାରେ ଚାଷୀ

**ଖଡ଼ିଆଳ,୨୨।୧୦(ଡି.ଏନ.ଏ.)**


ଧାନ ଫସଲରେ ରୋଗପୋକ ଲାଗିଥିବା ଚାଷୀମାନେ ଦେଖାଉଛନ୍ତି।

ଅନେକ ଆଶା ନେଇ ଧାନ ଚାଷ କରିଥିବା ଚାଷୀ ମୁଣ୍ଡରେ ଏବେ ଚଡକ ପଡିଛି। ଧାନ କେଣ୍ଡା ଧରି ଆସିବା ବେଳକୁ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଯାଉଛି। ଯେତେ ପ୍ରକାର ଔଷଧ ଦେଲେ ମଧ୍ୟ ସୁଫଳତା ମିଳୁନାହିଁ। ଏବେ ସରକାରୀ ସହଯୋଗ ହିଁ ଶେଷ ଭରସା। ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଓ ବରଗାଁ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷ ଜମି ସବୁରେ ରୋଗ ଲାଗିଥିବା ଅଭିଯୋଗ ହୋଇଛି। ଚାଷ ହୋଇଥିବା ଧାନ ଫସଲରେ ରୋଗ ପୋକ ଲାଗିଛି। ବିଶେଷକରି ଗଣ୍ଡି ପୋକ ଓ ବିପିଏଚ ରୋଗ ଲାଗିବାରୁ ଧାନଗଛ ସବୁ ମରି ଯାଉଛି। ଏହି ରୋଗର ପୋକ ସବୁ ଧାନ ଗଛକୁ ଶୋଷଣ କରି ଦେଉଛନ୍ତି। ଚାଷୀମାନେ ନିଜ ଚେଷ୍ଟାରେ ଔଷଧ ଆଣି ସିଞ୍ଚନ କରୁଛନ୍ତି କିନ୍ତୁ କୌଣସି ସୁଫଳତା ମିଳୁନାହିଁ ବୋଲି ଗୋଇମୁଣ୍ଡି, ଚଲାନପଡା, କାଶୀପଲା, ବରଗାଁ ଚାଷୀ ଶକୁନ୍ତଳା ରାଉତ, ଚାଷୀ ତଥା ଅସରପ୍ରାପ୍ତ କୃଷି ଅଧିକାରୀ ବଳଦେବ ରାଉତ, ଚାଷୀ ହରିଶ୍ଚନ୍ଦ୍ର ରାଉତ, ଗମ୍ଭୀର ପୋଢ଼ ଉମାକାନ୍ତ ରାଉତ ପ୍ରକାଶ କରିଛନ୍ତି। ଖାଲି ଏହି ଦୁଇ ଗ୍ରାମ ପଞ୍ଚାୟତର ଚାଷୀ ନୁହଁନ୍ତି ଖଡ଼ିଆଳ ବ୍ଲକର ସବୁଆଡେ ଏହି ଅବସ୍ଥା ଦେଖିବାକୁ ମିଳୁଛି। ଚାଷୀମାନଙ୍କୁ ସବସିଡିରେ ବିହନ, ଔଷଧ ଓ ସାର ମିଳିବାର ନିୟମ ଥିଲେ ମଧ୍ୟ ସମସ୍ତେ ଏସବୁ ସବିଧା ପାଇ ପାରୁ ନାହାନ୍ତି। ଧାର କରଜ ଓ ବ୍ୟାଙ୍କ ଋଣ କରି ଚାଷୀମାନେ ଏବେ ଚିନ୍ତାରେ। ବର୍ଷବର୍ଷ ଏ ଅଞ୍ଚଳ ମରୁ ଶିକାର ହେଉଥିବା ବେଳେ ଏ ବର୍ଷ ଭଲ ବର୍ଷା ହୋଇଥିଲା। ଭଲ ଫସଲର ଆଶା ରଖିଥିଲେ ସମସ୍ତେ। କିନ୍ତୁ ଏବେ ରୋଗ ପୋକ ପାଇଁ ସବୁ ଆଶା ଫସର ଫାଟି ଯାଉଛି। ଅତିଶୀଘ୍ର ରୋଗ ପୋକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ନ କଲେ ଚାଷୀଙ୍କ ଭେଳା ବୁଡିଯିବ। ଏହା ନିଃସନ୍ଦେହ।ଏନେଇ ଖଡ଼ିଆଳ ବ୍ଲକ କୃଷି ଅଧିକାରୀ ସଞ୍ଜୟ ପାତ୍ରଙ୍କୁ ପଚାରିବାରୁ କିଛି ଜମିରେ ରୋଗପୋକ ଲାଗିଥିବା ସ୍ୱୀକାର କରି ଚାଷୀମାନଙ୍କୁ ସବସିଡିରେ ଔଷଧ ଯୋଗାଇ ଦିଆଯାଉଥିବା ସୂଚନା ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ଶିଶୁ ମହୋତ୍ସବ ସୁରଭି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅତିଥିମାନେ।

**କୋକସରା,୨୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କାଶିବାହାଲ ଓ କାଉଡୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାଉଡୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଚକ୍ରଧର ବେଶ୍ରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରଏନଗୁଡା ଉଚ୍ଚବିଦ୍ୟାଳୟ ଶିକ୍ଷକ ଲକ୍ଷ୍ମୀଧର ସେନାପତି, ସମ୍ମାନିତ ଅତିଥି ଭାବେ କାଉଡୋଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଶୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। କାଉଡୋଲା ସିଆରସିସି ସୁମନ୍ତ କୁମାର ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜୟ ଶଙ୍କର ପାଠୀ ଓ ନୀଳାମ୍ବର ଦାସ ସହଯୋଗ କରିଥିଲେ। ସେହିପରି କାଶିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରର ୧୪ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। କାଶିବାହଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ବ୍ଲକ ଶିକ୍ଷକ ସଂଘ ସଭାପତି ଭୁରିଶ୍ରବା ଜାଲ, ସାମାଜିକ କର୍ମୀ ଯତୀନ୍ଦ୍ର ଦଳାଇ, ସରପଞ୍ଚ ପ୍ରତିନିଧି ରୁଦ୍ର ପ୍ରସାଦ ନାଏକ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ରତ୍ନାକର ବେମାଲ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ପ୍ରଶାନ୍ତ କୁମାର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ହସ୍ତଲିଖନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

# ଶିଶୁ ପ୍ରମୋଦ ଉଦ୍ୟାନ ଲୋକାର୍ପିତ


ଶିଶୁ ପ୍ରମୋଦ ଉଦ୍ୟାନ ଲୋକାର୍ପିତ ସମୟରେ ଅତିଥିଗଣ ।

**ଜୁନାଗଡ,୨୨।୧୦(ଡି.ଏନ୍‌.ଏ.)**

**ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସାର ବାର୍ତ୍ତାବହ ସାଜିବ ସେଲ୍‌ଫି ପଏଣ୍ଟ**

କଳାହାଣ୍ଡି ଜିଲା ଜୁନାଗଡ ଏନଏସି କାର୍ଯ୍ୟାଳୟ ପରିସରରେ ଥିବା ଶିଶୁ ଉଦ୍ୟାନର ନବୀକରଣ ପରେ ଶନିବାର ସଂଧ୍ୟାରେ ଏହି ଶିଶୁ ପ୍ରମୋଦ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଛି। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଓ ସ୍ୱତନ୍ତ୍ର ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର,ଜୁନାଗଡ ତହିସଲଦାର ବେଦବ୍ୟାସ ଭୋଇ,ବିଡିଓ ଦୁଲାରାମ ମାରାଣ୍ଡି,ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା,ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରାଙ୍କ ସମେତ ସମସ୍ତ କାଉନସିଲର/ଏନଏସି କର୍ମଚାରୀ ଯୋଗଦେଇଥିଲେ। ଏହି ଶିଶୁ ଉଦ୍ୟାନର ମୁଖ୍ୟ ଆକର୍ଷଣ ପାଲଟିଛି ସେଲଫି ପଏଣ୍ଟ। ରାଜ୍ୟର ବିଭିନ୍ନ ସହରଠୁ ଭିନ୍ନ ଏକ ଢଙ୍ଗରେ ପ୍ରସ୍ତୁତ 'ଆଇ ଲଭ ଜୁନାଗଡ' ଲୋକଙ୍କ ମନ ମୋହିବାରେ ବେଶ ସଫଳ ହୋଇପାରିଛି। ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡା ଆକୃତି ଶୈଳୀରେ ପ୍ରସ୍ତୁତ ହୋଇଛି ଏହି ଆଇ ଲଭ ଜୁନାଗଡ। ଯାହାକି ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସାର ବାର୍ତ୍ତାବହ ସାଜିବ। ସ୍ଥାନୀୟ ଏନଏସିର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ଏହି ଉଦ୍ୟାନ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିଲା।

# ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

**ଦେଓଗାଁ, ୨୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମାରାଣୀ ସୁନାଙ୍କ ସଭାପତିତ୍ୱ ତଥା ସିଆରସିସି ତପନ କୁମାର କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହାତିସରା ସରପଞ୍ଚ କେଲୋ ଡାଙ୍ଗ, ସମ୍ମାନୀତ ଅତିଥିଭାବେ ଏବିଇଓ ଅଜିତ କୁମାର ମିଶ୍ର, ଦେଓଗାଁ ସରପଞ୍ଚ ନିନା ଛତ୍ରିଆ ଯୋଗଦେଇଥିଲେ। ଏହି ଅବସରରେ ଦେଓଗାଁ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟମାନଙ୍କରୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନେଇ ଦଳଗତ, ଏକକ ନୃତ୍ୟ, ବକ୍ତୃତା, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହଶିକ୍ଷୟିତ୍ରୀ ମିଲି ଦୋରା, ସୁଜାତା ତାଣ୍ଡି, ଜ୍ୟୋତିର୍ମୟୀ ସାହୁ, ରୀତା ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ରବିନ୍ଦ୍ରନାଥ ଗଉଡା, ଅର୍ଜ୍ଜୁ ନାଗ, ବୁଲୁ ପାତ୍ର, ଶିକ୍ଷକ ସଞ୍ଜୀବ କର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଦନ୍ତେଶ୍ୱରୀ ଉଚ୍ଚବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ


ମହୋତ୍ସବରେ ମଞ୍ଚାସୀନ ଅତିଥି।

**ବେହେରା,୨୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଜୋନ-୨ ଜିଲା ପରିଷଦ ଶଙ୍କର ଜୁଏଡ, ସମ୍ମାନିତ ଅତିଥି ଭାବେ ବେହେରା ସମିତି ସଭ୍ୟ କିଶୋରଚନ୍ଦ୍ର ନାଗ, ବେହେରା ପ୍ୟାକ୍ସ ସଭାପତି ଭବେଶ ଗଇନ୍ତା, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ,ସ୍କୁଲ କମିଟି ସଭାପତି କ୍ଷିତିରାମ ସାହୁ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରୁପେନ୍ଦ୍ର ବାଣୁଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ ଓ ସଚ୍ଚିଦାନନ୍ଦ ଗଉଡ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସୁରଭି କାର୍ଯ୍ୟକ୍ରମ ସହାୟକ ହୋଇପାରୁଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ମନୋରଞ୍ଜନ ପାଇଁ ନୁହେଁ। ବରଂ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବା ଓ ଅଧିକ ସଂଖ୍ୟାରେ କଳାକାର ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବେହେରା କ୍ଲଷ୍ଟର ଅଧୀନ ବାଙ୍କିମୁଣ୍ଡା, ଗୋରଲାପଡା, ଦଳସର୍ଗୀ, ତେଣ୍ଡାପାଲୀ, ଛତାଗୋହିରା, ନୁନପାଣି, କାଣ୍ଡପଡା, ବେହେରା ନୋଡାଲ ଉ.ପ୍ରା.ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।ଏହିଅବସରରେ ବେହେରା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ୫୦ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନରେନ୍ଦ୍ର ନାଏକ, ମୋନାଲିସା ନାଏକ, ଚନ୍ଦନ ରାଉତ, ପ୍ରେମଲାଲ କାଣ୍ଡ, ସ୍ମୃତିରଞ୍ଜନ ନାଏକ, ରମେଶ ବେହେରା, କୃପାସିନ୍ଧୁ ବେହେରା, ଜିତେନ୍ଦ୍ର ନାଏକ,ହରେକୃଷ୍ଣ ନାଏକ, ମହେନ୍ଦ୍ର ପଟ୍ଟନାୟକ ସହଯୋଗ କରିଥିଲେ। ସିଆରସିସି ବେହେରା ମାର୍କଣ୍ଡ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୨୨।୧୦(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲୁକିମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଖପ୍ରାଖୋଲ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନିକେତନ ବରିହା, ମୁଖ୍ୟବକ୍ତା ଫୁଲୁକିମୁଣ୍ଡ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିନୋଦିନୀ ବରିହା, ସିଆରସିସି ଚୂଡ଼ାମଣି ବରିହା ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁରଭି ଏକ ମଞ୍ଚ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନାଚ, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲାପ ବିଶି ପରିଚୋଳନା କରିଥିଲେ।

# ଜିଲା ଶିକ୍ଷା କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

**ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଜେଲ ଛକ ନିକଟରେ ଶନିବାର ଅପରାହ୍ନରେ ଜିଲା ଶିକ୍ଷା କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର,ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଯୋଗ ଦେଇଥିଲେ। ଏହି କୋଠା  ପାଇଁ ଶିକ୍ଷା ବିଭାଗ ପକ୍ଷରୁ ୧କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଏହାକୁ ପୂର୍ତ୍ତ ବିଭାଗ ନିର୍ମାଣ କରିଛି। ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏହି ଗୃହରେ ପରିଚାଳିତ ହେବ। ଉଦ୍‌ଘାଟନୀ ସମାରୋହରେ ଅଫିସ କର୍ମଚାରୀ,ପୁରାତନ କର୍ମଚାରୀ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଜିଲାପାଳ ଜିଲା ଶିକ୍ଷା କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କରୁଛନ୍ତି।

# ୧୫ବର୍ଷ ବର୍ଗରେ ମୟଙ୍କ, ବାପୁନ ପରବର୍ତ୍ତୀ ରାଉଣ୍ଡରେ

**ବଲାଙ୍ଗୀର ଅଫିସ,୨୨।୧୦**



ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଅନୁଷ୍ଠିତ ମ୍ୟାଚର ଏକ ଦୃଶ୍ୟ।

- **ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ**
- **୧୭ବର୍ଷ ବର୍ଗରେ ଶୁଭକେତନ, ତନଭି, ପ୍ରଗତି ଓ ବିଶାଖା ଉନ୍ନୀତ**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟ ସବ୍‌ଜୁନୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପର ଦ୍ୱିତୀୟ ଦିନ ଶନିବାର ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ୧୫ବର୍ଷ ବୟସ ବର୍ଗ ବାଳକ ବିଭାଗରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ମୟଙ୍କ ଓ ବାପୁନ ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ୧୭ବର୍ଷ ବୟସ ବର୍ଗରେ ଶୁଭକେତନ, ତନଭି, ପ୍ରଗତି ଓ ବିଶାଖା ମଧ୍ୟ ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ।

ପୂର୍ବ ନିର୍ଦ୍ଧାରିତ ସାରଣୀ ଅନୁସାରେ ଶୁକ୍ରବାର ସମୁଦାୟ ୯୮ଟି ମ୍ୟାଚ ଖେଳାଯାଇଥିଲା। ଦ୍ୱିତୀୟ ଦିନ ଶନିବାର ସକାଳ ସାଢେ ୯ଟାରୁ ଖେଳ ଆରମ୍ଭ ହୋଇଥିଲା। ପ୍ରଥମ ଦିନର ବିଜେତାମାନେ  ଦ୍ୱିତୀୟ ଦିନ ପରସ୍ପର ମଧ୍ୟରେ ଖେଳିଥିଲେ।  ୧୫ବର୍ଷ ବୟସ ବାଳକ ଏକକ ବିଭାଗରେ ବାପୁନ, ଶୁଭକେତନ, ଦିଭ୍ୟମ, ମୟଙ୍କ, ଶ୍ରୀଜିତ, ପ୍ରିୟାଂଶୁ, ଅଗସ୍ତ୍ୟ ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲ ଲଢେଇରେ ଶୁଭକେତନ ପ୍ରତିଦ୍ୱନ୍ଦ୍ୱୀ ଦିଭ୍ୟମଙ୍କୁ ମାତ୍ ଦେଇଥିଲେ। ବାଳିକା ଏକକ ବର୍ଗରେ ବୈଷ୍ଣବୀ, ଗୀତାଶ୍ରୀ, ଅନୁଷ୍କା ଓ ଅଂଶିକା ଉନ୍ନୀତ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ତନଭି ନିଜ ପ୍ରତିଦ୍ୱନ୍ଦ୍ୱୀ ଅନୁଷ୍କାଙ୍କୁ ହରାଇ ସେମିକୁ ଉନ୍ନୀତ ହୋଇଛନ୍ତି। । ବାଳକ ଯୁଗଳ ବର୍ଗରେ ମୟସ କୁମାର ଓ ସ୍ୱୟମ ତ୍ରିପାଠୀ, ଡି. ଜୀବଦୀଶ ଓ ୟେଙ୍ଗିଲା ଧରନ, ପ୍ରୀଥ୍ୱୀଶ ସିଂ ଓ ଉଦୟ ଭାସ୍କର ଉଚ୍ଚମାନର ଖେଳ ପ୍ରଦର୍ଶନ କରିବା ସହିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପରବର୍ତ୍ତୀ ସ୍ତରକୁ ଉନ୍ନୀତ ହୋଇଛନ୍ତି ।

୧୭ବର୍ଷ ବର୍ଗର ବାଳକ ଏକକ ବିଭାଗରେ ମୟଙ୍କ ଭାରଦ୍ୱାଜ, ଶୁଭମ ଦାଶ ଓ ସ୍ୱରାଜ ଓରାମ ନିଜର ବିଜୟ ଧାରା ଜାରି ରଖିଛନ୍ତି। ଯୁଗଳ ବିଭାଗରେ ଜୟେଶ ଓ ଶ୍ୱସ୍ତିକ, ଆଦିତ୍ୟ ଓ ଦେବ କୁମାର, ଅନିର୍ବାନ ଓ ଆୟୁଷ୍ମାନ, ଅବିନାଶ ଓ କେ. ବୈଷ୍ଣବ, ଇରଫାନ ଓ ସୌମ୍ୟଜିତ, ଆଶୁତୋଷ ଓ ଜୟ, ଅଭୟ ପ୍ରତାପ ଓ ମାହାରିଶୀ ଯୋଡି ନିଜ ନିଜ ଯୋଡିଦାର ସହ ଉନ୍ନୀତ ହୋଇଛନ୍ତି । ବାଳିକା ଏକକ ବିଭାଗରେ ଅଶ୍ୱୀକା, ଗୀତାଶ୍ରୀ, ପ୍ରଗତି, ଲିଜୁନ, ଇଶାନୀ, ଅଂଶିକା , ତନଭି ଓ ବିଶାଖା ନିଜ ପ୍ରତିଦ୍ୱନ୍ଦୀଙ୍କୁ ମାତ ଦେଇ ଆଗକୁ ବଢିବା ଜାରି ରଖିଛନ୍ତି। ଆଜିର ଏହି ପ୍ରତିଯୋଗିତାକୁ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ରେଫେରି ଗୀତା ଦାଶ, ମ୍ୟାଚ କଣ୍ଟ୍ରୋଲର ବିଜୟ ବାଗ ଓ ସଟଲ କଣ୍ଟ୍ରୋଲର ଲକ୍ଷପତି ନନ୍ଦ ତାଙ୍କ ବୈଷୟିକ ଦଳ ସହିତ ପରିଚାଳନା କରୁଛନ୍ତି।

**ରାସ୍ତା ନ ହେଲେ ଭୋଟ ବର୍ଜନ କରିବେ ବଇଦପାଲି ଗ୍ରାମବାସୀ**

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ କନସିଂହା ପଞ୍ଚାୟତ ଅନ୍ତର୍ଗତ ବଇଦପାଲି ଗ୍ରାମ ରାସ୍ତା ଶୋଚନୀୟ ହୋଇପଡିଛି। ଏ ନେଇ ଶିଶୁପାଳ ନେଟୀଙ୍କ ସଭାପତିତ୍ୱରେ ଗାଁରେ ଏକ ସଭା ହୋଇଥିଲା। ଦୀର୍ଘଦିନର ଦାବି ପରେ କଲଭର୍ଟ ନିର୍ମାଣ କରାଯାଇଛି। କିନ୍ତୁ ତାକୁ ସଂଯୋଗ କରିବାକୁ ରାସ୍ତା କରାଯାଇନାହିଁ। ଆଗକୁ ପଦ୍ମପୁର ବିଧାନ ସଭା ପାଇଁ ଉପନିର୍ବାଚନ ହେବ। ଏହା ପୂର୍ବରୁ ରାସ୍ତା କାମ ନ ହେଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଅନନ୍ତ ପଟେଲ, ଶତ୍ରୁଘ୍ନ ନେଟୀ, ଈଶ୍ୱର ନେଟୀ, ପଞ୍ଚାନନ ନେଟୀ ବୈଠକରେ ଉପସ୍ଥିତ ଥିଲେ।



# ଧାନକିଣା ତାରିଖକୁ ନେଇ ଅସନ୍ତୋଷ

**ସରଣ୍ଡା,୨୨।୧୦(ଡି.ଏନ.ଏ.)**

ବରଗଡ଼ ଜିଲାରେ ଆସନ୍ତା ଡିସେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଶୁକ୍ରବାର ଜିଲାସ୍ତରୀୟ ଧାନ କିଣାବିକା ବୈଠକରେ ଜିଲାପାଳ ଏହା ଘୋଷଣା କରିଛନ୍ତି। ତେବେ ବୈଠକରେ ଅତାବିରା ଅଞ୍ଚଳର ଚାଷୀମାନେ ତାରିଖ ପରିବର୍ତ୍ତନ କରିବାକୁ ଦାବି କରିଥିବା ବେଳେ ଜିଲାପାଳ ଶୁଣି ନ ଥିଲେ। ଏହାକୁ ନେଇ ଅତାବିରାରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଓଡିଶା ରାଜ୍ୟ କୃଷକ ସଂଗଠନ ଅତାବିରା ଶାଖା ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରାଯାଇ ଜିଲା ପ୍ରଶାସନକୁ ଆନ୍ଦୋଳନ ଚେତାବନୀ ଦେଇଛି।

ଖବରଦାତା ସମ୍ମିଳନୀରେ ସଂଗଠନ ସଭାପତି ବୀରେନ୍ଦ୍ର କର ଦାବି ଉପସ୍ଥାପନ କରି କହିଛନ୍ତି, ପ୍ରତିବର୍ଷରେ ନଭେମ୍ବର ୨ୟ ସପ୍ତାହରେ ହିଁ ମଣ୍ଡିଗୁଡିକ ଖୋଲାଯାଉଥିଲା। ମାତ୍ର ଚଳିତ ଥର ଡିସେମ୍ବର ପହିଲାରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ମଣ୍ଡି ବିଳମ୍ବରେ ଖୋଲିବା ଯୋଗୁଁ ଧାନ ବିକ୍ରୀ ବିଳମ୍ବ ହେବ। ତେଣୁ କୃଷି ଶ୍ରମିକ, ବ୍ୟବହୃତ ଯନ୍ତ୍ରପାତି ଆଦି ଭଡା ଦେୟ ଦେବା ପାଇଁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କୃଷକ ସଂଗଠନ ସଭାପତି ଓ ଅନ୍ୟମାନେ।

**■ ନିଷ୍ପତ୍ତି ନ ବଦଳାଇଲେ ନଭେମ୍ବର ୨୦ରୁ ୟାର୍ଡରେ ଧାନ ପୂରାଇବେ ଚାଷୀ**

**■ ଆନ୍ଦୋଳନ ଚେତାବନୀ ଦେଲା ଓଡିଶା ରାଜ୍ୟ କୃଷକ ସଂଗଠନ**

ଚାଷୀ ଶେଷରେ ଅଣ୍ଡରରେଟରେ ଧାନ ବିକ୍ରୀ କରିବାପାଇଁ ବାଧ୍ୟ ହେବ। ସେପଟେ କୃଷିଋଣ ଦେୟ ପୈଠ କରିବା ଶେଷ ଦିନ ଡିସେମ୍ବର ୨୫ତାରିଖ ରହିଛି। ଏହା ଦ୍ୱାରା ମୁନାଫଖୋର ବ୍ୟାପାରି ଲାଭ ଉଠାଇବ ଓ ଚାଷୀ ଶୋଷିତ ହେବ। ମିଲର୍ସଙ୍କ ସ୍ଥିତିକୁ ନେଇ କ'ଣ ଚାଷୀ ଧାନ ବିକ୍ରିରେ ବିଳମ୍ବ କରିବେ। ୨୦ନଭେମ୍ବରରେ ୟାର୍ଡ଼ ନ ଖୋଲିଲେ ଚାଷୀ ବାଧ ହୋଇ ଉକ୍ତଦିନରୁ ଧାନ ଆଣି ୟାର୍ଡରେ ଭର୍ତ୍ତି କରିବ ଓ ଏହାର ସବୁ ଦାୟିତ୍ୱ ଆରଏମସି ନେବ ବୋଲି କର କହିଛନ୍ତି।

ଖବରଦାତା ସମ୍ମିଳନୀରେ ଆହୁରି ଅଭିଯୋଗ କରାଯାଇଛି ଯେ, ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆରଏମସିର ମଣ୍ଡିଗୁଡିକରେ ଭିତ୍ତିଭୂମିର ଘୋର ଅଭାବ ରହିଛି। ଏହାକୁ ତ୍ୱରାନ୍ୱିତ କରିବାକୁ ସଂଗଠନ ଓସାମା ବୋର୍ଡ ପାଖରେ ଦାବି ଜଣାଇଛି। ଏତଦ୍‌ବ୍ୟତୀତ ଟୋକନ ବ୍ୟବସ୍ଥା ଲାଗୁ ହେବା ଦିନଠାରୁ ଚାଷୀ ଆଶା ଆଶଙ୍କାରେ ରହୁଛି। ଧାନ କିଣାବିକାର ଜଟିଳତାକୁ ଅନୁଧ୍ୟାନ କଲେ ଶାସକ, ପ୍ରଶାସକ ଏବଂ ମିଲର୍ସ ଚାଷୀଙ୍କ ପ୍ରତି ମିଳିତ ଷଡ଼ଯନ୍ତ କରୁଥିବା ସଂଗଠନ ଅଭିଯୋଗ କରାଯାଇଛି। ଜିଲସ୍ତରୀୟ ଧାନ ସଂଗ୍ରହ ବୈଠକରେ ଚାଷୀ ଓ କୃଷକ ସଂଗଠନର କୌଣସି ଦାବି ବା ପ୍ରସ୍ତାବକୁ ଜିଲାପାଳ ରଖି ନ ଥିବା ସଂଗଠନ ଅଭିଯୋଗ କରିଛି। ଏଥିପାଇଁ ଜିଲା ପ୍ରଶାସନ ଏକ ବଡ଼ ଆନ୍ଦୋଳନର ସମ୍ମୁଖୀନ ହେବ ବୋଲି ସଭାପତି କର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୁଦ୍ଧଦେବ ନନ୍ଦ, ଟିକେଲାଲ ମିଶ୍ର, ପି. ପାପାରାଓ ଉପସ୍ଥିତ ଥିଲେ। ପରେ ସଂଗଠନର ପରବର୍ତ୍ତୀ ପଦକ୍ଷେପ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ଅମରପାଲି, ୨୨।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କାନପୁର ଗାଁରେ ଜଣେ ମହିଳାଙ୍କୁ ରାସ୍ତାରେ ଅଟକାଇ ଅସଦାଚରଣ ଓ ମାରପିଟ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଲେ ପ୍ରଦୀପ ଦାସ। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମହିଳାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ସଂଘକୁ ମଜଭୁତ କରିବାକୁ ହେଲେ ସମନ୍ୱୟ ଜରୁରୀ

**ଡୁଙ୍ଗୁରିପାଲି, ୨୨।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ଏକ ବୈଠକ ବରଗଡ ଜିଲା ସିଙ୍ଗେନପାଲିସ୍ଥିତ ବାବା ସିଦ୍ଧେଶର ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କିଶନ କୁମାର ଅଗ୍ରୱାଲ ବୈଠକରେ ଅଧକ୍ଷତା କରିଥିଲେ। ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସଂଘକୁ ମଜଭୁତ କରିବାକୁ ହେଲେ ସମନ୍ୱୟ ରହିବା ଜରୁରୀ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଭଲ ଖବର ସଂଗ୍ରହ ଓ ପରିବେଷଣ ଦିଗରେ ଖବରଦାତାମାନେ ବ୍ରତୀ ହେବା ସଂଘର ବରିଷ୍ଠ ସଦସ୍ୟ ପିତ୍ର ମୋହନ ପାଣ୍ଡିଆ କହିଥିଲେ। ବୈଠକରେ ସଂଘ ଉପସଭାପତି ଦୀନବନ୍ଧୁ ସୁନା, ସମ୍ପାଦକ ଭରତଭୂଷଣ ପୂଜାରୀ, ସଭ୍ୟ ବଦ୍ରିନାରାୟଣ ପାଣ୍ଡିଆ, ପ୍ରକାଶ ହାତୀ, ବନମାଳୀ ପୋଡ଼, ମହାଦେବ ଗଡତିଆ, ହଳଧର ମେହେର, ଓ ସାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବରପାଲି, ୨୨।୧୦(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ମହୁଲପାଲି ସାଧନ କେନ୍ଦ୍ରରେ ଶିଶୁ ପ୍ରତିଭା ବିକାଶ ପାଇଁ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଚିକିନିପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରଧାନ ଶିକ୍ଷକ ଉତ୍ତର କୁମାର ଗିରି ଓ ମହୁଲପାଲି ସିଆର୍‌ସିସି ରାଜେନ୍ଦ୍ର କୁମାର ମେହେର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ସୁରେଶ ଶତପଥୀ, ଚନ୍ଦ୍ର ଶେଖର ରାଉତ, ଉତ୍ତର କୁମାର ଗିରି, ରାଜେନ୍ଦ୍ର କୁମାର ମେହେର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ବେହେରା, ଶିକ୍ଷକ ବୀରେନ୍ଦ୍ର ନାଗ, ଜୀବର୍ଦ୍ଧନ ଭୋଇ, ପ୍ରଭାସିନୀ ପ୍ରଧାନ, ଦିଲେଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ। ଠାକୁର ଆଡିଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁଲମୁଠି ଗୋକୁଳାଷ୍ଟମୀ ଯାତ୍ରା ପରିଚାଳନା କମିଟି ଗଠିତ

**ବିନିକା,୨୨।୧୦(ଡି.ଏନ.ଏ. ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠିଠାରେ ନଭେମ୍ବର ୨୮ତାରିଖରୁ ଡିସେମ୍ବର ୫ତାରିଖ ଯାଏ ବ୍ରଜ ବିହାରୀ ନୃତ୍ୟ କଳା ପରିଷଦ ପକ୍ଷରୁ ହେବାକୁ ଯାଉଥିବା ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ପରିଚାଳନା ପାଇଁ ସ୍ଥାନୀୟ ମାହେଶ୍ୱରୀ ମଣ୍ଡପଠାରେ ନୂତନ କମିଟି ଗଠିତ ହୋଇଯାଇଛି। ଉପସ୍ଥିତ ଗ୍ରାମବାସୀଙ୍କ ପ୍ରସ୍ତାବ କ୍ରମେ ଯାତ୍ରା ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ଆନନ୍ଦ କୁମାର ହୋତା ସଭାପତି, ଉପ ସଭାପତି ରଞ୍ଜନ ନାଏକ,ସମ୍ପାଦକ ଭୁବନ ମହାକୁର,ସହ ସମ୍ପାଦକ ହରିବନ୍ଧୁ ରଣା ଓ କୋଷାଧକ୍ଷ ଭାବେ ବୃନ୍ଦାବନ ଦାଶ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ପ୍ରମୋଦ କୁମାର ଦାଶ,ହିମାଂଶୁ ଶେଖର ପୁଟେଲ, ସତ୍ୟବାନ ମିଶ୍ର, ତୀର୍ଥବାସୀ ସାହୁ,ଗୋଲଖ ଦାଶ, ମନୋଜ ଦାଶ,ରାଜକୁମାର ମିଶ୍ର,ନକୁଳ ପ୍ରଧାନ, ପ୍ରଫୁଲ୍ଲ ମିଶ୍ର, ଗଣେଶ ମେହେର, ଅନ୍ତର୍ଯ୍ୟାମୀ ପଣ୍ଡା, ନରସିଂହ ପଧାନ,ଚନ୍ଦ୍ର ଶେଖର ମେହେର, ପଦ୍ମ କିଶୋର ମେହେର, ଲୋକନାଥ ନାଏକ ପ୍ରମୁଖ ରହିଛନ୍ତି।

# ମଲ୍ଲିକମୁଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି

**ସୋନପୁର,୨୨।୧୦(ନି. ପ୍ର )**

ସୋନପୁର ବ୍ଲକ ମଲ୍ଲିକମୁଣ୍ଡା କ୍ଲଷ୍ଟର ଗଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଆଦର୍ଶ ଶିକ୍ଷକ କରମ ଚାନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ବିଘ୍ନ ସେଠୀ, ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଦୋଳଗୋବିନ୍ଦ ପଣ୍ଡା ଓ ଗଡ଼ିଆ ସ୍କୁଲ ପ୍ରଧାନଶିକ୍ଷକ ଶର୍ବେଶର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ୧୭ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିୟର ବିଭାଗ ଚିତ୍ରାଙ୍କନରେ ଦୁବେଶ ତାଣ୍ଡିଆ, କୁଇଜରେ ହେମଲତା ମେହେର, ସୁନ୍ଦର ହସ୍ତାକ୍ଷରରେ ନିଶି ପୁଟେ, ଏଲୋକେସନରେ ଶୁଭମ ମେହେର, ସୃଜନଶୀଳ ଲିଖନରେ ଶ୍ରୀୟାଞ୍ଜଳୀ କର୍ମୀ, ଗୀତରେ ଶ୍ରୀମରନ ମହାନନ୍ଦ, ବରିଷ୍ଠ ବିଭାଗ ଚିତ୍ରାଙ୍କନରେ ଅମିତ ମେହେର, ରଚନାରେ ବର୍ଷା ସାହୁ, ତର୍କରେ ମୋସୁମୀ ବାଘ, କୁଇଜରେ ଓମ ଶକ୍ତି ଖୁଟୁଲି, ଏଲୋକେସନରେ ରାନୁ ଭୋଇ, କ୍ରିଏଟିଭ ରାଇଟିଙ୍ଗରେ ସୁନେଲି ମେହେର, ସଙ୍ଗୀତରେ ପ୍ରଭାତୀ ମେହେର ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ସାଧନ କେନ୍ଦ୍ର ସଂଯୋଜକ ଦୋଳ ଗୋବିନ୍ଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୧୦ ଗୋଟି ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି: ୧୧ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ପାଇକମାଳ, ୨୨।୧୦(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ହିରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ସମ୍ମାନିତ ଅତିଥି ମାଣ୍ଡିଆଡ଼ିପା ଶିକ୍ଷା ଷ୍ଟାଣ୍ଡିଂ କମିଟି ସଦସ୍ୟ ଯୁଧିଷ୍ଠିର ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେଛୋଦାଦର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ଏବିଇଓ ରାଧେଶ୍ୟାମ ମେହେର, ମଧୁସୂଦନ ପ୍ରଧାନ ଯୋଗ ଦେଇ ଶିଶୁମାନଙ୍କ ପ୍ରତିଭା ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଥିଲେ । ଏଥିରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀମ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦାରା ପୁରସ୍କୃତ ହୋଇଥିଲେ। ସିଆରସିସି ଡୋଲାମଣି ମାହାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା

**ଅମରପାଲି,୨୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ଗାଁର ମେଧାବୀ ଛାତ୍ର ତପନ ସାହୁଙ୍କୁ ଉଚ୍ଚ ଶିକ୍ଷା ପାଇଁ ରଥପୁର ଦୁର୍ଗାପୂଜା କମିଟି ସହଯୋଗର ହାତ ବଢାଇଛି । ପ୍ରକାଶ ଯେ, ବାଗବର ଗାଁର ତପନଙ୍କ ବାପା ବହୁ ଦିନରୁ ମୃତ୍ୟୁବରଣ କରିଥିବା ବେଳେ ମା' ଜଣେ ଦିନ ମଜୁରିଆ। ପରିବାର କହିଲେ କେବଳ ମା' ପୁଅ । ତପନ ଚଳିତ ଶିକ୍ଷାବର୍ଷରେ ରେଭେନସା ବିଶ୍ୱବିଦ୍ୟାଳୟରେ ପିଜି ପ୍ରବେଶିକା ପରୀକ୍ଷାରେ ଭଲ ର୍ୟାଙ୍କ ପାଇଛନ୍ତି । କିନ୍ତୁ ଅର୍ଥ ଅଭାବରୁ କିପରି ନାମ ଲେଖାଇବେ ଏବଂ ବାହାରେ ରହି ପାଠ ପଢିବେ ସେନେଇ ଚିନ୍ତାରେ ଥିଲେ। ଏହି ସୂଚନା କୌଣସି ସୂତ୍ରରୁ ପାଇ ରଥପୁର ଦୁର୍ଗାପୂଜା କମିଟିର ଉପଦେଷ୍ଟା ସ୍ୱାଧୀନ ଖଟୁଆ, ସମ୍ପାଦକ ମଳୟ କୁମାର ଅମାତ ଓ କୋଷାଧକ୍ଷ ପ୍ରଫୁଲ୍ଲ ଗାଇଗରିଆ ପ୍ରମୁଖ ତପନଙ୍କ ଘରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟରେ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗକୁ ଯଦି ଦରକାର ପଡେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କମିଟିର କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଛନ୍ତି ।




ତପନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ଥଇଥାନ ପାଇଁ ଦାବି କଲେ ଉଠା ଦେକାନୀ

**ବାଉଁଶୁଣୀ,୨୨।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ଉଚ୍ଛେଦ ହୋଇଥିବା ଉଠାଦେକାନୀମାନେ ସେମାନଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଗତ ମଙ୍ଗଳବାର ଦିନ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ବାଉଁଶୁଣୀ ବଜାର ତଥା ଜାତୀୟ ରାଜପଥ କଡରେ ଥିବା ଛୋଟ ଛୋଟ ଉଠାଦେକାନଗୁଡିକ ଉଚ୍ଛେଦ କରାଯାଇଥିଲା । ପ୍ରଶାସନର ଏହି ଉଚ୍ଛେଦ ପ୍ରକ୍ରିୟାକୁ ଉଠା ଦେକାନୀମାନେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । କିନ୍ତୁ ଦୋକାନୀଙ୍କୁ ଥଇଥାନ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଉଠା ଦୋକାନୀମାନେ କିପରି ପରିବାର ଚଳାଇବେ ସେହି ଚିନ୍ତାରେ ପଡିଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ ଥଇଥାନ କରିବାକୁ ଉଠାଦୋକାନୀମାନେ ଶନିବାର ଦିନ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଏକ ଦାବିପତ୍ର ବୌଦ୍ଧ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

# ରାମ୍ପିପାଲି ଗାଁରେ ଅଙ୍ଗନୱାଡି କର୍ମୀ ଚୟନରେ ଜାଲିଆତି ଅଭିଯୋଗ

**ଅମରପାଲି,୨୨।୧୦(ଡି.ଏନ.ଏ.)**

**ଅଭିଯୋଗ କଲେ ଆଶାୟୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ରାମ୍ପିପାଲି ଗ୍ରାମରେ ୨୦୦୯ରେ ନିଯୁକ୍ତି ହୋଇଥିବା ଅଙ୍ଗନୱାଡି କର୍ମୀ ବିଳାସିନୀ ପଧାନଙ୍କୁ ନିଯୁକ୍ତି ଦେବାକୁ ତତ୍କାଳୀନ ପ୍ରଶାସନ ବ୍ୟାପକ ଚଞ୍ଚକତା କରିବା ସହିତ ଜାଲ କାଗଜପତ୍ର ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ଉକ୍ତ ଗ୍ରାମର ଆଶାୟୀ ପ୍ରାର୍ଥୀ ଥିବା ଲଳିତା ସିଂ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରି କହିଛନ୍ତି। ଅଭିଯୋଗମତେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ମଧ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରିବାରେ ଅବହେଳା କରାଯାଉଛି। ଲଳିତା କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ୩୪୬ ମାର୍କ ଥିବା ବେଳେ ବିଳାସିନୀଙ୍କ ୨୮୬ ମାର୍କ ଥାଇ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିରେ ବିଳାସିନୀଙ୍କୁ ଗାଁ ସ୍କୁଲରେ ସେହି ସମୟରେ ଶିକ୍ଷକ ଥିବା ଜଣେ ଶିକ୍ଷକ ଶିକ୍ଷୟିତ୍ରୀ(ଇସିସିସି) ଭାବେ ଜାଲ ଅଭିଜ୍ଞତା ପ୍ରମାଣପତ୍ର ଦେଇଥଲେ। ସୂଚନାମତେ ଅଭିଜ୍ଞତା ପ୍ରମାଣପତ୍ର ଦେଇଥିବା ଶିକ୍ଷକ ଜଣକ ଉକ୍ତ ସ୍କୁଲରେ ଯୋଗ ଦେବାର ୨ ବର୍ଷ ପୂର୍ବରୁ ଦେଇଥିବା ପ୍ରମାଣପତ୍ର କିପରି ଗ୍ରହଣ ହେଲା ତାର ତଦନ୍ତ କରାଯିବାକୁ ଦାବି କରିଛନ୍ତି । ଅପରପକ୍ଷରେ ରାମ୍ପିପାଲି ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଜାଲିଆତି କରି ନିଯୁକ୍ତି ଦିଆଯାଇଥିବା କର୍ମୀଙ୍କୁ ବିରୋଧ କରି ଗ୍ରାମବାସୀ ଦୀଘ ୭ ମାସରୁ ଊର୍ଦ୍ଧ୍ୱ ହେବ କେନ୍ଦ୍ରରେ ତାଲା ପକେଇ ଦେଇଥିବା ବେଳେ ପ୍ରଶାସନ ଆଲୋଚନା କରି ବିଫଳ ହୋଇଥିବା ଜଣାଯାଇଛି। ସେହିପରି ଗ୍ରାମବାସୀଙ୍କ ଅଭିଯୋଗମତେ କେନ୍ଦ୍ରର ସମ୍ପୃକ୍ତ କର୍ମୀ ଜଣକ ସରକାରୀ ସହାୟତାକୁ ବାଟମାରଣା କରିବା ଦର୍ଶାଯାଇଛି। ଏନେଇ ବିଳାସିନୀଙ୍କୁ ପଚାରିବାରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ଅଯଥା ତାଙ୍କୁ ବଦନାମ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ଘୁଡୁଘୁଡୁ ପଟି ଖେଳ ଚାଲିଥିବା ବେଳେ ପୋଲିସ ପକ୍ଷରୁ ଚଢାଉ : ୩ ଗିରଫ

**ଡୁଙ୍ଗୁରିପାଲି,୨୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗୁଳିଆପଦର ନିକଟରେ ଥିବା ଅନ୍ତପାଲି ଗାଁର ଏକ ନିଛାଟିଆ ସ୍ଥାନରେ ଘୁଡୁଘୁଡୁ ପଟି ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଡୁଙ୍ଗୁରିପାଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅନ୍ତପାଲି ଗାଁରେ ଜୁଆଡିମାନେ ପଟି ଖେଳ ଚଳାଇ ଥିବା ବେଳେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥଲା । ସେଠାରୁ ଜୁଆ ଖେଳୁଥିବା ପଟି, ଡାଲା, ୫ଟି ଗୋଟି ଓ ନଗଦ ୧୫୫୦ ଟଙ୍କା ଜବତ କରାଯାଇଥିଲା । ଗିରଫ ବ୍ୟକ୍ତିମାନେ ହେଲେ ଚିନାଯୁରି ଗ୍ରାମ ପଞ୍ଚାୟତ ତିତେରକୁନ ଗାଁର ନିରଞ୍ଜନ ପଧାନ, ଅନିଲ ଖମାରୀ ଓ ଶ୍ୟାମ ମହାନନ୍ଦ । ଏ ନେଇ ନଂ୨୧୪/୨୨ ରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ଡୁଙ୍ଗୁରିପାଲି ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରାଯାଇଥିବା ସବ୍ ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ ସୂଚନା ଦେଇଛନ୍ତି ।

# ଶୋକସଭାରେ ବିଜୟରଞ୍ଜନଙ୍କ ସ୍ମୃତିଚାରଣ

**ପଦ୍ମପୁର, ୨୨।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ସର୍ଗିବାହାଲ ପଞ୍ଚାୟତ ଅନ୍ତର୍ଗତ ଢୋଲବନ୍ଧ ଗ୍ରାମରେ ସଚେତନ ହେମା ଅନୁଷ୍ଠାନ ଆନୁକୂଲ୍ୟରେ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ବିୟୋଗରେ ଏକ ଶୋକସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡୋଲାମଣି ରଣା, ସମ୍ମାନିତ ଅତିଥି ନବପ୍ରଭାତ ବୈଦିକ ବିଦ୍ୟାପୀଠର ଭଗବାନ ଦେବ ଓ ବୃହସ୍ପତି ଶାସ୍ତ୍ରୀ, ବ୍ଲକ ଶିକ୍ଷା ଅଧିକାରୀ କାଳୀ ଚରଣ ଦୁବେ, ପ୍ରଧାନଶିକ୍ଷକ ଧର୍ମରାଜ ଶତପଥୀ, ଅନିରୁଦ୍ଧ ରଣା, ନାଟ୍ୟବିତ୍ କେଶରଞ୍ଜନ ପଧାନ, ଅମର ସାହୁ, ରୁକ୍ମଣ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଅମର ଆତ୍ମାର ଶାନ୍ତି ପାଇଁ ନୀରବ ପ୍ରାର୍ଥନା ପରେ ନବପ୍ରଭାତ ଆଶ୍ରମର ଦୁଇ ବିଦ୍ୱାନ ବ୍ୟକ୍ତିତ୍ୱଙ୍କୁ ସଂସ୍କୃତି ମିତ୍ର ସମ୍ମାନରେ ଭୂଷିତ କରାଯାଇଥିଲା। ପରେ ମଧ୍ୟପ୍ରଦେଶ ନାଟକ ବିଦ୍ୟାଳୟ ଇଣ୍ଟର୍ନଶିପ ଯୋଜନାରେ ପ୍ରସ୍ତୁତ ନାଟକ ଦକ୍ଷିଣା ନବପ୍ରଭାତ ଆଶ୍ରମର କୁନି ବ୍ରହ୍ମଚାରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।



ମଞ୍ଚରେ ଦିବଂଗତ ବିଧାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

# ଟ୍ରକ୍ ପଛରେ ପିଟି ହେଲା ବାଇକ୍, ୨ ମୃତ

**ସୋନପୁର,୨୨।୧୦(ନି.ପ୍ର.)**

ସୋନପୁର-ବିନିକା ରାସ୍ତାର ପାଣିସିଆଲି ନିକଟରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକରେ ପିଟି ହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛ। ମୃତକ ହେଲେ ସୋନପୁର ଥାନା ବାବୁପାଲିର ସରୋଜ ଭୋଇ(୪୬) ଓ କୁନା ଷାଣ୍ଢ(୨୬)। ଏହି ଦୁର୍ଘଟଣାକୁ କେନ୍ଦ୍ରକରି କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଦୁର୍ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଥିଲା ।

ପ୍ରକାଶ ଯେ, ଗୋଦାମକୁ ଚାଉଳ ଅନ୍‌ଲୋଡ କରିବାକୁ ଆସିଥିବା ଟ୍ରକ୍ ନମ୍ବର ଓଆର୧୫-୫୦୬୯ର ପଛ ପଟ ଟାୟାର ପଙ୍କଚର ହୋଇଥିଲା । ଟ୍ରକ୍‌ରେ ଶତାଧିକ ବସ୍ତା ଚାଉଳ ବୋଝେଇ ହୋଇଥିବାରୁ ଡ୍ରାଇଭର ଟ୍ରକ୍‌କୁ ରାସ୍ତା ପାର୍ଶ୍ୱକୁ ସାଇଡ୍ କରି ପାରି ନ ଥିଲେ । ଫଳରେ ଟ୍ରକଟି ରାସ୍ତାକୁ କଭର କରି ରହିଥିଲା। ରାତିରେ ସରୋଜ ଓ କୁନା ସୋନପୁର ପଟୁ ଏକ ବାଇକ୍ (ନଂ ଓଡି୩୧ଡି-୯୮୧୧)ରେ ବାବୁପାଲି ଅଭିମୁଖେ ଫେରୁଥିଲେ । ଅନ୍ଧକାରରେ ବାଇକ୍ ଆରୋହୀ ଜାଣି ନ ପାରି ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଏସଆଇ ଶମ୍ଭୁଭୂଷଣ ଦେହୁରୀ ମାମଲାର ତଦନ୍ତ କରୁଛନ୍ତି । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ମୃତକ ଦୁଇ ଜଣ ଗରିବ ଶ୍ରମିକ ହୋଇଥିବାରୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ମୃତଦେହ ଥିବା ଆମ୍ବୁଲାନ୍ସକୁ ରାସ୍ତା ଉପରେ ରଖି ଦୁର୍ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତାରୋକୋ ହେବା ଫଳରେ ଶତାଧିକ ଯାନବାହାନ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗି ଓ ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଟ୍ରକ୍ ମାଲିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



ପାଣିସିଆଲିରେ ଗ୍ରାମବାସୀଙ୍କ ରାସ୍ତାରୋକୋ ।

**କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

**ବାଇକ ଧକ୍କାରେ ଦ୍ୱିତୀୟ ଶ୍ରେଣୀ ଛାତ୍ର ଆହତ**

**ଲୋଇସିଂହା,୨୨।୧୦(ଡି.ଏନ.ଏ):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁର୍ଡା ବସ୍‌ଷ୍ଟାଣ୍ଡରେ ବାଇକ ଧକ୍କାରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ବୁର୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭମ ରଣା। ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଖବର ପାଇ ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ପଧାନ ଓ ଜଣେ ସହକାରୀ ଶିକ୍ଷକ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱଳ୍ପ ସମୟ ରହି ଅଭିଭାବକଙ୍କୁ ୧ଶହ ଟଙ୍କା ଦେଇ ଚାଲି ଆସିଥିଲେ। ରାଜପଥ ପାର୍ଶ୍ୱ ଏହି ସ୍କୁଲକୁ ପହଞ୍ଚିବା ଓ ଛୁଟି ସମୟରେ ଶିକ୍ଷକମାନେ ପିଲାଙ୍କ ଦାୟିତ୍ୱ ନେବା କଥା ନୁହେଁ କି ବୋଲି ଅଭିଭାବକମାନେ ପ୍ରଧାନଶିକ୍ଷକଙ୍କୁ ପଚାରି ଥିଲେ। ସ୍କୁଲ ସମୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ। ତେଣୁ ପୂର୍ବାହ୍ନ ୯.୩୦ରୁ ଆସି ପିଲାଙ୍କୁ ରାସ୍ତାକଡରୁ ସ୍କୁଲ ନେବା ସମ୍ଭବ ନୁହେଁ ବୋଲି ପ୍ରଧାନଶିକ୍ଷକ କହି ଘଟଣାକୁ ଏଡାଇ ଯାଇଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଇଓ ରୀନା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଧାନ ଶିକ୍ଷକ ଏପରି କହିବା ଠିକ୍ ନୁହେଁ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ କି ବ୍ୟବସ୍ଥା କରାଯାଇ ପାରିବ ସେ ନେଇ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରି କରିବେ ବୋଲି ସେ କହିଥିଲେ। ବୁର୍ଡା ଗ୍ରାମ ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଗ୍ରାମର ଆପରପାର୍ଶ୍ୱରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ଅଛି। ରାସ୍ତା ପାର ହୋଇ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ସ୍କୁଲ ଯିବା ଆସିବା କରିଥାନ୍ତି। ବ୍ୟସ୍ତବହୁଳ ରାଜପଥ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ସ୍କୁଲ ଆସିବା ଏବଂ ଛୁଟି ସମୟରେ ବସଷ୍ଟାଣ୍ଡଠାରେ ପିଲାଙ୍କ ସୁରକ୍ଷା ନିମନ୍ତେ ଜଣେ ଶିକ୍ଷକ ଜଗିବାକୁ ଅନେକ ସମୟରେ ଅଭିଭାବକ ମହଲରେ ଦାବି ହେଉଛି। ହେଲେ ଅଭିଭାକଙ୍କ ଦାବିପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ଏପରି ଅଘଟଣ ଘଟିଲା ବୋଲି କୁହାଯାଉଛି।

### ଜଳେଶ୍ୱର ମନ୍ଦିରରୁ ଚୋରି



**ଭବାନୀପାଟଣା,୨୨।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରସିଦ୍ଧ ଜଳେଶ୍ୱର ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ଦାନବାକ୍ସ, ଘଣ୍ଟ,ବାସନକୁସୁନ ଆଦି ସାମଗ୍ରୀ ଚୋରି କରି ନେଇଥିବା ଜଣାପଡିଛି। ଶନିବାର ସକାଳେ ମନ୍ଦିରର ପୂଜକ ଏହା ଦେଖିବା ପରେ ପରିଚାଳନା କମିଟିକୁ ଜଣାଇଥିଲେ। ପରେ ମନ୍ଦିର ସମ୍ପାଦକ ସତ୍ୟ ନାରାୟଣ ବିଶି ଭବାନୀପାଟଣା ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଖାଦ୍ୟ ପାଇଁ ଜଙ୍ଗଲୀ ଜନ୍ତୁ ଗାଁମୁହାଁ

- ନିଦ ହଜାଇଲେ ୨ଦନ୍ତା, ଆକ୍ରମଣରେ ବୃଦ୍ଧା ମୃତ
- ସାନଗୁର୍ଜିଭଟାରେ ୩ଭାଲୁ, ଲୋକେ ଭୟଭୀତ
- ସୁରକ୍ଷିତ ଘଉଡାଇବାକୁ ଉଦ୍ୟମ କରାଯାଉଛି: ବନ ବିଭାଗ

**ଲାଠୋର/ଖପ୍ରାଖୋଲ, ୨୨।୧୦(ଡି.ଏନ.ଏ.)**


ଘୁନସର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗଲମୁଣ୍ଡା ଗାଁରେ ୨ଦନ୍ତାହାତୀ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶନିବାର ୨ଟି ଦନ୍ତା ଓ ୩ଟି ଭାଲୁ ଲୋକଙ୍କ ନିଦ ହଜାଇ ଥିଲେ। ନୂଆପଡ଼ା ଜିଲା କୋମନା ବନାଞ୍ଚଳ ଅଧୀନ ଟିକ୍ରାପଡ଼ା ଦେଇ ୨ଟି ଦନ୍ତା ହାତୀ ଖର୍ଲି ଗ୍ରାମରେ ଶନିବାର ସକାଳେ ପହଞ୍ଚିଥିଲେ। ସେଠାରୁ ଲାଠୋର ଗାଁ ପୋଖରୀ ଦେଇ ରେଳ ଫାଟକ ନିକଟରେ ଭୋର ସମୟରେ ବୁଲାବୁଲି କରୁଥିବା ଲୋକେ ଦେଖିଥିଲେ। ଖବର ପାଇ ଲାଠୋର ବନପାଳ ସମୀର ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବନରକ୍ଷୀ ପରିମିତା ମହାଲିଙ୍ଗ ଏବଂ ପାରା ଷ୍ଟାଫ ରେଳ ଫାଟକଠାରୁ ହାତୀଙ୍କୁ ଲାଠୋର-ଖପ୍ରାଖୋଲ ମୁଖ୍ୟ ରାସ୍ତା ଦେଇ ଦୀର୍ଘ ୧୨ କି.ମି ଫୁଲକିମୁଣ୍ଡା ଚାନ୍ଦଲି ସଂରକ୍ଷଣ ଜଙ୍ଗଲକୁ ଘଉଡାଇ ଦେଇଥିଲେ। ଏହାପରେ ଗନ୍ଧମାର୍ଦ୍ଦନ ପାହଡ ତଳି ହରିଶଙ୍କର ରେଞ୍ଜ ଅନ୍ତର୍ଗତ ତେଲେନପାଲି ଗାଁ ନିକଟରେ ୨ଦନ୍ତା ପହଞ୍ଚି ଥିଲେ। ସେଠାରୁ ମହରାପଦର ପଞ୍ଚାୟତ ଅନ୍ତର୍ଗତ ବାଘଝରନ ଗାଁର ବାସନ୍ତି ଅଙ୍ଗରିଆ (୭୦)ଙ୍କୁ ହାତୀ ଦଳି ମାରି ଦେଇଛି। ନିଜ ଘର ପଛ ପଟକୁ ପରିସ୍ରା ଯାଇଥିବା ବେଳେ ସେ ହାତୀ ହାବୁଡ଼ରେ ପଡ଼ିଥିଲେ। ତେବେ ହାତୀଙ୍କୁ ସୁରକ୍ଷିତଭବେ ଘଉଡାଇବାକୁ ଉଦ୍ୟମ କରାଯାଉଛି ବୋଲି ରେଞ୍ଜ ଅଧିକାରୀ ଗିରୀଧାରୀ ନାଗ କହିଛନ୍ତି।

ସେହିପରି ସାନଗୁର୍ଜିଭଟା ଗ୍ରାମ ପୋଖରୀ ନିକଟରେ ସକାଳେ ଏକ ମାଈ ଭାଲୁ ସହ ଦୁଇଟି ଛୋଟ ଭାଲୁ ଥିବା ଲୋକେ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ସଅଳ କିସମ ଧାନ ଅମଳ ହେବା ଆରମ୍ଭ ହୋଇଥିବାରୁ ଖେତକୁ ଲୋକଙ୍କ ଯିବା ଆସିବା ବଢିଛି। ଏପରିସ୍ଥଳେ ସେମାନେ ଯେ, ଭାଲୁ ଆକ୍ରମଣର ଶିକାର ହେବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଜଙ୍ଗଲପ୍ରେମୀ ଅଧାପକ ଶିବ ପ୍ରସାଦ ପାଥର କହିଛନ୍ତି, ଦ୍ରୁତ ଜଙ୍ଗଲ ଧ୍ୱଂସ ହେତୁ ଖାଦ୍ୟ ଅନ୍ୱେଷଣରେ ବନ୍ୟଯନ୍ତୁ ଖାଇବାକୁ ନପାଇ ଗାଁ ମୁହାଁ ହେଉଛନ୍ତି। ବନ୍ୟଯନ୍ତୁ ପ୍ରେମୀ ତନ୍ତ୍ର ଧରୁଆଙ୍କ କହିବାନୁସାରେ ବନ୍ୟଯନ୍ତୁ ଗାଁ ମୁହାଁ ହେବା ସେମାନଙ୍କ ଜୀବନ ପ୍ରତି ଯେତିକି ବିପଦ, ସାଧାରଣ ଲୋକଙ୍କ ଧନଜୀବନ କୁ ସେତିକି ବିପଦ ବୋଲି ସେ କହିଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା


ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନିଜ କଳା ପ୍ରଦର୍ଶନ କରୁଛନ୍ତି।

**କୋକସରା,୨୨।୧୦(ଡି.ଏନ.ଏ.)**

**ମା' ମାଉଳି ଦଶରା**

ମା' ମାଉଳି ବାର୍ଷିକ ଦଶରା ଅବସରରେ କୋକସରା ବ୍ଲକ ମହିମା ପଞ୍ଚାୟତର ଭୁର୍ଷାଗୁଡାରେ ଶୁକ୍ରବାର ରାତିରେ ରେକର୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଓ ମୁଖ୍ୟବକ୍ତା ଭାବେ ମହିମା ଗ୍ରାମ ପଞ୍ଚାୟତ ସରପଞ୍ଚ ଇଶରାମ କୋଲଥିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହିମା ଗ୍ରାମପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକ, ବନମାଳି ବାଗ, ମଧୁବନ ପାତ୍ର, ଅର୍ଜ୍ଜୁନ ଭାଟି, ଖଗେଶ୍ୱର ପାଣିଗ୍ରାହୀ, ସଭାପତି ନକୁଳ ନାଏକ, ଉପ ସଭାପତି ଟଙ୍କଧର ନାଏକ, ସମ୍ପାଦକ ଔରତ ମାଝୀ ପ୍ରମୁଖ ଉପସ୍ଥିତ ରହି ଯୋଗ ଦେଇଥିବା କଳାକାରଙ୍କୁ ଉତ୍ସାହିତ କରିଥିଲେ। ରେକର୍ଡ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ୨୫ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଗୌରାଙ୍ଗ ନାଗ, ନୀଳମଣି ମାଝୀ, କୁମୁଦଚନ୍ଦ୍ର ଚଣ୍ଡୀ, ଥବିର ବାଣୁଆ ରହିଥିଲେ। ପ୍ରତିଯୋଗିତାରେ ମା' ମାଉଳି ଗ୍ରୁପ ମହିପାଣି ପ୍ରଥମ, ମା' ଠାକୁରାଣୀ ଲଭ ଷ୍ଟାର ଗ୍ରୁପ ଘଣ୍ଟିଗୁଡା ଦ୍ୱିତୀୟ, ମା' ଭଗବତୀ କଳା ପରିଷଦ ସନ୍ଧିମୁଣ୍ଡା ଛତିଶଗଡ଼ ତୃତୀୟ, ମା' ମାଉଳି ଗ୍ରୁପ ଭୁର୍ଷାଗୁଡା ଚତୁର୍ଥ ଓ ଲିଟିଲ ଷ୍ଟାର ଗ୍ରୁପ ଭାଲିଆଯୋର ପଞ୍ଚମ ସ୍ଥାନ ଅଧିକାର କରି ଉପସ୍ଥିତ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଠାକୁର ମଞ୍ଚ ପରିଚାଳନା କରିଥିଲେ। ପୂଜା କମିଟିର ଜିତେନ୍ଦ୍ର କୁମାର ନାଏକ, ପଦ୍ମଲୋଚନ ମାଝୀ, କ୍ଷୀରୋଦ ନାଏକ, ଗଜାନନ ଧଙ୍ଗଡା ମାଝୀ, ଡିଙ୍ଗର ପୂଝାରି, ପୂର୍ଣ୍ଣ ଧଙ୍ଗଡା ମାଝୀ, ସଂଯୁକ୍ତା ମାଝୀ, ଦିବାଲି ରାଉତ, ଗୋଲାପୀ ମାଝୀ, କାଞ୍ଚନ ମାଝୀ, ମାଧୁରୀ ନାଏକ ଓ ହେମଲତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# 'ପ୍ରତିଭା ବିକାଶ ପାଇଁ ମଞ୍ଚ ଦରକାର'

**ଲୋଇସିଂହା,୨୧।୧୦(ଡି.ଏନ.ଏ)**


ଯୋଗୀସର୍ଡାରେ ମୁଖ୍ୟଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଶିକ୍ଷା ବିଭାଗ ଅଧୀନ ଯୋଗୀସର୍ଡା, ବୁଢ଼ୀପଦର ଓ ଗଡଶଙ୍କର ଡୁଙ୍ଗରିପାଲି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରେ ୧୫ଟି ବିଦ୍ୟାଳୟର ୧୬୫ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ହେମସାଗର ନନ୍ଦ ମୁଖ୍ୟବକ୍ତା,ଏବିଓ ଟଙ୍କଧର ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ବହୁ ପ୍ରତିଭାର ଅଧିକାରୀ, ସେମାନଙ୍କୁ ମଞ୍ଚ ଦାରକାର। ଏପରି ପ୍ରତିଯୋଗୀତା ହେଲେ ଛାତ୍ରୀଛାତ୍ରମାନେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ ବୋଲି ମୁଖ୍ୟ ଅତିଥି ମହାଲିଙ୍ଗ କହିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଭାକୁ ଶିକ୍ଷକ ନରେନ୍ଦ୍ର ରଣା ସଂଯୋଜନା କରିଥିଲେ। ସେହିପରି ମାଗୁରବେଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଡଶଙ୍କର

**ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

ଡୁଙ୍ଗରିପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସିଆରସିସି ନିତ୍ୟାନନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଠାରେ ୧୦ଟି ବିଦ୍ୟାଳୟର ୯୭ଜଣ ଛାତ୍ରୀଛତ୍ର ଅଂଶ ଗ୍ରହଣ କରି ୧୭ଟି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା, ଗ.ଡୁଙ୍ଗରିପାଲି ସରପଞ୍ଚ ସଦାନନ୍ଦ କହ୍ନେର, ସିଆରସିସି ଶୋଭଙ୍କର ପଧାନ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଶଶିଭୂଷଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଆଗଲପୁର ବ୍ଲକ ନଅଗାଁ(ଖ) ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ୧୦ଟି ବିଦ୍ୟାଳୟର ୨ ଶହ ଜଣ ଛାତ୍ରୀଛତ୍ର ଅଂଶଗ୍ରହଣ କରି ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ସୃଜନଶୀଳନ ଲିଖନ, ସଧାରଣ ଜ୍ଞାନ ଓ ନାଚଗୀତ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ସିଆରସିସି ଭାସ୍କର ଭୋଇ ଓ ହୃଷିକେଶ ପଧାନଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ଭାଗବତିଆ ସାହୁ, ଶିକ୍ଷାବିତ୍ ଲଳିତ ମୋହନ ସାହୁ, ନରସିଂହ ସାହୁ, ପ୍ରଶାନ୍ତ ନାୟକ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ । ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମହାଲିଙ୍ଗ ପୁରସ୍କୃତ କରିଥିଲେ।

# ଠିକା କାମକୁ ନେଇ ଗଣ୍ଡଗୋଳ, ୩ ଗିରଫ

**ଦେଓଗାଁ, ୨୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ହାଇସ୍କୁଲରେ ୫ଟି କାମକୁ ନେଇ ଗାଁରେ ମାରପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା(୨୦୫/ ୨୨)ରୁଜୁ କରି ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭିକାରୀ ପଧାନ, ସନ୍ତୋଷ ପଧାନ ଓ ଗାଇବାହାଲ ସମିତି ସଭ୍ୟାଙ୍କ ସ୍ୱାମୀ ସୁଶାନ୍ତ ସେଠ। ଏହି ଘଟଣାରେ ଅନ୍ୟ ୩ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି। ଗଣ୍ଡଗୋଳରେ ଗୁରୁତର ଦିଗରାଜ ପଧାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଇବାହାଲ ଉନ୍ନିତ ହାଇସ୍କୁଲରେ ୫ଟି ରୂପାନ୍ତରିକରଣ କାମ ଆରମ୍ଭ କରାଯାଇଛି। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ଆଗୋଚରରେ କାମ ଆରମ୍ଭ କରାଯାଇଥିବାରୁ ପରିଚାଳନା କମିଟି ଉଦ୍‌ବେଗ ପ୍ରକାଶ କରି ଏକ ବୈଠକ ବସିଥିଲା। ଏହାପରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ବିଡିଓ ଓ ସହକାରୀ ଯନ୍ତ୍ରୀ ହାଇସ୍କୁଲକୁ ଯାଇ ସମସ୍ୟା ଉପରେ ଆଲୋଚନା ପରେ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାମକୁ ନେଇ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା।

# ଆପ୍‌ର କର୍ମକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ


ଆପ୍‌ର କର୍ମକର୍ତ୍ତା ସମ୍ମିଳନୀ ତଥା ମିଶ୍ରଣ ପର୍ବରେ ମଞ୍ଚାସୀନ ଅତିଥି।

**ଖଡ଼ିଆଲ,୨୨।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି (ଆପ୍)ର କର୍ମକର୍ତ୍ତା ସମ୍ମିଳନୀ ତଥା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ଶୋକନାଥ ସେନାପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଖଡ଼ିଆଳ ବିଧାନସଭାର ୩ଟି ବ୍ଲକରୁ ଶତାଧିକ ଲୋକ ଆମ ଆଦମୀ ପାର୍ଟିର ବିଚାରଧାରାରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିଲେ। ସମସ୍ତଙ୍କୁ ଟୋପି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଦଳର ବିଚାରଧାରାକୁ ପହଞ୍ଚାଇ ସକ୍ରିୟ କର୍ମକର୍ତ୍ତା ପ୍ରସ୍ତୁତ କରି ଓଡିଶାରେ କିଭଳି ପରିବର୍ତ୍ତନ ଅଣାଯିବ ଏହି ସମ୍ମିଳନୀ ହେଉଛି ତାର ଝଲକ। ଏଥିରେ କୃତିବାସ ମୁଣ୍ଡ କ୍ଷେତ୍ର ପ୍ରଭାରୀ ତଥା ଆମ୍ ଆଦମୀ ପାର୍ଟି ଓଡ଼ିଶା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏଭଳି ବକ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଏଥିରେ ସାମିଲ ହୋଇ ବିକାଶର ଧାରାକୁ ଆଗେଇ ନେବା ପାଇଁ ଅନୁରୋଧ କରିଥିଲେ। ଜାତୀୟ ସଂସ୍ଥାପକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସଚ୍ଚୋଟ ଶାସନ ଯୋଗୁ ପ୍ରଥମେ ଦିଲ୍ଲୀରେ ପରେ ପଞ୍ଜାବ ଓ ଏବେ ଗୁଜରାଟରେ ଆପ୍ ସରକାର ହେବାକୁ ଯାଉଛି। ଓଡ଼ିଶାର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ବଳିଷ୍ଠ ନେତୃତ୍ୱରେ ସମସ୍ତେ ଏକାଠି ହୋଇ ଓଡ଼ିଶାକୁ ଦିଲ୍ଲୀ ମଡେଲ କରିବା ବୋଲି ବିଶିଷ୍ଟ ଅତିଥି ଆଶିଷ ପାଣ୍ଡେ ଜିଲା ଆବାହକ ବଲାଙ୍ଗିର ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଜିଲା ଆବାହକ ଶୋକନାଥ ସେନାପତି ଉଦ୍‌ବୋଧନ ଦେଇଥିଲେ। ଚକ୍ରଧର ବାରିକ ପ୍ରଭାରୀ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଚମ୍ପେଶ୍ୱର ବାଞ୍ଜୋର ଧନ୍ୟବାଦ ଅର୍ପଣ କରିଥିଲେ। ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀ, ସିନାପାଲି, ବୋଡ଼େନ ଓ ଖଡିଆଳ ବ୍ଲକରୁ ୨୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇ ଥିଲେ।

# ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ନୂଆପଡ଼ା ଅଫିସ, ୨୨।୧୦**


ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା ଜିଲା କୋମନା ବ୍ଲକ ଅଧିନସ୍ଥ ସିଆଲଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀ ଅଧ୍ୟକ୍ଷତା କରିଥିଲେ। ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ ମୁଖ୍ୟ ଅତିଥି, ସମିତି ସଭ୍ୟ ଚନ୍ଦୁ ନାଏକ, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଛନୁରାମ ନାଏକ, ଶିକ୍ଷକ ପଞ୍ଚାନନ ମଟାରୀ, ହୃଦାନନ୍ଦ ମଟାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟରୁ ୩ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ସେଠୀ, ରାମଚନ୍ଦ୍ର ସାହୁ, ଶକୁନ୍ତଳା ତ୍ରିପାଠୀ, ଧନିରାମ ନାଏକ, ଦଇତାରୀ ଗଇତା, ରୋହନ ସିଂ ମାଝି, ପୂର୍ଣ୍ଣଚନ୍ଦ୍ର ଧରୁଆ, ଭଜନ ହଂସ, ଇନ୍ଦ୍ରଜିତ ସତନାମୀ, ଘନଶ୍ୟାମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ୱାଇକେ ପକ୍ଷରୁ ଜିଲାସ୍ତରୀୟ ଯୁବ ମହୋତ୍ସବ

**ନୂଆପଡ଼ା ଅଫିସ,୨୨।୧୦**

ସ୍ଥାନୀୟ ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ନୂଆପଡ଼ା ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ଆଶିଷ କୁମାର ଠାକୁର ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ଉତ୍ସବରେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟ ଅତିଥି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ମହାମାୟା ମହାବିଦ୍ୟାଳୟ ନୂଆପଡାର ଅଧ୍ୟକ୍ଷ ସୌମେନ୍ଦ୍ର ନାରାୟଣ ସାହୁ, ନ୍ୟାସନାଲ ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ୨୧୬ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଶ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୁଶାନ୍ତ କର ଓ ଅଂଶୁମାନ ଅଗସ୍ତି ଜଜ୍ ଭାବରେ ଦାୟିତ୍ୱ ତୁଲାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଏହି ଯୁବ ମହୋତ୍ସବରେ ଯୁବ ଲେଖକ, ଯୁବ ଚିତ୍ରକାର, ମୋବାଇଲ ଫଟୋଗ୍ରାଫି, ଡିକ୍ଲାମେସନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଯୁବତୀ ଯୁବକଙ୍କୁ ପୁରସ୍କୃତ କରାଯାଇଥିଲା।



ଜିଲାସ୍ତରୀୟ ଯୁବ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଆତ ଦେଇଛି ବାଦି ଗ୍ରାମର ପରିଚୟ

**ଖଡ଼ିଆଳ, ୨୨।୧୦(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବାଦୀ ଗ୍ରାମ। ଏହି ଗ୍ରାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ଆତ ଫଳ। ଯାହାକି ଏହି ଫଳ ବର୍ଷକୁ ଥରେ ମାତ୍ର ମିଳିଥାଏ। ବର୍ଷର ଅକ୍ଟୋବର ଓ ନଭେମ୍ବର ଏହି ଦୁଇ ମାସରେ ମିଳିପାରେ। ହେଲେ ଏହି ଫଳ ପାଇଁ ଗ୍ରାମର ଶତାଧିକ ଲୋକେ ଭଲ ଦୁଇ ପଇସା ରୋଜଗାର କରିପାରିଥାନ୍ତି। ଏହି ଆତ ଚାଷ କରି ଦୁଇ ମାସରେ ଜଣେ ଜଣେ ଚାଷୀ ପନ୍ଦର ହଜାର ଠାରୁ କୋଡିଏ ହଜାର ଟଙ୍କା ରୋଜଗାର କରି ପାରିଥାନ୍ତି। ଏନେଇ ଚାଷୀମାନେ ନିଜ ଜମିରେ ଏକ ଶହରୁ ଊର୍ଦ୍ଧ୍ୱ ଆତ ଗଛ ଚାଷ କରିଥାନ୍ତି। ଯାହାକି ତାହାର ଲାଭ ବର୍ଷରେ ଥରେ ମାତ୍ର ମିଳିଥାଏ। ହେଲେ ଏହି ବାଦି ଗ୍ରାମର ଆତ ନୂଆପଡ଼ା ଜିଲାକୁ ଏକ ଅନ୍ୟତମ ପରିଚୟ ଦେବାକୁ ଯାଉଥିବା ଜଣାପଡ଼ିଛି। କାରଣ ଏହି ଆତ ଅନ୍ୟ ଜିଲା ଅପେକ୍ଷା ଭାରି ସୁସ୍ୱାଦୁ ହୋଇଥିବା ହେତୁ ଖଡ଼ିଆଳ ସହରର ଅନେକ ଲୋକ ବାଦି ଗ୍ରାମର ରାସ୍ତା କଡ଼ରେ ବିକ୍ରି ହେଉଥିବା ଆତ କୁ ହିଁ ପସନ୍ଦ କରି ଏହି ଆତକୁ ଜିଲାର ଖଡ଼ିଆଳ, ନୂଆପଡ଼ା, ବୋଡ଼େନ, ସିନାପାଲି, କଳାହାଣ୍ଡି, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ, ସୋନପୁର ତଥା ଭୁବନେଶ୍ୱର , କଟକ ସମେତ ଛତିଶଗଡ ଓ ଅନ୍ୟ ରାଜ୍ୟକୁ ନିଜ ସମ୍ପର୍କୀୟମାନଙ୍କୁ ପ୍ରେରଣ କରୁଥିବା ଦେଖିବାକୁ ମିଳିଛି। ଏନେଇ ଏହାର ବିକ୍ରି ବ୍ୟବସ୍ଥା ନ ଥିବା ହେତୁ ଗ୍ରାମବାସୀ ରାସ୍ତା କଡରେ ବିକ୍ରି କରିଥିବା ପ୍ରକାଶ କରିଛନ୍ତି। ଏହି ବ୍ୟବସାୟ ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବାକୁ ଆତ ବିକ୍ରି କରୁଥିବା ବାଦି ଗ୍ରାମର ବ୍ୟବସାୟୀମାନେ ଦାବି କରିଛନ୍ତି।


ରାସ୍ତା କଡ଼ରେ ଆତ ବିକ୍ରି ହେଉଛି।